- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-113 ♦FRIDAY ♦16 OCTOBER 2026 ♦PAGE-16 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୧୩ ♦ଶୁକ୍ରବାର ♦୧୬ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୬ ♦ଟ.୭.୦୦

|| ମାନସ ମଙ୍ଗରାଜ ||

ମହାନାୟକ

କ୍ଷମତା ଓ ଲୋକପ୍ରିୟତା ଦୁଇଟି ଆପେକ୍ଷିକ ଶବ୍ଦ। କ୍ଷମତା ଭିଡ଼ ଖୋଜେ; ମାତ୍ର ଲୋକପ୍ରିୟତା ଭିଡ଼ ଲୋଡ଼େ ନାହିଁ। କ୍ଷମତାକୁ ଭିଡ଼ ଅନୁସରଣ କରେ; ମାତ୍ର ଭିଡ଼ର ଗହଳି ଭିତରେ ଆଗକୁ ବଢ଼େ ଲୋକପ୍ରିୟତା। କ୍ଷମତା ଜଣେ ନାୟକ ବା ହିରୋଟିଏ ତିଆରି କରେ; ମାତ୍ର ଲୋକପ୍ରିୟତାରୁ ଜନ୍ମ ନିଅନ୍ତି ଜଣେ ମହାନାୟକ। ନବୀନ ପଟ୍ଟନାୟକ ହେଉଛନ୍ତି ସେହିପରି ଜଣେ ମହାନାୟକ, ଯାହାଙ୍କ ଚାରିପଟେ ଆପେଆପେ ସୃଷ୍ଟି ହୁଏ ଭିଡ଼। ଚବିଶି ବର୍ଷ ଧରି ମୁଖ୍ୟମନ୍ତ୍ରୀ ରୂପେ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କର ପ୍ରିୟ ମଣିଷ ହୋଇ ରହିଥିଲେ; ମାତ୍ର କ୍ଷମତାରୁ ଅନ୍ତର ହେବା ପରେ ସାରା ଓଡ଼ିଶାବାସୀଙ୍କ ପାଇଁ ସେ ପାଲଟି ଯାଇଛନ୍ତି ଆପଣାର ମଣିଷ। ମୁଖ୍ୟମନ୍ତ୍ରୀ ପଦରୁ ତାଙ୍କ ଇସ୍ତଫାର ଦୃଶ୍ୟ ରାଜ୍ୟବାସୀଙ୍କ ଆଖି ଓଦା କରିଦେଇଥିଲା। ନୂଆ ସରକାରଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମରେ ତାଙ୍କର ଉପସ୍ଥିତି ଲୋକଙ୍କୁ ଉଲ୍ଲସିତ କରିଥିଲା। ମଞ୍ଚାସୀନ ଦେଶ ଓ ରାଜ୍ୟର ଶାସନ ମୁଖ୍ୟଙ୍କୁ ବଡ଼ଦାଣ୍ଡରେ ମଞ୍ଚତଳୁ ଯୋଡ଼ହସ୍ତ ପ୍ରଣାମର ଦୃଶ୍ୟ କୋଟିକୋଟି ଓଡ଼ିଆଙ୍କ ହୃଦୟକୁ ବିଗଳିତ କରି ଦେଇଥିଲା। ଏ ସବୁ ଦେଖିଲେ ଲାଗେ ଯେପରି ଲୋକପ୍ରିୟତାର ସଂଜ୍ଞା, ଜନନାୟକର ପରିଭାଷା ସବୁ ନବୀନଙ୍କ ଭିତରେ ସମାହିତ ହୋଇଯାଇଛି। ମହାବାତ୍ୟା ବିଧ୍ୱସ୍ତ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ରୂପାନ୍ତରଣ କରୁକରୁ ସେ ନିଜକୁ ଭୁଲିଯାଇଛନ୍ତି; ପାସୋରିଛନ୍ତି ନିଜର ପ୍ରାଚୁର୍ଯ୍ୟଭରା କୈଶୋର, ହଜାଇଛନ୍ତି ଆଭିଯାତ୍ୟର ଜୀବନଚର୍ଯ୍ୟା।

ରାଜନୀତିରେ ପ୍ରବେଶ ପୂର୍ବରୁ ନବୀନଙ୍କ ଜୀବନ ଥିଲା ଆଭିଜାତ୍ୟ, ଆଧୁନିକତା ଓ ସୃଜନଶୀଳତାର ଏକ ଅନନ୍ୟ ସମନ୍ୱୟ। ଦିଲ୍ଲୀରୁ ପ୍ୟାରିସ୍, ଲଣ୍ଡନରୁ ଟୋକିଓ, ନ୍ୟୁୟର୍କ ପର୍ଯ୍ୟନ୍ତ ବିଶ୍ୱର ପ୍ରମୁଖ ସହରଗୁଡ଼ିକର ଉଚ୍ଚବର୍ଗୀୟ ସାମାଜିକ ପରିସରରେ ତାଙ୍କର ଥିଲା ଅବାଧ ବିଚରଣ। ଜ୍ୟାକି କେନେଡି, ମହାରାଣୀ ଗାୟତ୍ରୀ ଦେବୀ, ଡାଏନା ଭ୍ରିଲାଣ୍ଡ, ଗୋର୍ ଭିଡାଲ୍ ଓ ମିକ୍ ଜାଗର୍‌ଙ୍କ ପରି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ସହ ତାଙ୍କର ସମ୍ପର୍କ ଥିଲା ନିବିଡ଼। ପଢ଼ିବା, ଲେଖିବା ଓ ଚିତ୍ର ଆଙ୍କିବାରେ ତାଙ୍କର ଗଭୀର ରୁଚି ଥିଲା। ଏକ ସ୍ୱଚ୍ଛନ୍ଦ, ସୌନ୍ଦର୍ଯ୍ୟପ୍ରିୟ ଓ ବୌଦ୍ଧିକ ଜୀବନ ତାଙ୍କୁ ଘେରି ରହିଥିଲା; ମାତ୍ର ବାପା ବିଜୁ ପଟ୍ଟନାୟକଙ୍କ ପରଲୋକ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା।

ମୁଖ୍ୟମନ୍ତ୍ରୀ ଭାବରେ ନବୀନଙ୍କ ଶାସନର ସଫଳତାର ମୂଲ୍ୟାୟନକୁ ନେଇ ହୁଏତ ମତଭେଦ ଥାଇପାରେ। ନିଜନିଜ ଦୃଷ୍ଟିକୋଣରୁ ସମାଲୋଚକମାନେ ନବୀନଙ୍କ ଶାସନ କାଳକୁ ତଉଲିଥାଇ ପାରନ୍ତି। ମାତ୍ର ତାଙ୍କ ସାମଗ୍ରିକ ରାଜନୈତିକ ଯାତ୍ରାରେ ରାଜ୍ୟର ବିକାଶ ଓ ଜନକଲ୍ୟାଣ ହିଁ ଏକମାତ୍ର କେନ୍ଦ୍ରବିନ୍ଦୁ ରହିଥିଲା, ତାହା ତାଙ୍କର କଠୋର ସମାଲୋଚକମାନେ ବି ସ୍ୱୀକାର କରିବେ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ସ୍ୱାର୍ଥ ରକ୍ଷାରେ ଜଣେ ମୁଖ୍ୟମନ୍ତ୍ରୀଙ୍କ ଦାୟ ଓ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ସେ ସମର୍ଥ ହୋଇଥିଲେ। ପ୍ରତିପକ୍ଷର କଟୁ ସମାଲୋଚନାରେ ବିବ୍ରତ ହେଉଥିବା କିମ୍ବା ପ୍ରଶଂସକମାନଙ୍କ ପ୍ରଶଂସାରେ ସେ ବିମୋହିତ ହେବା ସମ୍ଭବତଃ କେହି ଦେଖି ନ ଥିବେ।

ସମୟଚକ୍ର ନବୀନ ପଟ୍ଟନାୟକଙ୍କୁ ଜଣେ ଏକାଗ୍ର ଅନ୍ତର୍ମୁଖୀ ନେତା ଓ ସର୍ବକାଳୀନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରୂପେ ଗଢ଼ି ତୋଳିଥିଲା। କ୍ଷମତାକୁ ସେ ଏକ ତପସ୍ୟାରେ ପରିଣତ କରିପାରିଥିଲେ। ତାଙ୍କର ନୂଆ ଓଡ଼ିଶା ଗଢ଼ିବାର ପଣର ପରିଣାମ ଥିଲା ଅତି ଚମତ୍କାର।

ସମୟଚକ୍ର ନବୀନ ପଟ୍ଟନାୟକଙ୍କୁ ଜଣେ ଏକାଗ୍ର ଅନ୍ତର୍ମୁଖୀ ନେତା ଓ ସର୍ବକାଳୀନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରୂପେ ଗଢ଼ି ତୋଳିଥିଲା। କ୍ଷମତାକୁ ସେ ଏକ ତପସ୍ୟାରେ ପରିଣତ କରିପାରିଥିଲେ। ତାଙ୍କର ନୂଆ ଓଡ଼ିଶା ଗଢ଼ିବାପଣର ପରିଣାମ ଥିଲା ଅତି ଚମତ୍କାର। ପ୍ରତିଶୋଧ ପରାୟଣତା ଓ ରାଜନୀତିର ପେଞ୍ଚପାଞ୍ଚରୁ ସେ ନିଜକୁ ଦୂରେଇ ରଖିଥିଲେ। 'ଆପଣମାନେ ଖୁସି ତ? ମୁଁ ବି ଖୁସି' ଭଳି ସରଳ ଅଭିବ୍ୟକ୍ତି ମାଧ୍ୟମରେ ସେ ଜନସାଧାରଣଙ୍କ ସହ ଏକ ଭାବଗତ ସମ୍ପର୍କ ଗଢ଼ିବାକୁ ଚେଷ୍ଟା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣ ତଥା ଅତୁଟ ବିଶ୍ୱାସ ସତ୍ତ୍ୱେ ଧର୍ମ ନିରପେକ୍ଷତା ଥିଲା ତାଙ୍କର ଅସ୍ଥିମଜ୍ଜାଗତ। ବିଭିନ୍ନ ସମୟରେ ଶଙ୍କରାଚାର୍ଯ୍ୟ, ପୋପ୍, ଦଲାଇଲାମା ନବୀନଙ୍କୁ କରିଥିବା ପ୍ରଶଂସା ତାଙ୍କର ଧାର୍ମିକ ନିରପେକ୍ଷତାକୁ ପ୍ରମାଣିତ କରିଥିଲା। ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନ ଦେବାକୁ ଉଦ୍ୟମ ତାଙ୍କ ରାଜନୈତିକ ଆଭିମୁଖ୍ୟକୁ ପରିପ୍ରକାଶ କରିଥିଲା।

୮୦ତମ ଜନ୍ମଦିନ ଉପଲକ୍ଷେ...

ଟିକିଏ ସାହସ, ଟିକିଏ କଳ୍ପନାଶକ୍ତି ଥିଲେ ଜୀବନ ଚମତ୍କାର ହୋଇପାରେ। ଚାର୍ଲି ଚାପ୍‌ଲିନ୍‌ଙ୍କ ଏହି ଉକ୍ତି ଅନେକତ୍ର ନବୀନଙ୍କ କାର୍ଯ୍ୟରେ ପ୍ରତିଫଳିତ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା କ୍ଷେତ୍ରର ରୂପାନ୍ତରଣ ଓଡ଼ିଶାର କାୟାକଳ୍ପ ବଦଳାଇ ଦେଇଥିଲା। ମିଶନ ଶକ୍ତି, କାଳିଆ ଯୋଜନା ରାଜ୍ୟର ମହିଳା ଓ ଚାଷୀଙ୍କ ଜୀବନରେ ଆଣିଥିଲା କ୍ରାନ୍ତିକାରୀ ପରିବର୍ତ୍ତନ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସୁଖ୍ୟାତିର ସୁଗନ୍ଧ ବିଶ୍ୱକୁ ମହକିତ କରିଥିଲା। 'ମୋ ସରକାର' ଓ '୫-ଟି' ପ୍ରଶାସନକୁ ଅଧିକ ଉତ୍ତରଦାୟୀ ଓ ଜନସାଧାରଣଙ୍କ ନିକଟତର କରିଥିଲା। ନିବେଶକଙ୍କ ପାଇଁ ଲାଲ୍ ଗାଲିଚା ରାଜ୍ୟକୁ ସମୃଦ୍ଧ କରିଥିଲା, ଧାର୍ମିକ ଓ ଐତିହ୍ୟସ୍ଥଳକୁ କରିଥିଲା ସୁଶୋଭିତ।

ସାମ୍ପ୍ରତିକ ରାଜନୀତିରେ ସମାଲୋଚନା, ଆକ୍ଷେପ, ବ୍ୟକ୍ତିଗତ ଜୀବନ ପ୍ରତି ଟିପ୍ପଣୀ ଆଦିରୁ ନବୀନ ସର୍ବଦା ଦୂରତ୍ୱ ଅବଲମ୍ବନ କରି ଆସିଛନ୍ତି। ତାଙ୍କୁ କଟୁ ସମାଲୋଚନା କରୁଥିବା ରାଜନୈତିକ ପ୍ରତିପକ୍ଷଙ୍କ ଉଦ୍ଦେଶ୍ୟରେ ବି ସେ କଠୋର ଶବ୍ଦ ପ୍ରୟୋଗ କରିଥିବା କେବେ କେହି ଶୁଣି ନାହାନ୍ତି। ପ୍ରତିପକ୍ଷ ରାଜନୈତିକ ଦଳର ନେତାଙ୍କଠାରୁ ଦିବାନିଶି ତାଙ୍କୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କ ପାଇଁ ବି ନବୀନ ନିବାସର ଦ୍ୱାର ସର୍ବଦା ଖୋଲାଥିବା ଦେଖାଯାଇଛି। ବ୍ୟକ୍ତିଗତ ଜୀବନ ଓ ସାଧାରଣ ଜୀବନ ତାଙ୍କ ପାଇଁ କେବେ ଭିନ୍ନ ରହିନାହିଁ; ଯାହା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଛି, ଜଣେ ଅନନ୍ୟ ପ୍ରଣମ୍ୟ ମହାନାୟକରେ ପରିଣତ କରିଛି।

ଅଶିତମ ଜନ୍ମ ଦିନରେ ତାଙ୍କୁ ଆମେ ସଶ୍ରଦ୍ଧ ପ୍ରଣାମ କରୁଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସୁସ୍ଥ, ନିରୋଗ, ଦୀର୍ଘାୟୁ କରନ୍ତୁ ବୋଲି କାମନା କରୁଛୁ। ■

ସାଂସଦ, ରାଜ୍ୟସଭା

୧୭ ରାଜ୍ୟ ଓ ୟୁଟିରେ ହେବ ଏସ୍ଏସ୍ଆର୍

■ ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ବିବାଦ ଓ ବିରୋଧ ଜାରି ରହିଥିବାବେଳେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଓ ରାଜସ୍ଥାନ ସମେତ ୧୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସାରାଂଶ ସଂଶୋଧନ (ଏସ୍ଏସ୍ଆର୍) କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିସନ। ଏହି ପ୍ରକ୍ରିୟାରେ ନୂଆ ଭୋଟରଙ୍କ ନାମ ଯୋଡ଼ାଯିବା ସହ ତାଲିକାରେ ଥିବା ତ୍ରୁଟି ସଂଶୋଧନ କରାଯିବ। ୨୦୨୭ରେ ୧୮ ବର୍ଷ ବୟସରେ ପହଞ୍ଚୁଥିବା ଯୁବକଯୁବତୀ ମଧ୍ୟ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଆଗୁଆ ଆବେଦନ କରିପାରିବେ।

ଏସ୍ଆଇଆର୍ ପ୍ରକ୍ରିୟାରେ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ନାମ ବାଦ୍ ପଡ଼ିଥିବା ପଡ଼ିଛି। ମାତ୍ର ଯେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଚାଲିଛି କିମ୍ବା ନିକଟରେ ଶେଷ ହୋଇଛି, ସେଠାରେ ଏସ୍ଏସ୍ଆର୍‌ର କାର୍ଯ୍ୟସୂଚୀ ପରେ ଘୋଷଣା କରାଯିବ ବୋଲି କମିସନ ସ୍ପଷ୍ଟ କରିଛନ୍ତି। ଏସ୍ଏସ୍ଆର୍ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ ସହ ପୂର୍ବରୁ ଥିବା ତଥ୍ୟରେ ତ୍ରୁଟି ସଂଶୋଧନ କରାଯିବ। ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା ଯୁବକଯୁବତୀଙ୍କୁ ତାଲିକାରେ ସାମିଲ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ୨୦୨୭ ଜାନୁଆରି ୧ ବ୍ୟତୀତ ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖରେ ୧୮ ବର୍ଷ ବୟସରେ ପହଞ୍ଚୁଥିବା ଯୁବକଯୁବତୀ ମଧ୍ୟ ଆଗୁଆ ଆବେଦନ କରିପାରିବେ। ନିର୍ଦ୍ଧାରିତ ତାରିଖରେ ବୟସଗତ ଯୋଗ୍ୟତା ପୂରଣ ହେଲେ ସେମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାର ବ୍ୟବସ୍ଥା ହେବ।

ନଭେମ୍ବର ୨ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ କରାଯିବ। ନଭେମ୍ବର ୧୨ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହି ତାଲିକାରେ ନାମ କିମ୍ବା ଅନ୍ୟ ତଥ୍ୟ ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ ପାଇଁ ନଭେମ୍ବର ୧୨ରୁ ଡିସେମ୍ବର ୧୧ ପର୍ଯ୍ୟନ୍ତ ସମୟ ଦିଆଯିବ। ଏହି ଦାବି ଓ ଆପତ୍ତିଗୁଡ଼ିକର ଫଇସଲା ଡିସେମ୍ବର ୨୮ ସୁଦ୍ଧା କରାଯିବ। ଏହା ପରେ ୨୦୨୭ ଜାନୁଆରି ୪ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ପୁରୁଣା ଆଲବମ୍ ରୁ

— ଏକ ଅଲିଭା ଅନୁଭୂତି —



ସ୍ମୃତି ଏକ ଅଲିଭା ଅନୁଭୂତି ଯାହା ସମୟର ସ୍ରୋତରେ କେବେ ହଜିଯାଏ ନାହିଁ । ଜୀବନର କିଛି ମୂହुର୍ତ୍ତ ଏମିତି ଥାଏ, ଯାହା ଫେରିଆସେ ନାହିଁ କିନ୍ତୁ ତାହାର ଅନୁଭୂତି ସବୁଦିନ ପାଇଁ ହୃଦୟରେ ରହିଯାଏ । କେବେ ସେହି ସ୍ମୃତି ଓଠରେ ହସ ଫୁଟାଏ ତ କେବେ ଆଖିରେ ଲୁହ ଭରିଦିଏ।



ସ୍ମୃତି ଏକ ଅଦୃଶ୍ୟ ସମ୍ପର୍କ ଯାହା ଅତିତକୁ ବର୍ତ୍ତମାନ ସହ ଯୋଡି ରଖେ , ମଣିଷ ବଦଳିଯାଏ, ସମୟ ବଦଳିଯାଏ, ପରିସ୍ଥିତି ବି ବଦଳିଯାଏ ,କିନ୍ତୁ କିଛି ଭଲ ସ୍ମୃତି ଅମଳୀନ ହୋଇ ରହିଯାଏ ଆଉ କିଛି ବିସ୍ମୃତି ହୋଇଯାଏ

ମାତୃରୂପେଣ ସଂସ୍ଥିତା...

▶ପୃଷ୍ଠା୧୫ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-113 ◆FRIDAY ◆16 OCTOBER 2026 ◆PAGE-16 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୩ ◆ଶୁକ୍ରବାର ◆୧୬ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୬ ◆ଟ.୭.୦୦

ଫୋନ୍ ସ୍କ୍ରିନ୍‌ରେ କଲରଙ୍କ ନାମ ପ୍ରଦର୍ଶନ ବାଧ୍ୟତାମୂଳକ

■ ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ନଭେମ୍ବର ପହିଲାରୁ ଫୋନ୍ ସ୍କ୍ରିନରେ କଲରଙ୍କ ନାମ ପ୍ରଦର୍ଶନ କରିବା ବାଧ୍ୟତାମୂଳକ ହେବ। ଯେତେବେଳେ କେହି ଫୋନକୁ କଲ୍ କରିବେ, ସେହି ବ୍ୟକ୍ତିଙ୍କ ନମ୍ବର ଏବଂ ନାମ ଉଭୟ ସ୍କ୍ରିନରେ ପ୍ରଦର୍ଶିତ ହେବ। ସିମ୍ କିଣାଯାଇଥିବା ଆଇଡିର ନାମ ହିଁ ମୋବାଇଲରେ ପ୍ରଦର୍ଶିତ ହେବ। ଏହା ଠକମାନଙ୍କ କଲ୍ ଚିହ୍ନଟ କରିବାରେ ସାହାଯ୍ୟ କରିବ। ଟେଲିକମ୍ୟୁନିକେସନ୍ ବିଭାଗ ଟେଲିକମ୍ ଅପରେଟରମାନଙ୍କୁ ଆସନ୍ତା ନଭେମ୍ବର ପହିଲାରୁ ଏହି ସେବା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି।

ସିମ୍ କିଣାଯାଇଥିବା ଆଇଡିର ନାମ ଡିସ୍‌ପ୍ଲେ ହେବ

ବ୍ୟବହାରକାରୀମାନଙ୍କୁ ଏହି ସେବାକୁ ପୃଥକ ଭାବରେ ସକ୍ରିୟ କରିବାକୁ ପଡିବନାହିଁ।

କେନ୍ଦ୍ର ସରକାର ନଭେମ୍ବର ପହିଲାରୁ ସମସ୍ତ ୪ଜି ଏବଂ ୫ଜି ମୋବାଇଲ୍ ନେଟୱାର୍କରେ 'କଲିଂ ନେମ୍ ପ୍ରେଜେଣ୍ଟେସନ୍' (ସିଏନ୍‌ପି) ବାଧ୍ୟତାମୂଳକ କରିବାକୁ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ଏକ ଅଜଣା ନମ୍ବରରୁ କଲ୍ ଆସିଲେ ଫୋନ୍ ସ୍କ୍ରିନରେ କଲରଙ୍କ ନମ୍ବର ଏବଂ ନାମ ଦୃଶ୍ୟମାନ ହେବ। କଲ୍ କରିଥିବା ବ୍ୟକ୍ତିଙ୍କ ନାମ ମୋବାଇଲ୍ ସ୍କ୍ରିନରେ ଦେଖାଯିବ। ଯଦି କଲରଙ୍କ ନାମ ବ୍ୟବହାରକାରୀଙ୍କ ଯୋଗାଯୋଗ ତାଲିକାରେ ଅଛି, ତେବେ ସେହି ନାମ ଦେଖାଯିବ। ଯଦି ତାଙ୍କର ନମ୍ବର ସେଭ୍ ହୋଇନାହିଁ, ତେବେ ସିମ୍ କିଣିବା ▶ପୃଷ୍ଠା-୧୧

ଓଡ଼ିଶା ସମେତ ଦେଶରୁ ଫେରିଲା ଦକ୍ଷିଣ-ପଶ୍ଚିମ ମୌସୁମୀ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୦ (ଏଜେନ୍ସି): ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ହୋଇଥିବା ବେଳେ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ଉତ୍ତର-ପୂର୍ବ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଗୁରୁବାର ଏହି ସୂଚନା ଦେଇଛି। ତାମିଲନାଡୁ, ପୁଡୁଚେରୀ, କାରାଇକାଲ୍, ଉପକୂଳ ଆନ୍ଧ୍ରପ୍ରଦେଶ, ରାୟଲସୀମା, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ, କେରଳ ଓ ମାହେରେ ଉତ୍ତର-ପୂର୍ବ ମୌସୁମୀର ପ୍ରଭାବ ଅନୁଭୂତ ହୋଇଛି। ଅକ୍ଟୋବର ୨୧ ପର୍ଯ୍ୟନ୍ତ ଦକ୍ଷିଣ ଉପଦ୍ୱୀପୀୟ

ଦକ୍ଷିଣ ଭାରତରେ ଉତ୍ତର-ପୂର୍ବ ମୌସୁମୀ ସକ୍ରିୟ

ଭାରତର ଅନେକ ସ୍ଥାନରେ ବର୍ଷା ସହ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀରେ ଦେଶରେ ମୋଟ ୭୫୯.୪ ମିଲିମିଟର ବର୍ଷା ହୋଇଛି। ଏହା ସ୍ୱାଭାବିକ ୮୬୮.୬ ମିଲିମିଟର ତୁଳନାରେ ୧୨.୬ ପ୍ରତିଶତ କମ୍। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ପରିସ୍ଥିତି ଏହି ନିଅଣ୍ଟିଆ ବର୍ଷାର ଏକ ପ୍ରମୁଖ କାରଣ। ଏଲ୍ ନିନୋ ଭାରତରେ ମୌସୁମୀ ବର୍ଷାକୁ ପ୍ରଭାବିତ କରିପାରେ। ବିଶ୍ୱ ପାଣିପାଗ ସଂଗଠନ ସମେତ ବିଭିନ୍ନ ସଂସ୍ଥାର ଆକଳନ ଅନୁଯାୟୀ, ଏହା ଡିସେମ୍ବର ୨୦୨୬ରେ ଶିଖରରେ ପହଞ୍ଚିପାରେ ଏବଂ ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ଜାରି ରହିପାରେ। ▶ପୃଷ୍ଠା-୧୧

ଛାତ୍ରସଂସଦ ନିର୍ବାଚନ

ବିସିଜେଡି-ଏବିଭିପି କଡ଼ା ଟକ୍କର

ରେଭେନ୍ସାରେ ବିସିଜେଡି; ବିଜେବିରେ ଏବିଭିପିର ବାଜିମାତ୍

■ ଭୁବନେଶ୍ୱର, ୧୫।୧୦ (ସମିସ): ସରିଲା ଛାତ୍ର ସଂସଦ ନିର୍ବାଚନ। ଉଚ୍ଚଶିକ୍ଷା ଅନୁଷ୍ଠାନ ପାଇଲା ନୂତନ ଛାତ୍ରନେତା। ଦୀର୍ଘ ବର୍ଷ ପରେ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉତ୍ତେଜନା ଦେଖା ଦେଇଛି। ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ କେତେକ ସ୍ଥାନରେ ହିଂସାକାଣ୍ଡ ଯୋଗୁଁ ନିର୍ବାଚନ ବାତିଲ କରାଯାଇଛି। ଗୁରୁବାର ପ୍ରକାଶିତ ଫଳାଫଳ ଅନୁଯାୟୀ, ରେଭେନ୍ସାରେ ବିସିଜେଡି ଓ ବିଜେବିରେ ଏବିଭିପି ବାଜିମାତ କରିଛି। ତେବେ ଉତ୍କଳ ଓ ରମାଦେବୀରେ ଫଳାଫଳକୁ ନେଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କନ୍ଦଳ ଲାଗି ରହିଥିବାରୁ ଚୂଡ଼ାନ୍ତ ଫଳ ଜଣାପଡ଼ି ନାହିଁ।

ଗୁରୁବାର ଅପରାହ୍ନ ୨ଟାରେ ମତଦାନ ଶେଷ ହେବା ପରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଅପରାହ୍ନ ୬ଟା ୪୫ ସୁଦ୍ଧା ରାଜ୍ୟର ୧୫୩ଟି କଲେଜର ନିର୍ବାଚନ ଫଳ ପ୍ରକାଶ ପାଇଥିଲା। ଏହି କଲେଜଗୁଡ଼ିକରେ ମୋଟ ୧୩୯୮ ଜଣ ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୭୫୬ ଜଣ ନିର୍ଦ୍ୱନ୍ଦ୍ୱରେ ଏବଂ ୬୪୨ ଜଣ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ହାସଲ କରିଛନ୍ତି। ଅନ୍ୟ କଲେଜ ଓ ବିଶ୍ୱବିଦ୍ୟାଳୟର ଗଣତି

ପ୍ରକ୍ରିୟା ଜାରି ରହିଛି।

ବିଶ୍ୱବିଦ୍ୟାଳୟ ମଧ୍ୟରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୭୮.୮୭ ପ୍ରତିଶତ ମତଦାନ ହୋଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୬୮.୬୯ ପ୍ରତିଶତ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୬୭.୨୪ ପ୍ରତିଶତ ମତଦାନ ହୋଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୬୦୯ ଜଣ ଛାତ୍ରଛାତ୍ରୀ ମତଦାନ କରିଥିବାବେଳେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୨୮୧୭ ଜଣ ଭୋଟ ଦେଇଥିଲେ। ସେହିପରି ଧରଣୀଧର ବିଶ୍ୱବିଦ୍ୟାଳୟରେ ୨୦୫୧ ଜଣ ମତଦାନ କରିଥିବାବେଳେ ମତଦାନ ହାର ୬୫.୭୭ ପ୍ରତିଶତ ରହିଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୯୧୭ ଜଣ ଭୋଟ ଦେଇଥିବାବେଳେ ମତଦାନ ହାର ୬୪.୦୩ ପ୍ରତିଶତ ରହିଥିଲା।

ରମାଦେବୀ ଓ ଉତ୍କଳରେ ଫଳାଫଳକୁ ନେଇ କନ୍ଦଳ

ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୦୪୭ ଜଣ ଛାତ୍ରଛାତ୍ରୀ ମତଦାନ କରିଥିବାବେଳେ ହାର ୫୩.୩୦ ପ୍ରତିଶତ ରହିଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୯୭୭ ଜଣ ଭୋଟ ଦେଇଥିବାବେଳେ ମତଦାନ ହାର ୫୪.୨୪ ପ୍ରତିଶତ ରହିଥିଲା। ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୨୨୨୫ ଜଣ ମତଦାନ କରିଥିବାବେଳେ ହାର ୫୦.୮୬ ପ୍ରତିଶତ ରହିଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୩୭୭୭ ଜଣ ଛାତ୍ରଛାତ୍ରୀ ଭୋଟ ଦେଇଥିଲେ ଏବଂ ମତଦାନ ହାର ୪୭.୭୩ ପ୍ରତିଶତ ରହିଥିଲା।

ଅନ୍ୟପକ୍ଷରେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୫୫୦ ଜଣ ଛାତ୍ରୀ ମତଦାନ କରିଥିବାବେଳେ ହାର ୩୦.୨୭ ପ୍ରତିଶତ ରହିଥିଲା। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୩୧୦ ଜଣ ଭୋଟ ଦେଇଥିବାବେଳେ ମତଦାନ ହାର ପ୍ରାୟ ୨୬ ପ୍ରତିଶତ ରହିଥିଲା। ସବୁଠାରୁ କମ୍ ମତଦାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରେକର୍ଡ ହୋଇଛି। ଏଠାରେ ମାତ୍ର ୪୨୩ ଜଣ ଛାତ୍ରଛାତ୍ରୀ ଭୋଟ ଦେଇଥିବାବେଳେ ମତଦାନ ହାର ୧୯.୫୩ ପ୍ରତିଶତ ରହିଥିଲା।

ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ସମ୍ଭାବ୍ୟ ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ କରାଯାଇଥିବାବେଳେ ମତଦାନ କେନ୍ଦ୍ରରେ ଶୃଙ୍ଖଳା ରକ୍ଷା ଓ ଛାତ୍ରଛାତ୍ରୀଙ୍କୁ ନିର୍ଭୟରେ ମତଦାନର ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୀର୍ଘ ବର୍ଷ ପରେ ହୋଇଥିବା ଏହି ନିର୍ବାଚନର ଫଳାଫଳ ରାଜ୍ୟର କ୍ୟାମ୍ପସ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୫ ତାରିଖରେ ନିର୍ବାଚନ ଘୋଷଣା ହେବା ପରେ କଲେଜ କ୍ୟାମ୍ପସଗୁଡ଼ିକରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଥିଲା। ପ୍ରାର୍ଥୀମାନେ ସମର୍ଥକଙ୍କ ସହ ନିଜ ନିଜ ସପକ୍ଷରେ ପ୍ରଚାର ଚଳାଇଥିବାବେଳେ ଅନେକ ଶିକ୍ଷାନୁଷ୍ଠାନରେ ରୋଚକ ଲଢ଼େଇ ଦେଖିବାକୁ ମିଳିଥିଲା। ତେବେ କେତେକ କଲେଜରେ ହିଂସାକାଣ୍ଡ ଆଶଙ୍କା ଓ ଅଶାନ୍ତ ପରିସ୍ଥିତି ଯୋଗୁଁ ନିର୍ବାଚନ ବାତିଲ କରାଯାଇଥିବାବେଳେ ଅନ୍ୟ କେତେକ ସ୍ଥାନରେ 'ସାଇନ୍-ଏ-ଡାଏ' ଘୋଷଣା ହୋଇଥିଲା।

ବିଦ୍ୟାଳୟ ଛାତ ଭୁଶୁଡ଼ି ୩୪ ଛାତ୍ରଛାତ୍ରୀ ମୃତ

୪୦ରୁ ଊର୍ଦ୍ଧ୍ୱ ଆହତ, ୫ ଜଣ ଗୁରୁତର

■ ପେଶାୱାର, ୧୫।୧୦ (ଏଜେନ୍ସି): ପାକିସ୍ତାନର ପେଶାୱାରରେ ଗୁରୁବାର ଏକ ଘରୋଇ ବିଦ୍ୟାଳୟର ଛାତ ଭୁଶୁଡ଼ି ପଡ଼ିବାରୁ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩୪ ଜଣ ଛାତ୍ରଛାତ୍ରୀ ଓ ଜଣେ ମହିଳା ଶିକ୍ଷୟିତ୍ରୀ ଅଛନ୍ତି। ମୃତ ଶିଶୁମାନଙ୍କ ବୟସ ୧୩ ବର୍ଷ କିମ୍ବା ତା'ଠାରୁ କମ୍ ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପେଶାୱାରର ଦିର୍ କଲୋନି ଅଞ୍ଚଳରେ ଏହି ଅଘଟଣ ଘଟିଛି। ଉଦ୍ଧାରକାର୍ଯ୍ୟ ଜୋରଦାର କରାଯିବା ସହ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି। ଟ୍ରମା ୱାର୍ଡରେ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ମୁତୟନ କରାଯାଇଛି। ପାକିସ୍ତାନୀ ଗଣମାଧ୍ୟମ 'ଡନ୍'ର ରିପୋର୍ଟ ଅନୁଯାୟୀ, ଆହତଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣାକୁ ନେଇ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ ଶିଶୁଙ୍କ ପରିବାର ପ୍ରତି ସେ ସମବେଦନା ଜଣାଇବା ସହ ଆହତଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ଏବଂ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ▶ପୃଷ୍ଠା-୧୧

ବିବାଦ ପରେ କଥା ବଦଳାଇଲେ ରାଜ୍ୟପାଳ

■ ଭୁବନେଶ୍ୱର, ୧୫।୧୦ (ସମିସ): ଦାୟିତ୍ୱଗ୍ରହଣ ପୂର୍ବରୁ ସେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହେବା ପରେ ନିଜର କଥା ବଦଳାଇଛନ୍ତି ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜ ମୋହନ ରାମ । ଗୁରୁବାର ଶ୍ରୀ ରାମ୍ କହିଛନ୍ତି ଯେ ମୋତେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ମୁଁ ସାମ୍ବିଧାନିକ ପରିଧି

ଭିତରେ ରହି କାମ କରିବି। ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ନିଜ ଦାୟିତ୍ୱ ତୁଲାଇବି। ଜଣେ ରାଜନେତା ଏବଂ ଏକ ସାମ୍ବିଧାନିକ ପଦବୀ ମଧ୍ୟରେ ଫରକ୍ ରହିଛି। ଏହାକୁ ବଜାୟ ରଖି କାମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଁ ବର୍ତ୍ତମାନ ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ; କିନ୍ତୁ ମୁଁ ଯେଉଁ ଦଳର ସଦସ୍ୟ ତାହା ମୋର ପୁଞ୍ଜି। ସେହି ଦଳ ପ୍ରତି ମୋର ସର୍ବଦା ଆନୁଗତ୍ୟ ଏବଂ ଭଲପାଇବା ରହିବ। ମୁଁ କୌଣସି ନିର୍ଦ୍ଦିଷ୍ଟ ଦଳ ପାଇଁ କାମ କରିବି ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ସେ ଓଡ଼ିଶାରେ ବିଜେପିର ସଙ୍ଗଠନକୁ ମଜଭୁତ କରିବା ପାଇଁ କାମ କରିବା କଥା କହିବା ପରେ ବିବାଦ ଆରମ୍ଭ ହୋଇଥିଲା। ରାଜ୍ୟପାଳଙ୍କ ମନ୍ତବ୍ୟକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବହୁ ଜାତୀୟ ସ୍ତରୀୟ ନେତା ନାପସନ୍ଦ କରିଥିଲେ। ଏହା ପରେ ରାଜ୍ୟପାଳ ଆଜି ନିଜର କଥା ବଦଳାଇଛନ୍ତି।

ମାହାଙ୍ଗା ଡବଲ ମର୍ଡର ଘଟଣା

ସୁପ୍ରିମକୋର୍ଟରୁ ପ୍ରତାପଙ୍କୁ ନ୍ୟାୟ

■ କଟକ, ୧୫।୧୦ (ସମିସ): ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ସୁପ୍ରିମକୋର୍ଟରୁ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କୁ ମିଳିଛି କ୍ଲିନଚିଟ। ଏହି ଘଟଣାରେ ନିମ୍ନ ଅଦାଲତରେ ଶ୍ରୀ ଜେନାଙ୍କ ବିରୋଧରେ ବିଚାରାଧୀନ ଫୌ?ଜଦାରୀ ମାମଲାକୁ ହାଇକୋର୍ଟ ଖାରଜ କରି ପ୍ରଦାନ କରିଥିବା ଆଦେଶ ସୁପ୍ରିମକୋର୍ଟରେ କାଏମ ରହିଛି। ଏଥିସହ ହାଇକୋର୍ଟଙ୍କ ରାୟକୁ ଚାଲେଞ୍ଜ କରି ରଣଜିତ ବରାଳଙ୍କ ତରଫରୁ ଦାୟର ଏସଏଲପିକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ଅପରେଶ କୁମାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ବରାଳଙ୍କ ଏସଏଲପିର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଓଡିଶା ହାଇକୋର୍ଟଙ୍କ ଗତ ୨୦୨୪, ଅକ୍ଟୋବର ୧ର ରାୟରେ

ହାଇକୋର୍ଟଙ୍କ ରାୟ କାଏମ୍

ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ମାହାଙ୍ଗା ଡବଲ ମର୍ଡର ମାମଲାରେ ଶ୍ରୀ ଜେନାଙ୍କ ବିରୋଧରେ ସାଲେପୁର ଜେଏମଏଫସି ଅଦାଲତ ଆଇପିସିର ଦଫା ୩୦୨, ୧୨୦-ବି, ୫୦୬ରେ ମାମଲା ବିଚାର ପାଇଁ (କଗନିଜାନ୍ସ) ଗ୍ରହଣ କରି ୨୦୨୩, ସେପ୍ଟେମ୍ବର ୨୫ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ୨୦୨୪, ଅକ୍ଟୋବର ୧ରେ ରଦ୍ଦ କରିଥିଲେ। ଏଥି ସହିତ ନିମ୍ନ ଅଦାଲତରେ ଶ୍ରୀ ଜେନାଙ୍କ ବିରୋଧରେ ବିଚାରାଧୀନ ଏ ▶ପୃଷ୍ଠା-୧୧

ପଞ୍ଚାୟତ ଓ ପୌର ଭୋଟ

୨୬ରୁ ନଭେମ୍ବର ୭ ତାରିଖ ଯାଏଁ ଘରକୁ ଘର ସର୍ଭେ

■ ଭୁବନେଶ୍ୱର, ୧୫।୧୦ (ସମିସ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରରିପେକ୍ଷୀରେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଅକ୍ଟୋବର ୨୬ ତାରିଖରୁ ଘରକୁ ଘର ସର୍ଭେ ଆରମ୍ଭ ହେବ। ଏହି ପ୍ରକ୍ରିୟା ପରେ ଆସନ୍ତା ଜାନୁଆରୀ ୧ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ତାଲିକା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ଭୋଟରମାନଙ୍କୁ ୨୦ ଦିନର ସମୟ ଦିଆଯିବ। ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଏବଂ ଆବଶ୍ୟକୀୟ ▶ପୃଷ୍ଠା-୧୧

ଜାନୁଆରୀ ୧ରେ ଚିଠା ଓ ଫେବୃଆରୀ ୧୦ରେ ଚୂଡ଼ାନ୍ତ ଭୋଟର ତାଲିକା

ଦାବି, ଆପତ୍ତି ଦାଖଲ ପାଇଁ ୨୦ ଦିନ ମହଲତ

ଓଲଟ ପାଲଟ

ବିଜୁ ସ୍ୱାସ୍ଥ୍ୟ ଯୋଜନାଟି ଓଡ଼ିଶାରେ
କରାଇଥିଲେ ନବୀନ,
ହସ୍ପିଟାଲରେ ଏଟିଏମ୍ ପରି
ମିଳୁଥିଲା ତହିଁ ଧନ।
ସୁଲଭ ଅପରେସନ,
ବିଜୁ ସ୍ୱାସ୍ଥ୍ୟ କାର୍ଡ ବଦଳରେ ଏବେ
ଆସିଗଲା ଆୟୁଷ୍ମାନ।
ନର୍ସିଙ୍ଗ ହୋମ୍ କୁଣ୍ଡୁକୁଣ୍ଡୁ ହୁଏ
ଠିକ୍‌ରେ ନ ମିଳେ ଧନ,
ହାତରେ ଯଦି ପାଣି ନ ଥିବ
ରହିବ ନାହିଁ ଜୀବନ॥

- ଯାଯାବର

ମହାନଦୀ ଜଳ ବିବାଦ: ପୁଣି ଘୁଞ୍ଚିଲା ତାରିଖ

■ ଭୁବନେଶ୍ୱର, ୧୫।୧୦ (ସମିସ): ମହାନଦୀ ଜଳ ବିବାଦ ଶୁଣାଣିରେ ଆଜି ଓଡ଼ିଶା ସ୍ୱାର୍ଥରେ କୌଣସି ବଡ଼ ଖବର ଆସିବା ନେଇ ଆଶାରେ ଥିଲେ ରାଜ୍ୟବାସୀ। ମାତ୍ର ଗୁରବାର ଶୁଣାଣିରେ ଚିରାଚରିତ ଭାବରେ ଆଉ ଏକ ତାରିଖ ପ୍ରଦାନ କରିଛନ୍ତି ଟ୍ରିବ୍ୟୁନାଲ। ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନ ସୂତ୍ର ନେଇ କେନ୍ଦ୍ରୀୟ ଜଳ ଆୟୋଗ କୌଣସି ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରକାଶ କରି ନ ପାରିବାରୁ ଶୁଣାଣିକୁ ଆସନ୍ତା ୨୬ ତାରିଖକୁ ଧାର୍ଯ୍ୟ କରାଯାଇଛି ଓ ଏହାପୂର୍ବରୁ ଚୂଡ଼ାନ୍ତ

୨୬ରେ ପରବର୍ତ୍ତୀ ଶୁଣାଣି

ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିପାରିଲେନି ସିଡବ୍ଲ୍ୟୁସି

ରିପୋର୍ଟ ଦାଖଲ କରିବାକୁ ସିଡବ୍ଲ୍ୟୁସିକୁ ନିର୍ଦ୍ଦେଶ ଦେଇଛନ୍ତି ଟ୍ରିବ୍ୟୁନାଲ।

ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ସୂଚନା ଅନୁସାରେ ଏପର୍ଯ୍ୟନ୍ତ ଉଭୟ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ଯାହା ଅଗ୍ରଗତି ଘଟିଛି, ତାହା ସନ୍ତୋଷଜନକ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ସିଡବ୍ଲ୍ୟୁସିଙ୍କ ମଧ୍ୟସ୍ଥତାରେ ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନର ଯେଉଁ ସୂତ୍ର ବାହାର କରାଯାଉଛି, ସେନେଇ ଆଜି ଟ୍ରିବ୍ୟୁନାଲଙ୍କୁ ଅବଗତ କରାଯାଇଛି। ତେବେ ସିଡବ୍ଲୁସି ଏଯାବତ୍ ନିଜର ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରିପାରି ନାହାନ୍ତି। ଉଭୟ ରାଜ୍ୟଙ୍କ ସହ କଥାବାର୍ତ୍ତା ପରେ ସିଡବ୍ଲ୍ୟୁସି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଟ୍ରିବ୍ୟୁନାଲ ଆସନ୍ତା ୨୬ ତାରିଖକୁ ଶାଣାଣି ଧାର୍ଯ୍ୟ ▶ପୃଷ୍ଠା-୧୧

ଜିଓ ଆଣୁଛି ଦେଶର ସବୁଠୁ ବଡ଼ ଆଇପିଓ

ତିନି ଗ୍ରୋଥ୍ ଇଞ୍ଜିନ୍ ଉପରେ ଆକାଶ ଅମ୍ବାନୀଙ୍କ ଫୋକସ୍

ମୁମ୍ବଇ, ୧୫।୧୦ : ଜିଓ ପ୍ଲାଟଫର୍ମସ୍ ଆଣିବାକୁ ଯାଉଛି ଦେଶର ସବୁଠାରୁ ବଡ଼ ଆଇପିଓ। ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ୍) ର ବହୁ ପ୍ରତୀକ୍ଷିତ ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ଚଳିତମାସ ୨୧ରେ ଆସିବାକୁ ଯାଉଛି। ଏଥିପାଇଁ କମ୍ପାନୀ ଆଜି ତାର ପ୍ରାଇସ୍ ବ୍ୟାଣ୍ଡ ଘୋଷଣା କରିଛି। ଏଥିରେ କମ୍ପାନୀ ନିଜର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ପାଇଁ ରୋଡମ୍ୟାପ୍ ସାମ୍ନାକୁ ଆଣିଛି। ଏହି ଅବସରରେ ଜିଓ ପ୍ଲାଟଫର୍ମସ୍ର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀ ମୋବିଲିଟି, ହୋମ୍ ବ୍ରଡ଼ବ୍ୟାଣ୍ଡ ଏବଂ ଏଣ୍ଟରପ୍ରାଇଜ୍-ଇଣ୍ଟରନ୍ୟାସନାଲକୁ କମ୍ପାନୀର ତିନୋଟି ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ଭାବେ ଉଲ୍ଲେଖ କରିଛନ୍ତି। କମ୍ପାନୀର ବିଶ୍ୱାସ ରହିଛି ଯେ ଟେକ୍ନୋଲୋଜି, ଡିଜିଟାଲ୍ ଗେଟୱେ ଏବଂ ଦୃଢ଼ ଭିତ୍ତିଭୂମି ଆଧାରରେ ଏହା ୨୦୩୧ ଆର୍ଥିକ ବର୍ଷ ସୁଦ୍ଧା ଭାରତର ପ୍ରାୟ ୧.୪ ଟ୍ରିଲିୟନ୍ ଡଲାରର ଡିଜିଟାଲ୍ ଅର୍ଥନୀତିରେ ଏକ ବଡ଼ ଭୂମିକା ନିର୍ବାହ କରିପାରିବ। ଆକାଶ ଅମ୍ବାନୀ କହିଛନ୍ତି, ଆମ ବ୍ୟବସାୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛନ୍ତି ଆମର ଗ୍ରାହକ। ପ୍ରତ୍ୟେକ ଭାରତୀୟ, ପ୍ରତ୍ୟେକ ଘର ଏବଂ ପ୍ରତ୍ୟେକ ଉଦ୍ୟୋଗକୁ ଉନ୍ନତ ଓ ସୁଲଭ ଡିଜିଟାଲ୍ ସେବା ଯୋଗାଇବା ଉପରେ ଜିଓର ଫୋକସ୍ ରହିବ। ବର୍ତ୍ତମାନ ଜିଓର ପ୍ରାୟ ୫୩.୩ କୋଟି କନେକ୍ଟିଭିଟି ଗ୍ରାହକ ଅଛନ୍ତି ଏବଂ ଦେଶର ମୋଟ ଡାଟା ଟ୍ରାଫିକର ୬୦%ରୁ ଅଧିକ ଜିଓ ପରିଚାଳନା କରୁଛି। ମୋବିଲିଟି କ୍ଷେତ୍ରରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୩୪ କୋଟି ନୂଆ ୪ଜି ଏବଂ ୫ଜି ଗ୍ରାହକଙ୍କ ବଜାର ସୁଯୋଗ ରହିଛି ବୋଲି କମ୍ପାନୀ ଆକଳନ କରିଛି। ଆକାଶଙ୍କ ଅନୁସାରେ, ଏଥିରେ ପ୍ରାୟ ୧୦ କୋଟି ଏପରି ନୂଆ ଗ୍ରାହକ ରହିବେ, ଯେଉଁମାନେ ପ୍ରଥମ ଥର ପାଇଁ ମୋବାଇଲ୍ କନେକ୍ସନ ନେବେ। ଅନ୍ୟପକ୍ଷରେ, ପ୍ରାୟ ୨୪ କୋଟି ଗ୍ରାହକ ୨ଜିରୁ ୪ଜି ଏବଂ ୫ଜିକୁ ଅପଗ୍ରେଡ୍ କରିପାରନ୍ତି। ୨୦୨୬ ଆର୍ଥିକ ବର୍ଷରେ ଜିଓର ନେଟ୍ ଆକ୍ଟିଭ୍ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟାରେ ବୃଦ୍ଧି ଦ୍ୱିତୀୟ ସ୍ଥାନରେ ରହିଥିବା ଅପରେଟରଙ୍କ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ ରହିଥିବା ସେ ପ୍ରକାଶ କରିଛନ୍ତି। ହୋମ୍ ବ୍ରଡବ୍ୟାଣ୍ଡକୁ କମ୍ପାନୀ ଆଗାମୀ ବର୍ଷଗୁଡ଼ିକର ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ଭାବେ ଦେଖୁଛି। ବର୍ତ୍ତମାନ ଜିଓର ପ୍ରାୟ ୨ କୋଟି ୮୬ ଲକ୍ଷ ଫିକ୍ସଡ୍

ବ୍ରଡବ୍ୟାଣ୍ଡ ଗ୍ରାହକ ଅଛନ୍ତି। ଏହି ଗ୍ରାହକ ଆଧାରକୁ ଭବିଷ୍ୟତରେ ୧୦ କୋଟି ଘର ପର୍ଯ୍ୟନ୍ତ ପହଞ୍ଚାଇବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। କମ୍ପାନୀର ଅଣକାର୍ଯ୍ୟକାରୀ ନିର୍ଦ୍ଦେଶିକା ଈଶା ଅମ୍ବାନୀ ଜିଓର ଆରମ୍ଭ ଏବଂ ରିଲାଏନ୍ସର ବ୍ୟବସାୟିକ ଚିନ୍ତାଧାରା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ କମ୍ପାନୀ ଦୀର୍ଘମିଆଦୀ ଚିନ୍ତାଧାରା, ବ୍ୟାପକ କାର୍ଯ୍ୟ ସମ୍ପାଦନ, ଦୃଢ଼ କାର୍ଯ୍ୟନ୍ୱୟନ ଏବଂ ଆର୍ଥିକ ଶୃଙ୍ଖଳା ଉପରେ ଭରସା କରେ। ଏହି ଅବସରରେ କୋଟାକ୍ ଇନ୍ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗର ଅଧ୍ୟକ୍ଷ ଉଦୟ କୋଟାକ୍ ରିଲାଏନ୍ସର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ ଏବଂ ୧୯୭୭ ମସିହାରେ ରିଲାଏନ୍ସର ଆଇପିଓକୁ ମନେପକାଇଥିଲେ।

ସରିଲା ନିର୍ବାଚନ; ନେତା ବାଛିଲେ ଛାତ୍ରଛାତ୍ରୀ

ରାଉରକେଲା ସ୍ୱୟଂଶାସିତ କଲେଜ

ନୀତେଶ ପ୍ରଧାନ ସଭାପତି ଓ ଜ୍ୟୋତିଷ ଖେସ୍ ସାଧାରଣ ସମ୍ପାଦକ ନିର୍ବାଚିତ

ରାଉରକେଲା, ୧୫।୧୦(ସମିସ): ପାନପୋଷସ୍ଥିତ ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଆନୁଷ୍ଠାନିକ ଭାବେ ପ୍ରକାଶିତ ହୋଇଛି। ସଭାପତି ଭାବେ ନୀତେଶ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ଆନନ୍ଦିତା ମହାନ୍ତି, ସାଧାରଣ ସମ୍ପାଦକ ଭାବେ ଜ୍ୟୋତିଷ ଖେସ୍, ସହ-ସାଧାରଣ ସମ୍ପାଦକ, ଚିନ୍ମୟ କିଶାନ ନିର୍ବାଚିତ ହୋଇଛନ୍ତି। ସେହିପରି ନାଟ୍ୟ ସଂସଦ ସମ୍ପାଦକ ଭାବେ ବିଭୂତି ଭୂଷଣ ସା, ସହ-ସମ୍ପାଦକ ବିଶ୍ୱାସ ମୁଣ୍ଡା, କ୍ରୀଡ଼ା ସଂସଦ ସମ୍ପାଦକ ଭାବେ ସତୀଶ କୁଜୁର, ସହ-ସମ୍ପାଦକ ଭାବେ ଛତ୍ରପତି ବାଘ, କଳା ପରିଷଦସମ୍ପାଦକ ଗିରିରାଜ ସିଦ୍ଧାର୍ଥ ନନ୍ଦ, ସହ-ସମ୍ପାଦକ ରୋଶନ ଟୋପ୍ପୋ, ବିଜ୍ଞାନ ପରିଷଦ, ସମ୍ପାଦକ ଦୀପାଂଶୁ ରାୟ, ସହ-ସମ୍ପାଦକ ରଶ୍ମିତ କୁମାର ସାହୁ, ବାଣିଜ୍ୟ ପରିଷଦ ସମ୍ପାଦକ: ବି. ଅଭିଷେକ ରାଓ, ସହ-ସମ୍ପାଦକ ସନ୍ନି ଯାଦବ, ଛାତ୍ରୀ ବିଶ୍ରାମାଗାର ସମ୍ପାଦିକା ସୋନମ ଗିରି, ସହ-ସମ୍ପାଦିକା ରୁବି ପାତ୍ର ଛାତ୍ର ବିଶ୍ରାମାଗାର ସମ୍ପାଦକ ଭାବେ ସତ୍ୟବ୍ରତ ତ୍ରିପାଠୀ, ସହ-ସମ୍ପାଦକ: ବିଶାଳ ନାୟକ, ଡେ ସ୍କଲାର ଆସୋସିଏସନ ସମ୍ପାଦକ ରିତେଶ କୁମାର ପ୍ରଧାନ, ସହ-ସମ୍ପାଦିକା ତନୁଶ୍ରୀ ସାମନ୍ତ ଦାସ, ସମାଜସେବା ସଂଘ ସମ୍ପାଦକ ପ୍ରିୟାଂଶୁ ଦାସ ଏବଂ ସହ-ସମ୍ପାଦିକା ରେଣୁକା ଖରସେଲ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

କଲ୍ୟାଣୀ ରାୟ ମହାବିଦ୍ୟାଳୟ

ଅମନ ମହାକୁଲ ସଭାପତି ଓ ବିଶ୍ୱଜିତ ଖାଖା ଉପସଭାପତି ନିର୍ବାଚିତ

ରାଉରକେଲାର କଲ୍ୟାଣୀ ରାୟ ମହାବିଦ୍ୟାଳୟର କଲେଜ ଛାତ୍ର ସଂସଦ ନିର୍ବାଚନର ଫଳାଫଳ ଆଜି ପ୍ରକାଶ ପାଇଛି। ପ୍ରକାଶିତ ଫଳାଫଳ ଅନୁଯାୟୀ, ଯୁକ୍ତତିନି ବିଜ୍ଞାନ ରସାୟନ ବିଜ୍ଞାନ ୩ୟ ବର୍ଷର ଛାତ୍ର ଅମନ କୁମାର ମହାକୁଲ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରାଣୀ ବିଜ୍ଞାନ ୨ୟ ବର୍ଷର ଛାତ୍ର ବିଶ୍ୱଜିତ ଖାଖା ଉପସଭାପତି ଭାବେ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ପଦାର୍ଥ ବିଜ୍ଞାନର ଦିବ୍ୟାଙ୍କୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ଉଦ୍ଭିଦ ବିଜ୍ଞାନର ଅର୍ଜୁନ ସିଂହ ଏବଂ ସହ-ସମ୍ପାଦକ ଭାବେ ରାଜନୀତି ବିଜ୍ଞାନର ମୁନ୍ନା କୁମାର ନିର୍ବାଚିତ ହୋଇଛନ୍ତି। ସେହିପରି ସାଂସ୍କୃତିକ ପରିଷଦର ସାଂସ୍କୃତିକ ସମ୍ପାଦିକା ଭାବେ ମୌସୁମୀ ଦୀପ ଏବଂ ଯୁଗ୍ମ ସମ୍ପାଦିକା ଭାବେ ଦୀପିକା ତିର୍କୀ ନିର୍ବାଚିତ ହୋଇଛନ୍ତି। ନାଟ୍ୟ ସଂସଦ ନାଟ୍ୟ ସମ୍ପାଦକ ଭାବେ ଗିରିଜା ଶଙ୍କର ସ୍ୱାଇଁ ଏବଂ ସହ-ସମ୍ପାଦକ ଭାବେ ସୁଜଳ ଟପ୍ପୋ ବିଜୟୀ ହୋଇଛନ୍ତି। କ୍ରୀଡ଼ା ସଂସଦର କ୍ରୀଡ଼ା ସମ୍ପାଦିକା ଭାବେ ସୁଜାତା ବାର୍ଲା, ଯୁଗ୍ମ ସମ୍ପାଦକ ଭାବେ ଅରୂପ ନନ୍ଦ ଏବଂ ସହ-ସମ୍ପାଦକ ଭାବେ ଜ୍ଞାନେନ୍ଦ୍ର କୁମାର ବେହୁରିଆ ନିର୍ବାଚିତ ହୋଇଛନ୍ତି। ଯୁକ୍ତ ତିନି ପ୍ରଥମ ବର୍ଷର ସେହିପରି କ୍ଲାସ୍ ରିପ୍ରେଜେଣ୍ଟେଟିଭ୍ କଳାରେ ପ୍ରତିମା ସୁରିନ, ବାଣିଜ୍ୟରେ ସୁନାଲୀ ଲାକ୍ରା ଏବଂ ବିଜ୍ଞାନରେ ଶଙ୍କର ସିଂହ, ଯୁକ୍ତ ତିନି ଦ୍ୱିତୀୟ ବର୍ଷ କଳାରେ ସରୋଜ ଦାଶ, ବାଣିଜ୍ୟରେ ଅଙ୍କିତା କୁଲୁ ଏବଂ ବିଜ୍ଞାନରେ ଅମିତ ସାହୁ, ଯୁକ୍ତ ତିନି ତୃତୀୟ ବର୍ଷର କଳାରେ ସମୀର କୁଲୁ, ବାଣିଜ୍ୟରେ ରଞ୍ଜିତ ବାର୍ଲା ଏବଂ ବିଜ୍ଞାନରେ ନନ୍ଦିତା ପାତ୍ର ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ

ସେହିପରି ଜଗଦା ସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ସଂସଦ ନିର୍ବାଚନରେ ସଭାପତି ପଦ ପାଇଁ ଏମ୍.ତନୁ ୧୧୬ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଜେଶ୍ୱରୀ ପୁରଣ ୬୦ ଖଣ୍ଡ ଭୋଟ ପାଇଥିଲେ। ଛାତ୍ରୀ ସଂସଦ ଉପସଭାପତି ପଦ ପାଇଁ ହେନା ପଶାୟତ, ସାଧାରଣ ସମ୍ପାଦିକା ପଦ ପାଇଁ ଅଞ୍ଜଳି ଭୂମିଜ୍, ସାଂସ୍କୃତିକ ସମ୍ପାଦିକା ପାଇଁ ନମୟନ୍ତି ଓରାମ୍, କମନରୁମ ସମ୍ପାଦିକା ପାଇଁ କଳ୍ପନା ମହାରଣା, ଆଥଲେଟିକ୍ସ ସମ୍ପାଦିକା ପାଇଁ ଅନିତା ଭୂମିଜ୍, ସହକାରୀ ସାଧାରଣ ସମ୍ପାଦିକା ପାଇଁ ଗୀତାଞ୍ଜଳି ସାମଲ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସେମାନଙ୍କର କେହି ପ୍ରତିଦ୍ୱନ୍ଦୀ ନଥିବାରୁ ସେମାନେ ବିଜୟୀ ହୋଇଛନ୍ତି।

ନୀଳଶୈଳ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଫଳାଫଳ

ଦିନେଶ ଧନୱାର ସଭାପତି ଓ ବିନ୍ଧୁ କୁଜୁର ଉପସଭାପତି ନିର୍ବାଚିତ

ରାଉରକେଲା: ସ୍ଥାନୀୟ ଜଗଦା ସ୍ଥିତ ନୀଳଶୈଳ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ବାଚନ ଫଳାଫଳ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଏହି ନିର୍ବାଚନରେ ଛାତ୍ର ସଂସଦର ସଭାପତି ଭାବେ +୩ ପ୍ରଥମ ବର୍ଷ ବିଜ୍ଞାନର ଦିନେଶ ଧନୱାର ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ +୩ ତୃତୀୟ ବର୍ଷ କଳା ଛାତ୍ରୀ ବିନ୍ଧୁ କୁଜୁର, ସାଧାରଣ ସମ୍ପାଦକ ଭାବେ +୩ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ସାଗର ପ୍ରଧାନ, ସହକାରୀ ସାଧାରଣ ସମ୍ପାଦକ ରୀତା କେର୍କେଟା, ନାଟ୍ୟ ସମ୍ପାଦିକା ଅନୁଷ୍କା ଟପ୍ପୋ, କ୍ରୀଡ଼ା ସମ୍ପାଦିକା ବନ୍ଦନା ତିର୍କୀ, କଳା ପରିଷଦ ସମ୍ପାଦିକା ଶ୍ରାବଣୀ ରାଉତ, ବିଜ୍ଞାନ ପରିଷଦ ସମ୍ପାଦିକା ତେଜସ୍ୱିନୀ ଦାଶ, ବାଣିଜ୍ୟ ପରିଷଦ ସମ୍ପାଦକ ଭାବେ ମୁକେଶ ପ୍ରଧାନ ନିର୍ବାଚିତ ହୋଇଥିବା ସୂଚନା ମିଳିଛି।

ରାଉରକେଲା କଲେଜ

ସ୍ୱପ୍ନାରାଣୀ ସାହୁ ସଭାପତି ଓ ଚନ୍ଦନ କୁମାର ଉପସଭାପତି

ରାଉରକେଲା କଲେଜର ଛାତ୍ର ସଂସଦ ତଥା ବିଭିନ୍ନ ଛାତ୍ର ସମିତି ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। କଲେଜ ୟୁନିଅନ୍‌ର ସଭାପତି ପଦରେ ଯୁକ୍ତ ତିନି କଳା ତୃତୀୟ ବର୍ଷର ଛାତ୍ରୀ ସ୍ୱପ୍ନାରାଣୀ ସାହୁ ନିର୍ବାଚିତ ହୋଇଛନ୍ତି। ଅନ୍ୟପଟେ କଲେଜ ୟୁନିଅନ୍ ଉପସଭାପତି ଭାବେ ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ର ଚନ୍ଦନ କୁମାର ସାଓ, ସାଧାରଣ ସମ୍ପାଦିକା ଭାବେ କଳା ତୃତୀୟ ବର୍ଷ ଅନିମା ମୁଣ୍ଡା ଏବଂ ସହ-ସମ୍ପାଦିକା ଭାବେ କଳା ଦ୍ୱିତୀୟ ବର୍ଷର ମହିମା ଆଶ୍ରିତା ଜେନା ନିର୍ବାଚିତ ହୋଇଛନ୍ତି। ସେହିପରି ବିଭିନ୍ନ ପଦବୀରେ ନିର୍ବାଚିତ ତଥା ନିଦ୍ୱର୍ନ୍ଦ୍ୱରେ ବିଜୟୀ ହୋଇଥିବା ପ୍ରାର୍ଥୀମାନେ ହେଲେ କ୍ରୀଡ଼ା ସଂସଦର ସହ-ସମ୍ପାଦକ ଭାବେ ସାହିଲ ନାୟକ ଏବଂ ସମ୍ପାଦିକା ଭାବେ ଭାଗ୍ୟଶ୍ରୀ ଭୂମିଜ, ଛାତ୍ର ସାଧାରଣ କକ୍ଷ ସମ୍ପାଦକ ଭାବେ ବିରଞ୍ଚି ବାରିକ ନିଦ୍‌ର୍?ନ୍ଦରେ ନିର୍ବାଚିତ ହୋଇଛନ୍ତି। ସେହିପରି ଡେ-ସ୍କଲାର୍ସ ଆସୋସିଏସନ୍ ସମ୍ପାଦିକା ଭାବେ ତୃପ୍ତିଲତା ଶତପଥୀ ନିର୍ବାଚିତ ହୋଇଥିବା ବେଳେ ସହ-ସମ୍ପାଦକ ଭାବେ ସୁମିତ ରାୟ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ନାଟ୍ୟ ସଂସଦ ସମ୍ପାଦକ ଭାବେ କାହ୍ନା ପ୍ରସାଦ ମହାରଣା ନିର୍ବାଚିତ ହୋଇଥିଲା ବେଳେ ସହ-ସମ୍ପାଦକ ଭାବେ ସାହିଲ ପ୍ରଧାନ ନିଦ୍ୱର୍ନ୍ଦ, ଛାତ୍ରୀ ସାଧାରଣ କକ୍ଷ ସମ୍ପାଦିକା ଭାବେ ଶ୍ୱେତା ତିର୍କୀ ନିର୍ବାଚିତ, ସମାଜସେବା ସଂସ୍ଥା ସମ୍ପାଦକ ଭାବେ ସୋହମ ବେନି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ସୂଚନା ମିଳିଛି।

ଇସ୍ପାତ ମହାବିଦ୍ୟାଳୟ

ଆଦିତ୍ ସିଂହ ସଭାପତି ଓ ଭୂମି ଶ୍ରେୟା ସମ୍ପାଦକ

ରାଉରକେଲା ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଭାବେ ଆଦିତ୍ ସିଂହ ଓ ସମ୍ପାଦକ ଭାବେ ଭୂମି ଶ୍ରେୟା ମହାନ୍ତ ନିର୍ବାଚିତ ହୋଇଛନ୍ତି। ସେହିପରି ଛାତ୍ର ସଂସଦର ଉପସଭାପତି ଭାବେ ଆୟୁଷ୍ମାନ ମହାନ୍ତି ନିର୍ବାଚିତ ହୋଇଥିବା ବେଳେ ଛାତ୍ର ସଂସଦର ସହକାରୀ ସମ୍ପାଦକ ଶୁଭମ୍ ବାନଛୋର, ବିଜ୍ଞାନ ବିଭାଗର ସମ୍ପାଦକ ଇତିଶ୍ରୀ ସାହୁ, ଜିସିଆର୍‌ର ସମ୍ପାଦକ ସୋନିଆ ବେହେରା, ନାଟ୍ୟ ବିଭାଗର ଯୁଗ୍ମ ସମ୍ପାଦକ ଅମୃତା ଖଡ଼ିଆ, ନାଟ୍ୟ ବିଭାଗର ସମ୍ପାଦକ ମନ୍ତାଶା ତବସୁ, ବାଣିଜ୍ୟ ସମାଜର ସମ୍ପାଦକ ସୁଧାଂଶୁବାଳା ସାହୁ, ଦିବସ ଛାତ୍ରବୃତ୍ତି ସମ୍ପାଦକ ଦେବଜିତ ବିଶ୍ୱାସ, ବିସିଆର୍‌ର ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଚୌଧୁରୀ, ବିସିଆର୍‌ର ସମ୍ପାଦକ କରଣ ରାଜକ, କ୍ରୀଡ଼ା ପରିଷଦର ସମ୍ପାଦକ ଆୟୁଷ କୁମାର ମହାପାତ୍ର, କ୍ରୀଡ଼ା ପରିଷଦର ଯୁଗ୍ମ ସମ୍ପାଦକ ବିବେକ ହେମ୍ବ୍ରମ ଏବଂ କଳାସମାଜର ସମ୍ପାଦକ ଭାବେ ଉତ୍ତମ କଂସାରୀ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ

ରୋନିକ ସଭାପତି, ସଞ୍ଜନା ଉପସଭାପତି

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ରୋନିକ କୁଜୁର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସଞ୍ଜନା ସିଂହ ଉପ-ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସଚିନ କୁମାର ସେଠ୍, ଯୁଗ୍ମ ସାଧାରଣ ସମ୍ପାଦକ ମହମ୍ମଦ ଆବାସ ନକଭି, ନାଟ୍ୟସମିତି ସମ୍ପାଦକ ପରିଧି ଉପାଧ୍ୟାୟ, ନାଟ୍ୟ ସମିତି ଯୁଗ୍ମ ସମ୍ପାଦକ ସୁରଜ କୁଲୁ, କ୍ରୀଡ଼ା ସମିତି ସମ୍ପାଦକ ଶିବମ ସ୍ୱରାଜ ବାରିକ, କଳା ସମିତି ସମ୍ପାଦକ ରାମଚନ୍ଦ୍ର ସାହୁ, କଳା ସମିତି ଯୁଗ୍ମ ସମ୍ପାଦକ ଆୟୁଷ ଗୁପ୍ତା, ବିଜ୍ଞାନ ସମିତି ସମ୍ପାଦକ ଅଭିଜିତ ଦାଶ, ବିଜ୍ଞାନ ସମିତି ଯୁଗ୍ମ ସମ୍ପାଦକ ରିୟା ବିଲୁଙ୍ଗ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାଣିଜ୍ୟ ସମିତି ସମ୍ପାଦକ ଭାବେ ଅଂଶୁମାନ ଶର୍ମା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ସେହିପରି ବାଣିଜ୍ୟ ସମିତି ଯୁଗ୍ମ ସମ୍ପାଦକ ଭାବେ ବିବେକ କଚ୍ଛପ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ, ଛାତ୍ର ବିଶ୍ରାମାଗାର ସମ୍ପାଦକ ଭାବେ ଜୟଦେବ ସାମଲ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ। ଛାତ୍ର ବିଶ୍ରାମାଗାର ଯୁଗ୍ମ ସମ୍ପାଦକ ଭାବେ ଅମନ ସା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ, ଛାତ୍ରୀ ବିଶ୍ରାମାଗାର ସମ୍ପାଦିକା ଜିୟା ଅଗ୍ରୱାଲ, ଛାତ୍ରୀ ବିଶ୍ରାମାଗାର ଯୁଗ୍ମ ସମ୍ପାଦିକା ଭାବେ ସନ୍ଧ୍ୟା କୁମାରୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ, ଡେସ୍କଲାର୍ସ ଆସୋସିଏସନ୍ ସମ୍ପାଦକ ଭାବେ ମୀର ଆର୍ଯ୍ୟନ ଅଲ୍ଲୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ, ଡେ ସ୍କଲାର୍ସ ଆସୋସିଏସନ ଯୁଗ୍ମ ସମ୍ପାଦକ ଭାବେ ଅଙ୍କିତ ବଡ଼ାଇକ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

ଲହୁଣୀପଡ଼ା ଡିଗ୍ରୀ କଲେଜ

ଲହୁଣୀପଡ଼ା : ଲହୁଣୀପଡ଼ା ବ୍ଲକ ଅଧୀନସ୍ଥ ଲହୁଣୀପଡ଼ା ଡିଗ୍ରୀ କଲେଜରେ ଅନୁଷ୍ଠିତ ଛାତ୍ର ନିର୍ବାଚନରେ ସଭାପତି ଭାବେ ସୁକଲାଲ ସାମାସି ନିର୍ବାଚିତ ହୋଇଥିବା ବେଳେ କଲଚରାଲ ସମ୍ପାଦକ ସମ୍ପାଦକ ଭାବେ ପିଣ୍ଟୁ ମାହାନ୍ତ, ଉପ କଲଚରାଲ ସମ୍ପାଦକ ସୁଶିଲ ମୁଣ୍ଡା ବାଜିମାତ କରିଛନ୍ତି। ସାଧାରଣ ସମ୍ପାଦକ ଭାବେ ଅଜିତ ମୁଣ୍ଡା, ଡିଏସ୍‌ଏ ସମ୍ପାଦକ ମୁକ୍ତିକାନ୍ତ ଓରାମ ଏବଂ ଖେଳ ସମ୍ପାଦକ ସୁଶିଲ ମୁଣ୍ଡା ନିଦ୍ୱର୍ନ୍ଦ୍ୱରେ ଜିତ୍ ହାସଲ କରିଥିବା ଜଣାପଡ଼ିଛି।

ସର୍ବତୀ ଦେବୀ ମହିଳା ମହାବିଦ୍ୟାଳୟ

ଅଞ୍ଜୁ ତାନ୍ତୀ ସଭାନେତ୍ରୀ ଓ ସୁସ୍ମିତା ଟପ୍ପୋ ସାଧାରଣ ସମ୍ପାଦିକା ମନୋନୀତ

ରାଜଗାଙ୍ଗପୁର ସ୍ଥିତ ସର୍ବତୀ ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ସଂସଦ ଓ ବିଭିନ୍ନ ସଂଘ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। କଲେଜ ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରା ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ପ୍ରଫେସର ଏସ୍.କେ. ପଣ୍ଡାଙ୍କ ସ୍ୱାକ୍ଷରିତ ବିଜ୍ଞପ୍ତି ଅନୁଯାୟୀ ଯୁକ୍ତ ତିନି କଳା ଶେଷ ବର୍ଷର ଅଞ୍ଜୁ ତାନ୍ତୀ ଛାତ୍ରୀ ସଂସଦର ସଭାନେତ୍ରୀ ଭାବେ ମନୋନୀତ ହୋଇଥିବା ବେଳେ ବର୍ଷା ମେହେର ଉପସଭାନେତ୍ରୀ, ସୁସ୍ମିତା ଟପ୍ପୋ ସାଧାରଣ ସମ୍ପାଦିକା ଏବଂ ଅଖିତା ସିଂହଦେଓ ସହ-ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ପାଇଛନ୍ତି। ସେହିପରି ନାଟକ ଓ ସଙ୍ଗୀତ ସମ୍ପାଦିକା ତନୁଜା ମାଝୀ, କ୍ରୀଡ଼ା ସମ୍ପାଦିକା ବିଜୁଳି ମିଞ୍ଜ, କମନ୍ ରୁମ୍ ସମ୍ପାଦିକା ଅନିମା ପାନ୍ନା, ସମାଜସେବା (ସୋସିଆଲ୍ ଫଙ୍କସନ୍ସ) ସମ୍ପାଦିକା ପୁଷ୍ପାଞ୍ଜଳି ସିଂହ, ସାହିତ୍ୟ ସଂସଦ ସମ୍ପାଦିକା ଲାବଣ୍ୟ ବିଶ୍ୱାଳ, ମାନବିକୀ (ହ୍ୟୁମାନିଟିଜ୍) ସଂଘ ସମ୍ପାଦିକା ଜନନୀ ମିଞ୍ଜ ଏବଂ ବିଜ୍ଞାନ ପରିଷଦ ସମ୍ପାଦିକା ଭାବେ ରୀନା ମାଝୀ ନିର୍ବାଚିତ ହୋଇଥିଲେ। ସେହିପରି ଶ୍ରେଣୀ ପ୍ରତିନିଧି ଭାବେ ଜୟଶ୍ରୀ ରଣା, ସାଲିମା ସା, ଶ୍ରୁତି ଲାକ୍ରା, ହେମାନୀ ଜୟପୁରିଆ, ପ୍ରୀତି ଧୀବର ନିର୍ବାଚିତ ହୋଇଥିଲେ।

ଗଣ୍ଡଗୋଳ ଆଶଙ୍କାରେ ଯଦୁପତି ଡିଗ୍ରୀ କଲେଜ ନିର୍ବାଚନ ବାତିଲ

ବଣାଇଁଗଡ଼, ୧୫।୧୦(ସମିସ): ବଣାଇଁଗଡ଼ ଉପଖଣ୍ଡ ଶିହିଡିହାସ୍ଥିତ ଯଦୁପତି ଡିଗ୍ରୀ ମହାବିଦ୍ୟାଳୟରେ ଆଜି ଅନୁଷ୍ଠିତ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ବାତିଲ

କରାଯାଇଛି। ନିର୍ବାଚନ ସମୟରେ ଗଣ୍ଡଗୋଳ ହେବାର ଆଶଙ୍କା ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଫଳରେ ଭୋଟ୍ ଦେବାକୁ ମହାବିଦ୍ୟାଳୟକୁ ଆସିଥିବା ଅଧିକାଂଶ ଛାତ୍ରଛାତ୍ରୀ ନିରାଶ ହୋଇ କ୍ୟାମ୍ପସ୍‌ରୁ ଫେରିଥିବା ସୂଚନା ମିଳିଛି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନୋଟିସ୍ ଅନୁଯାୟୀ, ଅକ୍ଟୋବର ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ବଣାଇଁ ଉପଜିଲ୍ଲାପାଳ ତଥା ନିର୍ବାଚନ ସମ୍ପର୍କିତ କର୍ତ୍ତୃପକ୍ଷଙ୍କ ଆଦେଶକ୍ରମେ ବାତିଲ କରାଯାଇଛି। ତେବେ ନିର୍ବାଚନ ବାତିଲ ହେବା ସମ୍ପର୍କରେ ପୂର୍ବଦିନ ସନ୍ଧ୍ୟାରୁ ନୋଟିସ୍ ଜାରି ହୋଇଥିଲେ ମଧ୍ୟ ଅଧିକାଂଶ ଛାତ୍ରଛାତ୍ରୀ ଏହା ଜାଣିପାରି ନଥିବା ଅଭିଯୋଗ ହୋଇଛି। ଫଳରେ ନିର୍ଦ୍ଧାରିତ ଦିନରେ ନିର୍ବାଚନରେ ଭୋଟ୍ ଦେବା ଆଶା ନେଇ କଲେଜକୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ନିର୍ବାଚନ ବାତିଲ ନିଷ୍ପତ୍ତିକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଓ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ତେବେ ନିର୍ବାଚନ ପୁନର୍ବାର କେବେ ଅନୁଷ୍ଠିତ ହେବ, ସେ ସମ୍ପର୍କରେ ଏଯାଏଁ କୌଣସି ସୂଚନା ମିଳିନାହିଁ।

ସ୍କୁଲରେ ପଶି ୨ କ୍ୱିଣ୍ଟାଲ୍ ଚାଉଳ ଖାଇଗଲା ହାତୀ

ଲହୁଣୀପଡ଼ା, ୧୫।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ପାନପୋଷ ବନଖଣ୍ଡବାଙ୍କି ବନାଞ୍ଚଳ ଅଧୀନ ଲହୁଣୀପଡ଼ା ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ରାତିରେ ଏକ ଦନ୍ତାହାତୀ ବିଦ୍ୟାଳୟରେ ପଶି ମଧ୍ୟାହ୍ନ ଭୋଜନ ପାଇଁ ରହିଥିବା ଚାଉଳ ଗୋଦାମ ଗୃହକୁ ଭାଙ୍ଗି ଦେଇ ଚାଉଳ ଖାଇ ଯାଇଥିବା ଜଣାପଡ଼ିଛି। ହାତୀଟି ଘର ଭାଙ୍ଗିବା ସହିତ ସେଠାରେ ଗଚ୍ଛିତ ଥିବା ପ୍ରାୟ ୨ କ୍ୱିଣ୍ଟାଲ୍ ଚାଉଳ ଖାଇଦେଇଥିବା ଜଣାପଡ଼ିଛି। ଫଳରେ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଘଟଣାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିନ୍ତା ପ୍ରକାଶ କରିଛନ୍ତି। ବନ ବିଭାଗ ତରଫରୁ କ୍ଷୟକ୍ଷତିର ତଦନ୍ତ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବା ସହିତ ବିଦ୍ୟାଳୟର ସୁରକ୍ଷା ପାଇଁ ବନ ବିଭାଗ ଓ ସମ୍ପୃକ୍ତ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଲହୁଣିପଡ଼ା, ୧୫।୧୦(ସମିସ): ଲହୁଣିପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଶଙ୍ଖପୋଷ ପଞ୍ଚାୟତ ଅନ୍ତର୍ଗତ କିଶାନ ଟାଙ୍ଗରପାଲି ୟୁଜିଏଚଏସ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମାହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରମହୋନ ମାହାନ୍ତ, ସମ୍ମାନୀତ ଅତିଥି ଭାବେ ସିଆରସିସି ଆଲୋକ କୁମାର ମାହାନ୍ତ, ସାମ୍ବାଦିକ ଦାଶରଥି ପଣ୍ଡା ଏବଂ ସାମ୍ବାଦିକ ଝସକେତ ମାହାନ୍ତି ଯୋଗ ଦେଇ ଦୀପପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସର୍ଦାର ମୁଣ୍ଡାରୀ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ରେଙ୍ଗାଲବେଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳ ଲୋଚନ ମାହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହାପରେ ବରିଷ୍ଠ ଓ କନିଷ୍ଠ ଗ୍ରୁପ୍‌ରେ ବିଭିନ୍ନ ପ୍ରତିଯୋଗିତାରେ ୧୪ ଗୋଟି ବିଦ୍ୟାଳୟରୁ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କ୍ଲଷ୍ଟରସ୍ତରରେ ପ୍ରଥମ ସ୍ଥାନ ଲାଭ କରିଥିବା କୃତି ଛାତ୍ରଛାତ୍ରୀମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବ।

ସେକ୍ଟର-୬ରେ ଡକାୟତି ଯୋଜନା ପଣ୍ଡ

୩ ଗିରଫ; ମାରଣାସ୍ତ୍ର ଜବତ

ରାଉରକେଲା, ୧୫।୧୦(ସମିସ): ରାଉରକେଲା ପୁଲିସ ଜିଲ୍ଲା ଅଧୀନ ସେକ୍ଟର-୭ ଥାନା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ପୁଲିସ ଏକ ସମ୍ଭାବ୍ୟ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏସ୍.ଆଇ. ଏଲ୍. ହେମବ୍ରମ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ରାତ୍ରିକାଳୀନ ପାଟ୍ରୋଲିଂ ଡ୍ୟୁଟିରେ ଥିଲେ। ଏହି ସମୟରେ ସେକ୍ଟର-୬ ସ୍ଥିତ ଏକତା କ୍ଲବ୍ ପଡ଼ିଆ ନିକଟ ଏକ ନିଛାଟିଆ ସ୍ଥାନରେ ଥିବା ତେନ୍ତୁଳି ଗଛମୂଳେ କିଛି ସନ୍ଦିଗ୍ଧ ଅପରାଧୀ ଏକାଠି ହୋଇଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଖବର ପାଇବା କ୍ଷଣି ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ଚଢ଼ଉ କରି ତିନିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ରାହୁଲ କୁମ୍ଭାର, ଆକାଶ ହରିପାଲ ଏବଂ ମହମ୍ମଦ ସଫି ଓରଫ୍ ବିଲା। ତେବେ ଏହି ଗ୍ୟାଙ୍ଗରେ ସାମିଲଥିବା ଅନ୍ୟ ଦୁଇଜଣ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଥିଲେ। ଘଟଣାସ୍ଥଳରୁ ପୁଲିସ ଏକ ଖଣ୍ଡା, ଏକ ଭୁଜାଲି, ତାଲା ଭାଙ୍ଗିବାରେ ବ୍ୟବହୃତ ସାବଳ, ଏକ ପ୍ଲାୟାର୍, ଲଙ୍କାଗୁଣ୍ଡ ପ୍ୟାକେଟ୍ ଏବଂ ଗୋଟିଏ ଟର୍ଚ୍ଚ ଲାଇଟ୍ ଆଦି ସାମଗ୍ରୀ ଜବତ କରିଛି। ଦୁର୍ବୃତ୍ତମାନେ ସେକ୍ଟର-୭ ଥାନା ଅଞ୍ଚଳର କୌଣସି ଘରେ ଡକାୟତି କରିବା ଉଦ୍ଦେଶ୍ୟରେ ମାରଣାସ୍ତ୍ର ସହ ଏକାଠି ହୋଇଥିବା ସୂଚନା ମିଳିଛି। ପାଟ୍ରୋଲିଂ ଟିମର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବଡ଼ଧରଣର ଅପରାଧ ଘଟିବାରୁ ରକ୍ଷା ପାଇଯାଇଛି। ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ, ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଅନ୍ୟ ଦୁଇ ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି।

ମୁଢ଼ି ମିକ୍ସଚର ଦୋକାନରେ ଛୁରାମାଡ଼; ଅଭିଯୁକ୍ତ ଗିରଫ

ରାଉରକେଲା, ୧୫।୧୦ (ସମିସ): ରାଉରକେଲା ମାଲଗୋଦାମ ଅଞ୍ଚଳରେ ଥିବା ଏକ ମୁଢ଼ି ମିକ୍ସଚର ଦୋକାନରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ପେଟକୁ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଯୁବକଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ଅଧିକ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ୧୪ ତାରିଖ ରାତି ପ୍ରାୟ ୮ଟାରେ ମାଲଗୋଦାମ ୱାର୍ଡ ନଂ ୯ରେ ବାସ କରୁଥିବା ଶିବ ସାହୁ ନାମକ ଜଣେ ବ୍ୟକ୍ତି ପାସ୍କାଲ ଟେଟେଙ୍କ ଦୋକାନକୁ ମୁଢ଼ି ମିକ୍ସଚର କିଣିବା ପାଇଁ ଯାଇଥିଲେ। ତେବେ ଏତିକିବେଳେ ଉଭୟଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏହି ବିବାଦ ଉଗ୍ରରୂପ ନେଇ ହାତାହାତିରେ ପରିଣତ ହୋଇଥିଲା। ଏହି ସମୟରେ ପାସ୍କାଲ ଟେଟେ ଏକ ଛୁରୀରେ ଶିବ ସାହୁଙ୍କ ପେଟକୁ ମରଣାନ୍ତକ ଆକ୍ରମଣ କରିଥିଲା। ଛୁରାମାଡ଼ ଫଳରେ ଶିବ ରକ୍ତ ଜୁଡ଼ୁବୁଡ଼ୁ ହୋଇ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ। ସ୍ଥାନୀୟଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଏକ ଘରୋଇ ହସ୍ପିଟାଲକୁ ରେଫର କରାଯାଇଥିଲା। ଘଟଣା ସମ୍ପର୍କରେ ସେହିଦିନ ରାତି ପ୍ରାୟ ୧୧ଟା ୪୫ରେ ପୀଡ଼ିତଙ୍କ ଶଳା ତଥା ମାଲଗୋଦାମ ୱାର୍ଡ ନଂ ୯ର ବାସିନ୍ଦା ଦୀନବନ୍ଧୁ ସାହୁଙ୍କ ପୁଅ ସିଣ୍ଟୁ ସାହୁ ଉଦିତନଗର ଥାନାରେ ପହଞ୍ଚି ଏନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଏଥିସହିତ ଆକ୍ରମଣରେ ବ୍ୟବହୃତ ରକ୍ତଛିଟ ଲାଗିଥିବା ଛୁରୀକୁ ମଧ୍ୟ ପୁଲିସ ଜବତ କରିଛି। ଅଭିଯୁକ୍ତ ଯୁବକ ସମ୍ବଲପୁର ଜିଲ୍ଲା ଲରିଆପାଲି ଗଳିଝୁମ୍ପା ନିବାସୀ ଫ୍ରାନ୍ସିସ୍ ଟେଟେଙ୍କ ୨୨ ବର୍ଷୀୟ ପୁଅ ପାସ୍କାଲ ଟେଟେ ବୋଲି ଚିହ୍ନଟ ହୋଇଛି। ଘଟଣାକୁ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ମିଠା ଦୋକାନ ଉପରେ ଆରଏମସି ଚଢ଼ଉ

୨ ହୋଟେଲ ସିଲ୍, ବିପୁଳ ମିଠା, ସ୍ନାକ୍ସ ନଷ୍ଟକଲା ଟିମ୍

ରାଉରକେଲା, ୧୫।୧୦(ସମିସ)

ଆଗାମୀ ଦୁର୍ଗାପୂଜା ଉତ୍ସବକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ସୁରକ୍ଷା ତଥା ଖାଦ୍ୟ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ରାଉରକେଲା ମହାନଗର ନିଗମର ଖାଦ୍ୟ ନିରାପତ୍ତା ବିଭାଗ ସହରର ବିଭିନ୍ନ ମିଠା ଦୋକାନଗୁଡ଼ିକ ଉପରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଏହି ସ୍ୱତନ୍ତ୍ର ଅଭିଯାନ ଅଧୀନରେ ଗୁରୁବାର ଅଧିକାରୀମାନେ କୋଏଲ ନଗରସ୍ଥିତ 'ମେସର୍ସ ଗଙ୍ଗୁରାମ ସୁଇଟ୍ସ' ଏବଂ ସେକ୍ଟର-୧୯ ସ୍ଥିତ 'ମେସର୍ସ ଓମ୍‌ସାଇ ସୁଇଟ୍ସ ଆଣ୍ଡ ସ୍ନାକ୍ସ' ଉପରେ ଚଢ଼ଉ କରିଥିଲେ। ଯାଞ୍ଚ ସମୟରେ ବିକ୍ରି ପାଇଁ ଅନୁପଯୁକ୍ତ ଥିବା ପ୍ରାୟ ୪୫ କିଲୋଗ୍ରାମ ମିଠା ଏବଂ ସ୍ନାକ୍ସ ଜବତ କରି ନଷ୍ଟ କରାଯାଇଛି। ଏହା ସହିତ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରି କରାଯାଉଥିବା ଦେଖି ଅଧିକାରୀମାନେ ଉକ୍ତ ଦୁଇଟି ପ୍ରତିଷ୍ଠାନକୁ ସାମୟିକ ଭାବେ ବନ୍ଦ (ସିଲ୍) କରିଦେଇଛନ୍ତି। ଖାଦ୍ୟ ନିରାପତ୍ତା ମାନଦଣ୍ଡ ଅନୁଯାୟୀ ଏହାର ଗୁଣବତ୍ତା ପରୀକ୍ଷଣ ପାଇଁ ଉକ୍ତ ଦୋକାନଗୁଡ଼ିକରୁ ନମୁନା ସଂଗ୍ରହ କରାଯାଇ ଲ୍ୟାବୋରେଟୋରୀକୁ ପଠାଯାଇଛି। ବିଭାଗୀୟ ସୂଚନା ଅନୁସାରେ, ସ୍ୱଚ୍ଛତା, ପରିମଳ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟକର ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏହି ଦୁଇଟି ପ୍ରତିଷ୍ଠାନକୁ ପୂର୍ବରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ସେମାନଙ୍କ ଉପରେ ଜରିମାନା ଲାଗୁ କରାଯିବା ସହ ଖାଦ୍ୟ ନିରାପତ୍ତା ନିୟମାବଳୀ ପାଳନ କରିବା ପାଇଁ ନୋଟିସ୍ ମଧ୍ୟ ଜାରି ହୋଇଥିଲା। ତଥାପି, ବାରମ୍ବାର ଚେତାବନୀ ଓ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ପରିମଳ ବ୍ୟବସ୍ଥାରେ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ନ ଦେଖିବାରୁ ବିଭାଗ ପକ୍ଷରୁ ପୁଣିଥରେ ଯାଞ୍ଚ କରାଯାଇ ଉଭୟ ଦୋକାନକୁ ସାମୟିକ ଭାବେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାର୍ବଣ ଋତୁରେ ସହରବାସୀ ଯେପରି ବିଶୁଦ୍ଧ ଓ ସ୍ୱାସ୍ଥ୍ୟକର ଖାଦ୍ୟ ପାଇପାରିବେ, ତାହା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୌର ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହିତ ସମସ୍ତ ଖାଦ୍ୟ ବ୍ୟବସାୟୀଙ୍କୁ ନିର୍ଦ୍ଧାରିତ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଏହି କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ କଡ଼ା ଚେତାବନୀ ଦିଆଯାଇଛି। ଉପଭୋକ୍ତାମାନଙ୍କୁ ବିଷାକ୍ତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟରୁ ରକ୍ଷା କରିବା ତଥା ସହରର ସମସ୍ତ ହୋଟେଲ ଓ ରେସ୍ତୋରାଁରେ ଉପଯୁକ୍ତ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆଗକୁ ମଧ୍ୟ ଏହି ଯାଞ୍ଚ ଓ ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ଆରଏମସିର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଇଛି।

ଜିତିଲେ ଛାତ୍ର ନେତା; ସମର୍ଥକ ପାଳିଲେ ବିଜୟ ଉତ୍ସବ

ବିଜୁ ଛାତ୍ର ଜନତାଦଳ ପ୍ରାର୍ଥୀଙ୍କ ବାଜିମାତ୍

ଜୟପାଟଣା, ୧୫ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବିପୁଳ ସଫଳତା ହାସଲ କରିଛନ୍ତି। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ମଇଦାନକୁ ଓହ୍ଲାଇଥିବା ବିଜେଡିର ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ପୂର୍ଣ୍ଣ ସମର୍ଥନ ଯୋଗୁଁ କଲେଜ କ୍ୟାମ୍ପସରେ ଦଳୀୟ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସଭାପତି ପଦ ପାଇଁ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ଅସୀମ ସାଗର ଏବିଭିପି ସମର୍ଥିତ ପ୍ରାର୍ଥୀ ପୁଷ୍ପାଞ୍ଜଳି ଦୁର୍ଗାଙ୍କୁ ପରାସ୍ତକରି ବିଜୟୀ ହୋଇଛନ୍ତି। ଉପ-ସଭାପତିରେ ପୂର୍ଣ୍ଣଚନ୍ଦ୍ର ବାଗ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ଯଶୋଦା ହରିଜନ ପ୍ରତିଦ୍ୱନ୍ଦ୍ୱିତାରେ ସିଦ୍ଧାନ୍ତ ଦେହୁରୀଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ସାଂସ୍କୃତିକ ସମ୍ପାଦକ ହେମାଙ୍ଗିନି ନାଏକ, କ୍ରୀଡ଼ା ସମ୍ପାଦକରେ ଧନୁର୍ଜୟ ପୁଝାରି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି।

ସମସ୍ତ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ

ଖଡ଼ିଆଳ : ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷିତ ହୋଇଛି। ଏଥିରେ ସଭାପତି ଭାବେ ସିଫା ବେଗମ, ଉପସଭାପତି ଭାବେ ରଞ୍ଜିତା ମାଝୀ ଏବଂ ସାଧାରଣ ସମ୍ପାଦକ ଭାବେ ଗଜେନ୍ଦ୍ର କୁମାର ଗହୀର ବିଜୟୀ ହୋଇଛନ୍ତି। ସମସ୍ତ ବିଜୟୀ ପ୍ରାର୍ଥୀ ବିଜେଡି ସମର୍ଥିତ ବୋଲି ଜଣାପଡ଼ିଛି। ସଭାପତି ପଦ ପାଇଁ ସିଫା ବେଗମ ୭୮୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଲିପିକା ପୋଡ ୪୯୨ ଏବଂ ମହେଶ୍ୱର ବାଗ ୨୭ ଖଣ୍ଡ ଭୋଟ ପାଇଥିଲେ। ସିଫା ବେଗମ ୨୯୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି ପଦରେ ରଞ୍ଜିତା ମାଝୀ ୮୭୧ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଜୁଲି ଭୋଇ ୪୩୨ ଖଣ୍ଡ ଭୋଟ ପାଇଥିଲେ। ରଞ୍ଜିତା ୪୩୯ ଖଣ୍ଡ ଭୋଟରେ ବିଜୟ ହାସଲ କରିଛନ୍ତି। ସାଧାରଣ ସମ୍ପାଦକ ପଦରେ ଗଜେନ୍ଦ୍ର କୁମାର ଗହୀର ୯୪୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମନୋରଞ୍ଜନ ବିଶ୍ୱାଳ ୩୦୧ ଖଣ୍ଡ ଭୋଟପାଇଥିଲେ। ଗଜେନ୍ଦ୍ର ୬୪୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ, ଡ୍ରାମାଟିକ୍ ସହସମ୍ପାଦକ ପଦରେ ଦିବ୍ୟଂଶିନୀ ସୁନାନୀ ୭୭୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଲୀଳାବତୀ ପୋଡ଼ ୫୦୨ ଖଣ୍ଡ ଭୋଟ ପାଇଥିଲେ। ଦିବ୍ୟଂଶିନୀ ୨୭୬ ଖଣ୍ଡ ଭୋଟରେ ବିଜୟୀ ହୋଇଥିବା ସୂଚନା ମିଳିଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା।

ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ

ଜୁନାଗଡ଼ : ସ୍ଥାନୀୟ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ବାଜିମାତ୍ କରିଛି। ମହାବିଦ୍ୟାଳୟର ମୋଟ ୫୯୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୩୮ ଜଣ ମତାଧିକାର ସାବ୍ୟସ୍ତ କରିଥିଲେ। ଫଳାଫଳ ଅନୁଯାୟୀ, ସଭାପତି ପଦରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ଇନ୍ଦ୍ରଶିଷ

ବେହେରା ୩୪୬ ଭୋଟପାଇ ବିଜୟୀ ହୋଇଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜୋଗୀନ୍ଦ୍ର ଦଳପତି ୧୮୪ ଭୋଟ ପାଇଥିଲେ। ଏହି ପଦରେ ୮ଟି ଭୋଟ ନାକଚ ହୋଇଛି। ଉପ-ସଭାପତି ପଦରେ ଅଞ୍ଜଳି ନାୟକ ୩୩୮ ଭୋଟ ପାଇ ନିର୍ବାଚିତ ହୋଇଥିବାବେଳେ ତପସ୍ୱିନୀ ଦୁର୍ଗା ୧୯୧ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦରେ ଅମିତ ବାଗ ୨୪୫ ଭୋଟପାଇ ବିଜୟ ହାସଲ କରିଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗଣେଶ ସାହୁ ୨୦୬ ଭୋଟ ଓ ଅବନିକାନ୍ତ ଛତ୍ରପାଳ ୭୬ ଭୋଟପାଇଥିଲେ (୧୧ଟି ଭୋଟ ବାତିଲ)।

କ୍ଷମା ମେହେର ଡିଗ୍ରୀ କଲେଜ; ୪ ପଦରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ

ଖଡ଼ିଆଳ: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲାସ୍ଥିତ କ୍ଷମା ମେହେର ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଦାଖଲ ହୋଇଥିବା ନାମାଙ୍କନ ପତ୍ର ଯାଞ୍ଚ ପରେ ୪ଟି ପଦରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ୫ଟି ପଦ ପାଇଁ ୫ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାବେଳେ ସାଧାରଣ ସମ୍ପାଦକ ପଦ ପାଇଁ ଦାଖଲ ହୋଇଥିବା ନାମାଙ୍କନ ପତ୍ର ରଦ୍ଦ ହୋଇଥିବା ଜଣାପଡ଼ିଛି। କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ମିଶ୍ରଙ୍କ ସୂଚନା ଅନୁଯାୟୀ, ସଭାପତି ଭାବେ ସୌଦାଗର ତାଣ୍ଡି, ଉପସଭାପତି ଭାବେ ରୋହନ ତାଣ୍ଡି, ସାଧାରଣ ସମ୍ପାଦକ ଭାବେ ସୁମନ ତାଣ୍ଡି ଏବଂ ସାଂସ୍କୃତିକ ସମ୍ପାଦକ ଭାବେ ଧରିତ୍ରୀ ମେହେର ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ବିଜୟୀ ପ୍ରାର୍ଥୀମାନଙ୍କୁ ଯୁବ କଂଗ୍ରେସ କମିଟି ପକ୍ଷରୁ ସମର୍ଥନ ମିଳିଥିବା ବେଳେ ଅଭିଷେକ ଜଗତ ଓ କଂଗ୍ରେସ କର୍ମୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ବିଜୟ ପରେ ସମର୍ଥକଙ୍କ ସହ ବିଜୟୀ ପ୍ରାର୍ଥୀମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ।

ସିନାପାଲି କଲେଜ; ସଭାପତି ସଚିନ୍ଦ୍ର କାଣ୍ଡ, ସାଧାରଣ ସମ୍ପାଦକ ଶୁଭେନ୍ଦୁ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ସିନାପାଲି କଲେଜର ଛାତ୍ର ସଂସଦ ନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି। ସଭାପତି ଭାବେ ସଚିନ୍ଦ୍ର କାଣ୍ଡ ଏବଂ ସାଧାରଣ ସମ୍ପାଦକ ଭାବେ ଶୁଭେନ୍ଦୁ ମେହେର ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ରୁବି ମେହେର, ସାଂସ୍କୃତିକ ସମ୍ପାଦକ ଭାବେ ବରୁଣୀ ସୁନାନୀ ଏବଂ କ୍ରୀଡ଼ା ସମ୍ପାଦକ ଭାବେ ଭୁପେନ୍ଦ୍ର ସିଂ ବାରିକ ମନୋନୀତ ହୋଇଛନ୍ତି। ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ କୌଣସି ପ୍ରାର୍ଥୀ ଆବେଦନ କରିନଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ମନୋନୀତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚିନ୍ଦ୍ର କାଣ୍ଡ କଳା ବିଭାଗର ତୃତୀୟ ବର୍ଷ, ରୁବି ମେହେର ବିଜ୍ଞାନ ବିଭାଗର ପ୍ରଥମ ବର୍ଷ, ଶୁଭେନ୍ଦୁ ମେହେର ବିଜ୍ଞାନ ବିଭାଗର ପ୍ରଥମ ବର୍ଷ, ବରୁଣୀ ସୁନାନୀ କଳା ବିଭାଗର ଦ୍ୱିତୀୟ ବର୍ଷ ଏବଂ ଭୁପେନ୍ଦ୍ର ସିଂ ବାରିକ କଳା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ

ନୂଆପଡ଼ା : ନୂଆପଡ଼ା ଜିଲ୍ଲାର ବୋଡ଼େନ ସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦର ନିର୍ବାଚନର ମନୋନୀତ ପଦାଧିକାରୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ରଶ୍ମିତା ପାଣ୍ଡେ ଛାତ୍ର ସଂସଦର ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ମଙ୍ଗଳ ମାଝୀ ଉପସଭାପତି, ମୁକେଶ ରଣା ସାଧାରଣ ସମ୍ପାଦକ ଏବଂ ଆରତୀ ହାତୀ ସହକାରୀ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଗଜବାହିନୀ ମାଝୀ ସାଂସ୍କୃତିକ ସମ୍ପାଦକ, ପ୍ରିୟଙ୍କା ଛତ୍ରିଆ ନାଟ୍ୟ ସମ୍ପାଦକ ଏବଂ ଖେଶରୀ ଦାସ ସହକାରୀ ନାଟ୍ୟ ସମ୍ପାଦକ ଦାୟିତ୍ୱ ତୁଲାଇବେ। ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ସପନା ସା କ୍ରୀଡ଼ା ସମ୍ପାଦକ, ସାକ୍ଷୀ ରାଉତ ସହକାରୀ କ୍ରୀଡ଼ା ସମ୍ପାଦକ ଏବଂ ତେଜମାନ ବାଗ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

କୋମନା ପଞ୍ଚାୟତ ସମିତି ଡିଗ୍ରୀ କଲେଜ
ସଭାପତି ବିମଳ ସାହୁ, ଉପସଭାପତି ବିଜୟ ବାଗ

କୋମନା : ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଛାତ୍ର ସଂସଦ ନିର୍ବାଚନରେ ସଭାପତି ଭାବେ ବିମଳ କୁମାର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଭୋଟଗଣତି ତଥ୍ୟ ଅନୁଯାୟୀ, ଉପସଭାପତି ପଦରେ ବିଜୟ କୁମାର ବାଗ, ସାଧାରଣ ସମ୍ପାଦକ ପଦରେ ଜସ୍ମିନ ସାହୁ ଏବଂ କ୍ରୀଡ଼ା ସମ୍ପାଦକ ପଦରେ ଦୁଷ୍ମନ୍ତ ସାହୁ ବିଜୟୀ ହୋଇଛନ୍ତି। ଉପସଭାପତି ପଦ ପାଇଁ ବିଜୟ କୁମାର ବାଗ ୨୩୬ ଖଣ୍ଡ ଭୋଟ ପାଇଥିବା ବେଳେ କବିରାଜ ଭୋଇ ୧୧୩ ଖଣ୍ଡ ଭୋଟ ପାଇଛନ୍ତି। ଏହି ପଦରେ ବିଜୟ କୁମାର ବାଗ ୧୨୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦ ପାଇଁ ଜସ୍ମିନ ସାହୁ ୧୪୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଅନ୍ୟ ପ୍ରାର୍ଥୀ ବିଦ୍ୟୁସ୍ମିତା ଜଗତ ୧୦୭ ଖଣ୍ଡ ଏବଂ ଶିବରାମ ରଣା ୧୦୦ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କ୍ରୀଡ଼ା ସମ୍ପାଦକ ପଦରେ ଦୁଷ୍ମନ୍ତ ସାହୁ ୧୯୧ ଖଣ୍ଡ ଭୋଟ ପାଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନିରଞ୍ଜନ ନାଗ ୧୩୬ ଖଣ୍ଡ ଏବଂ ନିତୁ ପ୍ରଧାନ ୩୨ ଖଣ୍ଡ ଭୋଟ ପାଇଛନ୍ତି।

ଶ୍ରମ ବିଭାଗର ଚଢ଼ଉ ଓ ଉଦ୍ଧାର ଅଭିଯାନ; ଶିଶୁ ଶ୍ରମିକ ଉଦ୍ଧାର

ଭବାନୀପାଟଣା, ୧୫ ।୧୦(ସମିସ): କଳାହାଣ୍ଡି ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ ଜିଲ୍ଲା ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତକାଲି ଭବାନୀପାଟଣା ସଦର ଅଞ୍ଚଳରେ ଚଢ଼ଉ ଓ ଉଦ୍ଧାର ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ଶ୍ରମ ବିଭାଗର ଜିତମ ମାଝୀ, ସହକାରୀ ଶ୍ରମ ଅଧିକାରୀ ଭବାନୀପାଟଣାଙ୍କ ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ପୁଲିସ, ଚାଇଲ୍ଡଲାଇନ୍ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଅଭିଯାନ ସମୟରେ ବିଭିନ୍ନ ପ୍ରତିଷ୍ଠାନର ମାଲିକ ଓ ଶ୍ରମିକମାନଙ୍କୁ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା। ଚଢ଼ଉ ସମୟରେ ଜଣେ ଶିଶୁ ଶ୍ରମିକ ଓ ଜଣେ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ପରବର୍ତ୍ତୀ ଆଇନଗତ ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ଉଭୟଙ୍କୁ କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ ସମିତି (ଉଡଉ) ନିକଟରେ ଉପସ୍ଥାପନ କରାଯାଇଥିଲା।

ସାଇନିଂ କିଡ୍ସ ୱାର୍ଲ୍ଡରେ ବିଜ୍ଞାନ ପ୍ରଦର୍ଶନୀ

ଜୁନାଗଡ଼, ୧୫ ।୧୦(ସମିସ): ଜୁନାଗଡ଼ ବେଦପ୍ରକାଶ ଗୋଏଲ କମ୍ପ୍ଲେକ୍ସସ୍ଥିତ ଶାଇନିଂ କିଡ୍ସ ୱାର୍ଲ୍ଡରେ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ. ଅବଦୁଲ କଲାମଙ୍କ ପ୍ରେରଣାରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ପ୍ରଥମରୁ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀ ୧୨୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷକ ପ୍ରିୟଦର୍ଶୀ ରଞ୍ଜନଙ୍କ ନେତୃତ୍ୱରେ ପ୍ରସ୍ତୁତ ରୋବୋଟିକ୍ସ ପ୍ରକଳ୍ପ ମୁଖ୍ୟ ଆକର୍ଷଣ ସାଜିଥିଲା। ମୁଖ୍ୟ ଅତିଥି ଭାବେ ସୁଧୀର ମେହେର, ବିଚାରକ ଭାବେ ଦୀପକ ଶର୍ମା ଓ ମୁଖ୍ୟବକ୍ତା ଭାବେ ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ। ପରିଚାଳକ ଡ. ପ୍ରବୀର ଗୋଏଲ ଏ. ଆଇ ଓ ରୋବୋଟିକ୍ସର ଗୁରୁତ୍ୱ ବୁଝାଇଥିଲେ। ଅଧ୍ୟକ୍ଷ ସୁଶାନ୍ତ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମକୁ ସଞ୍ଜନା ଯୋଶୀ ଓ ଶାଶ୍ୱତୀ ସାହୁ ପରିଚାଳନା କରିଥିବାବେଳେ ବିପ୍ଳବ ନାଏକ ଧନ୍ୟବାଦ ଦେଇଥିଲେ।

ଗଞ୍ଜେଇ ଜବତ; ୫ କୋର୍ଟ ଚାଲାଣ

ନୂଆପଡ଼ା, ୧୫ ।୧୦(ସମିସ): ନୂଆପଡ଼ା ଜିଲ୍ଲା ଜୋଙ୍କ ପୁଲିସ ଗଞ୍ଜେଇ ଜବତ କରିବାସହ ୫ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଛତିଶଗଡ଼ ରାଜ୍ୟକୁ ଚାଲାଣବେଳେ ଜୋଙ୍କ ପୁଲିସ କୌଣସିସୂତ୍ରରୁ ଖବରପାଇ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ପ୍ରଭାକର ନାୟକ ଓ ଜ୍ଞାନ ରଞ୍ଜନ ସେନାପତିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉକରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି। ନୂଆପଡ଼ା ସଦରସ୍ଥିତ ଗୋତମା ଛକ ନିକଟରେ ଚଢ଼ଉ କରି ଛତିଶଗଡ଼ ରାଜ୍ୟ ବିଳାସପୁର ଜିଲ୍ଲାର ରଜିକ ଖାନ ଓରଫ ସାଇଯାଦ ଖାନ ଓରଫ ହୁସେନ (୩୬) ଯିଏକି ଖରୀଆର ରୋଡ ସ୍ଥିତ ୱାର୍ଡ ନଂ ୪ରେ ରହୁଛି। ସେହିପରି ରାୟପୁର ଜିଲ୍ଲା କବିର ନଗର ସ୍ଥିତ ବାଲ୍ମିକୀ ନଗରର ଶନି ତାଣ୍ଡି (୨୮) ଓ ନରେନ୍ଦ୍ର ଜଗତ (୨୫) ହୋଇଥିବାବେଳେ ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ଅଧିନ ଭଇଁସାଟାଲ ଗ୍ରାମର ପଙ୍କଜ ସାହୁ (୨୪), ଅନ୍ୟ ଜଣେ ଖଡିଆଳ ଥାନା ଅଧୀନ କେନ୍ଦୁପାଟି ଗ୍ରାମର ଗୋପାଳ ବାଗ (୨୬) ବୋଲି ଜଣାପଡ଼ିଛି। ଏମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବାବେଳେ ସେମାନଙ୍କ ଠାରୁ ୨୫ କିଲୋ ୯୯୬ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ଜୋଙ୍କ ଥାନାରେ କେସ ନଂ ୩୮୨/୨୬ ଅନୁସାରେ ମାମଲା ରୁଜୁ କରାଯାଇଛି।

କମର୍ଦ୍ଦା ପଞ୍ଚାୟତରେ ଅନିୟମିତତା ଅଭିଯୋଗ; କାର୍ଯ୍ୟାଳୟ ସାମ୍ନାରେ ହୋହଲ୍ଲା

ଲାଞ୍ଜିଗଡ଼, ୧୫ ।୧୦(ସମିସ): ଲାଞ୍ଜିଗଡ଼ ବ୍ଲକ କମର୍ଦ୍ଦା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟରେ ହୋହଲ୍ଲା କରିଛନ୍ତି ଲୋକେ। ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଅବହେଳା ସହିତ ବିଭିନ୍ନ ଗାଁରେ ରାସ୍ତାଘାଟ ନିର୍ମାଣ, କେନାଲ ଖନନ, ପିଇବା ପାଣି ଯୋଗାଣରେ ସମସ୍ୟାକୁ ନେଇ ଲୋକେ ହୋହଲ୍ଲା କରିବା ସହ ତାଲା ପକାଇଦେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନା ପାଇ ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀମୋହନ ପିଡ଼ିକା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ସେହିପରି ଘଟଣାସ୍ଥଳରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ନାୟକ ପହଞ୍ଚି ଅଭିଯୋଗକାରୀଙ୍କ ସହିତ ଆଲୋଚନା କରିଥିଲେ। ଅପରପକ୍ଷରେ ସରପଞ୍ଚ ସୁଶୀଳା ନାଏକ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିବା ସହିତ କହିଛନ୍ତି, ଲୋକଙ୍କ ସମର୍ଥନରେ ମୁଁ ଚାରିଥର ସରପଞ୍ଚ ହେଲିଣି। ମୁଁ ଜଣେ ଆଦିବାସୀ ମହିଳା ହୋଇଥିବାରୁ ମୋତେ ସହି ନପାରି କିଛି ଲୋକ ବଦନାମ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି।

ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କଲେ ଜିଲ୍ଲାପାଳ

ଖଡ଼ିଆଳ, ୧୫ ।୧୦(ସମିସ): ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନୂଆପଡ଼ା ଜିଲ୍ଲାପାଳ ଅନ୍ୟା ଦାସ ଗୁରୁବାର ଖଡ଼ିଆଳ ବ୍ଲକର ବିଭିନ୍ନ ଅଞ୍ଚଳଗସ୍ତ କରି ସ୍ଥାନୀୟ ବିକାଶମୂଳକ କାର୍ଯ୍ୟ ଓ ଜନସେବା ସମ୍ପର୍କିତ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଖୁଦପେଜ ପଞ୍ଚାୟତର ନୂତନବଜାର ପରିଦର୍ଶନ କରିବା ସହ ୬ ଏକର ଜମିରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇ ସୃଷ୍ଟି କରାଯାଇଥିବା 'ଅକ୍ସିଜେନ ବ୍ୟାଙ୍କ' ବୁଲି ଦେଖିଥିଲେ। ଏହି ସମୟରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଓ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଓ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳ ଭୋଜପୁରଠାରେ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହାପରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ସମେତ ବ୍ଲକର ଅନ୍ୟାନ୍ୟସ୍ଥାନ ଗସ୍ତକରି ସ୍ଥିତି ପରଖିଥିଲେ।

କେସିଙ୍ଗାରେ ତୃତୀୟ ଅଭିଭାବକ-ଶିକ୍ଷକ ଓ ଏସ୍ଏମ୍ସି ବୈଠକ

କେସିଙ୍ଗା, ୧୫ ।୧୦(ସମିସ): କେସିଙ୍ଗାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆଜି ତୃତୀୟ ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି) ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଶିକ୍ଷା ବିଭାଗର ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡି ହେମସାଗର ମହାନନ୍ଦ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରୋହିତ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶିବ ପ୍ରସାଦ ସାହୁ ଓ ଉପାଧ୍ୟକ୍ଷା ସବିତା ସାହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଜି. କ୍ରିଷ୍ଣା ରେଡ୍ଡୀ ସଂଯୋଜନା କରିଥଲେ। ଶିକ୍ଷକ ଅର୍ତ୍ତତ୍ରାଣ ଷଡ଼ଙ୍ଗୀ, ନିପେନ୍ଦ୍ର ବାଗ, ମୋନାଲିସା ନାୟକ, କୁନା ସେଠୀ, ସୁଶାନ୍ତ କୁମାର ମେହେର, ହରିପ୍ରିୟା ରାୟ, ଅନୁରାଧା ସାହା, ମାନସୀ ନାୟକ, କହ୍ନେଇଲାଲ ସାହୁ ଓ ରାହୁଲ ମାଝୀ ସହଯୋଗ କରିଥିଲେ।

ଆମପାଣି ବୁଢ଼ାରଜା ମନ୍ଦିରରେ ପ୍ଲାଷ୍ଟିକ୍ ନିଷେଧ

କୋକସରା, ୧୫ ।୧୦ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଠାରେ ବୁଢ଼ାରଜାଙ୍କ ପୀଠରୁ ଗୁରୁବାର ପ୍ରଶାସନ ପକ୍ଷରୁ 'ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ'ର ଶୁଭାରମ୍ଭ ହୋଇଛି। ଏନେଇ ବୁଢ଼ାରଜା ମନ୍ଦିର ପରିସରରେ ବିଡିଓ ଡ. ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ଅଭିଯାନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ସମସ୍ତ ମନ୍ଦିର ଓ ମଠକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଏସିଡି ଅମୂଲ୍ୟ ବଉଳ ଓ ଆମପାଣି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତାମତ ରଖିଥିଲେ। ବୈଠକରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରଶାସନର ଏହି ନିୟମକୁ କାର୍ଯ୍ୟକାରୀ କରାଯିବା ନେଇ ସହମତି ପ୍ରକାଶ ପାଇବା ସହ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଆଲୋଚନା ପରେ ମନ୍ଦିର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ସେଠାରେ ପଡ଼ି ରହିଥିବା ବିଭିନ୍ନ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫା କରାଯାଇଥିଲା। ମୁଖ୍ୟପୂଜକ ଫକୀର ପୁଝାରୀ, ସନ୍ତୋଷ ମାଝୀ, ଜିତେନ୍ଦ୍ର ପଣ୍ଡା, ଟିକିଚନ୍ଦ୍ର ଧଙ୍ଗଡ଼ାମାଝୀ, ତିଳୋତ୍ତମା ନାଏକ, ବିଘ୍ନେଶ୍ୱର ନାଏକ, କୁମୁଦ ପୁଝାରୀ, ତ୍ରିନାଥ ପ୍ରଶ୍ନ ରାୟ, ପ୍ରଶାନ୍ତ ମୁନି, ସୁରେଶ ଚନ୍ଦ୍ର ସାହୁ, ମନୋରଞ୍ଜନ ବାଣୁଆ, ଦୟାନିଧି ନାଏକ, ବିନୋଦ ସିଂ, ନିତ୍ୟାନନ୍ଦ ମାଝୀ ପ୍ରମୁଖଙ୍କ ସମେତ ବହୁ ସ୍ଥାନୀୟ ଲୋକ ଓ ଭକ୍ତ ଉପସ୍ଥିତ ଥିଲେ।

ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ

ଆରିୟା ନାୟକ ସଭାନେତ୍ରୀ, ଓମକାର ସମ୍ପାଦକ

ଭବାନୀପାଟଣା, ୧୫ ।୧୦(ସମିସ)

ଭବାନୀପାଟଣା ସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ଏବିଭିପିର ପ୍ରାର୍ଥୀଙ୍କ ବିଜୟ ହୋଇଛି। ସଭାପତି, ଉପସଭାପତି ଓ ସମ୍ପାଦକ ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ପଦରେ ବିଜୟୀ ହାସଲ କରିଛି ଏବିଭିପି। ଏବିଭିପିର ସଭାନେତ୍ରୀ ପ୍ରାର୍ଥୀ ଆରିୟା ନାୟକ ଅର୍ପିତା ପ୍ରିୟଦର୍ଶିନୀ ସାହୁଙ୍କୁ ୫୯ଟି ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ଆରିୟା ୯୪୬ ଖଣ୍ଡ ଭୋଟ ମିଳିଥିବାବେଳେ ଅର୍ପିତାକୁ ୮୮୭ ଖଣ୍ଡ ଭୋଟ ମିଳିଥିଲା। ସେହିପରି ଉପସଭାପତି ଭାବେ ଏବିଭିପିର ଭୋଜରାଜ ସାହୁ ଉମାକାନ୍ତ ନିଆଲକୁ ୧୧୯ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି। ସମ୍ପାଦକ ଭାବେ ମଧ୍ୟ ଏବିଭିପିର ଓମକାର ଦଣ୍ଡସେନା ପ୍ରତ୍ୟାଶା ପଟ୍ଟନାୟକଙ୍କୁ ୮୨ ଖଣ୍ଡ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି। ଏନେଇ ବିଶ୍ୱ ବିଦ୍ୟାଳୟ କୁଳପତି ଡ଼. ପବନ ଅଗ୍ରୱାଲ ସୂଚନା ଦେଇଛନ୍ତି।

ସକାଳ
THE SAKALA

ସମ୍ପାଦକୀୟ

ଗଣତନ୍ତ୍ରରେ ଏକ ଦୃଢ଼ ବିରୋଧୀ ଦଳ ଅପରିହାର୍ଯ୍ୟ।
-ନବୀନ ପଟ୍ଟନାୟକ

ସ୍ଥିତପ୍ରଜ୍ଞ ଶାସକ

ନବୀନ ପଟ୍ଟନାୟକ - ରାଜ୍ୟ ଓ ଜାତୀୟ ରାଜନୀତିରେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ତାଙ୍କର ବିଗତ ୨୪ ବର୍ଷର ନିରଙ୍କୁଶ ଓ ଅହଂଶୂନ୍ୟ ଶାସନକାଳରେ ଓଡ଼ିଶା ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିଛି ଏବଂ ଅନ୍ତର୍ଜାତୀୟ ସ୍ତରରେ ଗୌରବ ଅର୍ଜିଛି। ଜୀବନର ୮ଟି ଦଶକ ଅତିକ୍ରମ କରିସାରିଥିବା ବିକାଶର ବୈୟାକରଣିକ, ପ୍ରଗତିର ପରିଚାୟକ, କଲ୍ୟାଣର କାଣ୍ଡାରୀଙ୍କ ଜୀବନାଦର୍ଶକୁ ତେଣୁ ଆଜି ଆଠଟି ଦାର୍ଶନିକ ଦୃଷ୍ଟିକୋଣରୁ ସମୀକ୍ଷା କରାଯାଇପାରେ।

ପ୍ରଖ୍ୟାତ ବ୍ରାଜିଲ୍ ଦାର୍ଶନିକ ପାଉଲୋ କ୍ୱେଲୋଙ୍କ ମତରେ 'ଅତି ସାଧାରଣରେ ଅସାଧାରଣ ତତ୍ତ୍ୱ ଲୁଚି ରହିଛି, ଯାହାକୁ କେବଳ ଜ୍ଞାନୀମାନେ ଦେଖିପାରନ୍ତି, ଅନୁଭବ କରିପାରନ୍ତି।' ପାଉଲୋଙ୍କ ଉପରୋକ୍ତ ଜୀବନଦର୍ଶନକୁ ମର୍ମେ ମର୍ମେ ଅନୁଭବ ଓ ପ୍ରୟୋଗ କରିଛନ୍ତି ନବୀନ ପଟ୍ଟନାୟକ। ନିଜ ପରିବାର ଭାବେ ଗ୍ରହଣ କରିଥିବା ସମଗ୍ର ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ସେ ଅତୀତର ଆଭିଜାତ୍ୟକୁ ପରିହାର କରି ସରଳ ଜୀବନଚର୍ଯ୍ୟାକୁ ଆଦରି ନେଇଛନ୍ତି, ଠିକ୍ ଜଗତକଲ୍ୟାଣ ପାଇଁ ସମର୍ପିତ ଜଣେ ଆଶ୍ରମବାସୀ ସନ୍ଥଙ୍କ ପରି। ଏହି ନିରାଡ଼ମ୍ବର ଜୀବନରେ ସେ ରୂପ ଦେଇ ଚାଲିଛନ୍ତି ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ। ତାଙ୍କ ଉକ୍ତିରେ 'ମୁଁ ବାସ୍ତବରେ କ୍ଷମତା ବିଷୟରେ ଚିନ୍ତା କରେ ନାହିଁ, ବରଂ ରାଜ୍ୟବାସୀଙ୍କ ସେବାକୁ ପ୍ରାଧାନ୍ୟ ଦିଏ।'

ଆମେରିକୀୟ ଲେଖକ ମାର୍କ ଟ୍ୱେନ୍ କହିଥିଲେ - 'ଯେତେବେଳେ ତୁମେ ସଂଖ୍ୟାଗରିଷ୍ଠ ସ୍ଥିତିରେ ଅଛ ବା ସଂଖ୍ୟାଧିକ ସମର୍ଥନ ଲାଭ କରିଛ, ତାହା ହିଁ ସଂସ୍କାର ପାଇଁ ସର୍ବୋତ୍କୃଷ୍ଟ ସମୟ।' ୨୪ ବର୍ଷର ନିରଙ୍କୁଶ ଶାସନ କାଳରେ ନବୀନ ପଟ୍ଟନାୟକ ଓଡ଼ିଶାର ଶାସନ ଓ ପ୍ରଶାସନିକ ବ୍ୟବସ୍ଥାରେ ଏଭଳି ନୀତିଗତ ସଂସ୍କାର ଆଣିଛନ୍ତି, ଯାହା ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ଓ ଅନୁକରଣୀୟ ହୋଇଛି। ୫-ଟି, ମୋ ସରକାର, ମୋ ସ୍କୁଲ୍, ମୋ ବସ୍, ଶିକ୍ଷା ରୂପାନ୍ତରଣ, ଟାଲିସ୍‌ମ୍ୟାନ୍, ଶୂନ୍ୟ ଜୀବନ ହାନି, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, ମହିଳା ସଶକ୍ତୀକରଣ, କ୍ରୀଡ଼ାରେ ନବଉନ୍ମେଷ ଆଦିକୁ ସେହି ନୀତିଗତ ସଂସ୍କାରର କେତେକ ଉଦାହରଣ ରୂପେ ନିଆଯାଇପାରେ।

ଆମେରିକା-ବ୍ରିଟିଶ୍ ଲେଖକ ପାଟ୍ରିକ ନେସ୍‌ଙ୍କ ମତରେ 'ଜୀବନର ଲକ୍ଷ୍ୟକୁ କେବଳ ଶବ୍ଦରେ ସୀମିତ କରି ରଖିଦିଅ ନାହିଁ, ବାସ୍ତବବାଦୀ ହୁଅ। କେବଳ ସ୍ୱପ୍ନ ଦେଖ ନାହିଁ, ସ୍ୱପ୍ନକୁ ରୂପାନ୍ତରଣ କର। ଯାହା ଭାବୁଛ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଯାହା କରୁଛ ତାହା ହିଁ ନିର୍ଣ୍ଣାୟକ।' ମିଷ୍ଟ, ସ୍ୱଷ୍ଟ ଓ ସ୍ୱଳ୍ପଭାଷୀ ସଦାଶାନ୍ତ ଭଦ୍ର ନବୀନ ପଟ୍ଟନାୟକଙ୍କ 'କଥାରେ ନୁହେଁ, କାମରେ ବିଶ୍ୱାସ' ଉକ୍ତିଟି ପାଟ୍ରିକ୍‌ଙ୍କ ଜୀବନଦର୍ଶନର ପ୍ରତିଫଳନ। ବିରୋଧୀମାନେ ତାଙ୍କ ବିରୋଧରେ ଯେତେ ଉଚ୍ଚବାଚରେ ସମାଲୋଚନା କରନ୍ତି ତାହାର ପ୍ରତ୍ୟୁତ୍ତର ନବୀନ ବାବୁ କାମରେ ଦିଅନ୍ତି। ଏଇଥିପାଇଁ ତ ସେ ଜଣେ କର୍ମଯୋଗୀ ରାଜନେତାର ମାନ୍ୟତା ପାଇଛନ୍ତି।

'କ୍ଷଣକୋପୀ ଓ କ୍ରୋଧୀମାନେ କଦାପି ଜ୍ଞାନୀ ଓ ଗୁଣୀ ନୁହନ୍ତି' - ବ୍ରିଟିଶ୍ ଔପନ୍ୟାସିକା ଜେନ୍ ଅଷ୍ଟିନ୍‌ଙ୍କ ଏହି ମତର ସର୍ବଶ୍ରେଷ୍ଠ ପ୍ରୟୋଗ ଓ ଉଦାହରଣ ସାମ୍ପ୍ରତିକ ରାଜନୀତିରେ ନବୀନ ପଟ୍ଟନାୟକଙ୍କ ବ୍ୟତିରେକ ଦ୍ୱିତୀୟ ନାହାନ୍ତି। ସେ ବିରୋଧୀମାନଙ୍କ ଗାଳିକୁ ନିରବରେ ସହିଯାଆନ୍ତି, କଟୁ ସମାଲୋଚନାକୁ ଧୈର୍ଯ୍ୟର ସହିତ ଶୁଣନ୍ତି, ଆକ୍ଷେପ, ଆରୋପ ଆଦିରେ ବିଚଳିତ ହୁଅନ୍ତି ନାହିଁ। ଗୌତମବୁଦ୍ଧଙ୍କ ଭଳି ଜଣେ ବିଜ୍ଞ ଓ ପ୍ରଜ୍ଞାଶୀଳ ବ୍ୟକ୍ତିତ୍ୱଙ୍କ ଠାରେ ହିଁ ଏଭଳି ଦିବ୍ୟଗୁଣ ପରିଦୃଷ୍ଟ ହୋଇପାରେ ଏବଂ ସ୍ଥିତପ୍ରଜ୍ଞ ନବୀନ ପଟ୍ଟନାୟକଙ୍କୁ ଆଜିର ଦିନରେ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ।

ନବୀନ ପଟ୍ଟନାୟକଙ୍କ ରାଜନୈତିକ ଜୀବନାଦର୍ଶରେ ରଏ ଟି ବେନେଟ୍‌ଙ୍କ ଉକ୍ତି - 'ସମାଲୋଚକ ତ ଅନେକ କଥା କହିବେ, ତୁମେ କେବଳ ତୁମ ହୃଦୟର କଥା ଶୁଣ' ମଧ୍ୟ ଅକ୍ଷରେ ଅକ୍ଷରେ ପ୍ରମାଣିତ ହୋଇଛି। ନ ହେଲେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ଐତିହାସିକ ପୋଖରୀ ପୁନରୁଦ୍ଧାର ଆଦି ସମ୍ଭବ ହୋଇ ନ ଥା'ନ୍ତା। ନବୀନବାବୁଙ୍କ ଶାସନ ଅମଳରେ ରୂପାନ୍ତରଣର ଯେଉଁ ବୀଜ ବପନ ହୋଇଥିଲା ତାହା ଆଜି ବୃକ୍ଷର ରୂପ ନେଇ ଫଳ ଦେବା ଆରମ୍ଭ କରିଛି।

ପାଉଲୋ କ୍ୱେଲୋଙ୍କ ଆଉ ଏକ ଉକ୍ତି ଥିଲା, 'ଅଯଥା ସ୍ୱଷ୍ଟୀକରଣ ଆଉ ବ୍ୟାଖ୍ୟାନରେ ସମୟ ନଷ୍ଟ ନ କରି ଲୋକମାନେ ଯାହା ଶୁଣିବାକୁ ଚାହୁଁଛନ୍ତି ତାହା ହିଁ କୁହ।' ଏହି ଉକ୍ତି ନବୀନ ପଟ୍ଟନାୟକଙ୍କ ମାତ୍ର ତିନିଟି ଶବ୍ଦ 'ଆପଣମାନେ ଖୁସି ତ?'ରେ ଉଦ୍‌ଘୋଷିତ ହୋଇଛି ଏବଂ ଓଡ଼ିଶାବାସୀଙ୍କ ହୃଦୟକୁ ଅଭୂତପୂର୍ବ ଭାବେ ଛୁଇଁଛି। ବାସ୍ତବରେ ଧନୀ ହେଉ କି ଗରିବ ଲୋକମାନେ କେବଳ ଜୀବନରେ ଖୁସି ହିଁ ଚାହାନ୍ତି ଏବଂ ଏହା ସୁନିଶ୍ଚିତ କରିବା ଜଣେ ଜନମଙ୍ଗଳ ଶାସକର ଦାୟିତ୍ୱ ଓ କର୍ତ୍ତବ୍ୟ। ଏହି କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନରେ ନବୀନ ପଟ୍ଟନାୟକ କୌଣସି ଅବହେଳା କରିନାହାନ୍ତି।

କୁହାଯାଏ ନିରଙ୍କୁଶ ଶାସନ ଦୁର୍ନୀତିର ଜନ୍ମଦାତା। କିନ୍ତୁ ଦୀର୍ଘ ୨୪ ବର୍ଷର ନିରଙ୍କୁଶ ଶାସନ କ୍ଷମତାରେ ଥାଇ ମଧ୍ୟ ଦୁର୍ନୀତିର ଛିଟା ନବୀନଙ୍କ ଧଳା କୁର୍ତ୍ତା ଓ ପାଇଜାମାକୁ ଛୁଇଁ ପାରିନାହିଁ। ଜଣେ ପ୍ରଜ୍ଞାଶୀଳ ଓ ବିବେକବନ୍ତ ବ୍ୟକ୍ତିତ୍ୱର ଜୀବନଦର୍ଶନର ପ୍ରଥମ ଅଧ୍ୟାୟ ହେଉଛି ସାଧୁତା। ଏଥିରେ ମଧ୍ୟ ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ଲେଖକ ଥୋମାସ୍ ଜେଫରସନ୍‌ଙ୍କ ଉକ୍ତି - 'ପ୍ରଜ୍ଞା-ପୁସ୍ତକର ପ୍ରଥମ ଅଧ୍ୟାୟ ସାଧୁତା' ସହିତ ସାମଞ୍ଜସ୍ୟ ରହିଛି।

ମହାନ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍‌ଙ୍କ ଉକ୍ତି - 'ଅପରୀକ୍ଷିତ ଜୀବନ ମୂଲ୍ୟହୀନ' ସହିତ ବରିଷ୍ଠ ପତ୍ରକାର ବୀର ସାଙ୍ଗ୍‌ଭିଙ୍କ ସହିତ ସାକ୍ଷାତକାର ଅବସରରେ ନବୀନ ଏକଦା କହିଥିବା ଉକ୍ତିଟି ତୁଳନୀୟ ଓ ପ୍ରାସଙ୍ଗିକ - 'ଯଦି ମୁଁ ଭବିଷ୍ୟତରେ ନିର୍ବାଚନ ହାରି ଯାଆନ୍ତି ରାଜନୀତିରୁ ଦୂରକୁ ଚାଲିଯିବେ ନାହିଁ, ବରଂ ବିରୋଧୀ ଭୂମିକାରେ ଅବତୀର୍ଣ୍ଣ ହେବି(ଆଇ ୱାଣ୍ଟ ଟୁ ସି ଦ ଅଦର ସାଇଡ୍ ଅଫ୍ ଦି ଫେନ୍‌ସ)।' ରାଜନୀତିକୁ ଭଲ ଭାବରେ ପରଖିବାର ସେହି ଉତ୍ସୁକତା ଓ ଜିଜ୍ଞାସା ପାଇଁ ବୋଧହୁଏ ଏବେ ନବୀନ ବିରୋଧୀ ଦଳର ନେତା ଭୂମିକାରେ ଅବତୀର୍ଣ୍ଣ। ଜୀବନକୁ ପରୀକ୍ଷା କରିବାର ଏହାଠାରୁ ବଳି ଉତ୍କୃଷ୍ଟ ଉଦାହରଣ ଆଉ କ'ଣ ହୋଇପାରେ! ତେଣୁ ସେ ରାଜନୀତିରେ ଜଣେ ବିରଳ ଓ ସଫଳ ସ୍ଥିତପ୍ରଜ୍ଞ ଶାସକ।

ହିଂସ୍ର ରାଜନୀତି ଓ ନବୀନଙ୍କ ଅହିଂସା

ପ୍ରହଲାଦ କୁମାର ସିଂହ

ବିଧି ଦ୍ୱାରା ପ୍ରତିଷ୍ଠିତ ଭାରତର ସମ୍ବିଧାନ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ରଖିବା ସହିତ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ରକ୍ଷା କରିବା ଲାଗି ଅନ୍ୟୂନ ୭ ଥର ନବୀନ ପଟ୍ଟନାୟକ ଶପଥ ନେଇଛନ୍ତି। ଏହାଛଡ଼ା ତାଙ୍କର କର୍ତ୍ତବ୍ୟ ଶ୍ରଦ୍ଧା ଓ ଶୁଦ୍ଧ ଅନ୍ତଃକରଣରେ ନିର୍ବାହ କରିବା ସହ ବିନା ଭୟ ଓ ପକ୍ଷପାତରେ, ବିନା ଅନୁରାଗ ଓ ଦ୍ୱେଷରେ ଲୋକଙ୍କ ପାଇଁ ସମ୍ବିଧାନ ଓ ବିଧି ଅନୁସାରେ ନ୍ୟାୟ କରିବା ଲାଗି ମଧ୍ୟ ସେ ଶପଥ ନେଇଥିଲେ। ୧୯୯୮ ଓ ୧୯୯୯ରେ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଏବଂ ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନବାବୁ ଏପରି ଶପଥ ନେଇଥିଲେ। ସାଂସଦ ଓ ବିଧାୟକ ଭାବରେ ମଧ୍ୟ ସେ ସମ୍ବିଧାନ ଓ ଈଶ୍ୱରଙ୍କ ନାମରେ ବାରମ୍ବାର ଶପଥ ନେଇଛନ୍ତି। ଈଶ୍ୱରଙ୍କ ନାମରେ ନେଇଥିବା ଶପଥକୁ ସେ ମଧ୍ୟ ଅକ୍ଷରେ ଅକ୍ଷରେ ପ୍ରତିପାଳନ କରିଆସିଛନ୍ତି। ଦାୟିତ୍ୱ ନିର୍ବାହ ବେଳେ ସେ କାହା ପ୍ରତି ହିଂସା, ଦ୍ୱେଷ, ଈର୍ଷା, ଘୃଣା ଆଦି ଭାବ ରଖି ନାହାନ୍ତି। ଯେଉଁଥିପାଇଁ ବିଭିନ୍ନ ଦଳର କେନ୍ଦ୍ରୀୟ ନେତୃତ୍ୱ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଜାତୀୟ ସ୍ତରରେ ନବୀନଙ୍କର ଏକ ସ୍ୱତନ୍ତ୍ର ପରିଚିତି ରହିଛି।

ବିଜୁ ପଟ୍ଟନାୟକ ଓ ଜ୍ଞାନ ଦେବୀଙ୍କ ସାନ ପୁଅ ଭାବେ ନବୀନ ଜନ୍ମ ହୋଇଥିଲେ ୧୯୪୬ ଅକ୍ଟୋବର ୧୬ ତାରିଖରେ କଟକ ମହାନଗରୀରେ। ଭାରତ ଛାଡ଼ ଆନ୍ଦୋଳନରେ ବିଜୁବାବୁଙ୍କ ଜେଲ୍ ଯାତ୍ରା ପୂର୍ବରୁ ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ଓ ଭଉଣୀ ଗୀତା ମେହେଟାଙ୍କ ଜନ୍ମ। ବିଜୁବାବୁ କାରାମୁକ୍ତ ହେବା ପରେ ନବୀନଙ୍କର ଜନ୍ମ ଏବଂ ସଂଯୋଗକ୍ରମେ ସେହି ୧୯୪୬ ମସିହାରେ ଓଡ଼ିଶା ବିଧାନସଭାର ସଦସ୍ୟ ଭାବେ ବିଜୁବାବୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇ ୫୧ ବର୍ଷ ଧରି ନିର୍ବାଚନୀ ରାଜନୀତିରେ ସକ୍ରିୟ ଥିଲେ।

ପିଲା ଦିନରୁ ନବୀନଙ୍କ ଅଭ୍ୟାସ ହେଉଛି 'କଥା କମ୍, କାମ ବେଶୀ'। ଏକ ରାଜନୈତିକ ପରିବାରରେ ଜନ୍ମ ହୋଇଥିଲେ ବି ସେ କ୍ଷମତା ରାଜନୀତିଠାରୁ ଦୀର୍ଘବର୍ଷ ଧରି ଦୂରରେ ରହି ଲେଖାପଢ଼ାରେ ସମୟ ଦେଉଥିଲେ। ଏହାଛଡ଼ା ଓଡ଼ିଶା ସମେତ ଦେଶ ବିଦେଶର ବିଭିନ୍ନ ସ୍ଥାନ ବୁଲି ଜ୍ଞାନ ଆହରଣ କରୁଥିଲେ। ସେ ସମୟରେ ବି ସେ ଥିଲେ ଅତ୍ୟନ୍ତ ବିନୟୀ ଓ ମିଷ୍ଟଭାଷୀ। ୧୯୯୭ ଏପ୍ରିଲ ୧୭ ତାରିଖରେ ସାଂସଦ ଥିବାବେଳେ ବିଜୁବାବୁଙ୍କ ଦେହାନ୍ତ ଘଟିଲା ଦିଲ୍ଲୀରେ। ତାଙ୍କ ଅବର୍ତ୍ତମାନରେ ଖାଲି ପଡ଼ିଲା ଆସିକା ଲୋକସଭା ଆସନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନେତାମାନଙ୍କ ନିବେଦନକ୍ରମେ ନିର୍ବାଚନ ରାଜନୀତିରେ ପାଦ ଥାପି ସେ ଆସିକା ସଂସଦୀୟ କ୍ଷେତ୍ରରୁ ଉପନିର୍ବାଚନ ଲଢ଼ି ବିଜୟୀ ହେଲେ। ପରେ ପରେ ଜନସାଧାରଣଙ୍କ ମତାମତକୁ ସମ୍ମାନ ଦେଇ ତାଙ୍କ ନେତୃତ୍ୱରେ ଜନ୍ମଲାଭ କଲା ବିଜୁ ଜନତା ଦଳ। ପ୍ରାୟ ୨୯ ବର୍ଷ ଧରି ଲଗାତାର ଭାବେ ଏହି ଆଞ୍ଚଳିକ ଦଳ କାମ କରିଆସୁଛି।

ହିଂସା, ଦ୍ୱେଷ ଓ ପରଶ୍ରୀକାତରତାଠାରୁ ଊର୍ଦ୍ଧ୍ୱରେ ଥିବା ନବୀନବାବୁ ଆଚରଣ ଓ ଉଚ୍ଚାରଣରେ ଜଣେ ଅହିଂସାବାଦୀ। ଗାନ୍ଧୀ, ଗୋପବନ୍ଧୁଙ୍କ ଭଳି ଯୁଗ ପୁରୁଷମାନଙ୍କୁ ସେ ସମ୍ମାନ କରନ୍ତି। ଏ ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରୁଥିବାବେଳେ ଓଡ଼ିଶା ପକ୍ଷରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଲେ ଯେ ସମ୍ବିଧାନର ମୁଖବନ୍ଧରେ 'ଅହିଂସା'କୁ ସ୍ଥାନିତ କରିବା ପାଇଁ। ସେ ସମୟରେ ଏହି ପ୍ରସଂଗ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏଠାରେ ଉଲ୍ଲେଖନୀୟ ଯେ ଦେଶର ବହୁ ରାଜ୍ୟ ତୁଳନାରେ ଓଡ଼ିଶାରେ ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଦୁଇବର୍ଷ ଧରି ବହୁତ ଭଲ ଭାବେ ପାଳିତ ହୋଇଥିଲା। ସେତେବେଳେ ମଧ୍ୟ ଆମ ରାଜ୍ୟରେ ସର୍ବାଧିକ କାର୍ଯ୍ୟକ୍ରମ ହୋଇଥିଲା। ଏଠାରେ ଉଲ୍ଲେଖନୀୟ ଯେ ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଇଁ ଜାତୀୟ ସ୍ତରରେ ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ଓ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଭାପତିତ୍ୱରେ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଥିଲା।

ବର୍ତ୍ତମାନର ରାଜନୀତିରେ ପ୍ରତିପକ୍ଷ ଉଦ୍ଦେଶ୍ୟରେ ଯେଭଳି ହିଂସା, କ୍ରୋଧ ଓ ଘୃଣା ଉଦ୍ରେକକାରୀ ବକ୍ତବ୍ୟ ପ୍ରଦାନ କରାଯାଉଛି ନବୀନବାବୁ ସେହି ଧାରାରୁ ନିଜକୁ ଦୂରରେ ରଖିଛନ୍ତି। ସେ ତାଙ୍କର ପ୍ରତିପକ୍ଷଙ୍କ ପ୍ରତି ଉତ୍ତେଜନାମୂଳକ ଶବ୍ଦଟିଏ ବି ଉଚ୍ଚାରଣ କରନ୍ତି ନାହିଁ। ତାଙ୍କ ପ୍ରତି ବିରୋଧୀମାନେ ଯେତେ କ୍ରୋଧ ପ୍ରକାଶ କଲେ ମଧ୍ୟ ସେ ତା'ର ପ୍ରତିଜବାବ କ୍ରୋଧରେ କେବେ ଦେଇନଥାନ୍ତି। ଏ ଦୃଷ୍ଟିରୁ କେବଳ ଓଡ଼ିଶା କାହିଁକି, ଜାତୀୟ ରାଜନୀତି କ୍ଷେତ୍ରରେ ନବୀନ ପଟ୍ଟନାୟକ ଏକ ବିରଳ ବ୍ୟତିକ୍ରମ ଓ ସ୍ପର୍ଦ୍ଧିତ ନାମ। ସାଧାରଣ ଲୋକଙ୍କ ବିକାଶ ତଥା ରାଜ୍ୟର ଉନ୍ନତି ପାଇଁ ସହଯୋଗ ଭିତ୍ତିରେ କାମ କରିବା ଲାଗି ତାଙ୍କ ହୃଦୟ ସବୁବେଳେ ଖୋଲା।



ବିଶ୍ୱ ଏବେ ହିଂସାର ଦାବାନଳରେ ସନ୍ତାପିତ ହେଉଥିବାବେଳେ ଏଥିରୁ ମୁକ୍ତି ପାଇବା ପାଇଁ ଗୋଟିଏ ମାତ୍ର ବାଟ ହେଉଛି ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ଦେଖାଇ ଯାଇଥିବା ଅହିଂସା। ରାଜନୈତିକ, ପ୍ରଶାସନିକ ଓ ଅନ୍ୟ ସାମ୍ବିଧାନିକ କ୍ଷେତ୍ରରେ ଯଦି ସତ୍ୟ ଓ ଅହିଂସାର ଠିକଣା ପ୍ରୟୋଗ କରାଯିବ ତେବେ ବହୁ ସମସ୍ୟାର ସହଜ ଓ ସରଳ ସମାଧାନ ହୋଇପାରିବ ବୋଲି ନବୀନବାବୁ ବାରମ୍ବାର ଉଲ୍ଲେଖ କରିଛନ୍ତି। ଏମିତିକି ଗାନ୍ଧୀଜୀଙ୍କ ତାରକ ମନ୍ତ୍ର ତାଙ୍କୁ ଏଭଳି ପ୍ରଭାବିତ କରିଛି ଯେ ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ରାଜ୍ୟ ସଚିବାଳୟ ସୌଧର ମୁଖ୍ୟ ପ୍ରବେଶ ପଥରେ ଏହି ତାରକ ମନ୍ତ୍ର ରଖି ଦେଇଯାଇଛନ୍ତି। ଯଦି ଜଣେ କେତେବେଳେ ସନ୍ଦେହରେ ପଡ଼ିଛି ବା ନିଜ କଥା ତାକୁ ବେଶି ଘାରୁଛି ତେବେ ସେ କେବେ ଦେଖିଥିବା ଦରିଦ୍ରତମ ଲୋକଟିର ଚେହେରା ନିଜ ଆଖି ଆଗକୁ ଆଣୁ ଏବଂ ଚିନ୍ତା କରୁ ଯେ ସେ ଯେଉଁ କାମ କରିବାକୁ ଯାଉଛି ତାହା ସେହି ଲୋକଟିର ବିକାଶରେ ସହାୟକ ହୋଇପାରିବ କି ନାହିଁ ବୋଲି। ତେବେ ଯାଇ ସବୁ ସନ୍ଦେହ ଓ ସ୍ୱାର୍ଥ ଭାବନା ଛାଏ ଛାଏ ଦୂରେଇଯିବ। ୨୪ବର୍ଷର ମୁଖ୍ୟମନ୍ତ୍ରୀ ଓ ଦୁଇବର୍ଷର କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଥିଲେ ବି ଏଯାବତ୍ ତାଙ୍କର କୌଣସି ବିରୋଧୀ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିପାରି ନାହାନ୍ତି। ଏହାର ମୁଖ୍ୟ କାରଣ ହେଉଛି ସତ୍ୟ ଓ ଅହିଂସାକୁ ପାଥେୟ କରି ସେ ତାଙ୍କ କର୍ତ୍ତବ୍ୟ ସଂପାଦନ କରନ୍ତି ଦରିଦ୍ରତମ ଲୋକର ବିକାଶ ସହିତ ରାଜ୍ୟର ପ୍ରଗତି ପାଇଁ। ଏହି ଧାରାରେ ଯଦି ଦଳମତ ନିର୍ବିଶେଷରେ ରାଜନେତାମାନେ ଚାଲନ୍ତେ ଏବଂ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ତା'ର ଅନୁସରଣ କରନ୍ତେ ତେବେ ବ୍ୟକ୍ତି ଚରିତ୍ର ସହିତ ରାଜ୍ୟ ଓ ରାଷ୍ଟ୍ରର ଚିତ୍ର ବଦଳି ଯାଆନ୍ତା ଏବଂ ଅହିଂସାର ଆଲୋକରେ ହିଂସାର ଅମା ଅନ୍ଧକାର ଦୂରେଇ ଯାଇ ଶାନ୍ତି, ମୈତ୍ରୀ ଓ ପ୍ରଗତିର ମଙ୍ଗଳ ପ୍ରଭାତ ଆସିପାରନ୍ତା।

ଭୁବନେଶ୍ୱର, ମୋ: ୯୪୩୭୦୭୩୯୫

ପ୍ରକୃତି, ପ୍ରଯୁକ୍ତି ଓ ଓଡ଼ିଶା

ଇଂ. ଅମର ବେହେରା

ଦିନ ଥିଲା, କୃଷକ ଚାଷ ପାଇଁ ପ୍ରକୃତି ଉପରେ ସମ୍ପୂର୍ଣ୍ଣ ଭରସା କରିପାରୁଥିଲା। ମାତ୍ର ଆଜି ସମୟ ବଦଳିଛି। ଅଦିନିଆ ବୃଷ୍ଟିପାତ, ଦୀର୍ଘଦିନ ଧରି ମରୁଡ଼ି ପରିସ୍ଥିତି ଏବଂ ବାରମ୍ବାର ଆସୁଥିବା ବାତ୍ୟା ଓ ବନ୍ୟା ଆମ ସାମାଜିକ ତଥା ଅର୍ଥନୈତିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବିଶେଷକରି କୃଷିପ୍ରଧାନ ଓଡ଼ିଶାରେ ଜଳସଙ୍କଟ ଏକ ଜଟିଳ ରୂପ ଧାରଣ କରୁଛି। ତେବେ ଏହି ଆଧୁନିକ ସମସ୍ୟାର ସମାଧାନ କେବଳ କଂକ୍ରିଟର ବଡ଼ ବଡ଼ ଡ୍ୟାମ୍ କିମ୍ବା କୃତ୍ରିମ ଜଳାଶୟରେ ନାହିଁ, ବରଂ ଏହାର ପ୍ରକୃତ ସମାଧାନ ଲୁଚି ରହିଛି ଆମର ଅତୀତରେ, ଆମ ପୂର୍ବପୁରୁଷଙ୍କ ପାରମ୍ପରିକ ପ୍ରଜ୍ଞା ମଧ୍ୟରେ।

ଓଡ଼ିଶାରେ ପ୍ରଚୁର ବୃଷ୍ଟିପାତ ହେଉଥିଲେ ହେଁ ଆମେ ବର୍ଷା ଜଳର ସଠିକ୍ ପରିଚାଳନା ବା ସଂରକ୍ଷଣ କରିବାରେ ବାରମ୍ବାର ବିଫଳ ହେଉଛେ। ଜଳ ପରିଚାଳନାର ଏହି ଦୁର୍ବଳତା ଏବଂ ନଦୀଶଯ୍ୟାର ଜଳଧାରଣ କ୍ଷମତା ହ୍ରାସ ପାଇବା ଆମ ପାଇଁ ପ୍ରତିବର୍ଷ ଏକ ବଡ଼ ବିପତ୍ତି ପାଲଟିଛି। ଏଭଳି ସ୍ଥିତିରେ ସରକାରଙ୍କ ତରଫରୁ ଜଳ ସଂରକ୍ଷଣ ପାଇଁ କିଛି ଜରୁରୀ ପୂର୍ବ ଆବଶ୍ୟକତା ବା ନିୟମାବଳୀ ପ୍ରଣୟନ ହେବା ଆବଶ୍ୟକ। ସରକାର ପ୍ରତି ଗ୍ରାମ ଓ ସହରରେ ବର୍ଷା ଜଳ ଅମଳ (ରେନ ୱାଟର ହାରଭେଷ୍ଟିଙ୍ଗ) କୁ ବାଧ୍ୟତାମୂଳକ କରିବା ସହ ପ୍ରାକୃତିକ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ କଠୋର ଆଇନ ପ୍ରଣୟନ କରିବା ଉଚିତ। ଆଧୁନିକ ଇଞ୍ଜିନିୟରିଂ ଦ୍ୱାରା ନିର୍ମିତ ବୃହତ୍ ନଦୀବନ୍ଧଗୁଡ଼ିକ ବନ୍ୟା ନିୟନ୍ତ୍ରଣ କରିବାରେ ଅନେକ ସମୟରେ ବିଫଳ ହେଉଛନ୍ତି ଏବଂ ପଟୁ ମାଟି ଜମିବା ଯୋଗୁଁ ସେଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ପାଉଛି। ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ଜଳସ୍ତର ଦିନକୁ ଦିନ ତଳକୁ ଖସିବାରେ ଲାଗିଛି।

ଏଭଳି ସ୍ଥିତିରେ ପ୍ରକୃତି ସହିତ ତାଳ ମିଳାଇ ଚାଲୁଥିବା ଏବଂ ପରିବେଶର କ୍ଷତି ନକରି ଜଳ ସଂରକ୍ଷଣ କରୁଥିବା ପାରମ୍ପରିକ ପଦ୍ଧତିର ପୁନରୁଦ୍ଧାର ଏବେ ସମୟର ସବୁଠାରୁ ବଡ଼ ଆବଶ୍ୟକତା। ଓଡ଼ିଶାରେ, ବିଶେଷ କରି ପଶ୍ଚିମଓଡ଼ିଶାର ଇତିହାସକୁ ଦେଖିଲେ ଜଣାଯାଏ ଯେ ଆମର ପୂର୍ବପୁରୁଷମାନେ ଜଳର ମୂଲ୍ୟ ବୁଝିଥିଲେ। ସେମାନେ ପ୍ରତି ଗାଁରେ ଏବଂ ପାହାଡ଼ ପାଦଦେଶରେ ଏଭଳି ସଂରଚନା ପ୍ରସ୍ତୁତ କରୁଥିଲେ, ଯାହା ମାଟିର ଆର୍ଦ୍ରତା ରକ୍ଷା କରିବା ସହ ଜଳସ୍ତରକୁ ସନ୍ତୁଳିତ ରଖୁଥିଲା। ଏହି ପଦ୍ଧତିଗୁଡ଼ିକ ମଧ୍ୟରେ 'ମୁଣ୍ଡା', 'କାଟା' ଓ 'ବନ୍ଧ' ପ୍ରଧାନ। 'ମୁଣ୍ଡା' ସାଧାରଣତଃ ଏକ ଛୋଟ ଜଳାଶୟ, ଯାହା ପାହାଡ଼ିଆ ଅଞ୍ଚଳ କିମ୍ବା ଉଚ୍ଚ ସ୍ଥାନରୁ ବୋହି ଆସୁଥିବା ବର୍ଷା ଜଳକୁ ଅଟକାଇବା ପାଇଁ ନିର୍ମାଣ କରାଯାଉଥିଲା। ଏହି ପଦ୍ଧତି ଦ୍ୱାରା ତଳ ଅଞ୍ଚଳରେ ଥିବା ଚାଷ ଜମିକୁ ସହଜରେ ଜଳସେଚନ କରାଯାଇ ପାରୁଥିଲା ଏବଂ ବନ୍ୟାର ବେଗ ମଧ୍ୟ କମିଯାଉଥିଲା। 'କାଟା' ହେଉଛି ଏକ ସ୍ୱତନ୍ତ୍ର ପ୍ରକାରର ବନ୍ଧ, ଯାହା ଢାଲୁ ଜମିର ଉପର ଭାଗରେ ଅର୍ଦ୍ଧଚନ୍ଦ୍ରାକାରରେ ନିର୍ମିତ ହେଉଥିଲା। ଏହା କେବଳ ପାଣି ଜମା କରି ରଖୁନଥିଲା, ବରଂ ଚାରିପାଖର ଭୂତଳ ଜଳସ୍ତରକୁ ବୃଦ୍ଧି କରିବାରେ ସାହାଯ୍ୟ କରୁଥିଲା, ଯାହାଦ୍ୱାରା ମରୁଡ଼ି ସମୟରେ ମଧ୍ୟ କୂଅଗୁଡ଼ିକ ଶୁଖୁ ନ ଥିଲା। ସେହିପରି 'ବନ୍ଧ' ହେଉଛି ଗ୍ରାମାଞ୍ଚଳର ଏକ ବଡ଼ ପୋଖରୀ ସଦୃଶ, ଯାହାର ଚାରିପଟେ ବୃକ୍ଷରୋପଣ କରାଯାଇ ପରିବେଶକୁ ଶୀତଳ ରଖାଯାଉଥିଲା। ଏହି ବନ୍ଧଗୁଡ଼ିକ କେବଳ ଚାଷ ପାଇଁ ନୁହେଁ, ବରଂ ସମଗ୍ର ଗ୍ରାମର ସାମାଜିକ ଓ ସାଂସ୍କୃତିକ ଜୀବନର କେନ୍ଦ୍ରବିନ୍ଦୁ ଥିଲା।

ଏହି ସମସ୍ତ ସଂରଚନାଗୁଡ଼ିକର ବିଶେଷତ୍ୱ ହେଉଛି, ଏଗୁଡ଼ିକ ସ୍ଥାନୀୟ ମାଟି, ପଥର ଓ ଶ୍ରମରେ ତିଆରି ହେଉଥିଲା। ପ୍ରକୃତିର ନିୟମକୁ ବୁଝି ବିନାକ୍ଷତିରେ ଜଳକୁ ସାଇତି ରଖିବାର ଏହା ଥିଲା ଏକ ଅତୁଳନୀୟ ଉଦାହରଣ। ଆଜି ଆମେ ପ୍ରଗତି ଆଖ୍ୟାରେ ଏହି ପାରମ୍ପରିକ ଜଳାଶୟଗୁଡ଼ିକୁ ଅବହେଳା କରିଛୁ। ଅନେକ ସ୍ଥାନରେ ଜଳାଶୟଗୁଡ଼ିକ ପୋତି ହୋଇଗଲାଣି ତ ଆଉ କେତେକ ସ୍ଥାନରେ ସେଗୁଡ଼ିକୁ ଜବରଦଖଲ କରାଯାଇ କୋଠାବାଡ଼ି ନିର୍ମାଣ କରାଗଲାଣି। ଫଳସ୍ୱରୂପ, ଅଳ୍ପ ବର୍ଷାରେ ସହର ଓ ଗାଁରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି।

ଜଳବାୟୁ ସଂକଟର ସଫଳ ମୁକାବିଲା ପାଇଁ ଆମକୁ ଆଧୁନିକ ବିଜ୍ଞାନ ସହିତ ଏହି ପାରମ୍ପରିକ ଜ୍ଞାନକୌଶଳର ସମନ୍ୱୟ ରକ୍ଷା କରିବାକୁ ହେବ। ସରକାରୀ ସ୍ତରରେ ଜଳ ସମ୍ପଦର ସୁରକ୍ଷା ପାଇଁ ଅନେକ ଯୋଜନା କରାଯାଉଛି, ମାତ୍ର ସେଥିରେ ସ୍ଥାନୀୟ ସମୁଦାୟର ଅଂଶଗ୍ରହଣ ଏବଂ ପାରମ୍ପରିକ ପଦ୍ଧତିର ପ୍ରୟୋଗ ଅତି ଜରୁରୀ। ଗ୍ରାମସଭା ଜରିଆରେ ପୁରୁଣା ମୁଣ୍ଡା, କାଟା ଓ ବନ୍ଧ ଆଦିର ପୁନରୁଦ୍ଧାର କରାଯିବା ଆବଶ୍ୟକ। ବର୍ଷା ଜଳ ଅମଳକୁ କେବଳ ସହରର କୋଠା ମଧ୍ୟରେ ସୀମିତ ନରଖି, ଗ୍ରାମୀଣ କୃଷି କ୍ଷେତ୍ରରେ ଏହି ପ୍ରାଚୀନ ଶୈଳୀ ମାଧ୍ୟମରେ ବ୍ୟାପକ କରିବାକୁ ହେବ। 'ଜଳ ହିଁ ଜୀବନ' ଏବଂ ଏହି ଜୀବନର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ।

ଜଳବାୟୁ ପରିବର୍ତ୍ତନ ଏକ ବିଶ୍ୱସ୍ତରୀୟ ସମସ୍ୟା ହେଉପାରେ; କିନ୍ତୁ ଏହାର ସମାଧାନ ସ୍ଥାନୀୟ ସ୍ତରରୁ ହିଁ ଆରମ୍ଭ ହେବ। ପ୍ରକୃତିର ନିୟମକୁ ଅବମାନନା କରି ଆମେ କେବେ ବି ସୁରକ୍ଷିତ ରହିପାରିବା ନାହିଁ। ଆମ ପୂର୍ବପୁରୁଷମାନେ ମାଟି ଓ ଜଳର ଯେଉଁ ପବିତ୍ର ସମ୍ପର୍କ ଗଢ଼ିଥିଲେ, ତାହାକୁ ଆଜି ପୁନର୍ଜୀବିତ କରିବାର ସମୟ ଆସିଛି। ଆମେ ଯଦି ଆଜି ଆମର ଏହି ପ୍ରାଚୀନ ଜ୍ଞାନକୁ ଆଦରି ନେବା, ତେବେ ଆଗାମୀ ପିଢ଼ିକୁ ଏକ ସବୁଜ, ସୁନ୍ଦର ଓ ଜଳ ସମୃଦ୍ଧ ଓଡ଼ିଶା ଭେଟି ଦେଇପାରିବା। ମନେରଖିବାକୁ ହେବ, ବିଜ୍ଞାନ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ଆମକୁ ଶକ୍ତି ଦେଇପାରେ; ମାତ୍ର ପରମ୍ପରା ଆମକୁ ବଞ୍ଚିବାର ଉଚିତ ମାର୍ଗ ଦେଖାଏ। ଜଳବାୟୁ ସଂକଟର ଏହି ମହାସମରରେ ଆମ ପାରମ୍ପରିକ ଜ୍ଞାନ ଓ ଆଧୁନିକ ବିଜ୍ଞାନର ମିଶ୍ରଣ ହିଁ ଆମର ସବୁଠାରୁ ବଡ଼ କବଚ ହେବ, ଏଥିରେ ଦ୍ୱିମତ ନାହିଁ।

ବରଡିହି(ପୁରୀ), ମୋ: ୯୭୪୨୯୮୨୭୪୧

ନବଦୁର୍ଗାଙ୍କ ସ୍ୱରୂପ ଭାବେ ପୂଜା ପା'ନ୍ତି ପ୍ରଜାପତି

ଓଜସ୍ୱିନୀ

ବିଚିତ୍ର ବିଶ୍ୱାସ

କୀଟପତଙ୍ଗ ଭିତରୁ ସବୁଠାରୁ ସୁନ୍ଦର ସୃଷ୍ଟି ହେଉଛି ପ୍ରଜାପତି। ଶିଶୁ ଗଳ୍ପଗୀତଠାରୁ ଆରମ୍ଭ କରି ଜୀବନଦର୍ଶନ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ପ୍ରଜାପତିର ବର୍ଣ୍ଣନା ରହିଛି। ବିଶ୍ୱସ୍ତରରେ ମଧ୍ୟ ପ୍ରଜାପତି ସହିତ ଦୃଢ଼ ଈଶ୍ୱରୀୟ ବିଶ୍ୱାସ ଯୋଡ଼ି ହୋଇରହିଛି। ପ୍ରଜାପତି ପୂଜନ ପାଇଁ କୌଣସି ସ୍ୱତନ୍ତ୍ର ମନ୍ଦିର ନଥିଲେ ମଧ୍ୟ ପରୋକ୍ଷ ଭାବେ ବିଭିନ୍ନ ଧାର୍ମିକ ବିଶ୍ୱାସ ଓ ପରମ୍ପରାରେ ପ୍ରଜାପତିକୁ ଦେବତୁଲ୍ୟ ମନେକରି ପୂଜାର୍ଚ୍ଚନା କରାଯାଉଛି।

ନେପାଳରେ ପ୍ରଜାପତିକୁ ନବଦୁର୍ଗାଙ୍କ ସ୍ୱରୂପ ଭାବେ ପୂଜା କରାଯାଉଛି। ପଶ୍ଚିମ ନେପାଳର ଡୋଲ୍‌ପା ଜିଲ୍ଲାର ଅଧିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଅନେକ ଲୋକକଥା ମଧ୍ୟରୁ ଗୋଟିଏ ହେଉଛି, ନବଦୁର୍ଗାଙ୍କ ନଅଟି ସ୍ୱରୂପ ଭାବେ ଗୋଟିଏ ଗର୍ତ୍ତରୁ ନଅଟି ଦିବ୍ୟ ପ୍ରଜାପତି ଏକାସାଙ୍ଗରେ ବାହାରିଥିଲେ ଏବଂ ଉଡ଼ିଯାଇ ଭିନ୍ନ ଭିନ୍ନ ସ୍ଥାନରେ ଦେବୀଙ୍କ ସ୍ୱରୂପରେ ପୂଜା ପାଉଛନ୍ତି। ସେହି ଦେବୀମାନେ ହେଉଛନ୍ତି - ଜୁମ୍‌ଲାର କନୀକାସୁନ୍ଦରୀ ଭଗବତୀ, ନେପାଳଗଞ୍ଜର ବାଗେଶ୍ୱରୀ ଦେବୀ, ସଲ୍ୟାନର ଖେରାବାଙ୍ଗ୍ ଭଗବତୀ, ବାଲା ଓ ତ୍ରିପୁରାସୁନ୍ଦରୀ, ଡୋଲ୍‌ପା ନିକଟସ୍ଥ ପାହାଡ଼ରେ ମାଳିକା ଦେବୀ। ଏହି ଆଧ୍ୟାତ୍ମିକ ଧାରଣା ପାଇଁ କାଠମାଣ୍ଡୁ ନିକଟସ୍ଥ 'ବତିଶପୁତୁଳି' ନାମକ ସ୍ଥାନର ନାମକରଣ କରାଯାଇଛି। 'ବତିଶପୁତୁଳି'ର ଅର୍ଥ ହେଉଛି ୩୨ଟି ପ୍ରଜାପତି। ନବରାତ୍ରି ସମୟରେ ନେପାଳରେ କନ୍ୟାପୂଜନ ପରମ୍ପରା ସହିତ ମା' ଦୁର୍ଗାଙ୍କର ରୂପାନ୍ତରଣର ସ୍ୱରୂପ ଭାବେ ପ୍ରଜାପତିଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଉଛି।

ଏହାବ୍ୟତୀତ ସେଠାରେ ପ୍ରଜାପତିଙ୍କୁ ପୂର୍ବପୁରୁଷଙ୍କ ଆତ୍ମା ଭାବେ ମାନ୍ୟତା ମିଳିଛି। ମନୁଷ୍ୟର ଆତ୍ମା ଶରୀର ପରିବର୍ତ୍ତନ କରିବା ଭଳି ସବାଁଳୁଆର ରୂପାନ୍ତରଣରେ ପ୍ରଜାପତି ସୃଷ୍ଟି ହୋଇଥାଏ।। ଏହା ଆତ୍ମା ଭଳି ଅବିନାଶୀ ଓ ଦିବ୍ୟତାର ପ୍ରତୀକ। ତେଣୁ ପ୍ରଜାପତିକୁ ଆତ୍ମାର ପୁର୍ନଜନ୍ମର ପ୍ରତୀକ ଓ ଦିବ୍ୟାଂଶ ଭାବେ ପୂଜା କରାଯାଏ। 'ପେପିଲିଓ କୃଷ୍ଣା' ନାମକ ଏକ ପ୍ରଜାପତି ପ୍ରଜାତିକୁ ନେପାଳର ରାଷ୍ଟ୍ରୀୟ ପ୍ରଜାପତି ମାନ୍ୟତା ଦିଆଯାଇଛି।

ବିଦେଶରେ ସଂସ୍କୃତି ଓ ଜୀବନଦର୍ଶନରେ ପ୍ରଜାପତିର ଜୀବନଚକ୍ରକୁ ଗଭୀର ଆଧ୍ୟାତ୍ମିକ ଶିକ୍ଷା ସହିତ ତୁଳନା କରାଯାଇଛି। ସଁବାଳୁଆ ଭଳି ଗୋଟିଏ ବିଷାକ୍ତ କୀଟର ଶରୀର କିଭଳି ଭାବେ ଗୋଟିଏ ଖୋସା ତିଆରି କରେ ଏବଂ ସେହି ବିଷାକ୍ତ ଖୋସା ମଧ୍ୟରୁ ଜାତ ହେଉଥିବା ସୁନ୍ଦର ରଙ୍ଗବିରଙ୍ଗୀ ପ୍ରଜାପତି ଏହା ଶିକ୍ଷା ଦେଇଥାଏ ଯେ - ଆତ୍ମା ଜୀବନସଂଘର୍ଷର ମୁକାବିଲା କରି ମୃତ୍ୟୁପରେ ମୁକ୍ତ, ଶାଶ୍ୱତ ଓ ସୁନ୍ଦର ଦିବ୍ୟାଂଶରେ ରୂପାନ୍ତରିତ ହୋଇଥାଏ। ତେଣୁ ବାରମ୍ବାର ଘରକୁ ପ୍ରଜାପତି ଆସିବା କିମ୍ବା ପ୍ରଜାପତି ଦେଖିବା ଦ୍ୱାରା ଜୀବନରେ କିଛି ସକାରାତ୍ମକ ରୂପାନ୍ତରଣର ସମ୍ଭାବନା ରହିଛି ବୋଲି ଜନବିଶ୍ୱାସ ରହିଛି। ଅନ୍ୟକେତେକ ଦେଶର ଲୋକକଥା ଅନୁସାରେ କଳା ରଙ୍ଗର ପ୍ରଜାପତି ହେଉଛି ମୃତ୍ୟୁ ଉପରେ ବିଜୟର ପ୍ରତୀକ। କଳା ରଙ୍ଗର ପ୍ରଜାପତି ଘରୁ ନକାରାତ୍ମକ ଶକ୍ତି ଦୂର କରେ। ଏହା ପରିବାରର ଯେଉଁ ସଦସ୍ୟଙ୍କ ଶରୀର ଉପରେ ବସିଥାଏ, ତାହାର ନଜରଦୋଷ ମଧ୍ୟ ଦୂର ହୋଇଥାଏ। କାମେରୁନ୍, ମେଡାଗାସ୍କର ଓ କେନିଆରେ ରହୁଥିବା କେତେକ ଜନସମୁଦାୟ କଳା ରଙ୍ଗର ପ୍ରଜାପତିକୁ 'ଲୋଲୋପାଟି' ବୋଲି କହିଥା'ନ୍ତି, ଯାହାର ଅର୍ଥ 'ମୃତ୍ୟୁର ଆତ୍ମା'। ତେଣୁ ଏହା ଅଶୁଭ ବୋଲି ବିଚାର କରିଥା'ନ୍ତି ଏବଂ ଏହି ରଙ୍ଗର ପ୍ରଜାପତି ଘରକୁ ଆସିଲେ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା କିଛି ଆର୍ଥିକ ସମସ୍ୟା ଆସିଥାଏ ବୋଲି ଭୟ କରନ୍ତି। ଆଫ୍ରିକାର କେତେକ ଜନଜାତିଙ୍କ ବିଶ୍ୱାସ ଅନୁଯାୟୀ ପୂର୍ବପୁରୁଷଙ୍କ ଆତ୍ମା ପକ୍ଷୀ, ସର୍ପ, ସିଂହ, ମହୁମାଛି ଓ ପ୍ରଜାପତି ଭିତରେ ସମାହିତ ହୋଇ ରହିଥାଏ। ତେଣୁ ପ୍ରଜାପତି ଦେଖିବା ବା ଘରକୁ ଆସିବାର ଅର୍ଥ ହେଉଛି ପୂର୍ବପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ କରିବା।

ପ୍ରଜାପତିକୁ ନେଇ ଗୋଟିଏ ସୁନ୍ଦର ପ୍ରେରଣାଦାୟୀ କାହାଣୀ ରହିଛି - ଜଣେ ବ୍ୟକ୍ତି ସଁବାଳୁଆ ଖୋରାସାରୁ ପ୍ରଜାପତିକୁ ବାହାର କରିବା ପାଇଁ ସବୁବେଳେ ଯତ୍ନ କରୁଥିଲେ। କିନ୍ତୁ ସେହି ପ୍ରଜାପତି ସୃଷ୍ଟି ହେବା ପରେ ତା'ର ଡେଣାଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ହୋଇଗଲା ଏବଂ ସେ ଉଡ଼ିପାରିଲା ନାହିଁ। ଏଥିରୁ ଶିକ୍ଷା ମିଳୁଛି ଯେ, ଜୀବନ ସଂଘର୍ଷ ଜଣେ ବ୍ୟକ୍ତିକୁ ମଜଭୁତ୍ କରିଥାଏ। ଉଡ଼ିବା ଶିଖାଏ ବା ଜୀବନର ବିକାଶ ପାଇଁ ଯୋଗ୍ୟ ବିବେଚିତ କରାଏ। ତେଣୁ ପ୍ରଜାପତିକୁ ନେଇ ଥିବା ଦୃଢ଼ ଈଶ୍ୱରୀୟ ବିଶ୍ୱାସ ଭୌତିକରୁ ଆଦିଭୌତିକ ଜୀବନର ରୂପାନ୍ତରଣ ପାଇଁ ପୂର୍ଣ୍ଣ ସହାୟକ ହୋଇଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଛାତ୍ର ସଂସଦ ନିର୍ବାଚନ
ବିଜେଡି ଛାତ୍ର ସଂଗଠନର ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର,୧୫।୧୦(ସମିସ): ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ପ୍ରାର୍ଥୀଙ୍କ ସଂଘର୍ଷମୟ ବିଜୟକୁ ପ୍ରଶଂସା କରିଛି ଦଳ। ନିର୍ବାଚନ ସମୟରେ କେତେକ ଶିକ୍ଷାନୁଷ୍ଠାନରେ ବିସିଜେଡି ପ୍ରାର୍ଥୀଙ୍କୁ

■ ଓଡ଼ିଶାରେ ମୁକ୍ତ, ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ ଛାତ୍ର ସଂସଦ ନିର୍ବାଚନ ଦାବି କଲା ବିଜେଡି
■ କ୍ୟାମ୍ପସରେ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ସରକାରଙ୍କୁ ବିଜେଡିର ଆହ୍ୱାନ

ଦିଆଯାଇଥିବା ଧମକ, ହଇରାଣ ଓ ରାଜନୈତିକ ହସ୍ତକ୍ଷେପ ସତ୍ତ୍ୱେ ନିଷ୍ଠାର ସହ କାର୍ଯ୍ୟ କରିଥିବା ବିଜୁ ଛାତ୍ର ଜନତା ଦଳର ଛାତ୍ର ନେତା, ପ୍ରାର୍ଥୀ, କର୍ମୀ ଓ ସମର୍ଥକମାନଙ୍କୁ ଦଳ ଅଭିନନ୍ଦନ ଜଣାଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ନିର୍ବାଚନରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ବିଶ୍ୱଜିତ ସାହୁ ଓ ଉପସଭାପତି ପ୍ରାର୍ଥୀ ରାଜା ବିଶ୍ୱାଳଙ୍କ ବିଜୟ ପାଇଁ ବିଜେଡି ତାଙ୍କୁ ଅଭିନନ୍ଦନ ଜଣାଇଛି। ଏହି ବିଜୟ ଛାତ୍ରଛାତ୍ରୀଙ୍କ ଆସ୍ଥା ଓ ବିସିଜେଡି କର୍ମୀ ଏବଂ ସମର୍ଥକଙ୍କ ସାମୂହିକ ସଂକଳ୍ପର ଏକ ଉତ୍ସାହଜନକ ପ୍ରତିଫଳନ । ନିର୍ବାଚନ ସମୟରେ କେତେକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ହଇରାଣ କରିବା, ରାଜନୈତିକ ହସ୍ତକ୍ଷେପ କରି ନାମାଙ୍କନ ପ୍ରତ୍ୟାହାର ପାଇଁ ବାଧ କରାଯିବାକୁ ନେଇ ବିଜେଡି

ଗଭୀର ଉଦବେଗ ପ୍ରକାଶ କରିଛି। ପ୍ରତ୍ୟେକ ଯୋଗ୍ୟ ଛାତ୍ରଛାତ୍ରୀ ଯେପରି କୌଣସି ଭୟ, ଭେଦଭାବ କିମ୍ବା ବାହ୍ୟ ଚାପ ବିନା ନିର୍ବାଚନରେ ପ୍ରାର୍ଥୀ ହେବା ଓ ନିଜର ମତଦାନ ଅଧିକାର ପ୍ରୟୋଗ କରିବାର ସମାନ ସୁଯୋଗ ପାଇବେ, ତାହା ସୁନିଶ୍ଚିତ କରିବା ଉପରେ ବିଜେଡି ଗୁରୁତ୍ୱାରୋପ କରିଛି। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ଉତ୍ସାହଜନକ ସଫଳତା ପ୍ରଦର୍ଶନ କରିଛନ୍ତି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ବିସିଜେଡି ପ୍ରାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ଆହୁରି କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଆଭିମୁଖ୍ୟ ଏବଂ କେତେକ ଶିକ୍ଷାନୁଷ୍ଠାନରେ ନିର୍ବାଚନ ପରିଚାଳନାକୁ ନେଇ ଉଠିଥିବା ପ୍ରଶ୍ନ କ୍ୟାମ୍ପସରେ ଗଣତନ୍ତ୍ରର ସୁରକ୍ଷା ସମ୍ପର୍କରେ ଗମ୍ଭୀର ସନ୍ଦେହ ସୃଷ୍ଟି କରିଛି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା ଓ ରାଜ୍ୟରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରାଜନୈତିକ ହସ୍ତକ୍ଷେପର କୌଣସି ସ୍ଥାନ ନାହିଁ। ଛାତ୍ରଛାତ୍ରୀମାନେ ଯେପରି କୌଣସି ଭୟ କିମ୍ବା ଚାପ ବିନା କ୍ୟାମ୍ପସ୍ର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ, ସେଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ଉଚିତ। ଓଡ଼ିଶାର ଛାତ୍ରଛାତ୍ରୀଙ୍କ ସ୍ୱରକୁ ସମ୍ମାନ ଦିଆଯାଉ ଏବଂ କ୍ୟାମ୍ପସରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରାଯାଉ। ଛାତ୍ରଛାତ୍ରୀଙ୍କ ଏକତା, ଦୃଢ଼ ସଂକଳ୍ପ ଓ ଗଣତାନ୍ତ୍ରିକ ମନୋଭାବ ଓଡ଼ିଶାର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

ଇପ୍ସିତା ସାହୁଙ୍କୁ ଉଠାଇନେଲା ପୁଲିସ, ତାତିଲା ବିଜେଡି

ଭୁବନେଶ୍ୱର,୧୫।୧୦(ସମିସ): ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ଗୁରୁବାର ପୁଲିସ ରମାଦେବୀ ବିଶ୍ୱବିଦ୍ୟାଳୟ ଆଗରୁ ଉଠାଇ ନେବା ପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀଙ୍କୁ ବିଜୟ

■ ଛାତ୍ର ସଂସଦ ନିର୍ବାଚନକୁ ନେଇ ଭୟଭୀତ ହୋଇପଡ଼ିଛି ବିଜେପି ସରକାର
■ ନିର୍ବାଚନ ଚାଲିଥିବା ବେଳେ ଇପ୍ସିତାଙ୍କୁ ଅଟକ ରଖିଲେ ବିଜେପି ସରକାର
■ ପ୍ରଶାସନ ଓ ପୁଲିସ ଏବିଭିପି ପାଇଁ ଲଢ଼େଇ କରୁଛନ୍ତି

କରାଇବାକୁ ସରକାରୀ କଳର ଅପବ୍ୟବହାର କରୁଛି ବିଜେପି। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ବିଜେପି ସରକାର ଭୟଭୀତ ହୋଇ ଗିରଫ କରାଇଛନ୍ତି ବୋଲି ବିଜେଡି ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଗୁରୁବାରଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ତୁମ୍ବନାଥ ପଣ୍ଡା, ଅମ୍ରିତା ମିଶ୍ର, ସୋଫିଆ ଆଲାମ୍, ସ୍ୱରାଜଲକ୍ଷ୍ମୀ ସାମଲ, ମଧୁସ୍ମିତା ପରିଡ଼ା ପ୍ରମୁଖ ରାଜ୍ୟ ସରକାରଙ୍କୁ କଡ଼ା ନିନ୍ଦା କରିଛନ୍ତି।

ଡ. ଲେନିନ ମହାନ୍ତି କହିଥିଲେ ଯେ ପରାଜୟକୁ ଆଶଙ୍କା କରି ଅସହିଷ୍ଣୁ ହୋଇ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ଚକ୍ରାନ୍ତ କରି ଗିରଫ କରିଛି ବିଜେପି ସରକାର । ବିସିଜେଡି ପ୍ରତି

ବିପୁଳ ସମର୍ଥନ ଯୋଗୁଁ ରାଜ୍ୟର ବହୁ କଲେଜରେ ବିସିଜେଡି ପ୍ରାର୍ଥୀ ବିଜୟ ହାସଲ କରୁଛନ୍ତି, ଯାହାକୁ ବିଜେପି ସହଜରେ ଗ୍ରହଣ କରିପାରୁ ନାହିଁ। ଏବିଭିପି ପ୍ରାର୍ଥୀଙ୍କୁ ବିଜୟ କରାଇବା ପାଇଁ ବିଜେପି ସରକାରୀ କଳ ଓ ବଳ ଲଗାଇବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ପ୍ରାର୍ଥୀ ଚୋରି ଓ ଭୋଟ ଚୋରି କରି ଛାତ୍ର ସଂସଦ ନିର୍ବାଚନ ହାତେଇବାକୁ ବିଜେପି ଚକ୍ରାନ୍ତ କରୁଛି। ଇପ୍ସିତା ସାହୁ ସେଥିରେ ବାଧା ସୃଷ୍ଟି କରିବାରୁ ତାଙ୍କୁ ଗିରଫ କରାଯାଇଛି। ଅନେକ ସ୍ଥାନରେ ବିଜେପି ବିସିଜେଡି ପ୍ରାର୍ଥୀଙ୍କୁ ଅପହରଣ କରି ନେଇଛି, ଯାହାକି ଅତ୍ୟନ୍ତ ନିନ୍ଦନୀୟ। ତୁମ୍ବନାଥ ପଣ୍ଡା କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜେନ-ଜିମାନଙ୍କ ବିପୁଳ ସମର୍ଥନ ରହିଥିବାରୁ ଅନେକ କଲେଜରେ ବିସିଜେଡି ପ୍ରାର୍ଥୀ ବିଜୟ ହୋଇଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ବିଜେଡିର ଛାତ୍ର ସଭାପତିଙ୍କ ଉପସ୍ଥିତିକୁ ସହ୍ୟ କରିପାରୁନି ବିଜେପି। ନିର୍ବାଚନରେ ବିଜେପି ନେତା ମାନେ ହସ୍ତକ୍ଷେପ କରୁଥିବା ବେଳେ ପୁଲିସ ପ୍ରଶାସନ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଇପ୍ସିତା ସାହୁଙ୍କୁ ଗିରଫ କରିବା ହୀନମନ୍ୟତାର ପରିଚୟ। ବିଜେପି ସରକାରଙ୍କ କର୍ପୋରେଟର ମାନେ କଲେଜ କ୍ୟାମ୍ପସରେ ରହୁଥିବା ବେଳେ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଶୂନ। ବିଜେପି ସରକାର ଭୀରୁତାର ପରିଚୟ ଦେଉଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଅଗଣତାନ୍ତ୍ରିକ ଉପାୟରେ ବିଜୟହାସଲ ପାଇଁ ବିଜେପି ଲାଗି ପଡ଼ିଛି । ରମାଦେବୀ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବିଜୟ ପାଇଁ ବିଜେପି ସରକାର ସବୁ ସୀମା ଅତିକ୍ରମ କରିଛନ୍ତି। ଯାହାକୁ ଇପ୍ସିତା ସାହୁ ଲୋକ ଲୋଚନକୁ ଆଣିବାରୁ ତାଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ଛାତ୍ର ସମାଜ ସରକାରଙ୍କୁ ଉଚିତ୍ ଜବାବ ଦେବେ।

ଆମେରିକା ସିନେଟର ଓ ମେୟରଙ୍କ କିଟ୍-କିସ୍ ପରିଦର୍ଶନ

ଭୁବନେଶ୍ୱର,୧୫।୧୦(ସମିସ):ଆମେରିକାର ୱାଶିଂଟନ ରାଜ୍ୟର ସିନେଟର ତଥା ବିଭିନ୍ନ ସହରର ମେୟରଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୱାଶିଂଟନ ରାଜ୍ୟର ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍-କିସ୍ ଇଜ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ କିସ୍ ପିଲାଙ୍କ ଶୃଙ୍ଖଳା ଓ

୧୦ଜଣଙ୍କୁ 'କିଓ' ଜୀବନବ୍ୟାପୀ ସାଧନା ସମ୍ମାନ

ବିଭିନ୍ନ କ୍ଷେତ୍ରରେ ଦକ୍ଷତାକୁ ପ୍ରଶଂସା କରିଥିଲେ। ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ୱାଶିଂଟନ ରାଜ୍ୟରୁ ଏହି ୧୭ଜଣିଆ ପ୍ରତିନିଧିମଣ୍ଡଳୀ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଭାରତ ଭ୍ରମଣରେ ଅଛନ୍ତି। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ବନ୍ୟା କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ସମୀକ୍ଷା
୭୨ ଘଣ୍ଟା ମଧ୍ୟରେ ବାକି ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୮।୧୦(ସମିସ): ଚଳିତବର୍ଷ ମୌସୁମୀ ଋତୁରେ ଆସିଥିବା ବନ୍ୟା ଦ୍ୱାରା ବାଲେଶ୍ୱର, ଭଦ୍ରକ, ଯାଜପୁର ସବୁଠୁଁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପ୍ରାୟ ସମସ୍ତ ଜିଲ୍ଲା ଊଣାଅଧିକେ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକୁ କ୍ଷତିପୂରଣ ପାଇଁ ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା ହୋଇଥିଲା। ଏହି ଅର୍ଥରାଶିରୁ କ୍ଷତିଗ୍ରସ୍ତ ଚାଷଜମି, ଫସଲ, ବାସଗୃହ, ବାସନକୁସନ, ଡଙ୍ଗା, ମାଛଧରା ଜାଲ ଆଦି ପାଇଁ କ୍ଷତିପୂରଣ ପ୍ରଦାନ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗୁରୁବାର ଚଳିତ ବର୍ଷର ବନ୍ୟା କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ ଏବଂ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳମାନଙ୍କ ସହ ସମୀକ୍ଷା କରିବା ପରେ ମନ୍ତ୍ରୀ କହିଛନ୍ତି, ରିଲିଫ୍ କ୍ୟାମ୍ପ ପରିଚାଳନା, ବାସଗୃହ ମରାମତି, କୃଷି ରିହାତି ଏବଂ ଅନ୍ୟାନ୍ୟ କ୍ଷତିପୂରଣ ବାବଦକୁ ସ୍ପେଶାଲ୍ ରିଲିଫ୍ କମିଶନରଙ୍କ ପକ୍ଷରୁ ୨୮୮ କୋଟି ୭୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ବିଭିନ୍ନ ଜିଲ୍ଲାରେ କେତେ ଦୂର କ୍ଷତିପୂରଣ ବଣ୍ଟନ ସମାପ୍ତ ହୋଇଛି, ସେ ସମ୍ପର୍କରେ ଶ୍ରୀ ପୂଜାରୀ ବିସ୍ତୃତ ସମୀକ୍ଷା କରିଥିଲେ।

ପ୍ରକାଶ ଥାଉ କି, ଅକ୍ଟୋବର ୧୦ ସୁଦ୍ଧା ପ୍ରଭାବିତଙ୍କ ନିକଟରେ କ୍ଷତିପୂରଣ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ପ୍ରାୟ ସମସ୍ତ ଜିଲ୍ଲାରେ ଇତିମଧ୍ୟରେ କ୍ଷତିପୂରଣ ବଣ୍ଟନ ସମାପ୍ତ ହୋଇଛି। ଆଉ ୭୨ ଘଣ୍ଟା ମଧ୍ୟରେ ବଳକା କ୍ଷତିପୂରଣ ରାଶି ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଶକ୍ତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଜଳସମ୍ପଦ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ଅନ୍ୟାନ୍ୟ ପ୍ରଭାବିତ ବିଭାଗମାନଙ୍କୁ ମଧ୍ୟ ବିଭିନ୍ନ ମରାମତି କାର୍ଯ୍ୟ ନିମନ୍ତେ ଆବଶ୍ୟକ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ବିଭାଗ ସେମାନଙ୍କ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ପାଇଁ ନୋଟିଫିକେସନ

ପଟାଙ୍ଗି,୧୫।୧୦(ସମିସ): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ଆନ୍ଧ୍ର କରିବ ପଞ୍ଚାୟତ ନିର୍ବାଚନ। ପଞ୍ଚାୟତର ନିର୍ବାଚନ ପାଇଁ ଆନ୍ଧ୍ର ପ୍ରଦେଶ ନୋଟିଫିକେସନ୍ ଜାରି କରିଛି। ଓଡ଼ିଶାର କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ୍‌ର କୋଟିଆ ପଞ୍ଚାୟତରେ ଫଗୁଣସିନେରୀ, ଗଞ୍ଜେଇପଦର ଏବଂ ଫାଟୁସିନେରୀ ୩ଟି ଗ୍ରାମରେ ନିର୍ବାଚନ ହେବ ବୋଲି ଜଣାପଡିଛି। ଉକ୍ତ ଗ୍ରାମଗୁଡ଼ିକୁ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟାମ୍ ଜିଲ୍ଲା ସାଲୁର ନିର୍ବାଚନମଣ୍ଡଳୀର ଅନ୍ତର୍ଗତ ସାଲୁର୍ ବ୍ଲକର ୩ ପଞ୍ଚାୟତ କରି ସେଥିରେ ରଖାଯାଇଛି। ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ ପଞ୍ଚାୟତ ସମିତି ସଭ୍ୟ ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ନିର୍ବାଚନ ହେବ। ଆନ୍ଧ୍ର ରାଜ୍ୟ ନିର୍ବାଚନ କମିଶନର ଅନିଲ ଚନ୍ଦ୍ର ପୁନେଙ୍କ ଦ୍ୱାରା ସଂରକ୍ଷଣ ନୋଟିଫିକେଶନ ୭୩୮/ଏସ୍‌ଇସି ଏଫ୍୧/୨୦୨୬-୫ ଜାରି କରାଯାଇଛି। ଆସନ୍ତା ୩ ତାରିଖରେ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟ ପାଇଁ ନିର୍ବାଚନ କରାଯିବ। ସେହିପରି ୨୬, ୨୯ ଓ ୨ ଡିସେମ୍ବରରେ ମଧ୍ୟରେ ୩ ପର୍ଯ୍ୟାୟରେ ସରପଞ୍ଚ ନିର୍ବାଚନ ରହିଛି। ପୌର ଏବଂ ସମିତି ସଭ୍ୟା ସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟ ପାଇଁ ୧୬ ଅକ୍ଟୋବର ଦିନ ୧୧ଟାରୁ ଅପରାହ୍ନ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ, ୧୮ରେ ନାମାଙ୍କନ ଦାଖଲ ଶେଷ, ୧୯ରେ ନାମାଙ୍କନ ପତ୍ର ଯାଞ୍ଚ, ୨୧ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ୩ଟା ପରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ୧୬ ତାରିଖରୁ ରାଜ୍ୟର ଅଧିକାରୀମାନେ ବୁଥ୍ ଗୁଡ଼ିକୁ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ରହିଥିବା ଜଣାପଡିଛି।

ମହିଳା ଓ ଶିଶୁ ବିକାଶ ବିଭାଗ ଓ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୫।୧୦(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ଓ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ବିଜିୟୁ), ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନୀ ଦରସୱାଲଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବିଭାଗ ତରଫରୁ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦରସୱାଲ ଏବଂ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର କୁଳଭୂଷଣ ବାଲୁନି, କୁଳପତି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।୧୦ରୁ ୧୯ ବର୍ଷ ବୟସର କିଶୋର-କିଶୋରୀଙ୍କ ସାମର୍ଥ୍ୟକୁ ବିକଶିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର 'ଅଦ୍ୱିକା କିଶୋରୀ ଓ କିଶୋର ସଶକ୍ତିକରଣର ଏକ ପଥ' ଯୋଜନା ଆରମ୍ଭ କରିଥିଲେ। ଅଦ୍ୱିକା କିଶୋରୀ ଓ ପିର୍ ଲିଡର ମାନଙ୍କ ଦକ୍ଷତାକୁ ଅଧିକ ସୁଦୃଢ଼ କରିବା ପାଇଁ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ସହ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଯାହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଦକ୍ଷତା ଏବଂ ବିଭାଗର ତୃଣମୂଳ ସ୍ତରରେ ରହିଥିବା ପହଞ୍ଚକୁ ଏକତ୍ରିତ କରିଥିଲା। ବୁଝାମଣା ପତ୍ର ଅନୁଯାୟୀ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ଏହାର କ୍ୟାମ୍ପସରେ ୫୦ଜଣ ଅଦ୍ୱିକା କିଶୋରୀଙ୍କ ପାଇଁ ଛଅ ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବ। ଏହା କିଶୋରୀମାନଙ୍କୁ ବିଶ୍ୱବିଦ୍ୟାଳୟ ପରିବେଶର ଅଭିଜ୍ଞତା ସହ ବ୍ୟବହାରିକ ଶିକ୍ଷା ପ୍ରଦାନ କରିବ। ସେହିପରି ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକରେ ୫୦ ଜଣ ଅଦ୍ୱିକା ପିର୍ ଲିଡର ଙ୍କ ପାଇଁ ଚାରି ସପ୍ତାହବ୍ୟାପୀ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଧ୍ୟ ସ୍ଥିର ହୋଇଥିଲା। ଯାହା ସେମାନଙ୍କୁ ନିଜ ସାଥୀ କିଶୋର-କିଶୋରୀଙ୍କୁ ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରିବାରେ ସକ୍ଷମ କରିବ। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ବିଭାଗର ଉପସଚିବ ଜିତେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ବିଜେପି ନେତାଙ୍କ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୧୫।୧୦(ସମିସ): ଛାତ୍ରସଂସଦ ନିର୍ବାଚନକୁ ନେଇ ବିଶ୍ୱବିଦ୍ୟାଳୟ ନିକଟରେ ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଆକ୍ରମଣର ଶୀକାର ହୋଇଥିବା ଦୁଇଛାତ୍ର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଛାତ୍ର ଏ. ବିବେକ ଓ ତାଙ୍କ ସାଙ୍ଗ ଇଜୁ ଅମିନ ଖାନ୍ ମତଦାନ କରି ଫେରୁଥିଲେ। ଏହି ସମୟରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ବାହାରେ ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ବି. ସୋମନାଥ ପାତ୍ର ଓ ତାଙ୍କର କିଛି ସହଯୋଗୀ ଉଭୟ ଛାତ୍ରଙ୍କୁ ଆକ୍ରମଣ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପୁଲିସକୁ ଜଣାଇବା ପାଇଁ ଛାତ୍ରମାନେ ମୋବାଇଲ ଫୋନ ବାହାର କରିବା ବେଳେ ଅଭିଯୁକ୍ତମାନେ ଫୋନ ଛଡ଼ାଇ ନେଇ ଭାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ଇଜୁ ଅମିନ ଖାନ୍। ଉଭୟ ଛାତ୍ରଙ୍କୁ ମାଡ଼ ମାରିବା ସହ ବିଭିନ୍ନ ପ୍ରକାର ଧମକଚମକ ଦେଇଥିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ଅଭିଯୋଗ ଆଧାରରେ ଗୋପାଳପୁର ଥାନା ପୁଲିସ କେସ ନମ୍ବର ୬୦୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ ଯେ' ନିକଟରେ ଯୁବମୋର୍ଚ୍ଚା ସଭାପତି ବି. ସୋମନାଥ ପୁଲିସ ଅଧିକାରୀଙ୍କୁ ଧମକ ଦେବା ଓ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। ପରେ କୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଁ ମୁକୁଳିଥିଲେ।

ମାହାଙ୍ଗା ଡବଲ ମର୍ଡର ଘଟଣା
ବଦନାମ କରିବା ପାଇଁ ହୋଇଥିବା ଷଡ଼ଯନ୍ତ୍ର ବିଫଳ ହୋଇଛି

ଭୁବନେଶ୍ୱର,୧୫।୧୦(ସମିସ): ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଜେଡିର ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ କ୍ଲିନଚିଟ ମିଳିଛି। ଏହାକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ବିଜୁ ଜନତା ଦଳ ବିଶ୍ୱାସ କରେ ଯେ ସତ୍ୟକୁ ସାମୟିକ ଭାବେ ଆଢୁଆଳରେ ରଖାଯାଇପାରେ, କିନ୍ତୁ ଏହାକୁ ଚିରଦିନ ପାଇଁ ଲୁଚାଇ ରଖାଯାଇପାରିବ ନାହିଁ। ରାଜନୀତିରେ

■ ବିଜେଡିର ସ୍ୱାଗତ, ରାଜନୈତିକ ଅପପ୍ରଚାର ନୁହେଁ, ଆଇନ ଓ ପ୍ରମାଣ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟର ଶୁଣାଣି
■ ପ୍ରଭୁ ଜଗନ୍ନାଥ ଏବଂ ମାହାଙ୍ଗାବାସୀଙ୍କୁ ପ୍ରତାପଙ୍କ କୃତଜ୍ଞତା

ଅଭିଯୋଗ, ଆରୋପ, ପ୍ରତ୍ୟାରୋପ ଓ ଅପପ୍ରଚାର ହୋଇପାରେ। କିନ୍ତୁ ନ୍ୟାୟର ମୂଳଦୁଆ ହେଉଛି ଆଇନର ଶାସନ ଓ ପ୍ରମାଣ। ରାଜନୈତିକ ବାକ୍‌ଚାତୁରୀ କିମ୍ବା ଅପପ୍ରଚାର ନୁହେଁ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଏହି ରାୟ ପ୍ରକାଶ ପାଇବା ପରେ ଶ୍ରୀ ଜେନା ପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କର ଶୁଭେଚ୍ଛୁ ଏବଂ ମାହାଙ୍ଗାବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କୁ ବଦନାମ କରିବା ପାଇଁ ହୋଇଥିବା ସବୁ ଷଡ଼ଯନ୍ତ୍ର ଶେଷରେ ବିଫଳ ହୋଇଛି ଏବଂ ସତ୍ୟର ଜୟ ହୋଇଛି। ସେ କହିଛନ୍ତି ଯେ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗଗୁଡ଼ିକ ଭିତ୍ତିହୀନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହି ଘଟଣାରେ ତାଙ୍କର ଆଦୌ କୌଣସି ସମ୍ପୃକ୍ତି ନଥିଲା। ବିରୋଧୀ ବିଜେପି ଓ କଂଗ୍ରେସର ନେତାମାନେ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏହା ପୂର୍ବରୁ ହାଇକୋର୍ଟ ମଧ୍ୟ ଏହି ମାମଲାରେ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଏହି ମାମଲାରେ ଜାଣିଶୁଣି ଫସାଇବା ଉଦ୍ଦେଶ୍ୟରେ ମୋ ନାମ ଯୋଡ଼ାଯାଇଥିଲା। ନ୍ୟାୟିକ ପ୍ରକ୍ରିୟା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଥିଲା। ଶେଷରେ ସତ୍ୟ ସାମ୍ନାକୁ ଆସିଛି ଏବଂ ମୋ ବିରୋଧରେ ହୋଇଥିବା ଅଭିଯୋଗ ଗୁଡ଼ିକୁ ନ୍ୟାୟିକ ପ୍ରକ୍ରିୟା ଓ ଅଦାଲତଙ୍କ ଆଦେଶ ଆଧାରରେ ବିଚାର କରାଯାଇଛି। ରାଜନୈତିକ ଷଡ଼ଯନ୍ତ୍ର ଦ୍ୱାରା ସତ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାପି ରଖିହେବ ନାହିଁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଏବଂ ମାହାଙ୍ଗାବାସୀଙ୍କ ଆଶୀର୍ବାଦ, ଭଲପାଇବା ଓ ସମର୍ଥନ ଯୋଗୁଁ ସତ୍ୟର ଜୟ ହୋଇଛି। ଏହି କଠିନ ସମୟରେ ଯେଉଁମାନେ ମୋ ସହିତ ଦୃଢ଼ ଭାବେ ଠିଆ ହୋଇଥିଲେ, ସମସ୍ତଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଛି। ମୋ ପ୍ରତି ଥିବା ବିଶ୍ୱାସ ଓ ସମର୍ଥନ ମୋତେ ଶକ୍ତି ଏବଂ ଆତ୍ମବିଶ୍ୱାସ ଦେଇଛି ବୋଲି ସେ କହିଛନ୍ତି।

ଓସ୍‌ଡମାର ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା
ମୁକାବିଲା ପାଇଁ ପ୍ରମୁଖ ବୈଜ୍ଞାନିକ ବିଶେଷଜ୍ଞଙ୍କ ମାନସମନ୍ଥନ

ଭୁବନେଶ୍ୱର,୧୫।୧୦(ସମିସ): ସାମ୍ପ୍ରତିକ ପରିସ୍ଥିତିରେ ପ୍ରଭାବ ଏବଂ କ୍ଷୟକ୍ଷତି ଦୃଷ୍ଟିରୁ ବଜ୍ରପାତ ଏକ ଗୁରୁତ୍ୱପୂର୍ଣ୍ଣ ବିପର୍ଯ୍ୟୟ ସାଜିଛି। ଏହାର ମୁକାବିଲା ତଥା ବଜ୍ରପାତଜନିତ ମୃତ୍ୟୁ ଏବଂ କ୍ଷୟକ୍ଷତି ହ୍ରାସ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ନିରନ୍ତର ଉଦ୍ୟମ କରୁଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗୁରୁବାର ଭୁବନେଶ୍ୱରଠାରେ ଆୟୋଜିତ ୨ ଦିନିଆ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା ଉଦଘାଟନ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏହି ଜାତୀୟ କର୍ମଶାଳାର ଆୟୋଜନ ଦ୍ୱାରା ବୈଜ୍ଞାନିକ, ଗବେଷକ, ବିଶେଷଜ୍ଞ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଚାରବିମର୍ଶ, ଆଲୋଚନା ତଥା ମାନସମନ୍ଥନ ମାଧ୍ୟମରେ ବଜ୍ରପାତର ପ୍ରକୋପ ହ୍ରାସ ଦିଗରେ ଅନେକ ବାଟ ବାହାରିବ। ପ୍ରକାରାନ୍ତରେ ବିପର୍ଯ୍ୟୟ ବିପଦ ହ୍ରାସ ଦିଗରେ ଓଡ଼ିଶାର ଦକ୍ଷତାକୁ ଏହା ଆହୁରି ସୁଦୃଢ଼ କରିବ ବୋଲି ମନ୍ତ୍ରୀ କହିଛନ୍ତି।

ଉଦଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଇଏମ୍‌ଡି ମହାନିର୍ଦ୍ଦେଶକ

ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଲେ ଯେ ଉପଗ୍ରହ ତଥ୍ୟର ସମନ୍ୱୟ, ସଂଖ୍ୟା, ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତ୍ତା ଆଦିର ନୂତନ ପ୍ରୟୋଗ ଏବଂ ପଞ୍ଚାୟତସ୍ତରୀୟ ନିଷ୍ପତ୍ତି ସହାୟକ ବ୍ୟବସ୍ଥା ମାଧ୍ୟମରେ ବଜ୍ରପାତ ଚିହ୍ନଟ, ନିରୀକ୍ଷଣ ଓ ପୂର୍ବାନୁମାନ ବ୍ୟବସ୍ଥାର ଉନ୍ନତି ଉପରେ ଏହି କର୍ମଶାଳାରେ ଆଲୋଚନା କରାଯିବ। ଏହିପରି କର୍ମଶାଳା ମାଧ୍ୟମରେ ବଜ୍ରପାତ ପରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆମର ବ୍ୟବସ୍ଥା ଅଧିକ କ୍ରିୟାଶୀଳ ହୋଇପାରିବ। ଓସଡମାର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ବଜ୍ରପାତର ପୂର୍ବାନୁମାନ, ବିପଦ ଆକଳନ, ଆଗୁଆ ସତର୍କ ସୂଚନାର ପ୍ରସାର ଏବଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି। ଦୁଇଦିନ ଧରି ଏହି କର୍ମଶାଳାରେ ବିଶେଷକରି କୃଷକ, କୃଷି ଶ୍ରମିକ, ବାହାରେ ଖୋଲା ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମଜୀବୀ, ଛାତ୍ରଛାତ୍ରୀ ଏବଂ ବିପଦପ୍ରବଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ସୁରକ୍ଷା ନିମନ୍ତେ ବୈଜ୍ଞାନିକ ଜ୍ଞାନ ଓ ଆଧୁନିକ ବୈଷୟିକ ପ୍ରଗତିକୁ କିପରି ବ୍ୟାବହାରିକ ପଦକ୍ଷେପରେ ପରିଣତ କରାଯାଇପାରିବ, ତାହା ଉପରେ ଆଲୋଚନା କରାଯିବ କ୍ଷ ଓଡ଼ିଶା ପରି ବିପର୍ଯ୍ୟୟପ୍ରବଣ ରାଜ୍ୟରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଓସ୍‌ଡମାର ପ୍ରୟାସ ସର୍ବଦା ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।

ବଜ୍ରପାତର ପୂର୍ବାନୁମାନର ସଠିକତା ବୃଦ୍ଧି, ଆଗୁଆ ସତର୍କ ସୂଚନା ପ୍ରଦାନ ପାଇଁ ଉପଲବ୍ଧ ସମୟ ବୃଦ୍ଧି ଏବଂ ସ୍ଥାନୀୟ ସ୍ତରରେ ନିଷ୍ପତ୍ତି ଗ୍ରହଣ ପାଇଁ ବୈଜ୍ଞାନିକ ତଥ୍ୟର ଉପଯୋଗ ଉପରେ କର୍ମଶାଳାର ବିଭିନ୍ନ ଅଧିବେଶନଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ

ଖୁବ୍‌ଶୀଘ୍ର ଆସିବ ବଜ୍ରପାତ ସୁରକ୍ଷା ଏସଓପି

ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହି କର୍ମଶାଳାରେ ବିଶେଷଜ୍ଞ ଓ ସରକାରୀ ପ୍ରତିନିଧିମାନେ ଏକତ୍ରିତ ହୋଇ ବଜ୍ରପାତ ସୁରକ୍ଷା ପାଇଁ ଏକ ମାନକ ପରିଚାଳନା ପ୍ରକ୍ରିୟା (ଏସ୍‌ଓପି) ପ୍ରସ୍ତୁତ ହେବ। ଉଦଘାଟନୀ ଅଧିବେଶନରେ ଫକୀରମୋହନ ବିଶ୍ୱବିଦ୍ୟାଳର ପ୍ରାଧ୍ୟାପକ ମନୋରଞ୍ଜନ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଦେଶର ପ୍ରମୁଖ ବୈଜ୍ଞାନିକ ଓ ବୈଷୟିକ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଗବେଷକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ଏଠାରେ ଯୋଗଦେଇଛନ୍ତି।

ଅକୁହା ମଣିଷ

ନିରବତା ଯାହାଙ୍କର ଭାଷା, ସଂଯମ ଯାହାଙ୍କ ଶକ୍ତି

■ ସୁବ୍ରତ ଦାସ

ସେ କମ୍ କହନ୍ତି; କିନ୍ତୁ ତାଙ୍କୁ ନେଇ ସରେ ନାହିଁ କଥା । କିଛି ମଣିଷ କହୁଥିବା ଅନେକ କଥା ବୋଧଗମ୍ୟ ହୁଏନାହିଁ; ମାତ୍ର ତାଙ୍କ ନିରବତା ହିଁ କହିଯାଏ ଅନେକ କାହାଣୀ । ନବୀନ ପଟ୍ଟନାୟକ ହେଉଛନ୍ତି ସେହିପରି ଜଣେ ମଣିଷ; ଯାହାଙ୍କ ସ୍ୱର, ଶବ୍ଦ, ଅଭିବ୍ୟକ୍ତି ସାଧାରଣ ଲୋକଙ୍କ ହୃଦୟକୁ ଛୁଇଁଯାଏ । ରାଜନୀତି ହେଉଛି କଥାର ଦୁନିଆ । ଏଠି ଯିଏ ଯେତେ ଅଧିକ କହିପାରେ, ଯିଏ ଯେତେ ଉଚ୍ଚସ୍ୱରରେ ନିଜ କଥା ଉପସ୍ଥାପନ କରିପାରେ, ସେ ସେତେ ଚର୍ଚ୍ଚାରେ ରହେ ବୋଲି କୁହାଯାଏ । ମାତ୍ର ପ୍ରଚଳିତ ଏହି ଧାରଣାକୁ ନିଜ ଜୀବନ ଓ ରାଜନୈତିକ ଯାତ୍ରାରେ ଭୁଲ ସାବ୍ୟସ୍ତ କରିଛନ୍ତି ନବୀନ ପଟ୍ଟନାୟକ । ଲମ୍ବା ଭାଷଣ ଦେଇ ଲୋକଙ୍କୁ ମୁଗ୍ଧ କରିବା ତାଙ୍କ ରାଜନୀତିର ଶୈଳୀ ନୁହେଁ । ସେ ଜଣେ ଶବ୍ଦର ଯାଦୁଗର, ଓଡ଼ିଶା ତଥା ଭାରତୀୟ ରାଜନୀତି ଇତିହାସରେ ଏକ ବିରଳ ଅଧ୍ୟାୟ ।

ନିରବତାର ଅଭିବ୍ୟକ୍ତି

ନବୀନଙ୍କୁ ବୁଝିବା ସହଜ ନୁହେଁ; ତାଙ୍କ ମୁହଁର ଅଭିବ୍ୟକ୍ତି ପଢ଼ିବା ଆହୁରି କଷ୍ଟକର । ତାଙ୍କ ଭାବଲେଶହୀନ ମୁହଁରେ ଶିଶୁ ସୁଲଭ ହସ ଜଣକୁ ବିମୋହିତ କରିବାକୁ ଯଥେଷ୍ଟ । ସୁଖ-ଦୁଃଖ, ବିଜୟ-ପରାଜୟ, ପ୍ରଶଂସା-ସମାଲୋଚନା କେବେ ତାଙ୍କୁ ଅହ୍ଲାଦିତ କରିନାହିଁ କି ଚିନ୍ତାଗ୍ରସ୍ତ କରିନାହିଁ । ଲାଗେ ଯେମିତି ସେ ଅନେକ କଥା କହିବାକୁ ଚାହାନ୍ତି, ମାତ୍ର ସବୁ କଥା କହିବା ଜରୁରୀ ମଣନ୍ତି ନାହିଁ । ସେ ଅଧିକ ଶୁଣନ୍ତି, ଧୀର, ସ୍ଥିର ଓ ସଂଯତ ଭାବରେ କମ୍ କହନ୍ତି । ତାଙ୍କର ଗୋଟିଏ ଛୋଟ ବାକ୍ୟ ଅନେକ ଲମ୍ବା ଭାଷଣଠାରୁ ଅଧିକ ଚର୍ଚ୍ଚା ସୃଷ୍ଟି କରେ । ଏହା ହିଁ ନବୀନଙ୍କ ବ୍ୟକ୍ତିତ୍ୱର ବିଶେଷ ଦିଗ, ତାଙ୍କ ନିରବତା ହିଁ ତାଙ୍କର ସବୁଠାରୁ ବଡ଼ ଅଭିବ୍ୟକ୍ତି ।

ଅନ୍ତର୍ମୁଖୀ ବ୍ୟକ୍ତିତ୍ୱ

ସାଧାରଣତଃ ଜଣେ ରାଜନେତାଙ୍କ ଭାଷଣରେ ଆବେଗ, ଆକ୍ରମଣାତ୍ମକ ଶବ୍ଦ ଓ ପ୍ରତିପକ୍ଷ ପ୍ରତି କଟାକ୍ଷ ଦେଖିବାକୁ ମିଳେ; କିନ୍ତୁ ନବୀନଙ୍କ କ୍ଷେତ୍ରରେ ଏହାର ଏକ ଭିନ୍ନ ଚିତ୍ର ଦେଖାଯାଏ । ତାଙ୍କ ମୁହଁରେ ଥାଏ ମୃଦୁ ହସ, କଥାରେ ଶାଳୀନତା, ସଂଯମ ଆଚରଣ । ପ୍ରତିପକ୍ଷ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତି ମଧ୍ୟ ସେ ବ୍ୟକ୍ତିଗତ ସମାଲୋଚନା କରନ୍ତି ନାହିଁ । କେହିକେହି ଏହାକୁ ତାଙ୍କର ଶକ୍ତି ମନେ କରନ୍ତି, କେହି କେହି ତାଙ୍କୁ ଜଣେ ଅନ୍ତର୍ମୁଖୀ ବ୍ୟକ୍ତିତ୍ୱ ରୂପେ ଅଭିହିତ କରନ୍ତି । ମାତ୍ର ନବୀନ ନିଜେ ନିଜର ଶୈଳୀ, ନିଜେ ଗୋଟିଏ ସ୍ୱତନ୍ତ୍ର ଧାରା । ପ୍ରଶଂସା ବା ସମାଲୋଚନା ତାଙ୍କୁ ପ୍ରଭାବିତ କରିପାରି ନାହିଁ, ନିଜ ଶୈଳୀରୁ ସେ କେବେ ବିଚ୍ୟୁତ ହୋଇନାହାନ୍ତି ।

ନିଜ ସହ ନିଜେ

ନବୀନଙ୍କ ବ୍ୟକ୍ତିତ୍ୱ ପରି ତାଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟ ଭିନ୍ନ । ନିଜର ବ୍ୟକ୍ତିଗତ ଜୀବନକୁ ସବୁବେଳେ ପ୍ରଚାରର ଆଲୋକଠାରୁ ଦୂରରେ ରଖିଆସିଛନ୍ତି । ଏକ ବିଶାଳ ରାଜ୍ୟର ଶାସନ ଦାୟିତ୍ୱ ସମ୍ଭାଳିଥିବା ଏହି ମଣିଷଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ସାଧାରଣ ଲୋକ ବହୁତ କମ୍ ଜାଣନ୍ତି । ତାଙ୍କର ନିଜ ଦୁନିଆ, ନିଜର ରୁଚି, ନିଜର ଅନୁଭବ ଓ ଅନୁଭୂତି ସବୁବେଳେ ଏକ ପ୍ରକାର ନିଭୃତ ପରିସରରେ ରହିଆସିଛି । ସେଥିପାଇଁ ହୁଏତ ନବୀନଙ୍କୁ ନେଇ ଲୋକଙ୍କ ମନରେ ଏତେ କୌତୂହଳ । ଏତେ ବର୍ଷ କ୍ଷମତାର ଶୀର୍ଷରେ ରହିବା ପରେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ଅନେକ ଦିଗ ସାଧାରଣ ଲୋକଙ୍କ ପାଇଁ ଅଜଣା ।

ସଂଯମୀ ନିରବତା

ରାଜନୀତିରେ ବିଜୟ ଓ ପରାଜୟ ଦୁଇଟି ଅବିଚ୍ଛେଦ୍ୟ ଅଂଶ । ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ଲଗାତାର ପାଞ୍ଚଟି ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିଥିବା ନବୀନଙ୍କୁ ୨୦୨୪ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଲା । ଦୀର୍ଘ ୨୪ ବର୍ଷର କ୍ଷମତାର ଅବସାନ ଘଟିଲା; କିନ୍ତୁ ଏହି ପରାଜୟ ପରେ ମଧ୍ୟ ତାଙ୍କ ଆଚରଣରେ ଅବିଶ୍ୱସନୀୟ ସଂଯମତା ଲୋକଙ୍କୁ ବିସ୍ମିତ କରିଥିଲା । ଗଣତନ୍ତ୍ରରେ ଜନାଦେଶକୁ ସମ୍ମାନ ଦେବା ଜଣେ ରାଜନେତାଙ୍କ ପରିପକ୍ୱତାର ପରିଚୟ । ନବୀନଙ୍କ ରାଜନୈତିକ ଜୀବନରେ ଏହି ଅଧ୍ୟାୟ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ ।

ଯେଉଁ ମଣିଷଙ୍କୁ ବୁଝିବା ଏତେ ସହଜ ନୁହେଁ

ନବୀନଙ୍କ ବ୍ୟକ୍ତିତ୍ୱର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ତାଙ୍କର ଅନେକାଂଶରେ ଅପ୍ରକାଶିତ ମନୋଭାବ । ସେ କ'ଣ ଭାବୁଛନ୍ତି, କାହା ବିଷୟରେ କ'ଣ ଅନୁଭବ କରୁଛନ୍ତି, କେଉଁ ଘଟଣା ତାଙ୍କୁ କେତେ ଆଘାତ ଦେଇଛି, କେଉଁ ସଫଳତା ତାଙ୍କୁ କେତେ ଆନନ୍ଦ ଦେଇଛି-ଏସବୁ କଥା ସେ ସହଜରେ ପ୍ରକାଶ କରନ୍ତି ନାହିଁ । ସେଥିପାଇଁ ତାଙ୍କ ନିରବତାକୁ ନେଇ ଅନେକ ବ୍ୟାଖ୍ୟା ହୁଏ । କିଏ କହେ ଏହା ତାଙ୍କର ସ୍ୱଭାବ, କିଏ କହେ ଏହା ତାଙ୍କର ରାଜନୈତିକ କୌଶଳ । କିନ୍ତୁ ଏହା ନିଶ୍ଚିତ ଯେ, ଏହି ନିରବତା ତାଙ୍କୁ ଅନ୍ୟମାନଙ୍କଠାରୁ କରିଛି ଭିନ୍ନ, ଅନନ୍ୟ ।

କ୍ଷମତାଠାରୁ ବଡ଼ ବ୍ୟକ୍ତିତ୍ୱ

କ୍ଷମତା ଚିରସ୍ଥାୟୀ ନୁହେଁ । ଆଜି ଯିଏ ଶାସକ, କାଲି ସେ ବିରୋଧୀ ଦଳରେ ରହିପାରନ୍ତି । ଏହା ହିଁ ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ କ୍ଷମତାରେ ରହିବା ସମୟରେ ଜଣେ ମଣିଷ ନିଜ ପାଇଁ ଯେଉଁ ପରିଚୟ ସୃଷ୍ଟି କରନ୍ତି, ତାହା କ୍ଷମତା ଚାଲିଯିବା ପରେ ମଧ୍ୟ ଆଲୋଚନାରେ ରହେ । ନବୀନଙ୍କ କ୍ଷେତ୍ରରେ ମଧ୍ୟ ସେହି କଥା ପ୍ରଯୁଜ୍ୟ । ତାଙ୍କର ରାଜନୈତିକ ସଫଳତା ଓ ବିଫଳତାକୁ ନେଇ ଭିନ୍ନ ମତ ରହିପାରେ । ତାଙ୍କ ଶାସନର ମୂଲ୍ୟାୟନ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ହୋଇପାରେ । କିନ୍ତୁ ତାଙ୍କର ଶାନ୍ତ, ସଂଯତ ଓ ଅଳ୍ପଭାଷୀ ବ୍ୟକ୍ତିତ୍ୱ ଭାରତୀୟ ରାଜନୀତିରେ ଏକ ନିଆରା ଉଦାହରଣ ହୋଇ ରହିବ ।

ଅକୁହା ରହିଯାଏ ଅନେକ କଥା...

ନବୀନଙ୍କୁ ଦେଖିଲେ କେବେ କେବେ ମନେହୁଏ, ଏହି ମଣିଷଙ୍କ ପାଖରେ କହିବାକୁ ଅନେକ କାହାଣୀ ରହିଛି । ୨୪ ବର୍ଷର ଶାସନ, ଅସଂଖ୍ୟ ରାଜନୈତିକ ଘଟଣା, ଅନେକ ସଫଳତା, କିଛି ବିଫଳତା, ବିଶ୍ୱାସ ଓ ବିଶ୍ୱାସଘାତର ଅନୁଭବ, ରାଜନୈତିକ ଉତ୍ଥାନପତନ—କେତେ କଥା ହୁଏତ ତାଙ୍କ ସ୍ମୃତିରେ ସାଇତା ହୋଇ ରହିଛି । କିନ୍ତୁ ସେ ସବୁ କଥା କହନ୍ତି ନାହିଁ । କିଛି କଥା ନିଜ ପାଖରେ ସାଇତି ରଖନ୍ତି । କିଛି କଥା ହସିଦେଇ ଏଡ଼ାଇ ଯାଆନ୍ତି । ଆଉ କିଛି ପ୍ରଶ୍ନର ଉତ୍ତର ତାଙ୍କ ନିରବତା ଭିତରେ ହିଁ ଲୁଚି ରହିଯାଏ । ସେଥିପାଇଁ ନବୀନ କେବଳ ଜଣେ ରାଜନେତା ନୁହନ୍ତି, ସେ ଏକ ଭିନ୍ନ ବ୍ୟକ୍ତିତ୍ୱର ଅଧିକାରୀ । ଏମିତି ଜଣେ ମଣିଷ, ଯାହାଙ୍କୁ ନେଇ ଯେତେ ଲେଖିଲେ ମଧ୍ୟ ଆହୁରି କିଛି ଲେଖିବାକୁ ବାକି ରହିଯାଏ । କାରଣ ନବୀନ ନିଜେ ଏକ ଅସମାପ୍ତ କାହାଣୀ, ଯାହାର ଅନେକ ପୃଷ୍ଠା ଲେଖା ସରିଛି, ଅଥଚ ଆହୁରି ଅନେକ ପୃଷ୍ଠା ଅଲେଖା ହୋଇ ରହିଛି । ●

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚବିଶି ବର୍ଷର କାର୍ଯ୍ୟକାଳରେ ଓଡିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପରିବେଶ କେବଳ ରୂପାନ୍ତରିତ ହୋଇନଥିଲା ବରଂ ବିଶ୍ୱାସ, ଭାଇଚାରା ଓ ବିକାଶର ଏକ ପରିସଂସ୍ଥା ଗଢିଉଠିଥିଲା । ଏହି ପରିବର୍ତ୍ତନର ପରିଦୃଶ୍ୟକୁ ନେଇ ଯଦି କୌଣସି କାହାଣୀ ଲେଖାଯାଏ ତେବେ ଏଥିରେ ସାଧାରଣଲୋକଟିର ଆଶା-ଆକାଂକ୍ଷା ହିଁ ହେବ ମୁଖ୍ୟ ଚରିତ୍ର । ଚବିଶ ବର୍ଷର ନେତୃତ୍ୱ କେବଳ ଏକ ରାଜନୈତିକ ଯୁଗ ନୁହେଁ । ଏହା ଏକ ଯାତ୍ରା, ଓଡ଼ିଶାର ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଯେଉଁଠି ଦୁର୍ବଳ କ୍ଷେତ୍ରକୁ ଚିହ୍ନଟ ଠାରୁ ବିକାଶ ପରିଚାଳନା ପର୍ଯ୍ୟନ୍ତ, କଲ୍ୟାଣକାରୀ କାର୍ଯ୍ୟକ୍ରମ ଠାରୁ ମହିଳଙ୍କୁ ସଂଗଠିତ କରିବା ପର୍ଯ୍ୟନ୍ତ ଏବଂ ପୁରୁଣା ଆହ୍ୱାନର ସମ୍ମୁଖୀନ ହେବା ଠାରୁ ନୂତନ ଆକାଂକ୍ଷାକୁ ବାସ୍ତବତାରେ ପରିଣତ କରିବା ଭଳି ଅନେକ ଉପାଦାନ ଯୋଡି ହୋଇଥିଲା । ଚୁମ୍ବକରେ କହିଲେ ଓଡିଶାର ବିକାଶ ଯାତ୍ରାରେ ସମ୍ଭାବନା, ସଫଳତା ଏବଂ ସୀମାବଦ୍ଧତାକୁ ସମାନ ଭାବରେ ସମ୍ମାନ ଦେଇଥିଲେ ନବୀନ ପଟ୍ଟନାୟକ । ଏହା ଏକ ସ୍ୱୀକାରୋକ୍ତି । ଓଡିଶାର ସତ୍ୟକୁ ସ୍ୱୀକାର କରିବା ଦ୍ୱାରା ହିଁ ନବୀନ ଜଣେ ରାଜନେତାରୁ ଜନନାୟକ ହୋଇଗଲେ ତେଣୁ ଏହି ପରିପ୍ରେକ୍ଷୀରେ ଆଧୁନିକ ଓ ଯୁବ ନେତୃତ୍ୱ ପାଇଁ ନବୀନଙ୍କ ଏକ ମନ୍ତ୍ର ଅଛି । ତାହା ହେଉଛି ସବୁକିଛି ଠିକ୍ କରୁଛ ବୋଲି ଫମ୍ପା ଦାବି କରନାହିଁ । କ'ଣ ଠିକ୍ ହୋଇଛି ତାହାର ବୈଧତା ଆବଶ୍ୟକ । ଭୁଲର ସ୍ୱୀକାର ଓ ଆତ୍ମସମୀକ୍ଷା ଜରୁରୀ । ପରିଶେଷରେ ପରିବର୍ତ୍ତନକୁ ନମ୍ରତା ସହ ଶିଖିବା ମଧ୍ୟ ଅତ୍ୟାବଶ୍ୟକ ।

ବହିର ତତ୍ତ୍ୱ, ବାସ୍ତବ ଜୀବନରେ ପ୍ରୟୋଗ -ନବୀନଙ୍କ ସ୍ୱତନ୍ତ୍ରତା

■ ଅବଶ ପରିଡା

ଏହି ନମ୍ରତା, କ୍ଷମତା, କଲ୍ୟାଣ ଏବଂ ସଶକ୍ତୀକରଣର ସଂଯୋଗରେ ଗଢି ଉଠୁଥିବା ନେତୃତ୍ୱକୁ ସେବାମୂଳକ ନେତୃତ୍ୱ କୁହାଯାଏ। ଏହି ନେତୃତ୍ୱର ଛଅଟି ଦିଗ ଅଛି । ଯଥା ସ୍ୱେଚ୍ଛାକୃତ ଅଧୀନତା, ପ୍ରକୃତ ଆତ୍ମ-ସତ୍ତା, ଚୁକ୍ତିବଦ୍ଧ ସମ୍ପର୍କ, ଦାୟିତ୍ୱପୂର୍ଣ୍ଣ ନୈତିକତା, ଅତୀନ୍ଦ୍ରିୟ ଆଧ୍ୟାତ୍ମିକତା ଏବଂ ପରିବର୍ତ୍ତନକାରୀ ପ୍ରଭାବ । ଏଥିରେ ବ୍ୟକ୍ତିଗତ ଗୁଣ ଠାରୁ ସାମୁହିକ ପ୍ରଭାବ ପର୍ଯ୍ୟନ୍ତ ସବୁ ଉପାଦାନ ଅଛି । ନବୀନ ଏହି ନେତୃତ୍ୱରେ ସମ୍ପୂର୍ଣ୍ଣ ଭାବେ ଖାପ ଖାଆନ୍ତି। ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସରଳତା, ସଂଯମିତ ଭାଷଣ ଶୈଳୀ ସହିତ ସରଳ ପୋଷାକ ଏବଂ ନିରାଡ଼ମ୍ବର ଜୀବନଶୈଳୀ ହେଉଛି ଓଡିଶା ପାଇଁ ଏକ ସାର୍ବଜନୀନ ପ୍ରତିଛବି । ଏହି ବ୍ୟକ୍ତିଗତ ଗୁଣ ବ୍ୟତୀତ ଦୂରଦୃଷ୍ଟି, କଲ୍ୟାଣକାରୀ ଯୋଜନା ଏବଂ ସାମୂହିକ ସମ୍ବେଦନଶୀଳତା ପ୍ରତି ସମ୍ମାନ ନବୀନଙ୍କୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଅବଶ୍ୟ ଏହାକୁ ନେଇ ଅନେକ ଆଲୋଚନା ବି ହୋଇସାରିଛି ।

ଆଧୁନିକ ଯୁଗରେ ନେତୃତ୍ୱର ପ୍ରଭାବ କେବଳ ରାଜନେତାର ବ୍ୟକ୍ତିତ୍ୱ, କର୍ତ୍ତୃତ୍ୱ କିମ୍ବା ବୃତ୍ତିଗତ ଦକ୍ଷତା ଉପରେ ନିର୍ଭର କରେ ନାହିଁ । ବରଂ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସଂଯୋଗ ସହିତ ଉଭୟ କ୍ଷମତା ଓ ସୁଯୋଗକୁ ସମାନ ଭାବେ ବାଣ୍ଟିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସେହିପରି ଚାରିପାଖରେ ଥିବା ଅସମାନତାକୁ ବୁଝିବା ଏବଂ ତତସହିତ ସାମୂହିକ କଲ୍ୟାଣର ସୁରକ୍ଷା ଦେବା ମଧ୍ୟ ଜରୁରୀ । ଏହି ସମସ୍ତ ବିଶେଷତ୍ୱ ନବୀନ ପଟ୍ଟନାୟକଙ୍କ ଶାସନରେ ଥିଲା । ସମାଜବିଜ୍ଞାନରେ ଏହା ହେଉଛି ନେତୃତ୍ୱର ଏକ ନୂଆ ତତ୍ତ୍ୱ । ଯାହା ସଂଯୁକ୍ତ -ସଂରଚନାତ୍ମକ ନେତୃତ୍ୱ ନାମରେ ନାମିତ । ଏହି ତତ୍ତ୍ୱ ଦୁଇଟି ଉପାଦାନ ସହ ଜଡିତ । ପ୍ରଥମଟି ହେଉଛି ସମ୍ପର୍କ-ଭିତ୍ତିକ ନେତୃତ୍ୱ ଯେଉଁଠି ବିଶ୍ୱାସ, ଅନ୍ତର୍ଭୁକ୍ତିକରଣ ଏବଂ ମୁକ୍ତ ଯୋଗାଯୋଗର ସୁଯୋଗ ଥିଲା । ଦ୍ୱିତୀୟଟି ହେଉଛି ଗଠନମୂଳକ ବ୍ୟବସ୍ଥା । ଯେଉଁଠି ଶାସନର ସ୍ପଷ୍ଟ ଭୂମିକା, ପ୍ରକ୍ରିୟା ଓ ସାଂସ୍ଥାନିକ ସୀମାରେଖା ମଧ୍ୟ ଉଲ୍ଲେଖ ଥିଲା । ଏହି ନେତୃତ୍ୱର ସାଧାରଣ ଲକ୍ଷ୍ୟ ଥିଲା ସଂଗଠିତ ସହଯୋଗ ସୃଷ୍ଟି କରିବା ।

ନବୀନଙ୍କ ନେତୃତ୍ୱର ପ୍ରଥମ ବିଶେଷତ୍ୱ ହେଉଛି ସାମୂହିକ ସାମାଜିକ-ଆବେଗିକ ସୁରକ୍ଷା । ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳରେ ଜନ୍ମରୁ ମୃତ୍ୟୁ, ଶିକ୍ଷାରୁ ନିଯୁକ୍ତି, ସ୍ୱାସ୍ଥ୍ୟ ଠାରୁ ସଦ୍ଭାବ ଏବଂ ଧାର୍ମିକ ଭାବନାର ସୁରକ୍ଷାଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଅନେକ ଯୋଜନା ଓ ନୀତି ପ୍ରଣୟନ କରାଯାଇଥିଲା । ବିଶାରଦଙ୍କ ମତରେ ନବୀନଙ୍କ ଦ୍ୱାରା ହୋଇଥିବା ପରିବର୍ତ୍ତନମୂଳକ ପଦକ୍ଷେପ ହେଉଛି ମହାତ୍ମା ଗାନ୍ଧୀଙ୍କ "ସର୍ବୋଦୟ" ପରିକଳ୍ପନା ଦ୍ୱାରା ଅନୁପ୍ରାଣିତ -ଏକ ଉତ୍ତର-ଆଧୁନିକ ଆଭିମୁଖ୍ୟ। ତୃଣମୂଳସ୍ତରରେ ଥିବା ପ୍ରତ୍ୟେକ ବ୍ୟକ୍ତିକୁ ସାମାଜିକ ସୁରକ୍ଷା ଯୋଗାଇବା ସହ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ଥିଲା ଓଡ଼ିଶାରେ ଆଧୁନିକ ପରିବର୍ତ୍ତନମୂଳକ ପଦକ୍ଷେପର ଲକ୍ଷ୍ୟ । ଏହି ଧାରଣାକୁ ଆଧାର କରି ୫-ଟି (5T), ମିଶନ୍ ଶକ୍ତି ଇତ୍ୟାଦି ଅତ୍ୟନ୍ତ ସକ୍ରିୟ ଥିଲା । ଓଡିଶାରେ ଅନ୍ତୋଦୟର ସ୍ୱରୂପ ଓ ଏହି ସଂଲଗ୍ନ ବିକାଶ ପ୍ରକ୍ରିୟାର ପ୍ରୟୋଗ ନେଇ ବିଶ୍ୱବ୍ୟାପୀ ଏକ ସକାରାତ୍ମକ ଆଭିମୁଖ୍ୟ ଥିଲା ।

ନେତୃତ୍ୱର ଦ୍ୱିତୀୟ ବିଶେଷତା ହେଉଛି ସଂରଚନାତ୍ମକ -ନୈତିକ ଆତ୍ମଚିନ୍ତନ । ଏହାର ଅର୍ଥ ହେଉଛି, ଜଣେ ଜନନାୟକ ନିଜ ଶାସନ କାଳରେ ନିୟମ, ଉତ୍ତରଦାୟିତ୍ୱ ଏବଂ ଅବହେଳିତ ବର୍ଗଙ୍କ ପାଇଁ ସୁଯୋଗର ଉପଲବ୍ଧତା ସମ୍ପର୍କରେ ବାରମ୍ବାର ସମୀକ୍ଷା କରିବା ଉଚିତ୍ । ନବୀନ ସରକାର ଚାରିଟି ଉପାଦାନ ଉପରେ ଗୁରୁତ୍ୱ ଦେଇଥିଲେ ତାହା ହେଉଛି ସୁଶାସନ, ସହନଶୀଳତା, ସେବା ଓ ଧର୍ମନିରପେକ୍ଷତା ।

ନବୀନଙ୍କ ନେତୃତ୍ୱର ଅନ୍ୟ ମୁଖ୍ୟ ଆକର୍ଷଣ ହେଉଛି ଅହିଂସ-ଅର୍ଥନୀତି । ଯେତେବେଳେ ସଭ୍ୟ ସମାଜ ନିଜ ଅର୍ଥନୀତିକୁ ଶିକ୍ଷା, ଗବେଷଣା ଏବଂ ସାଂସ୍କୃତିକ ବିନିମୟ ଭଳି ଉପାଦାନରେ ବିନିଯୋଗ କରେ, ସେତେବେଳେ ପ୍ରଗତିକୁ ପ୍ରୋତ୍ସାହିତ କରୁଥିବା ଭଳି ଏକ ଅହିଂସ -ପରିବେଶ ସୃଷ୍ଟି ହୁଏ । ଗୋଷ୍ଠୀ ଭିତ୍ତିକ ଅର୍ଥନୀତି ଗଠନ ପାଇଁ ଅହିଂସା ହିଁ ଏକ ମୁଖ୍ୟ ଉପକରଣ । ଓଡ଼ିଶାରେ ଅହିଂସ-ଅର୍ଥନୀତିର ପ୍ରୟୋଗରେ ଗୋଷ୍ଠୀ ଭିତ୍ତିକ କୃଷି,ଆଦିବାସୀ ଓ ଜନଜାତିଙ୍କ ବିକାଶ, ନିରନ୍ତର ଓ ଦାୟିତ୍ୱସମ୍ପର୍ଣ୍ଣ ମତ୍ସ୍ୟ ଉତ୍ପାଦନ, ଜୈବିକ କୃଷି ଏବଂ ପରିବେଶ ଅନୁକୂଳ ପର୍ଯ୍ୟଟନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ଓଡ଼ିଶା ମିଲେଟ୍ ମିଶନ (ଓଏମ୍ଏମ୍), ବିସ୍ତାରିତ ସମବାୟ ବିଭାଗ ଓ ଓଡ଼ିଶାର ଆଦିବାସୀ ଅଂଚଳରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସି) ।ଆଦିବାସୀଙ୍କ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଓଡିଶା ଆଦିବାସୀ ଭାଷା ମିଶନ ପ୍ରତିଷ୍ଠା ହୋଇଥିଲା ।

ନବୀନଙ୍କ ନେତୃତ୍ୱ "ପାଥ୍-ଗୋଲ୍ ଥିଓରୀ"ଉପରେ ପର୍ଯ୍ୟବେକ୍ଷିତ ଏହି ସିଦ୍ଧାନ୍ତ ଅନୁଯାୟୀ, ଲକ୍ଷ୍ୟ ହାସଲର ମାର୍ଗ ସୃଷ୍ଟି କରିବାରେ ନେତୃତ୍ୱ ହିଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ନାଗରିକଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଓ ସହଯୋଗ ମଧ୍ୟ କରିଥାଏ । ଓଡିଶାବାସୀଙ୍କୁ ବିକାଶରେ ସାମିଲ କରିବା ପାଇଁ ଜନପ୍ରିୟ ନବୀନଙ୍କ ଡାକରା ଥିଲା "ଏକାଠି ଆମେ କରିପାରିବା ଏବଂ ଏକାଠି ଆମେ କରିବୁ " (Together, we can. Together, We will.) । ଏହା ପଛରେ ନବୀନଙ୍କ ତିନୋଟି ମୁଖ୍ୟ ଧାରଣା ଥିଲା ଯଥା ନିରନ୍ତର ବିକାଶ ଲକ୍ଷ୍ୟର ଗ୍ରାମର ସ୍ଥାନୀୟକରଣ, ଜିଲ୍ଲାସ୍ତରୀୟ ଅନ୍ତର୍ଭୁକ୍ତିକରଣ ଓ ସମାନ ବିକାଶ ଲକ୍ଷ୍ୟ ହାସଲ ପାଇଁ ଏକ ବୃହତ ସମାବେଶୀକରଣ ।

ବ୍ୟକ୍ତିର ପୃଷ୍ଠଭୂମି, ବିଚାରଧାରା, ଲିଙ୍ଗ, ସଂସ୍କୃତି ବା ଦକ୍ଷତା ଯାହା ହେଉନା କାହିଁକି ସମସ୍ତଙ୍କୁ ସମାନ ଭାବେ ଗ୍ରହଣ କରନ୍ତି ଏବଂ ସମ୍ମାନ ଦିଅନ୍ତି ନବୀନ ।ସେ ହେଉଛନ୍ତି ସମାବେଶୀ ନେତୃତ୍ୱର ଅନନ୍ୟ ଉଦାହରଣ। ମହିଳା ସଶକ୍ତିକରଣ ଓ ମହିଳା ନେତୃତ୍ୱର ବିକାଶ ପାଇଁ ସମଗ୍ର ବିଶ୍ୱ ନବୀନଙ୍କୁ ମନେ ରଖିଛି । ନବୀନଙ୍କ ମହିଳାଙ୍କ ଅନ୍ତର୍ଭୁକ୍ତୀକରଣର ଧାରଣା ଦୁଇଟି ତତ୍ତ୍ୱ ଉପରେ ଆଧାରିତ । ପ୍ରଥମଟି ହେଉଛି କାପାବିଲିଟି ଆପ୍ରୋଚ ବା ସାମର୍ଥ୍ୟ ଆଭିମୁଖ୍ୟ । ମହିଳାଙ୍କ ଦକ୍ଷତା ବୃଦ୍ଧି ଉପରେ ଏହାର ଧ୍ୟାନ କେନ୍ଦ୍ରିତ ଥିଲା । ଦ୍ୱିତୀୟଟି ହେଉଛି ଏମପାୱାରମେଣ୍ଟ ଥିଓରୀ ବା ସଶକ୍ତୀକରଣ ସିଦ୍ଧାନ୍ତ । ଏଥିରେ ମହିଳାଙ୍କ ସଂଗଠନ ନିର୍ମାଣ ଏବଂ ଚୟନ ଅଧିକାରର କ୍ଷମତା ବୃଦ୍ଧି ଉପରେ ପ୍ରାଥମିକତା ଦିଆଯାଇଥିଲା।

ପରିଶେଷରେ , ଇତିହାସ ସେମାନଙ୍କୁ ମନେ ରଖେ ନାହିଁ ଯେଉଁମାନେ କ୍ଷମତା ପଛରେ ଗୋଡ଼ାନ୍ତି, ବରଂ ସେମାନଙ୍କୁ ମନେ ରଖେ ଯେଉଁମାନେ ସାଧାରଣ ମଣିଷର ଜୀବନରେ ପରିବର୍ତ୍ତନ ଆଣିଥାନ୍ତି । ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା । ●

ଭୁବନେଶ୍ୱର
୮୪୫୬୮୭୯୫୨୨



ମମତା
ଆହାର

ଶ୍ରୀ ନବୀନ ପଟ୍ଟନାୟକ ୫ ମାର୍ଚ୍ଚ ୨୦୦୦ରୁ ୧୨ ଜୁନ୍ ୨୦୨୪ ପର୍ଯ୍ୟନ୍ତ ୨୪ ବର୍ଷରୁ ଅଧିକ ସମୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଥିଲେ । ସେ ଓଡ଼ିଶାର ସର୍ବାଧିକ ସମୟ ଧରି ମୁଖ୍ୟମନ୍ତ୍ରୀ ରହିବା ସହ ଭାରତର ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ଅନ୍ୟତମ ।

ତାଙ୍କ ଶାସନକାଳରେ ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତୀକରଣ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ଶିଳ୍ପାୟନ, ଭିତ୍ତିଭୂମି, କ୍ରୀଡ଼ା ଓ ଐତିହ୍ୟର ବିକାଶ ଭଳି କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଥିଲା ।

ବର୍ଷ ଅନୁଯାୟୀ କିଛି ପ୍ରମୁଖ ମାଇଲଖୁଣ୍ଟ

ବର୍ଷ	ପ୍ରମୁଖ ଘଟଣା / ପଦକ୍ଷେପ
୨୦୦୦	ପ୍ରଥମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ।
୨୦୦୧–୦୩	୧୯୯୯ ମହାବାତ୍ୟା ପରବର୍ତ୍ତୀ ସମୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରାଗଲା ।
୨୦୦୫	ବୃହତ୍ ଶିଳ୍ପ ଓ ପୁଞ୍ଜିନିବେଶକୁ ପ୍ରୋତ୍ସାହନ; ଇସ୍ପାତ, ଆଲୁମିନିୟମ୍ ଓ ଅନ୍ୟାନ୍ୟ ଶିଳ୍ପକ୍ଷେତ୍ରର ବିସ୍ତାର ।
୨୦୦୮	ଗରିବ ପରିବାରଙ୍କ ପାଇଁ କିଲୋପିଛା ୨ ଟଙ୍କାରେ ଚାଉଳ ଯୋଜନା ।
୨୦୧୧	ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ମମତା ଯୋଜନା ।
୨୦୧୨	ସରକାରୀ ସେବା ପ୍ରଦାନରେ ଉତ୍ତରଦାୟିତ୍ୱ ବଢ଼ାଇବା ପାଇଁ ଓଡ଼ିଶା ଲୋକସେବା ଅଧିକାର ଆଇନ ।
୨୦୧୩	ଫାଇଲିନ୍ ବାତ୍ୟା ସମୟରେ ବ୍ୟାପକ ସ୍ଥାନାନ୍ତରଣ ଓ ସୁପରିଚାଳନା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ।
୨୦୧୪	ବିଜୁ ପକ୍କା ଘର ଯୋଜନା ମାଧ୍ୟମରେ ଗ୍ରାମୀଣ ଆବାସକୁ ପ୍ରୋତ୍ସାହନ ।
୨୦୧୫	ଗରିବ ଓ ଶ୍ରମଜୀବୀଙ୍କ ପାଇଁ ଆହାର ଯୋଜନା—ସୁଲଭ ମୂଲ୍ୟରେ ରନ୍ଧା ଖାଦ୍ୟ ।
୨୦୧୭	ଭୁବନେଶ୍ୱରରେ ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ ।
୨୦୧୮	ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (BSKY) ଆରମ୍ଭ ।
୨୦୧୮	କୃଷକ ଓ ଭୂମିହୀନ କୃଷି ପରିବାରଙ୍କ ପାଇଁ କାଳିଆ ଯୋଜନା ।
୨୦୧୮	ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ।
୨୦୧୯	ଫନି ବାତ୍ୟା ସମୟରେ ବ୍ୟାପକ ଆଗୁଆ ସ୍ଥାନାନ୍ତରଣ ଓ ବିପର୍ଯ୍ୟୟ ପରିଚାଳନା ।
୨୦୨୦	କୋଭିଡ୍-୧୯ ମୁକାବିଲା ପାଇଁ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଓ ଜରୁରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ।
୨୦୨୧	୫-ଟି ସ୍କୁଲ ରୂପାନ୍ତରଣ—ସ୍ମାର୍ଟ କ୍ଲାସରୁମ୍, ଲ୍ୟାବ୍, ଲାଇବ୍ରେରୀ ଓ ଉନ୍ନତ ଶିକ୍ଷା ଭିତ୍ତିଭୂମି ।
୨୦୨୧	BSKY ସ୍ମାର୍ଟ ହେଲ୍ଥ କାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟସେବାର ବ୍ୟାପକତା ବୃଦ୍ଧି ।
୨୦୨୨	ମେକ୍ ଇନ୍ ଓଡ଼ିଶା କନ୍କ୍ଲେଭ୍ ମାଧ୍ୟମରେ ବୃହତ୍ ପୁଞ୍ଜିନିବେଶ ଆକର୍ଷଣର ପ୍ରୟାସ ।
୨୦୨୩	ଭୁବନେଶ୍ୱର ଓ ରାଉରକେଲାରେ ପୁଣିଥରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ।
୨୦୨୩	ଗ୍ରାମାଞ୍ଚଳରେ ସାଧାରଣ ପରିବହନ ବ୍ୟବସ୍ଥା ସୁଦୃଢ଼ ପାଇଁ ଲକ୍ଷ୍ମୀ (LAccMI) ଯୋଜନା ।
୨୦୨୪	ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ।
୨୦୨୪	ଲଗାତାର ପାଞ୍ଚଟି ନିର୍ବାଚନୀ ବିଜୟ ପରେ ୨୪ ବର୍ଷର ଶାସନକାଳର ଅବସାନ ।

5T TRANSPARENCY TECHNOLOGY TEAMWORK TIME TRANSFORMATION
ମୋ ସରକାର ☎ 14545
MAKE IN ODISHA CONCLAVE

୨୪ ବର୍ଷର ଶାସନର ୧୦ଟି ପ୍ରମୁଖ ଦିଗ

୧. ବିପର୍ଯ୍ୟୟ ପରିଚାଳନା: ୧୯୯୯ ମହାବାତ୍ୟା ପରବର୍ତ୍ତୀ ଓଡ଼ିଶାରେ ବାତ୍ୟା ଆଶ୍ରୟସ୍ଥଳୀ, ଆଗୁଆ ସତର୍କତା, ସ୍ଥାନାନ୍ତରଣ ଓ ପ୍ରଶାସନିକ ପ୍ରସ୍ତୁତିକୁ ସୁଦୃଢ଼ କରାଗଲା । ଫାଇଲିନ୍ ଓ ଫନି ସମୟରେ ଏହାର ପ୍ରଭାବ ଦେଖିବାକୁ ମିଳିଲା ।

୨. ମିଶନ୍ ଶକ୍ତି ଓ ମହିଳା ସଶକ୍ତୀକରଣ: ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଲକ୍ଷ ଲକ୍ଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବନ, ଋଣ, ଜୀବିକା ଓ ଉଦ୍ୟୋଗ ସହ ଯୋଡ଼ାଗଲା ।

୩. ଖାଦ୍ୟ ସୁରକ୍ଷା ଓ ଦାରିଦ୍ର୍ୟ ହ୍ରାସ: ସବସିଡି ଚାଉଳ, ଆହାର ଓ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଦୁର୍ବଳ ବର୍ଗକୁ ସହାୟତା ।

୪. ସ୍ୱାସ୍ଥ୍ୟସେବା: BSKY ଓ ସ୍ମାର୍ଟ ହେଲ୍ଥ କାର୍ଡ ଭଳି ପଦକ୍ଷେପ ମାଧ୍ୟମରେ ଯୋଗ୍ୟ ପରିବାରଙ୍କ ପାଇଁ ଚିକିତ୍ସା ସୁବିଧା ବିସ୍ତାର ।

୫. କୃଷକ କଲ୍ୟାଣ: କାଳିଆ ଯୋଜନା ମାଧ୍ୟମରେ କୃଷକ, ଭାଗଚାଷୀ ଓ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ।

୬. ଭିତ୍ତିଭୂମି ବିକାଶ: ସଡ଼କ, ସେତୁ, ସହରୀ ଭିତ୍ତିଭୂମି, ଗ୍ରାମୀଣ ସଂଯୋଗ, ଜଳସେଚନ ଓ ପରିବହନ କ୍ଷେତ୍ରରେ ବିସ୍ତାର ।

୭. ଶିଳ୍ପାୟନ: ଇସ୍ପାତ, ଆଲୁମିନିୟମ୍, ଶକ୍ତି ଓ ଖଣିଜଭିତ୍ତିକ ଶିଳ୍ପ ସହ ଡାଉନଷ୍ଟ୍ରିମ୍ ଶିଳ୍ପରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ।

୮. କ୍ରୀଡ଼ା: ଦୁଇଥର ହକି ବିଶ୍ୱକପ୍ ଆୟୋଜନ, କଳିଙ୍ଗ ଷ୍ଟାଡିୟମ୍‌ର ବିକାଶ ଓ ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିର୍ମାଣ ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ଦେଲା ।

୯. ଶିକ୍ଷା ଓ ୫-ଟି ରୂପାନ୍ତରଣ: ସରକାରୀ ବିଦ୍ୟାଳୟର ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର, କ୍ରୀଡ଼ା ଓ ଡିଜିଟାଲ୍ ଶିକ୍ଷା ଭିତ୍ତିଭୂମିର ଆଧୁନିକୀକରଣ ।

୧୦. ଐତିହ୍ୟ ଓ ପର୍ଯ୍ୟଟନ: ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ଧାର୍ମିକ ଓ ଐତିହ୍ୟସମ୍ପନ୍ନ ସ୍ଥାନଗୁଡ଼ିକର ବିକାଶକୁ ଗୁରୁତ୍ୱ ।

୧୧. ଶବ ସତ୍କାର ନିମନ୍ତେ 'ହରିଶ୍ଚନ୍ଦ୍ର ଯୋଜନା'

କାଳିଆ କୃଷି କଲେ ଉନ୍ନତ ସକଳ ଉନ୍ନତି
LAXMI
ମିଶନ ଶକ୍ତି

ନୂତନ ଭୋଟର ପଞ୍ଜୀକରଣ ପାଇଁ ୪୦୧୪ ଆବେଦନ

ବରଗଡ,୧୫ ।୧୦(ସମିସ): ବରଗଡ଼ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଭୋଟର ତାଲିକାରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ିବେ ସେଥିପାଇଁ ଏକ ବ୍ୟାପକ ସଚେତନତା ଓ ସହାୟତା ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ ବରଗଡ଼ ଜିଲ୍ଲାର ଭୋଟରମାନଙ୍କ ଅଭିଯୋଗ ଏବଂ ସମସ୍ୟାର ସରଳ ସମାଧାନ ପାଇଁ ୨୭ ଜଣ ସହକାରୀ ଭୋଟର ପଞ୍ଜୀକରଣ ଅଧିକାରୀ, ୫ ଜଣ ଭୋଟର ପଞ୍ଜୀକରଣ ଅଧିକାରୀ ଏବଂ ୧୬୭୦ ଜଣ ବୁଥ୍ ସ୍ତରୀୟ ଅଧିକାରୀ ସମ୍ପୂର୍ଣ୍ଣ ଭାବେ ନିୟୋଜିତ ହୋଇଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କର ଭୋଟର ତାଲିକାକୁ ନେଇ କିଛି ଆପତ୍ତି ବା ଅଭିଯୋଗ ଥାଏ ତେବେ ସେମାନେ ନିଜ ଅଞ୍ଚଳର ନିୟୋଜିତ ବିଏଲଓ, ଏଇଆରଓ କିମ୍ବା ଇଆରଓଙ୍କ ସହ ଯୋଗାଯୋଗ କରି ନିଜର ସମସ୍ୟାର ସମାଧାନ କରିପାରିବେ। ଏକ ସ୍ୱଚ୍ଛ ଓ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତ କରିବା ସହ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟ୍ ଦେବାର ଅଧିକାର ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଗତ ୧ ତାରିଖରୁ ଜିଲ୍ଲାର ସମସ୍ତ ବୁଥରେ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ିବା ସହ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ଏବଂ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ନୂତନ ଭୋଟରଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଫର୍ମ-୬ରେ ମୋଟ ୪୦୧୪ଟି ଆବେଦନ ପତ୍ର ଗ୍ରହଣ କରାଯାଇଛି। ବିଧାନସଭା ନିର୍ବାଚନମଣ୍ଡଳୀ ଅନୁଯାୟୀ ଫର୍ମ-୬ ଆବେଦନ ପତ୍ରର ବିବରଣୀ ଅନୁସାରେ ପଦ୍ମପୁର ନିର୍ବାଚନମଣ୍ଡଳୀରୁ ୬୦୮ଟି, ବିଜେପୁର ନିର୍ବାଚନମଣ୍ଡଳୀରୁ ୮୨ଟି, ବରଗଡ଼ ନିର୍ବାଚନମଣ୍ଡଳୀରୁ ୧,୧୫୬ଟି, ଅତାବିରା ନିର୍ବାଚନମଣ୍ଡଳୀରୁ ୬୫୮ଟି, ଭଟଲି ନିର୍ବାଚନମଣ୍ଡଳୀରୁ ୭୩୦ଟି ଆବେଦନ ଆସିଛି। ଏହି ଆବେଦନଗୁଡ଼ିକୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ ଓ ପ୍ରକ୍ରିୟାକରଣ କରାଯିବ। ସେହିପରି ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଫର୍ମ-୮ ରେ ମୋଟ ୧,୩୧୭ଟି ଆବେଦନ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ପଦ୍ମପୁରରୁ ୩୨୪ଟି, ବିଜେପୁରରୁ ୨୭୯ଟି, ବରଗଡ଼ରୁ ୨୧୯ଟି, ଅତାବିରା ସଂସ୍କରଣରୁ ୨୮୫ଟି ଏବଂ ଭଟଲିରୁ ୨୧୦ଟି ଆବେଦନ ମିଳିଛି। ତା' ସହିତ ଭୋଟର ତାଲିକାରୁ ନାମ ବାଦ୍ ଦେବା ପାଇଁ ଫର୍ମ-୭ରେ ସମୁଦାୟ ୧୪୯ଟି ଆବେଦନ ପତ୍ର (ପଦ୍ମପୁର: ୪୪, ବିଜେପୁର: ୧୧, ବରଗଡ଼: ୩୦, ଅତାବିରା: ୨୧, ଭଟଲି: ୪୩) ସଂଗ୍ରହ କରାଯାଇଛି। ଜିଲ୍ଲାରେ ମୋଟ ୫,୪୮୦ଟି ଆବେଦନ ଗ୍ରହଣ କରାଯାଇ ଭୋଟର ସଂଶୋଧନ ପ୍ରକ୍ରିୟା ଜାରି ରହିଛି।

ସଂଶୋଧନ ପାଇଁ ୧୩୧୭ ଆବେଦନ

ବିନିକାରେ ବିସିଜେଡିର ବିଜୟ

ଭୁବନେଶ୍ୱର,୧୫ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସିଦ୍ଧାର୍ଥ ଡିଗ୍ରୀ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ଉଭୟ ସଭାପତି ଓ ସମ୍ପାଦକ ପଦରେ ବାଜିମାତ କରିଛନ୍ତି। ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଚାଲିଥିଲା। କଲେଜର ସର୍ବମୋଟ ୮୦୯ଜଣ ଛାତ୍ରଛାତ୍ରୀଙ୍କ ଭୋଟ ମଧ୍ୟରୁ ୬୬୭ଭୋଟ ପଡ଼ିଥିଲା। ସଭାପତି ଦୌଡ଼ରେ ଥିବା ବିସିଜେଡି ପ୍ରାର୍ଥୀ ଆୟୁଷ୍ମାନ ସାହୁ ୪୬୩ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରାର୍ଥୀ ଏବିଭିପିର ରୋହନ ମୁଣ୍ଡା ୧୮୪ ଭୋଟ ପାଇ ପରାଜିତ ହୋଇଥିଲେ। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ବିସିଜେଡିର ବାବୁଲୁ ରଣା ୩୨୭ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏବିଭିପିର ଆଶୁତୋଷ ନାଏକ ୩୨୨ଖଣ୍ଡ ଭୋଟ ପାଇଥିଲେ। ତେବେ ସଭାପତି ନିର୍ବାଚନରେ ୮ଟି ଭୋଟ ନାକଚ ହୋଇଥିବା ବେଳେ ସମ୍ପାଦକ ନିର୍ବାଚନରେ ୧୭ଟି ଭୋଟ ନାକଚ ହୋଇଥିଲା। ସର୍ବମୋଟ ୧୪ରାଉଣ୍ଡ ଗଣତି କରାଯାଇଥିଲା। ଅନ୍ୟ ପକ୍ଷରେ ପୂର୍ବରୁ ନିଦ୍ୱର୍ନ୍ଦ୍ୱରେ ଉପ ସଭାପତି ଭାବେ ଶ୍ରୀତମ ସାହୁ, ସହ ସମ୍ପାଦକ ପଦବୀରେ ଶୁଭେନ୍ଦୁ ମେହେର, ନାଟ୍ୟ ସଂସଦ ସମ୍ପାଦକ ଭାବେ ଆକାଶ ମୁଣ୍ଡା ମନୋନୀତ ହୋଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବିସିଜେଡିର ବିଜୟୀ ସଭାପତି, ସମ୍ପାଦକଙ୍କ ସହ ତାଙ୍କ ସାଥୀଙ୍କ ତରଫରୁ ସହରରେ ବିଜୟୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କର ସମର୍ଥକ ଛାତ୍ରଛାତ୍ରୀ ସାମିଲ ହୋଇ ଉତ୍ସବ ମନାଇଥିବା ଦେଖିବାକୁ ମିଳିଥିଲା।

ମିଶନ ବାତ୍ସଲ୍ୟ ଯୋଜନାରେ ପୃଷ୍ଠପୋଷକତା ଆର୍ଥିକ ସହାୟତା ପ୍ରଦାନ

ତରଭା,୧୫ ।୧୦(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦେବାଶିଷ ସିଂ ୧୦ ଜଣ ପିତୃମାତୃହିନ ଶିଶୁଙ୍କୁ ମିଶନ ବାତ୍ସଲ୍ୟ ଯୋଜନାରେ ପୃଷ୍ଠପୋଷକତା ଆର୍ଥିକ ସହାୟତା ଦେଇଛନ୍ତି। ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ୬ଟି ବ୍ଲକରୁ ୧୬୧ ଜଣ ଶିଶୁଙ୍କୁ ମୋଟ ୩୨ ଲକ୍ଷ ୨୦ ହଜାର) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତରଭା ବ୍ଲକର ସିଭାଂଶ ଅଗ୍ରୱାଲ, ଅନୁଭବ ଷଡ଼ଙ୍ଗୀ, ବୀରମହାରାଜପୁର ବ୍ଲକର ଉଦିତ ଏକ୍କା, ସୋନପୁର ବ୍ଲକର ଶ୍ରଦ୍ଧା କୁଶଲ, ଲକ୍ଷ୍ମୀପ୍ରିୟା ସାଣ୍ଡ, ଶୁଭଶ୍ରୀ ପୋଢ଼, ଅଲିମା ବାଘ, ଲକ୍ଷ୍ମୀପ୍ରିୟା ସାହୁ, ଡୁଙ୍ଗୁରିପାଲି ବ୍ଲକର ଡଲି ବେହେରା, ପ୍ରତ୍ୟାଶା ପ୍ରଧାନ ଆଦି ନିଜନିଜ ଅଭିଭାବକଙ୍କ ସହିତ ଉପସ୍ଥିତ ରହି ଜିଲ୍ଲାପାଳଙ୍କଠାରୁ ଆର୍ଥିକ ସହାୟତା ଚେକ୍ ଗ୍ରହଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ହିସାବ ରକ୍ଷକ ମୃତ୍ୟୁଞ୍ଜୟ ସାହୁ, ସେବା ସହଯୋଗୀ ଥବୀର କାଲସା, ଆଇନ ପରାମର୍ଶଦାତା ଭାସ୍କର ଦାଶ, ସରିତା ସୁନା, ଅନିଲ ମହଲା, ଜିତେନ୍ଦ୍ର ମଣ୍ଡଲ, ଗୌତମ ମହାପାତ୍ର ସହଯୋଗ କରିଥିଲେ।

୨ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏଁ ଜେଲ୍

ପଦ୍ମପୁର,୧୫ ।୧୦(ସମିସ): ପଦ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ତଥା ସ୍ୱତନ୍ତ୍ର ବିଚାରପତି ସୂର୍ଯ୍ୟ ନାରାୟଣ ଦ୍ୱିବେଦୀଙ୍କ ଅଦାଲତରେ ଏକ ଏନ୍‌ଡିପିଏସ୍ ମାମଲାର ରାୟ ପ୍ରକାଶ ପାଇଛି। ବିଜେପୁର ଥାନା କେସ୍ ନଂ ୨୩୫/୨୦୨୫ ଏବଂ ସ୍ପେଶାଲ୍ ଜି.ଆର୍. କେସ୍ ନଂ ୫୨/୨୦୨୫ରେ ଅଭିଯୁକ୍ତ ମନୀଷ ଅଗ୍ରୱାଲ ଓରଫ କାଲୁ ଏବଂ ସନ୍ଦୀପ ସାହୁ ଓରଫ ପିଣ୍ଟୁଙ୍କୁ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(ସସ)(ବି), ୨୧(ବି) ଓ ୨୯ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକ ଧାରାରେ ୭ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ଦଣ୍ଡାଦେଶ ଦିଆଯାଇଛି। ଧାରା ୨୦(ବି)(ସସ)(ବି) ଗଞ୍ଜେଇ ସମ୍ବନ୍ଧୀୟ ଅପରାଧ, ଧାରା ୨୧(ବି) ନିର୍ଦ୍ଦିଷ୍ଟ ମାତ୍ରାର ନିର୍ମିତ ମାଦକ ଦ୍ରବ୍ୟ ସମ୍ବନ୍ଧୀୟ ଅପରାଧ ଏବଂ ଧାରା ୨୯ ଅପରାଧରେ ସହଯୋଗ କିମ୍ବା ଅପରାଧିକ ଷଡ଼ଯନ୍ତ୍ର ସମ୍ବନ୍ଧୀୟ ବ୍ୟବସ୍ଥା। ଜରିମାନା ଅନାଦେୟ ହେଲେ ପ୍ରତ୍ୟେକ ଧାରା ପାଇଁ ଅତିରିକ୍ତ ୬ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ତେବେ ସମସ୍ତ କାରାଦଣ୍ଡ ଏକକାଳୀନ ଚାଲିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ମନୀଷ ଅଗ୍ରୱାଲଙ୍କୁ ଆର୍ମସ୍ ଆକ୍ଟର ଧାରା ୨୫(୧-ଏ) ଅନୁଯାୟୀ ମଧ୍ୟ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ତାଙ୍କ କ୍ଷେତ୍ରରେ ଏହି ଦଣ୍ଡ ମଧ୍ୟ ଅନ୍ୟ ଦଣ୍ଡ ସହ ଏକକାଳୀନ ଚାଲିବ। ତେବେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟର ଧାରା ୧୩ ଅନୁଯାୟୀ ଉଭୟଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୬ ଅକ୍ଟୋବର ୨୦୨୫ରେ ବିଜେପୁର ଥାନା ଅଞ୍ଚଳରେ ପୁଲିସ ଏକ ମହିନ୍ଦ୍ରା ଥାର୍ ଗାଡ଼ିକୁ ଅଟକାଇ ଯାଞ୍ଚ କରିବା ସମୟରେ ୧୦୦ ମିଲିଲିଟରର ୩୦୦ଟି ଏସ୍‌କଫ୍ କଫ୍ ସିରପ୍ ବୋତଲ, ପ୍ରାୟ ୧.୯ କିଲୋଗ୍ରାମ ଗଞ୍ଜେଇ ସହ ଏକ ପିସ୍ତଲ ଓ ୫ଟି ଗୁଳି ଜବତ ହୋଇଥିଲା। ଏଥିସହ ଜବତ ହୋଇଥିବା ମହିନ୍ଦ୍ରା ଥାର୍ ଗାଡ଼ି ଓ ନଗଦ ୪୮,୪୨୦ ଟଙ୍କାକୁ ବାଜ୍ୟାପ୍ତି କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ବେଣୁଲାଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ସ୍ୱତନ୍ତ୍ର ସରକାରୀ ଓକିଲ ରାମରତନ ପୁରୋହିତ ମାମଲା ପରିଚାଳନା କରିଥିଲେ। ମାମଲାର ତଦନ୍ତକାରୀ ଅଧିକାରୀ ସୁଶାନ୍ତମଣି ମହାନ୍ତି ଅଭିଯୁକ୍ତମାନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଉଭୟ ପକ୍ଷର ଯୁକ୍ତି, ସାକ୍ଷ୍ୟ ଓ ପ୍ରମାଣକୁ ବିଚାର କରି ଅଦାଲତ ରାୟ ପ୍ରଦାନ କରିଛନ୍ତି।

କୁମ୍ଭାରବନ୍ଧ ପଞ୍ଚାୟତ ଆଞ୍ଚଳିକ ଡିଗ୍ରୀ କଲେଜରେ ସୌରଭ ସଭାପତି, ପୂଜା ସାଧାରଣ ସମ୍ପାଦିକା

ଇବଥର୍ମାଲ,୧୫ ।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧସ୍ଥିତ ପଞ୍ଚାୟତ ଆଞ୍ଚଳିକ ଡିଗ୍ରୀ କଲେଜର ନିର୍ବାଚନ ବଦଳରେ ଛାତ୍ର ସଂସଦ ସଭାପତି, ସାଧାରଣ ସମ୍ପାଦିକା ଚୟନ କରାଯାଇଛି। ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଏକତ୍ରୀତ ହୋଇ ଆଲୋଚନା କରିବା ପରେ ଏଠାରେ ଇଲେକ୍ସନ ପରିବର୍ତ୍ତେ ସିଲେକ୍ସନ କରାଯାଇଛି। ସଭାପତି ଭାବେ ସୌରଭ ମହାନନ୍ଦ, ଉପସଭାପତି ଭାବେ ଅନ୍ନପୂର୍ଣ୍ଣା ନିଖଣ୍ଡିଆ, ସାଧାରଣ ସମ୍ପାଦିକା ଭାବେ ପୂଜା ଭୋଇ, କ୍ରୀଡା ସଂପାଦିକା ଭାବେ ସୁପ୍ରିୟା ଧୁରୁଆ, ସାଂସ୍କୃତିକ ସଂପାଦିକା ଭାବେ ପ୍ରିୟା ମାଝୀ, ଯୁକ୍ତ ୩ ତୃତୀୟ ବର୍ଷର ଶ୍ରେଣୀଗୃହ ପ୍ରତିନିଧି ଭାବେ ପାୟଲ ଭୋଇ ଓ ଅମ୍ରିତା ମୁଣ୍ଡା, ଦ୍ୱିତୀୟ ବର୍ଷ ପ୍ରତିନିଧି ଭାବେ ଦୀପ୍ତିମୟୀ ସେଠ୍, ପ୍ରଥମ ବର୍ଷ ପ୍ରତିନିଧି ଭାବେ ସନ୍ଧ୍ୟାରାଣୀ ଭୁଏଙ୍କୁ ବଛା ଯାଇଛି। କଲେଜ ଅଧ୍ୟକ୍ଷ ରାଜକିଶୋର ବିଶ୍ୱାଳ, ନୋଡାଲ ଅଫିସର ଅଧ୍ୟାପିକା ଭାରତୀ ବିଶ୍ୱାଳ ଏହି ସୂଚନା ଦେଇଛନ୍ତି।

ଖଟଖଟିଆରେ ବିଶ୍ୱ ବିଦ୍ୟାର୍ଥୀ ଦିବସ

କନ୍ଧମାଳ,୧୫।୧୦(ସମିସ): ଡ. ଏପିଜେ ଅବଦୁଲ କାଲାମଙ୍କ ଜନ୍ମଦିନ ଅବସରରେ ଖଟଖଟିଆ ଉ.ପ୍ରା ବିଦ୍ୟାଳୟରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଛି। ଶିକ୍ଷକ ଗଂଜୁ ଅମାତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ଲକ୍ଷ୍ମୀ ଶଥପଥୀ ଅଧ୍ୟକ୍ଷତା କରିଥିଲେ। ସଭାରେ ଶିକ୍ଷକ ସମୀର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରି ଛାତ୍ର ଶକ୍ତି ହିଁ ରାଷ୍ଟ୍ର ଶକ୍ତି ବୋଲି କହିଥିଲେ। ଅନ୍ୟତମ ବରିଷ୍ଠ ଶିକ୍ଷକ ପ୍ରଦୀପ ମିଶ୍ର ଯୋଗ ଦେଇ କାଲାମଙ୍କ ଜୀବନୀ ହିଁ ଛାତ୍ରମାନଙ୍କୁ ପ୍ରେରଣା ଯୋଗାଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ଡ. ଏପିଜେ ଅବଦୁଲ କାଲାମ ସମଗ୍ର ବିଶ୍ୱ ପାଇଁ ଆଦର୍ଶ ବୋଲି ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଗାୟତ୍ରୀ ବାରିକ କହିଥିଲେ। ଶିକ୍ଷୟତ୍ରୀ ବନିତା ମେହେର, ସିଆରସିସି ଦେବବ୍ରତ ସାହୁ, ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଅରୁଣ ବସ୍ତିଆ, ସଦସ୍ୟ ଗୋବିନ୍ଦ ଦେହୁରୀ, ବଲ୍ଲବୀ ବସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର କମ୍ପ ଧନ୍ୟବାଦ ଅର୍ପଣ କରିଥିବା ବେଳେ ତ୍ରିଲୋଚନ ଡାଙ୍ଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ତରଭାରେ ସାଧାରଣ ସମ୍ପାଦକ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ

ତରଭା,୧୫ ।୧୦ (ସମିସ): ୮ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହୋଇଛି। ୯ ତାରିଖ ତରଭା ଏଇଏସ କଲେଜରେ ନିର୍ବାଚନ ପ୍ରକ୍ରିୟା ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଅଧ୍ୟାପକ ରୋହିତ ପ୍ରଧାନ ନିଯୁକ୍ତ ହୋଇଥିଲେ। ତରଭା ତହସିଲଦାର ଶ୍ୱେତାଲିନା ମହାଣାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ସେଲିନା ପ୍ରିୟଦର୍ଶିନୀ ନାଏକ ମାଜିଷ୍ଟ୍ରେଟ ଦାୟିତ୍ୱରେ ତୁଲାଇଥିଲେ। ନିର୍ବାଚନରେ ମୋଟ ୭ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସଭାପତି ପଦବୀ ପାଇଁ ଉଭୟେ ପଞ୍ଚମ ସେମିଷ୍ଟାରର ୨ଜଣ ଛାତ୍ର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଉଭୟଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଥିଲା। ସାଧାରଣ ସମ୍ପାଦକ ପଦବୀ ପାଇଁ ପଞ୍ଚମ ସେମିଷ୍ଟାରର ବିଜ୍ଞାନର ଛାତ୍ର ଯଶୋବନ୍ତ ବାଗ ଏକ ମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ତାଙ୍କର ପ୍ରାର୍ଥପତ୍ର କାଏମ ରହିଥିଲା। ସେହିପରି ଉପସଭାପତି ପଦବୀ, ଆଥଲେଟିକ ସେକ୍ରେଟାରୀ ପଦବୀ, ଡ୍ରାମା ସେକ୍ରେଟାରୀ ପଦବୀ, ଆସିଷ୍ଟାଣ୍ଟ ସେକ୍ରେଟାରୀ ପଦବୀ ପାଇଁ ଦାଖଲ କରିଥିବା ସମସ୍ତ ଛାତ୍ରଙ୍କ ନାମାଙ୍କନ ପତ୍ର ଯାଞ୍ଚ ସମୟରେ ନାକଚ ହୋଇଯାଇଥିଲା। କେବଳ ସାଧାରଣ ସମ୍ପାଦକ ଭାବେ ନାମାଙ୍କନ ଦାଖଲ କରିଥିବା ଯଶୋବନ୍ତ ବାଗଙ୍କ ପ୍ରାର୍ଥପତ୍ର କାଏମ ରହିଥିବାରୁ ତାଙ୍କୁ ବିଜୟୀ ଘୋଷିତ କରାଯାଇଥିବା କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

ନୂତନ ଜିଲ୍ଲାପାଳଙ୍କ ତରଭା ଗସ୍ତ

ତରଭା,୧୫ ।୧୦ (ସମିସ): ସୁବର୍ଣ୍ଣପୁରରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ଦେବାଶିଷ ସିଂ ତରଭା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କମସରାର ମାଝିପାଲି କରଲାପାଟ ଡୁଙ୍ଗୁରିରେ ଚାଲିଥିବା ଭି ବି ଜୀ ରାମ ଜୀ ଯୋଜନାରେ ଚାଲିଥିବା ଟ୍ରେଞ୍ଚ କାମ ପରିଦର୍ଶନ କରିଥିଲେ। ଏହି ଯୋଜନାରେ କାମ କରୁଥିବା ଶ୍ରମିକଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ମାଝିପାଲି ଅଙ୍ଗନବାଡି କେନ୍ଦ୍ରରେ ପାଇଖାନା ନ ଥିବା ଅଭିଯୋଗ ଗ୍ରାମବାସୀ କରିଥିଲେ। ସଙ୍ଗେ ସଙ୍ଗେ ଭି ବି ଜୀ ରାମ ଜୀ ଯୋଜନାରେ ପାଇଖାନା ନିର୍ମାଣ କରିବାକୁ ଜିଲ୍ଲାପାଳ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ସିଡିଇଓ ଅଶ୍ୱିନୀ ମେହେର, ବିଡ଼ିଓ ଶିବାନନ୍ଦ କର୍ମୀ, ଏଇଇ ସଂଯୁକ୍ତା ପଧାନ, ଏପିଓ ସମ୍ମିତ ମହାକୁର, ଜେଇ ଭୋଜରାଜ ମେହେର, ପିଇଓ ପ୍ରଦୀପ ପଣ୍ଡା, ଜିଆରଏସ ଗୋପାଳ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଘରକୁ ଘର ସର୍ବେକ୍ଷଣ ଓ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ଉପରେ ଗୁରୁତ୍ୱ

ବୌଦ୍ଧ,୧୫।୧୦(ସମିସ): ବୌଦ୍ଧ ଜିଲ୍ଲାରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ଭୁଲ ଏବଂ ସୁସଂଗଠିତ କରିବା ଉଦ୍ଦେଶ୍ୟରେ ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକ୍ରମ ଏବଂ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜନୈତିକ ଦଳଗୁଡ଼ିକୁ ନିଜ ନିଜ ଦଳ ପକ୍ଷରୁ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବା ସହିତ ଆବଶ୍ୟକୀୟ ବିବରଣୀ ନିର୍ଦ୍ଧାରିତ ଫର୍ମାଟ୍‌ରେ ପ୍ରଦାନ କରିବାକୁ କୁହାଯାଇଛି। ଏହି ଫର୍ମାଟ୍‌ରେ ରାଜନୈତିକ ଦଳର ନାମ, ଜିଲ୍ଲା, ବ୍ଲକ୍/ପୌରାଞ୍ଚଳ, ବିଧାନସଭା ନିର୍ବାଚନମଣ୍ଡଳୀର ନାମ ଓ ନମ୍ବର, ବୁଥ୍ ନମ୍ବର, ଏଜେଣ୍ଟଙ୍କ ନାମ, ଲିଙ୍ଗ, ବୟସ ଏବଂ ମୋବାଇଲ୍ ନମ୍ବର ଉଲ୍ଲେଖ କରିବାକୁ ହେବ। ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକୁ ଠିକ୍ ଭାବେ ସମ୍ପାଦନ କରିବା, ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟର ଯାଞ୍ଚ ଓ ସମନ୍ୱୟ ରକ୍ଷା କରିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ସହଯୋଗ ବୃଦ୍ଧି କରିବାରେ ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭୋଟର ତାଲିକା ପ୍ରସ୍ତୁତି ଓ ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକୁ ସୁସଂଗଠିତ ଏବଂ ସ୍ୱଚ୍ଛ କରିବା ଦିଗରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୁତି ଭୂଷଣ ନାୟକ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରିଛନ୍ତି।

ଗୁହାଳରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଜଳିଗଲା ଗୋଟିଏ ବାଇକ୍ ସହ ୨ ସାଇକଲ

ଜହ୍ନାପଙ୍କ,୧୫ ।୧୦(ସମିସ): ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅଧୀନ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ଗ୍ରାମର ଶିବ ବେହେରାଙ୍କ ଗୁହାଳରେ କେହି ନିଆଁ ଲଗାଇ ଦେଇଛି। ଏହା ଫଳରେ ଗୁହାଳରେ ଥିବା ଏକ ମୋଟର ସାଇକଲ ଓ ୨ଟି ସାଇକଲ ସମେତ ୨ଟି ସ୍ପ୍ରେ ମେସିନ ଏବଂ ଗୋଟିଏ ୧୦ କେଜି ଜାଲ ଜଳି ଯାଇଛି। ଏ ନେଇ ବୌଦ୍ଧ ଥାନା ଓ ଜହ୍ନପଙ୍କ ଫାଣ୍ଡିରେ ଶିବ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ପରିବାର ଲୋକେ ଖାଇ ପିଇ ଶୋଇଥିଲେ। ରାତି ପ୍ରାୟ ୧୨ଟା ବେଳେ କେହି ଗୁହାଳର ନିଆଁ ଲଗାଇ ଦେବାରୁ ସବୁ ପୋଡି ନଷ୍ଟ ହୋଇ ଯାଇଛି। ସୌଭାଗ୍ୟ ବଶତଃ ଗୁହାଳରେ ଥିବା ଏକ ବାଛୁରୀ ଅଳ୍ପକେ ବର୍ତ୍ତି ଯାଇଛି। ଖବର ପାଇ ବୌଦ୍ଧ ଦମକଳ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ।

ଜାମସେଠରେ କଂସ ବରଣ

ପାଇକମାଳ,୧୫ ।୧୦(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ ଜାମସେଠ ଗ୍ରାମରେ ଆସନ୍ତା ମାର୍ଚ୍ଚ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବ। ଏହି ଅବସରରେ ହେବାକୁ ଥିବା କଂସ ଦରବାରକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଗୁରୁବାର ଗ୍ରାମବାସୀଙ୍କ ପକ୍ଷରୁ କଂସ ମହାରାଜ ଓ ଅନ୍ୟ କଳାକାରଙ୍କୁ ଫୁଲଚନ୍ଦନ ଦେଇ ପାରମ୍ପରିକ ରୀତିରେ ବରଣ କରାଯାଇଛି। ଏହି ବରଣ କାର୍ଯ୍ୟକ୍ରମରେ କଂସ ମହାରାଜ ଭୂମିକାରେ ଅଭିନୟ କରିବାକୁ ଥିବା ଅକ୍ଷୟ କୁମାର ଭୋଇ ଏବଂ ମହାମନ୍ତ୍ରୀ ଭୂମିକାରେ ଅଭିନୟ କରିବାକୁ ଥିବା ସଚ୍ଚିନ ମାଝୀଙ୍କ ସମେତ ଅନ୍ୟ କଳାକାରଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ କଂସ ଦରବାର ମୁଖ୍ୟ ଆକର୍ଷଣ ସାଜିବ। ପୌରାଣିକ କଥାବସ୍ତୁ ଆଧାରିତ ଅଭିନୟ, କଂସ ମହାରାଜଙ୍କ ଦରବାର ଓ ମହାମନ୍ତ୍ରୀଙ୍କ ଭୂମିକା ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ଏହି ଆୟୋଜନ ମାଧ୍ୟମରେ ଧାର୍ମିକ ଭାବଧାରା ସହ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ପ୍ରଚାରପ୍ରସାର ହୋଇପାରିବ। କଂସ ବରଣ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରମୋଦ ରାୟଙ୍କ ସମେତ ଆର୍ତ୍ତତ୍ରାଣ ସାହୁ, ଦିଲ୍ଲୀପ ରଣା, ସରୋଜ ପଟ୍ଟନାୟକ, ହେମନ୍ତ ପ୍ରଧାନ, ଶତ୍ରୁଘ୍ନ ସାହୁ, ଅମିୟ ରଣା, ନାରାୟଣ ପ୍ରଧାନ, ନଟବର ପ୍ରଧାନ, ଶିବ ପ୍ରଧାନ, ଅକ୍ଷୟ ପ୍ରଧାନ, ଶରତ ତାଣ୍ଡି, ସନ୍ତୋଷ ପୁଝାରୀ, ନରେଶ ନେଉରା, ରବି ରଣା ଓ ମଦନ ଭୋଇଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

କନ୍ଧମାଳ କଲେଜରେ ବିକାଶ ରଣା ସଭାପତି

କନ୍ଧମାଳ ୧୫ ।୧୦(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସଭାପତି ଭାବେ ବିକାଶ ରଣା, ଉପସଭାପତି ଭାବେ ଶ୍ରୀତମ ସାହୁ, ସାଧାରଣ ସମ୍ପାଦକ ଭାବେ ଶିଖା ଛତ୍ରିଆ, କଳା ସମ୍ପାଦକ ଭାବେ ସୁଶିକ ନାଗ ଏବଂ କ୍ରୀଡ଼ା ସମ୍ପାଦକ ଭାବେ ଆକାଶ ସାହୁ ନିର୍ବାଚିତ ହୋଇଛନ୍ତି। ସେହିଭଳି ରବିନ୍ଦ୍ର ସାହୁ, ନିରୁପମା ଭୋଇ, ମାନସ ପ୍ରଧାନ, ଚନ୍ଦନ ବନଛୋର ଓ ଆଲୋକ ନାଏକ ଅନ୍ୟାନ୍ୟ ପଦରେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଧାୟକ କହ୍ନେଇ ଚରଣ ଡାଙ୍ଗ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ।

ଅତିରିକ୍ତ ଆଧାର ସେବା କେନ୍ଦ୍ର ଉଦ୍‌ଘାଟିତ

ଦେବଗଡ଼,୧୫ ।୧୦(ସମିସ): ଦେବଗଡ଼ ଜିଲ୍ଲାର କୁଣ୍ଢେଇଗୋଳା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆବଶ୍ୟକତା ପୂରଣ ହୋଇଛି। କୁଣ୍ଢେଇଗୋଳାରେ ନୂତନ ଅତିରିକ୍ତ ଆଧାର ସେବା କେନ୍ଦ୍ରକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଆଜି ଉଦଘାଟନ କରିଛନ୍ତି। ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ଲୋକମାନଙ୍କ ଯାତାୟାତରେ ବିଭିନ୍ନ ସମସ୍ୟା ଦେଖାଦେଉଥିବାରୁ ଆଧାର ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଦୂରଦୂରାନ୍ତକୁ ଯିବା କଷ୍ଟକର ହେଉଥିଲା। ଏହି ଦୃଷ୍ଟିରୁ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏଠାରେ ନୂତନ ଆଧାର ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ର ଦ୍ୱାରା କୁଣ୍ଢେଇଗୋଳା ସମେତ ଆଖପାଖ ଅଞ୍ଚଳର ୧୪ଟି ପଞ୍ଚାୟତର ଲୋକେ ଆଧାର ସମ୍ବନ୍ଧୀୟ ବିଭିନ୍ନ ସେବା ସହଜରେ ପାଇପାରିବେ। ଏହା ଫଳରେ ଅଞ୍ଚଳବାସୀଙ୍କ ସମୟ ଓ ଯାତାୟାତ ଖର୍ଚ୍ଚ ବଞ୍ଚିବା ସହ ହାତୀ ଉପଦ୍ରବ ମଧ୍ୟରେ ଦୂରସ୍ଥ ସ୍ଥାନକୁ ଯିବାର ଆଶଙ୍କା ହ୍ରାସ ପାଇବ। ଉଦଘାଟନୀ କାର୍ଯ୍ୟକ୍ରମରେ ରେଙ୍ଗାଲପାଲି ମଠର ମଠାଧୀଶ ସ୍ୱରୂପ ଚୈତନ୍ୟ ଜୀ, ସମାଜସେବୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲଳିତ ମୋହନ ପ୍ରଧାନ, ବାଘବର ପଞ୍ଚାୟତର ସରପଞ୍ଚ ଭକ୍ତବନ୍ଧୁ ପ୍ରଧାନ, ଚଢେଇମରା ସରପଞ୍ଚଙ୍କ ପ୍ରତିନିଧି ପ୍ରସନ୍ନ ପ୍ରଧାନ, ନୂଆପଡ଼ା ପଞ୍ଚାୟତର ସମିତି ସଭ୍ୟ ବାପୁନ ପ୍ରଧାନ, ଉଟୁଣିଆ ସରପଞ୍ଚ ପଙ୍କଜ ସାହୁ, କୁଣ୍ଢେଇଗୋଳା ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ଓ ନାଏବ ସରପଞ୍ଚ ଖିରୋଦିନୀ ଭୂତିଆ, ବୁଢ଼ାପାଳ ସମିତି ସଭ୍ୟ ଲିଙ୍ଗରାଜ ସାହୁ, ରିଆମାଳ ବ୍ଲକର ବରିଷ୍ଠ ସାମ୍ବାଦିକ ରାକେଶ ଦାଶ, ମନୋଜ ବେହେରା, ଆର୍ତ୍ତତ୍ରାଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରଥମ ଓଡିଶା ରାଜ୍ୟସ୍ତରୀୟ ୧୪ବର୍ଷରୁ କମ୍ ବାଳକ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା

ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା ସେମିଫାଇନାଲକୁ ଉନ୍ନୀତ

ତରଭା,୧୫ ।୧୦(ସମିସ): ସୁବର୍ଣ୍ଣପୁରଠାରେ ଚାଲିଥିବା ପ୍ରଥମ ଓଡିଶା ରାଜ୍ୟସ୍ତରୀୟ ୧୪ବର୍ଷରୁ କମ୍ ବାଳକ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତାର ପ୍ରଥମ ଦିନର ଖେଳରେ ୨୦ଟି ଶିକ୍ଷା ଜିଲ୍ଲାର ଫୁଟବଲ ଦଳ ଗାନ୍ଧୀ ଷ୍ଟାଡିୟମ, ରିଜର୍ଭ ପୁଲିସ ପଡିଆ ଓ ରାମେଶ୍ୱର ଷ୍ଟାଡିୟମ ଖେଳ ପଡିଆରେ ପ୍ରତିପକ୍ଷଙ୍କ ସହ ଖେଳିଛନ୍ତି। ଏହି କ୍ରମରେ ପ୍ରଥମ ଦିନରେ ପୁଲ୍ ଏରୁ ଭଦ୍ରକ, ନୂଆଁପଡା, ପୁଲ୍ ବିରୁ ନବରଙ୍ଗପୁର, ସମ୍ବଲପୁର ପୁଲ୍ ସିରୁ ଝାରସୁଗୁଡା ଓ କେନ୍ଦ୍ରାପଡା ଏବଂ ପୁଲ୍ ଡିରୁ ଢେଙ୍କାନାଳ, ସୁବର୍ଣ୍ଣପୁର ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ଠିକ୍ ସେହିପରି ପୁଲ୍ ଇରୁ ଦେବଗଡ଼, ଜଗତସିଂହପୁର ପୁଲ୍ ଏଫରୁ ବଲାଙ୍ଗୀର, ମୟୁରଭଞ୍ଜ ପୁଲ୍ ଜିରୁ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ବିଜୟୀ ହୋଇଛି। ଦ୍ୱିତୀୟ ଦିନ୍ ନକ୍ ଆଉଟ୍ ପର୍ଯ୍ୟାୟ ମ୍ୟାଚ ଗାନ୍ଧୀ ଷ୍ଟାଡିୟମ ଓ ରାମେଶ୍ୱର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ପୂର୍ବାହ୍ନ ମ୍ୟାଚରେ ଓଡ଼ିଶାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ନକ୍ ଆଉଟ୍ ପର୍ଯ୍ୟାୟର ମ୍ୟାଚରୁ ସଫଳ ହୋଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ନୂଆପଡ଼ା ଜିଲ୍ଲାର ଫୁଟବଲ ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶୁକ୍ରବାର ଅନ୍ତିମ ଦିବସରେ ସୁନ୍ଦରଗଡ଼ ଦଳ ଝାରସୁଗୁଡ଼ା ସହ ଓ ସମ୍ବଲପୁର ନୂଆପଡା ଦଳ ସେମିଫାଇନାଲ ଖେଳିବ ପାଇଁ ସ୍ଥିର ହୋଇଛି।

ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲା

ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

୨୦ ହଜାର ଜରିମାନା

ବାରିପଦା, ୧୫।୧୦ (ସମିସ): ଶିଶୁକନ୍ୟା ଦୁଷ୍କର୍ମ ମାମଲାରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ୱତନ୍ତ୍ର ପକ୍ସୋ ଅଦାଲତ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ବିଚାରପତି ଚିନ୍ମୟ ମିଶ୍ର ମାମଲାର ବିଚାର କରି ଅଭିଯୁକ୍ତ କଟେ ଓରଫ କଟେରାମ ସିଂ ବାନରା (୫୬)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟପକ୍ଷରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୪୫୦ରେ ମଧ୍ୟ ୩ ବର୍ଷ କାରାଦଣ୍ଡ ଦିଆଯାଇଛି ଓ ସମସ୍ତ ଦଣ୍ଡାଦେଶ ଏକାସଙ୍ଗେ ଚାଲିବ ବୋଲି ନିର୍ଦ୍ଦେଶ ରହିଛି। ଏତଦ୍‌ବ୍ୟତୀତ ପୀଡ଼ିତାଙ୍କ ଥଇଥାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜରିଆରେ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୨୩ ମେ' ୨୬ ତାରିଖ ଅପରାହ୍ନରେ ଶରତ ଥାନା ଅନ୍ତର୍ଗତ ସାନକଦାବାହାଲି ଗ୍ରାମର ତୃତୀୟ ଶ୍ରେଣୀରେ ପଢୁଥିବା ପ୍ରାୟ ୯ ବର୍ଷ ବୟସର ନାବାଳିକା ଝିଅ ଘରେ ଏକାକୀ ଥିଲା। ପରିବାର ଲୋକେ ଏକ ସାମାଜିକ ଉତ୍ସବକୁ ଯାଇଥିବା ସୁଯୋଗରେ ସମ୍ପର୍କୀୟ ତଥା ଗ୍ରାମର କଟେରାମ ସିଂ ବାନରା ପାଣି ପିଇବା ବାହାନାରେ ଘରେ ପଶି କବାଟ ବନ୍ଦ କରି ନାବାଳିକାକୁ ଦୁଷ୍କର୍ମ କରିଥିଲା। ଝିଅର ଚିତ୍କାର ଶୁଣି ପଡ଼ୋଶୀ ଆସିଯିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲା। ପରିବାର ଲୋକେ ଘରକୁ ଫେରିବା ପରେ ଝିଅଟି ସବୁ କଥା ଜଣାଇବାରୁ ଏ ନେଇ ୨୦୨୩ ମେ' ୨୮ ତାରିଖରେ ଶରତ ଥାନାରେ ଏତଲା ଦାୟର କରାଯାଇଥିଲା। ପୁଲିସ ୩୪/୨୦୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଅଦାଲତରେ ଏହି ମାମଲାର ବିଚାର ଚାଲିଥିବାବେଳେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅଶ୍ୱିନୀ କୁମାର ମହାନ୍ତ ମାମଲା ପରିଚାଳନା କରୁଥିଲେ। ବିଚାର ସମୟରେ ୧୮ ଜଣ ସାକ୍ଷୀଙ୍କ ବୟାନ ଓ ୨୦ଟି ଦସ୍ତାବିଜ୍ ଯାଞ୍ଚ କରାଯାଇଥିଲା। ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ଅଦାଲତ ଅଭିଯୁକ୍ତ କଟେରାମକୁ ପୋକ୍ସୋ ଆକ୍ଟ ଧାରା ୬ ଓ ଆଇପିସି ଧାରା ୪୫୦, ୩୭୬(ଏବି), ୩୭୬(୨)(ଏଫ୍)ରେ ଦୋଷୀ ସାବ୍ୟସ୍ତ କରି ଆଜି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ଭିଜିଲାନ୍ସ ଗିରଫର ୮ ଦିନ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ଲାଞ୍ଚୁଆଙ୍କୁ ଘଣ୍ଟ ଘୋଡ଼ାଉଛି ଗଣଶିକ୍ଷା ବିଭାଗ

ଜଗତସିଂହପୁର ୧୫।୧୦(ସମିସ): ଗତ ୮ ତାରିଖରେ ଜଗତସିଂହପୁର ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ତଥ୍ୟ ଓ ଅନୁସନ୍ଧାନ ବିଭାଗର ସଂଯୋଜକ ଚନ୍ଦ୍ର ଜିତ୍ ପରିଜାଙ୍କୁ ବାନ୍ଧିଥିଲା ଭିଜିଲାନ୍ସ। ଲାଞ୍ଚ ନେଉଥିବା ବେଳେ ଧରାପଡି ଗିରଫ ହୋଇଥିଲେ। ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଭିଜିଲାନ୍ସ ଦ୍ୱାରା ଗିରଫ ହେବା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ଓସେପା ନିର୍ଦ୍ଦେଶକଙ୍କୁ ଶ୍ରୀ ପରିଜାଙ୍କ ଗିରଫଦାରୀ ସମ୍ପର୍କରେ ଅବଗତ କରିଥିଲେ ମଧ୍ୟ ଦୀର୍ଘ ୮ ଦିନ ପରେ ମଧ୍ୟ କାହିଁକି ଗଣଶିକ୍ଷା ବିଭାଗ ତାଙ୍କୁ ଘଣ୍ଟ ଘୋଡାଉଛି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଜିଲ୍ଲାର ୧୧୧ଟି ହାଇସ୍କୁଲରେ ଡିଜିଟାଲ ପ୍ୟାନେଲ ବ୍ଲାକ ବୋର୍ଡ ଲଗାଇବାକୁ ଜି.ଇ.ଏମ୍. ଟେଣ୍ଡର ଦ୍ୱାରା ଭେଣ୍ଡର ବଛାଯାଇଥିଲା । ଜଣେ ଭେଣ୍ଡରଙ୍କ ଅମାନତ ଅର୍ଥ ପାଇଁ ଶ୍ରୀ ପରିଜା ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ତାଙ୍କର ଦାବି ଅନୁସାରେ ଠିକାଦାର ଜଣକ ୩୦ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ମାଡ଼ି ବସିଥିଲା। ରଶ୍ମି ସିନେମା ହଲ ନିକଟସ୍ଥ ରାସ୍ତା ଉପରୁ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ଶ୍ରୀ ପରିଜାଙ୍କୁ ଗିରଫ କରିଥିଲା।

ଶୃଙ୍ଖଳା ରକ୍ଷା ପାଇଁ ଛାତ୍ରଙ୍କୁ ଶିକ୍ଷକଙ୍କ ଭର୍ତ୍ସନା ଆତ୍ମହତ୍ୟାକୁ ପ୍ରରୋଚନା ନୁହେଁ: ହାଇକୋର୍ଟ

କଟକ,୧୫ ।୧୦(ସମିସ): ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରିବା ପାଇଁ ସାଧାରଣ ଚେତାବନୀ ବା ଅନୁଶାସନମୂଳକ ପଦକ୍ଷେପ କେବେହେଁ ଆତ୍ମହତ୍ୟାକୁ ପ୍ରରୋଚନା ବୋଲି ଧରାଯାଇପାରିବ ନାହିଁ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁରେନ୍ଦ୍ରନାଥ ମିଶ୍ର ଏବଂ ଅନ୍ୟ ଜଣଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆତ୍ମହତ୍ୟା କରିଥିବା ଜଣେ ଛାତ୍ରଙ୍କୁ ନିଶା ସେବନ ନେଇ ଶୃଙ୍ଖଳାଗତ ଭାବେ ଅନୁଶାସନ କରିବା କୌଣସି ଅପରାଧ ନୁହେଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଚମ୍ପୁଆସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦଶମ ଶ୍ରେଣୀର ଜଣେ ଛାତ୍ର ହଷ୍ଟେଲରେ ରହୁଥିବା ସମୟରେ ହଷ୍ଟେଲର କିଛି ଛାତ୍ର ଏଡେଣ୍ଡ୍ରାଇଟ୍ ନିଶା ସେବନ କରିଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଆବେଦନକାରୀ ଶିକ୍ଷକ ଓ ହଷ୍ଟେଲ୍ ୱାର୍ଡେନ ସମ୍ପୃକ୍ତ ଛାତ୍ରଙ୍କୁ ଭର୍ତ୍ସନା କରିଥିଲେ ଏବଂ ଅଭିଭାବକଙ୍କୁ ଏ ବିଷୟରେ ଜଣାଇ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଏହି ମାନସିକ ଚାପରେ ପଡ଼ି ଜଣେ ଛାତ୍ର ହଷ୍ଟେଲର ୪ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ତଦନ୍ତ ପରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିବାବେଳେ ଚମ୍ପୁଆର ଏସଡିଜେଏମ୍. କୋର୍ଟ ଏହି ମାମଲାରେ ଶିକ୍ଷକ ଓ କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା ବିଚାରପାଇଁ ଗ୍ରହଣ କରିଥିଲେ। ଏହାକୁ ବିରୋଧ କରି ଶିକ୍ଷକ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏକ ସାଧାରଣ ଚେତାବନୀରେ କୌଣସି ଅପରାଧିକ ଉଦ୍ଦେଶ୍ୟ ନଥାଏ। ଶିକ୍ଷକମାନଙ୍କର ଶୃଙ୍ଖଳା ରକ୍ଷା କରିବାର ନୈତିକ ଦାୟିତ୍ୱ ରହିଛି। ହାଇକୋର୍ଟ ଏନେଇ ଚମ୍ପୁଆ ଏସଡିଜେଏମ୍. କୋର୍ଟଙ୍କ ଦ୍ୱାରା ଗୃହୀତ ହୋଇଥିବା କଗ୍ନିଜାନ୍ସ ଆଦେଶକୁ ଖାରଜ କରିଦେଇଛନ୍ତି।

ନୋଟିସ୍

ଏତଦ୍ୱାରା ସମସ୍ତଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛିଯେ ଆମ୍ଭେ (୧) ନମିତା କାନୁନ୍‌ଗୋ, ବୟସ ୫୨ ବର୍ଷ, (୨) ବନ୍ଦିତା କାନୁନଗୋ, ବୟସ ୪୯ ବର୍ଷ, (୩) ରାଜେଶ୍ କାନୁନଗୋ, ବୟସ ୫୬ ବର୍ଷ, (୪) ସୁରେଶ୍ କାନୁନଗୋ, ବୟସ ୫୪ ବର୍ଷ, ଆମ୍ଭେ ଅମ୍ଭର ପିତା ' ରମାବଲଭ ଦାଶ କାନୁନଗୋ, ମାତା- ପ୍ରଭାତୀ ଦାଶ୍ କାନୁନଗୋ, ବୟସ ୭୬ ବର୍ଷ, ବାସସ୍ଥାନ: ପ୍ଲଟ ନଂ- ୨୮୨୮. ଷ୍ଟେସନ ବଜାର, ବୁଦ୍ଧେଶ୍ୱରୀ କଲୋନୀ, ଥାନା- ଲକ୍ଷ୍ମୀସାଗର, ତହସିଲ-ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଏହା ମୋର ମାତାଙ୍କ ବୃତି ସମ୍ପତି : ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ- ୩୦ ଲକ୍ଷ୍ମୀସାଗର-୧, ଖାତା ନଂ-୭୦୨, ପ୍ଲଟ ନଂ- ୩୮୬/୨୮୨୮, ରକବା ଏ୦. ୦୮୦ ଡି. ଥିଲା । ଆମ୍ଭ ପିତାଙ୍କ ମୃତ୍ୟୁ ତା୧୪.୦୩.୨୦୧୮ରେ ହେଲାପରେ ଆମ୍ଭ ମାତା ମାନସିକ ଦୁଶ୍ଚିନ୍ତାରେ ବ୍ରେନ୍ ଷ୍ଟ୍ରୋକ୍‌ପରେ ଆକ୍ରାନ୍ତ ହୋଇ ହୃଦରୋଗ ଏବଂ ପକ୍ଷାଘାତରେ ଆକ୍ରାନ୍ତ ହୋଇଗଲେ । ଏହାର ସୁଯୋଗ ନେଇ କିଛି ଦୁଷ୍ଟ ପ୍ରକୃତିର ଲୋକ ଏହି ସମ୍ପତିକୁ ଟଂଚକତା କରି ନିଜ ନାମରେ କରିନେଲେ, ଯାହାର ଦଲିଲ ନଂ-୧୧୦୮୨୫୦ ୧୨୧୯ ତା୧୦.୦୨.୨୦୨୫ ତାଙ୍କ ନାମରେ ନାମଜାରୀ କରି ନେଇଛନ୍ତି । ଖାତା ନଂ-୧୫୯୩/୨୫୭୫, ପ୍ଲଟ ନଂ-୩୮୬/୨୮୨୮. ରକବା ଏ୦.୦୮୦ ଡି. ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ-୩୦ ଲକ୍ଷ୍ମୀସାଗର-୧, ଜି.- ଖୋର୍ଦ୍ଧା । ଏହା ଦ୍ୱାରା ଆମ ଉତରାଧିକାରୀ ସତ୍ୱ ହରାଇ ବସିଛୁ । ଏଣୁ ଆମ୍ଭେ ସମସ୍ତଙ୍କ ଗୋଚରାର୍ଥେ ଜଣାଉଅଛୁକି ଯଦି କୌଣସି ବ୍ୟକ୍ତି ବା ସଂସ୍ଥା ଏହି ବୃତି ସମ୍ପତିକୁ କ୍ରସ୍, ବନ୍ଧକ, ଲିଜ ବା କୌଣସି ଚୁକ୍ତିପତ୍ର ସମ୍ପାଦନ କରନ୍ତି, ତେବେ ଆମେ ଉତରାଧିକାରୀ ମାନେ ଦାୟୀ ରହିବୁ ନାହିଁ । ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନ କ୍ରସ୍, ବନ୍ଧକ, ଲିଜ ବା କୌଣସି ଚୁକ୍ତିପତ୍ର ସମ୍ପାଦନ କରନ୍ତି ତେବେ ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

AFFIDAVIT

I, Sanjaya Kumar Nahak, S/o Late Danda Pani Nahak, Resident of Ghasibili, P.O- G. Damodar Pali, Block- Dharakote, Ganjam, PIN- 761111, Odisha declare by this affidavit No.7615, dated-13/08/2026 that now onwards I shall be known as **SANJAY KUMAR NAHAK** for all future purposes.

AFFIDAVIT

By virtue of an affidavit (C.F. No. 04, Date. 14.10.2026) sworn before the Executive Magistrate, Padampur on Dated 14.10.2026, I, **Motilal Bariha**, Address: S/o- Budhabaru Bariha, Vill. Dandapat, Po. Paikmal, Ps. Paikmal, Dist. Bargarh, Odisha - 768039 have changed my name from **"Mahesh Bariha"** to **"Motilal Bariha"**. Henceforth, I shall be known as **"Motilal Bariha"** for all purposes.

Motilal Bariha

ଅବଶିଷ୍ଟାଂଶ

ଫୋନ୍ ସ୍କ୍ରିନ୍‌ରେ କଲରଙ୍କ...

ସମୟରେ ସେମାନେ ଯେଉଁ ନାମ ଲେଖିଥିଲେ ତାହା ଦେଖାଯିବ। ଯଦି କଲ୍ ଅନ୍ୟ ଦେଶରୁ କଲ୍ ଆସୁଛି, ଅର୍ଥାତ୍ ଏକ ଆନ୍ତର୍ଜାତୀୟ ନମ୍ବର, ତେବେ ସ୍କ୍ରିନରେ କୌଣସି ନାମ ରହିବ ନାହିଁ; କେବଳ "ଆନ୍ତର୍ଜାତୀୟ କଲ୍" ଦେଖାଯିବ। ଏଥିରେ ପ୍ରତ୍ୟେକ ଟେଲିକମ୍ ସେବା ପ୍ରଦାନକାରୀଙ୍କୁ ସେମାନଙ୍କର ଉପଭୋକ୍ତାଙ୍କ ନାମ ଏବଂ ସେମାନଙ୍କ ମୋବାଇଲ୍ ନମ୍ବରଗୁଡ଼ିକୁ ଲିଙ୍କ୍ କରି ଏକ ନୂତନ ଡାଟାବେସ୍ ତିଆରି କରିବାକୁ ପଡିବ। ଯେତେବେଳେ ଏକ କଲ୍ ରିସିଭ୍ ହେବ, ସେତେବେଳେ କମ୍ପାନୀ ଡାଟାବେସ୍‌ରୁ ନାମ ଆଣି ତୁରନ୍ତ ଗ୍ରାହକଙ୍କ ସ୍କ୍ରିନରେ ପ୍ରଦର୍ଶନ କରିବ।ଏଥିରେ କଲ୍ ବିଚ୍ଛିନ୍ନ ହେବା ମାତ୍ରେ, ସିଷ୍ଟମ୍ ତୁରନ୍ତ ଏହାର ମେମୋରୀରୁ ନାମକୁ ଡିଲିଟ୍ କରିଦେବ, ଯାହା ବ୍ୟବହାରକାରୀଙ୍କ ଡାଟାର ସମ୍ପୂର୍ଣ୍ଣ ସୁରକ୍ଷା ସୁନିଶ୍ଚିତ କରିବ। ଯେଉଁମାନେ ଗୋପନୀୟତା ପାଇଁ ନିଜ ନାମ ଲୁଚାଇବାକୁ ସେବା (ସିଏଲ୍‌ଆଇଆର୍) ନେଇଛନ୍ତି, ସେମାନଙ୍କର ନାମ ସ୍କ୍ରିନରେ ପ୍ରଦର୍ଶିତ ହେବ ନାହିଁ।

ବ୍ୟବସାୟ କିମ୍ବା ବଲ୍କ ସିମ୍ ବ୍ୟବହାର କରୁଥିବା ବ୍ୟବହାରକାରୀଙ୍କ ପାଖରେ ସେମାନଙ୍କର ଟ୍ରେଡମାର୍କ କିମ୍ବା ପଞ୍ଜିକୃତ ବ୍ୟବସାୟ ନାମ ପ୍ରଦର୍ଶନ କରିବାର ବିକଳ୍ପ ରହିବ। ଏହା କରିବା ପାଇଁ, ସେମାନଙ୍କୁ ଟ୍ରେଡମାର୍କ ରେଜିଷ୍ଟ୍ରି କିମ୍ବା ଜିଏସ୍ଟି ପୋର୍ଟାଲରେ ପଞ୍ଜିକୃତ ନାମ ଯାଞ୍ଚ କରିବାକୁ ପଡିବ ଏବଂ ଅପରେଟରଙ୍କୁ ଡକ୍ୟୁମେଣ୍ଟ ପ୍ରଦାନ କରିବାକୁ ପଡିବ। ବର୍ତ୍ତମାନ, ଏହି ନିୟମ କେବଳ ୪ଜି ଏବଂ ୫ଜି କିମ୍ବା ଉଚ୍ଚ ପିଢ଼ିର ମୋବାଇଲ୍ ନେଟୱାର୍କ ପାଇଁ ବାଧ୍ୟତାମୂଳକ। ସରକାର ଏହାକୁ ୨ଜି, ୩ଜି ନେଟୱାର୍କ ଏବଂ ପବ୍ଲିକ୍ ସ୍ୱିଚ୍ ଟେଲିଫୋନ୍ ନେଟୱାର୍କରେ ପୃଥକ ଭାବରେ ଲାଗୁ କରିବା ବିଷୟରେ ବିଚାର କରିବେ। ଟେଲିକମ୍ ନିୟାମକ ଟ୍ରାଇ ଫେବୃଆରୀରେ ଏହା ସୁପାରିଶ କରିଥିଲା। ପରବର୍ତ୍ତୀ ପରୀକ୍ଷା ଗତ କିଛି ମାସ ମଧ୍ୟରେ କରାଯାଇଛି। ୨୦୨୫ ଅକ୍ଟୋବରରେ ଟ୍ରାଇ ଏବଂ ଡଟ୍ ଏକମତ ହୋଇଥିଲେ ଯେ ଏହା ଅନୁରୋଧ ଅନୁଯାୟୀ ପ୍ରଦାନ ନୁହେଁ ବରଂ ଡିଫଲ୍ଟ ଭାବରେ କାର୍ଯ୍ୟକାରୀ ହେବ। ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ନକଲି କଲ୍, ସାଇବର ଠକେଇ, ସ୍ପାମ୍ କଲ୍ ଏବଂ ବ୍ଲାକମେଲିଂ ଭଳି ଘଟଣା ଉପରେ ରୋକ ଲଗାଯିବ। ନକଲି ନାମରେ ସିମ୍ କାର୍ଡ ବ୍ୟବହାର କରୁଥିବା ଲୋକଙ୍କୁ ଚିହ୍ନଟ କରିବା ସହଜ ହୋଇଯିବ, ଏବଂ ବ୍ୟବହାରକାରୀମାନଙ୍କୁ ଆଉ ଟ୍ରୁ-କଲର ଭଳି ତୃତୀୟ-ପକ୍ଷ ଆପ୍ ଉପରେ ନିର୍ଭର କରିବାକୁ ପଡ଼ିବନାହିଁ।

ଓଡ଼ିଶା ସମେତ ଦେଶରୁ...

ଗତ ୮ ତାରିଖରେ ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ବରଗଡ଼, ସୁନ୍ଦରଗଡ଼, ଓ ଝାରସୁଗୁଡ଼ା ଜିଲ୍ଲାର କିଛି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥିବା ଦୁଇ ଦିନ ତଳେ ଆଉ କିଛି ଅଞ୍ଚଳରୁ ମୌସୁମୀ ଅପସରିଯାଇଥିଲା। ଗୁରୁବାର ବାକି ଅଞ୍ଚଳ ସମେତ ସାରା ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଛି।

ଚଳିତ ବର୍ଷ ଜୁନ୍ ୧୨ ତାରିଖରେ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଥିଲା। ପ୍ରଥମେ ଉପକୂଳ ଓ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ ମୌସୁମୀ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଏହା ରାଜ୍ୟର ଅନ୍ୟ ଅଞ୍ଚଳକୁ ଅଗ୍ରସର ହୋଇଥିଲା ଏବଂ ଜୁନ୍ ୨୩ ସୁଦ୍ଧା ସମଗ୍ର ଓଡ଼ିଶାକୁ ମୌସୁମୀ ଆବରଣ କରିଥିଲା। ସାଧାରଣତଃ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତ୍ତନ ସେପ୍ଟେମ୍ବର ମଧ୍ୟଭାଗରୁ ଉତ୍ତର-ପଶ୍ଚିମ ଭାରତରୁ ଆରମ୍ଭ ହୋଇଥାଏ। ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଓଡ଼ିଶା ଛାଡ଼ିଥାଏ। ଆଇଏମ୍‌ଡି ମାନଦଣ୍ଡ ଅନୁଯାୟୀ, ବର୍ଷା କମିବା, ବାୟୁମଣ୍ଡଳର ଆର୍ଦ୍ରତା ହ୍ରାସ ଏବଂ ଶୁଖିଲା ପାଗ ଆଦିକୁ ଭିତ୍ତି କରି ମୌସୁମୀ ପ୍ରତ୍ୟାବର୍ତ୍ତନ ଘୋଷଣା କରାଯାଏ। ପ୍ରାୟ ୪ ମାସ ଧରି ଓଡ଼ିଶାରେ ରହିବା ପରେ ଏବେ ମୌସୁମୀ ବାୟୁ ରାଜ୍ୟରୁ ବିଦାୟ ନେଇଛି।

ବିଦ୍ୟାଳୟ ଛାତ ଭୁଶୁଡ଼ି...

ଦେଇଛନ୍ତି। ଅନ୍ୟପକ୍ଷରେ, ଖାଇବର ପଖତୁନଖ୍ୱାର ରାଜ୍ୟପାଳ ଫୈସଲ କରିମ କୁଣ୍ଡି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ବିଦ୍ୟାଳୟର ଛାତ ଭୁଶୁଡ଼ିବାର କାରଣ ସମ୍ପର୍କରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ପାକିସ୍ତାନରେ ବିଦ୍ୟାଳୟ କୋଠା ଭୁଶୁଡ଼ିବା ଘଟଣା ନୂଆ ନୁହେଁ। ଗତ ଛଅ ମାସ ମଧ୍ୟରେ ଏଭଳି ଅନେକ ଦୁର୍ଘଟଣା ଘଟିଛି। ମେ' ମାସରେ ଡେରା ଗାଜି ଖାନ୍‌ରେ ବିଦ୍ୟାଳୟ ଛାତ ଭୁଶୁଡ଼ି ଚାରି ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ଜୁନ୍‌ରେ ଲାହୋରର କାହନା ଅଞ୍ଚଳରେ ଏକ ଟ୍ୟୁସନ୍ ସେଣ୍ଟରର ଛାତ ଭୁଶୁଡ଼ି ୧୪ ଜଣ ଶିଶୁଙ୍କ ଜୀବନ ଯାଇଥିଲା। ଜୁଲାଇରେ ଲାହୋରରେ ନିର୍ମାଣାଧୀନ ଘରୋଇ ବିଦ୍ୟାଳୟର ଛାତ ଭୁଶୁଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ଉମରକୋଟରେ ଏକ ସରକାରୀ ବିଦ୍ୟାଳୟର ପାଚେରି ଭୁଶୁଡ଼ି ତିନି ଜଣ ଛାତ୍ରୀ ପ୍ରାଣ ହରାଇଥିଲେ। ନିର୍ମାଣ କାର୍ଯ୍ୟରେ ଅବହେଳା, ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ସୁରକ୍ଷା ମାନଦଣ୍ଡର ଅବମାନନା ଏଭଳି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି କୁହାଯାଉଛି। ପେଶାୱାର ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ।

ସୁପ୍ରିମକୋର୍ଟରୁ ପ୍ରତାପଙ୍କୁ...

ସଂପର୍କିତ ଫୌ?ଜଦାରୀ ମାମଲାକୁ ମଧ୍ୟ ହାଇକୋର୍ଟ ଖାରଜ କରିଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଚାଲେଞ୍ଜ କରି ଶ୍ରୀ ବରାଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ ଜାନୁଆରି ୨ରେ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ହତ୍ୟା ଘଟଣାର ଏତଲାରେ ଶ୍ରୀ ଜେନାଙ୍କ ନାଁରେ ଅଭିଯୋଗ ଥିବା ବେଳେ ଚାର୍ଜସିଟରୁ ତାଙ୍କୁ ବାଦ ଦିଆଯାଇଥିବା ଅଭିଯୋଗ କରି ରଣଜିତ ବରାଳ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଥିଲେ। ଏହି ପ୍ରୋଟେଷ୍ଟ ପିଟିସନର ସାଲେପୁର ଜେଏମଏଫସି ଅଦାଲତ ୨୦୨୩, ସେପ୍ଟେମ୍ବର ୨୫ରେ ଶୁଣାଣି କରି ଶ୍ରୀ ଜେନାଙ୍କ ବିରୋଧରେ ଆଇପିସିର ଦଫା ୩୦୨, ୧୨୦-ବି, ୫୦୬ରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏଥି ସହିତ ଅଦାଲତ ଶ୍ରୀ ଜେନାଙ୍କୁ ହାଜର ହେବା ପାଇଁ ସମନ୍ ଜାରି କରିଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଶ୍ରୀ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ?ହୋଇଥିଲେ। ୨୦୨୪, ଅଗଷ୍ଟ ୧ରେ ହାଇକୋର୍ଟ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିବା ବେଳେ ୨୦୨୪, ଅକ୍ଟୋବର ୧ରେ ଚୂଡାନ୍ତ ରାୟ ପ୍ରକାଶ କରିଥିଲେ। ଏହି ରାୟ ବିରୋଧରେ ରଣଜିତ ବରାଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିଭଳି ୨୦୨୪, ଅଗଷ୍ଟ ୨୮ ରେ ସାଲେପୁର ଅତିରିକ୍ତ ଦୌରା ଜଜ୍ ଅଦାଲତ ଏହି ଡବଲ ମର୍ଡର ମାମଲାରେ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ପ୍ରଦାନ କରିଥିଲେ।

୨୬ରୁ ନଭେମ୍ବର ୭...

ପ୍ରକ୍ରିୟା ସମାପ୍ତ ହେବା ପରେ ଫେବ୍ରୁଆରୀ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଗୁରବାର ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି।

ଶ୍ରୀ ପାଢ଼ୀ କହିଛନ୍ତି ଯେ ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଟିଏ ପରିବାରର ସମସ୍ତ ଭୋଟର ଯେମିତି ଗୋଟିଏ ଭୋଟଦାନ କେନ୍ଦ୍ରରେ ଭୋଟ ଦେବେ ଏବଂ ଗୋଟିଏ ଅଞ୍ଚଳର ସମସ୍ତ ଭୋଟର ଯେମିତି ଗୋଟିଏ ଭୋଟ କେନ୍ଦ୍ରରେ ଭୋଟ ଦେଇପାରିବେ ତାହା ଏହି ସର୍ଭେ ଦ୍ୱାରା ସମ୍ଭବ ହୋଇପାରିବ। ଏହି ସର୍ଭେ ଦ୍ୱାରା ଗୋଟିଏ ପରିବାରର ସମସ୍ତ ଭୋଟରଙ୍କ ନାମ ସମାନ ୱାର୍ଡ ଓ ବୁଥ୍‌ର ଭୋଟର ତାଲିକାରେ କ୍ରମାନୁସାରେ ରଖାଯିବ। ସବୁ ପରିବାର ପାଇଁ ଗୋଟିଏ ସ୍ୱତନ୍ତ୍ର ଘର ନମ୍ବର ଦିଆଯିବ ଏବଂ ଘରର ସମସ୍ତ ଭୋଟରଙ୍କୁ ସେହି ନମ୍ବର ସହ ଯୋଡ଼ାଯିବ।ସମସ୍ତ ରାଜନୈତିକ ଦଳଙ୍କୁ ବୁଥ ସ୍ତରୀୟ ଏଜେଣ୍ଟ ଦେବା ପାଇଁ ଅନୁରୋଧ କରାଯାଇଛି, ତଦ୍ୱାରା ଏହି ସର୍ଭେ ଲୋକାଭିମୁଖୀ ହୋଇପାରିବ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକା ପ୍ରସ୍ତୁତିକୁ ସ୍ୱଚ୍ଛ, ନିର୍ଭୁଲ ଓ ସୁସଂଗଠିତ କରିବା ଲକ୍ଷ୍ୟରେ ଏହି ସର୍ଭେ କରାଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭୋଟର ତାଲିକାରେ ନାମ ଯୋଡ଼ିବା, ତଥ୍ୟ ସଂଶୋଧନ କରିବା କିମ୍ବା ଅଯୋଗ୍ୟ ନାମ ବାଦ୍ ଦେବା ପାଇଁ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ମହାନଗର ନିଗମ ଅଞ୍ଚଳ ନିମନ୍ତେ ନିର୍ଦ୍ଧାରିତ ଫର୍ମ ବ୍ୟବହାର କରାଯିବ ଓ ନାମ ଯୋଡ଼ିବା ବା ସଂଶୋଧନ ପାଇଁ ଗ୍ରାମାଞ୍ଚଳରେ ଦାବି ଫର୍ମ-୧୬, ସହରାଞ୍ଚଳରେ ଫର୍ମ-୩ ଏବଂ ମହାନଗର ନିଗମ ଅଞ୍ଚଳରେ ଫର୍ମ-୭ ମାଧ୍ୟମରେ ଆବେଦନ କରିପାରିବେ। ସେହିପରି ନାମ ବାଦ୍ ଦେବା ପାଇଁ ଗ୍ରାମାଞ୍ଚଳରେ ଆପତ୍ତି ଫର୍ମ-୧୭, ସହରାଞ୍ଚଳରେ ଫର୍ମ-୪ ଏବଂ ମହାନଗର ନିଗମ ଅଞ୍ଚଳରେ ଫର୍ମ-୮ ମାଧ୍ୟମରେ ଆବେଦନ ଦାଖଲ କରିପାରିବେ। ଚିଠା ଭୋଟର ତାଲିକା ପ୍ରକାଶ ପରେ ଦାଖଲ ହେଇଥିବା ଦାବି ଓ ଆପତ୍ତିଗୁଡ଼ିକର ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ/ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସ୍ତରରେ ଯାଞ୍ଚ କରାଯାଇ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ଏହି ପ୍ରକ୍ରିୟା ସମାପ୍ତ ହେବା ପରେ ଫେବ୍ରୁଆରୀ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହାଦ୍ୱାରା ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ସମ୍ଭବ ହେବ। ସର୍ଭେ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ବିଭିନ୍ନ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ବୁଥ୍ ସ୍ତରୀୟ ଅଧିକାରୀ , ଅଙ୍ଗନୱାଡ଼ି କର୍ମୀ, ଜଳସାଥୀ, ସ୍ୱଚ୍ଛସାଥୀ ଏବଂ ଆଶାକର୍ମୀମାନେ ଘରକୁ ଘର ଯାଇ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ। ଏହି ପ୍ରକ୍ରିୟାର ସଠିକ୍ କାର୍ଯ୍ୟାନ୍ୱୟନ ଓ ନିୟମିତ ତଦାରଖ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ସୁପରଭାଇଜର, ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଏବଂ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଦାୟିତ୍ୱ ନିର୍ବାହ କରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀଙ୍କ ସମେତ ରାଜ୍ୟ ନିର୍ବାଚନ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ, ଉପ ସଚିବ ଦୁର୍ଗା ଚରଣ ମୁର୍ମୁ ଉପସ୍ଥିତ ଥିଲେ।

ପୁଣି ଘୁଞ୍ଚିଲା...

କରିବା ସହ ଏହାରି ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଟ୍ରିବ୍ୟୁନାଲରୁ ଆଉ ଏକ ତାରିଖ ମିଳିବା ପରେ ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି ଜଳ ବିଶେଷଜ୍ଞ, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଆସନ୍ତା ଦୀପାବଳି ସୁଦ୍ଧା ବିବାଦର ସମାଧାନ ଏବଂ ଖୁସି ଖବର ମିଳିବା ନେଇ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ମାତ୍ର ସମାନ ସମୟରେ ଟ୍ରିବ୍ୟୁନାଲ ଗୋଟିଏ ପରେ ଗୋଟିଏ ତାରିଖ ଗଡ଼ାଇ ଚାଲିଛନ୍ତି। ଏପଟେ ଏଯାବତ୍ ଜଳ ବଣ୍ଟନର ସୂତ୍ର କଣ ତାହା ରାଜ୍ୟବାସୀ ଜାଣିପାରିଲେ ନାହିଁ। ସରକାର ନିଜ ରାଜ୍ୟର ଲୋକଙ୍କୁ ବିଶ୍ୱାସକୁ ନ ନେଇ କବାଟ କିଳି କଣ ପାଇଁ ବିବାଦର ସମାଧାନ କରିବାକୁ ଜିଦ୍ କରୁଛନ୍ତି। ଯଦି ଆପୋଷ ସମାଧାନ କ୍ଷେତ୍ରରେ ସରକାର ସଫଳ ହୁଅନ୍ତି ଏବଂ ଏଥିରେ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ନହୁଏ, ତାହେଲେ ଆମେ ସରକାରଙ୍କୁ ସ୍ୱାଗତ କରିବୁ, ଧନ୍ୟବାଦ ଜଣାଇବୁ। ମାତ୍ର ଆପୋଷ ଆଲୋଚନାରେ ଯଦି ଓଡ଼ିଶାର ସ୍ୱାର୍ଥ ସାମାନ୍ୟତମ ବ୍ୟାହତ ହୁଏ, ତାହେଲେ ଏହାର କଡ଼ା ବିରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

NOTICE

It is for information of all concerned that Partnership firm **M/s Geomed Organics** bearing IGR Registration No: 720202300444 dtd 25/03/2023 at Kumbharajpur, Telengapentha PIN: 754001 Dist: Kataka, Odisha now Place of Address is at Plot No: 3909/6043/11203, Jagannath Nagar, Lane no: 16, GGP Colony, Khordha, Bhubaneswar-751010, Odisha, has been reconstituted w.e.f 17th September 2026 as follows:

Continuing Partner : **Rajakishore Nath Sharma**
Incoming Partner : **Smrutirekha Sharma**
Outgoing Partner : **Nihar Ranjan Panda**

Sd/- Rajakishore Nath Sharma
(Managing Partner)
M/s Geomed Organics

25001/1335/2627 Email:- rwd.bonai@yahoo.com

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: BANAI

Letter No. 3939 Date: 14.10.2026

CANCELLATION OF TENDER

Due to some unavoidable circumstances Tender invited by this Office vide **Bid Identification No. ONLINE-EEBNI-03** of 2026-27, Letter No- 2227 Dtd- 11.06.2026 is hereby cancelled due to an unusual pattern in the bidding process, wherein the all the bidders have quoted an identical rate of **0.00%** i.e being equal to the corresponding estimated rate Put to Tender Cost.

Superintending Engineer
Rural Works Division, Banai

OIPR-25001/25200/1/26-27/0013

DISTRICT PROJECT COORDINATOR
SAMAGRA SHIKSHA, KANDHAMALA

Advt. No. **04** /2026-27 | Date: **14.10.2026**

Tender Call Notice

The Percentage rate bids in double cover system only **"ON LINE"** mode are invited from the interested contractors registered with the Govt. for Construction of Construction of Addl. Class Room / Kitchen-cum-Dining Hall/Integrated Maths with Science Lab under District Project Coordinator, Samagra Shiksha, Kandhamala, Phulbani. The detail notification is available at official website **http://kandhamal.gov.in/** / **http://tenderodisha.gov.in**. Interested Contractors fulfilling the eligibility criteria may submit their proposal (s) with EMD, Tender Paper cost & document as per tender call notice. The bidders have to submit their proposal (s) before **05.00 PM of 31.10.2026** through online the same will be opened on **02.11.2026 at 11.30 AM**. The under signed reserves the right to reject any or all the tenders without assigning any reason thereof.

Sd/-
DEO-cum-DPC
SS, Kandhamala

OIPR-27001/27059/1/26-27/0001 27001/193/2627

Government of Odisha 8001/387/2627

OFFICE OF THE CONSERVATOR OF FORESTS &
STATE SILVICULTURIST, BHUBANESWAR

No. – 01 of 2026-2027

Quotation Call Notice

Quotations are invited to reach by (Speed Post/ Registered Post/ Courier / by hand) from intending authorized dealers/suppliers for supply of following items for this office. The quotations must be submitted in sealed cover by **21.10.2026** and shall be opened on **22.10.2026 at 11.30 AM** in the presence of the bidders & the purchase committee of this office. The authority has reserved the right to cancel or modify or accept any or all quotations without assigning any reason thereof.

Sl No.	Item category	Specification	Quantity
1	Khaki Cloth	Suitable material for all weathers	15 mtrs.
2	Shoes	-	03 Nos
3	Khaki Socks	-	03 Nos.
4	Leather Belt	Brown leather belts with F. D.	03 Nos.
5	Whistle with Cord	Thunder whistle with Khaki chord	03 Nos.
6	Badges	With **O.F.** written on it	03 Nos.
7	Cap	Green barret	03 Nos.
8	Jacket	Good quality	41 Nos.
9	Blanket	-	41 Nos.
10	Mosquito Net	-	41 Nos.

OIPR-8001/8161/1/26-27/0002

Conservator of Forests &
State Silviculturist, Bhubaneswar

13001/2180/2627

OFFICE OF THE
MUNICIPALITY, NABARANGPUR
NABARANGPUR (ODISHA), PIN- 764059

No. 4699 **E-mail-nabarangpurmunicipality@gmail.com** Date 14.10.2026

Quotation/Tender Call Notice

Sealed quotations/tenders are invited from interested reputed Travel Agency/Tour Operators or private individuals for providing 1 (One) No. of White Colour Electric Driven Vehicle (EV) having seating capacity not more than ten including Driver along with AC facilities, which shall conform to the Terms and conditions of Finance Department Office Letter No. 14583/04.06.2026, 15836/27.05.2025 & Memo No.30464 dated 06.09.2019 for official use in Nabarangpur Municipality on monthly rent basis. The quotation is to be received by the undersigned on or before **5.00 P.M** on dated **29.10.2026** through registered post/ speed post At- Nabarangpur Municipality, Po/Ps-Nabarangpur, Dist- Nabarangpur, Pin-764059 within the working hour from **10.00 A.M** to **5.00 P.M.** The rate should be inclusive of all taxes. The bid paper received before date/time or any other mode will be rejected automatically. The quotation will be opened on dt.**30.10.2026** at **11.00 A.M** in the office premises in presence of the bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotationer may contact to the Nabarangpur Municipality Office within the Official working hour (Mobile No. **9777266886**). The details quotation call paper will be available in the official web site **https://www.nawarangpurm.in/** and **https://www.nabarangpur.odisha.gov.in**. (from date **15.10.2026 at 10:00 A.M** to **26.10.2026 at 05:00 P.M**).

1. The vehicle must be in Road worthy condition, shall not be more than 3 years old from the date of initial registration and must have valid registration Certificate, Insurance Certificate, fitness Certificate, Valid Contract carriage permit proof up to date tax payment etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gently and obedient in nature.
4. The paper cost @ Rs. 1000/- (non refundable) and EMD @ Rs. 5000/- as specified in quotation paper should be deposited in shape of Bank Draft in favour of The Executive Officer, Nabarangpur Municipality from any nationalized bank and attached the same along with quotation paper.
5. The monthly rate of hire charge be quoted separately in the general bid information (excluding charging unit and lubricants).
6. The hiring charges do not include charging cost. Cost @ Rs. 2/- per KM towards charging of the vehicle, will be provided to the service provider.
7. The details of the make and year of manufacture of the vehicle, Registration No. mileage (Kms covered) and name of the Driver with Driving license No and period of validity should be specifically provided in the general bid information to be furnished with the Quotation/Tender (Annexure-II).
8. The Quotation completed in all respect should reach the undersigned on or before **29.10.2026 by 5.00 P.M** and shall be opened on the date **30.10.2026 at 11.00** in presence of the bidders or their authorized representatives.
9. The application form of quotation/tender containing general Bid Information and Terms and condition for Hiring of vehicles etc. will be available in website **www.nawarangpurm.in** of Municipality, Nabarangpur from dt. **15.10.2026 to 26.10.2026**. Before quoted bidders must follow the term and condition mentioned in the Annexure-I for kind reference.

Executive Officer,
Nabarangpur Municipality

OIPR-13001/13230/1/26-27/0008

AFFIDAVIT

By virtue of an affidavit sworn before The Executive Magistrate, Rayagada No. 1616 dated 15.10.2026, I, Amita Krusika, aged about 20 years, D/o-Singi Krusika, resident of At-Janisahi, PO-Sikarpai, PS/Block-Kalyansinghpur, Dist-Rayagada, Pin-765017, Odisha, declare that I have changed my name from Krushika Amrita to Amita Krusika. Henceforth, I shall be known as **Amita Krusika** for all purposes.

Amita Krusika

AFFIDAVIT

I, Ajoy Kumar Behera age about 52 years S/O- Girish Chandra Behera, At- Dhanasahi, Singtia, Barshi, Mayurbhanj- 757026, Declare this affidavit No-1026/2026 Dated- 14.10.2026 That onwards I shall be known as **AJAY KUMAR BEHERA** for all future purposes .

AFFIDAVIT

By virtue of an affidavit sworn before the Notary Public Koksara on Dated 07th October 2026, I , Mr. Madhusudan Hans Village - Sunamal, Post Office - Ladugaon, Block - Kokasara, District - Kalahandi, State - Odisha, Pin Code - 766019, Odisha, declare that I have changed the name of my Son from Shreechotnya Hansa to Chaitanya Hans.Henceforth, He shall be known as **Chaitanya Hans** for all purposes.

AFFIDAVIT

By virtue of an affidavit sworn before the Executive Magistrate Koksara on Dated 12th October 2026, I, Mr. Dablu Satnami, Address Village - Temara, Post Office - Temara, Block - Kokasara, District - Kalahandi, State - Odisha, Pin Code - 766019, Odisha, I have changed my namefrom "Devjeet Satnami" to "Dablu Satnami". Henceforth, I shall be known as **"Dablu Satnami"** for all purposes.

AFFIDAVIT

By virtue of an affidavit sworn before the Executive Magistrate Koksara on Dated 12th October 2026, I, Mr. Shiba Banua, Address Village - Temara, Post Office - Temara, Block - Kokasara, District - Kalahandi, State - Odisha, Pin Code - 766019, Odisha, I have changed my namefrom "Ishwar Banua" to "Shiba Banua". Henceforth, I shall be known as **"Shiba Banua"** for all purposes.

FOR SALE

1 Number of TRACTOR –NEW HOLAND 4710 (4WD), Registration No.- OD-03-AE-0747, Model 2025, - ENGINE NO -46751ODX, CHASIS NO - NH47100ZRL716815, For Details, contact – 9437102518, SUNDARAM FINANCE LTD., 1ST FLOOR, ABOVE AXIS BANK, GANDHINAGAR PADA, PO- BALANGIR, DIST-BALANGIR-767001

AFFIDAVIT

I, Seema Rekha Behera age about 47 years W/O- Ajay Kumar Behera, At- Dhanasahi, Singtia, Barshi, Mayurbhanj - 757026, declare this affidavit No-1025/2026 Dated-14.10.2026 That onwards I shall be known as **SIMA REKHA BEHERA** for all future purposes .

VEHICLE FOR SALE

BHARAT BENZ 3528 C,MODEL 2024, Regn. No - OD-25-P-8327, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

AFFIDAVIT

By virtue of an affidavit (SL No. 159, dtd- 01.10.2026) sworn before The Executive Magistrate, Karlamunda, Kalahandi. I, **Arun Kumar Majhi,** S/o- Pratap Majhi, resident of Vill: Bad Dungriguda, PS: M.Rampur, Dist: Kalahandi, Odisha declare that I have changed my date of birth from **10.03.1965 to 18.01.1968** in my educational certificate, vide admission register No. 994/1994, dtd- 20.10.1986. Henceforth, I shall be known as **Arun Kumar Majhi,** Date of Birth: **18.01.1968** for all purposes.

Arun Kumar Majhi

ଜୟପାଟଣାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଚାଷୀ ମାରଣ ନୀତି ଓ ଦରଦାମ୍ ବୃଦ୍ଧିକୁ ନେଇ ସରକାରଙ୍କୁ ଟାର୍ଗେଟ୍

ଜୟପାଟଣା, ୧୫ ।୧୦(ସମିସ)

ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୟପାଟଣା ବ୍ଲକ ବଡ଼କର୍ଲା କୋଟଠାରୁ ଘୁଟୁରୁ ନାଗଫେଣୀ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱଲୋକେ ସାମିଲ ହୋଇଥିଲେ। ପଦଯାତ୍ରା ଅବସରରେ ଜିଲ୍ଲା ସଭାପତି ଶ୍ରୀ ଦିଶାରୀ ରାଜ୍ୟର ଡବଲ ଇଞ୍ଜିନ ସରକାରକୁ ସମାଲୋଚନା କରିଥିଲେ। ଚାଷୀ ମାରଣ ନୀତି, ଦରଦାମ୍ ବୃଦ୍ଧି ଏବଂ ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ବିଫଳତା ନେଇ ସେ ରାଜ୍ୟ ସରକାରଙ୍କୁ ଦୃଢ଼ ନିନ୍ଦା କରିଥିଲେ। ଜନସାଧାରଣଙ୍କ ସହ ସମ୍ପର୍କ ସ୍ଥାପନ, ସେମାନଙ୍କ ସମସ୍ୟା ଶୁଣିବା ଏବଂ ଦଳର ଆଭିମୁଖ୍ୟ ପହଞ୍ଚାଇବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ଦଳୀୟ ନେତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରଦୀପ ମୁଣ୍ଡ ଓ ଧର୍ମେନ୍ଦ୍ର ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଆଦିବାସୀ ନେତା ପରମାନନ୍ଦ ମାଝୀ, ଯୁବନେତା ତ୍ରିଲୋଚନ ପାଣିଗ୍ରାହୀ, ଜିଲ୍ଲା ମହିଳା ଉପସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ନାଏକ, ମହିଳା ନେତ୍ରୀ ସମିତା ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ପ୍ରଧାନ, ସାଧାରଣ ସମ୍ପାଦିକା ସମିତା ମହାପାତ୍ର ଓ ଜୟପାଟଣା ନଗର ସଭାପତି ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି ଜିଲ୍ଲା ପରିଷଦ ସଭ୍ୟ ଦେବ ପୂଝାରୀ, ସଂଯୁକ୍ତା ବିଶି ଓ ହାରାମଣି ଗଣ୍ଡ, ବ୍ଲକ ସଭାପତି ବଂଶୀଧର ଚଲାନଙ୍କ ସମେତ ଜୟପାଟଣା ବ୍ଲକର ବିଭିନ୍ନ ଦଳୀୟ ପଦାଧିକାରୀ, ଯୁବ ଓ ମହିଳା ସଂଗଠନର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ନେତା ଓ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ଯୁବନେତା ଅମ୍ବୁଜ ଧଙ୍ଗଡ଼ାମାଝୀ ସଭା ପରିଚାଳନା କରିଥିବାବେଳେ ଜୟପାଟଣା ବ୍ଲକ ମହିଳା ସଭାନେତ୍ରୀ ମୋହିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସିଡିଓଙ୍କ ଆମପାଣି ଗ୍ରାମ ପଞ୍ଚାୟତ ଗସ୍ତ

ଉପାନ୍ତ ଗିର୍ଲିମାଲ ଓ କୁଟ୍ରୁରେ ବିକାଶ କାର୍ଯ୍ୟର ସମୀକ୍ଷା

କୋକସରା, ୧୫ ।୧୦(ସମିସ): ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ସୌମ୍ୟରଞ୍ଜନ ପ୍ରଧାନ ଗୁରୁବାର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ଉପାନ୍ତ ଅଞ୍ଚଳଗୁଡ଼ିକ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ

କାର୍ଯ୍ୟର ସମୀକ୍ଷା କରିଛନ୍ତି। ସିଡିଓ ଶ୍ରୀ ପ୍ରଧାନ ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସ୍ଥାନୀୟ ଅଧିକାରୀମାନଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ବିକାଶମୂଳକ ଯୋଜନା ବାବଦରେ ବିଶଦ ଆଲୋଚନା କରିଥିଲେ। ଏହାପରେ ସେ ଆମପାଣି ଅଭିମୁଖେ ଗସ୍ତ କରି ପଞ୍ଚାୟତ ଅନ୍ତର୍ଗତ ବଣ-ପାହାଡ଼ ଘେରା ଉପାନ୍ତ ଗାଁ ଗିର୍ଲିମାଲରେ ପହଞ୍ଚିଥିଲେ। ସେଠାରେ ସେ ଗ୍ରାମବାସୀଙ୍କ ପାନୀୟ ଜଳ, ରାସ୍ତାଘାଟ ଏବଂ ଆବାସ ଗୃହ ଭଳି ମୌଳିକ ସମସ୍ୟା ସମ୍ପର୍କରେ ସୀମାନ୍ତ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ଗ୍ରାମବାସୀଙ୍କ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ପାହାଡ଼ିଆ ଝରଣା ପାଣିକୁ ବିଶୁଦ୍ଧିକରଣ କରି କିପରି ସୁରକ୍ଷିତ ପାନୀୟ ଜଳ ରୂପେ ବ୍ୟବହାର କରାଯାଇପାରିବ, ସେ ନେଇ ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାପରେ ସିଡ଼ିଓ କୁଟ୍ରୁ ଗ୍ରାମରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଗୃହଗୁଡ଼ିକର ସମୀକ୍ଷା କରିବା ସହ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ର ଓ ଗାଁର ଅନ୍ୟାନ୍ୟ ସମସ୍ୟାର ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ସିଡିଓ ଶ୍ରୀ ପ୍ରଧାନଙ୍କ ସମେତ ଏପିଡ଼ି ଅମୁଲ୍ୟ ବଉଳ, ବିଡିଓ ଡ. ହିମାଞ୍ଚଳ ମାଝୀ, ବ୍ଲକ ସହକାରୀ ଯନ୍ତ୍ରୀ ଏହମ୍ମଦ ସରିଫ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇ, ଯନ୍ତ୍ରୀ ଶାନ୍ତନୁ ରଣା, ପିଇଓ ଯୋଗେଶ୍ୱର ବେମାଲ ଏବଂ ବିପିସି ଜିତେନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ବନ୍ଧାଗାଁ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ଗୋଲାମୁଣ୍ଡା, ୧୫ ।୧୦ (ସମିସ): ବନ୍ଧାଗାଁ ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି କଳାହାଣ୍ଡି ଜିଲ୍ଲାପାଳ। ଜିଲ୍ଲାପାଳ ଆରଡବ୍ଲୁଏସ୍ଏସ୍ ବିଭାଗର ଅଧିକାରୀ ଏବଂ ମେଗା ପ୍ରକଳ୍ପ ପରିଚାଳକଙ୍କ ସହିତ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଜଳ ବିଶୋଧନାଗାର (ଟିପିଡବ୍ଲୁ)ର ବିଭିନ୍ନ ଉପାଦାନ ଯାଞ୍ଚ କରିବା ସହ ବାକି ରହିଥିବା ସମସ୍ତ ନିର୍ମାଣ କାର୍ଯ୍ୟ ଓ ଫିନିସିଂ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ପ୍ରକଳ୍ପ ଅଧୀନରେ ଥିବା ବିଭିନ୍ନ ଗ୍ରାମ ପରିଦର୍ଶନ କରି ପାନୀୟଜଳ ଯୋଗାଣ ବ୍ୟବସ୍ଥାର ବାସ୍ତବ ସ୍ଥିତି ଯାଞ୍ଚ କରିଥିଲେ। ଗ୍ରାମାଞ୍ଚଳରେ ଜଳ ଯୋଗାଣ କେତେ ନିୟମିତ ଓ ନିର୍ଭରଯୋଗ୍ୟ ରହିଛି, ସେ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

କ୍ରୀଡ଼ା ପ୍ରତିଯୋଗିତା ନାଁରେ ଚାଲିଛି ଜୁଆଖେଳ

କୋକସରା, ୧୫ ।୧୦(ସମିସ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ କୋକସରା ବ୍ଲକରେ ଏବେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚାଲିଥିବାବେଳେ ଖେଳ ପଡ଼ିଆରେ କ୍ରୀଡ଼ା ପରିବର୍ତ୍ତେ ଜୁଆ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଖେଳ ଦେଖିବାକୁ ଆସୁଥିବା ଦର୍ଶକମାନେ ଘୁଡ଼ଘୁଡ଼ି ପଟି ଜୁଆରେ ମାତି ପଥଭ୍ରଷ୍ଟ ହେବାସହ ସର୍ବସ୍ୱାନ୍ତ ହେଉଛନ୍ତି। ଏହାର କୁପ୍ରଭାବ ଯୋଗୁଁ ବର୍ତ୍ତମାନ ଘରେ ଘରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହେଉଛି। ବର୍ତ୍ତମାନ କୋକସରା ଥାନା ମୋଟେର ଫାଣ୍ଡି ଅଧୀନ ଜଳତାମୁଣ୍ଡା ମହାଭାରତ ଖେଳପଡ଼ିଆରେ ଚାଲିଥିବା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଏଭଳି ବେଆଇନ୍ କାର୍ଯ୍ୟକଳାପ ଦେଖିବାକୁ ମିଳିଛି। ଫୁଟବଲ୍ ଖେଳ ଅପେକ୍ଷା ଘୁଡ଼ଘୁଡ଼ି ପଟି ଜୁଆକୁ ଅଧିକ ପ୍ରାଥମିକତା ଦିଆଯାଉଥିବା ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ତୁରନ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଖେଳ ପଡ଼ିଆରେ ଚାଲିଥିବା ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ଉପାନ୍ତରେ ମହକିଲେ ଶିଶୁ ପ୍ରତିଭା

ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ସିନାପାଲି, ୧୫ ।୧୦(ସମିସ): ସିନାପାଲି ବ୍ଲକ ଅଧୀନ ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ କୁସୁମଯୋର ଠାରେ ଅନୁଷ୍ଠିତ ହୋଇଛି। ଏଥିରେ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିଥିଲେ। ଏ ଅବସରରେ ସିଆରସିସି ଦୁର୍ଯ୍ୟୋଧନ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସିନାପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଧୁରୀ ମାଝୀ, ମୁଖ୍ୟ ବକ୍ତା ଭାବେ ଏବିଇଓ ସତ୍ୟବ୍ରତ ଗହିର, ବିଶିଷ୍ଟ ଅତିଥି ଭାବରେ ଏବିଇଓ ଖଗେଶ୍ୱର ନାୟକ, ସମ୍ମାନିତଅତିଥି ଭାବରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ସରୋଜ କୁମାର ସାହୁ, ଦେବେନ୍ଦ୍ର ନାରାୟଣ କଶ୍ୟପ, ଜଗମୋହନ ମାଝୀ, ପର୍ଶୁରାମ ମାଝୀ, ଚକ୍ରଧର ଧାକଡ଼, ତୁଳସୀ ରାମ ରାଉତ, ଖଗେଶ୍ୱର ନିଆଲ ଯୋଗ ଦେଇଥିଲେ। ଜିତେନ୍ଦ୍ର କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ। ଭୂତେଶ୍ୱର ନାୟକ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମୁଖ୍ୟ ଆକର୍ଷଣ ଥିଲା। କୃତୀ ପ୍ରତିଯୋଗୀଙ୍କୁ ରଙ୍ଗମଞ୍ଚରେ ପୁରସ୍କୃତ କରାଯାଇଥିଲା।

ନ୍ୟାସନାଲ କଲେଜରେ ଜାଗୃତି ସଭାପତି; ରୁଚିତା ସାଧାରଣ ସମ୍ପାଦକ

ନୂଆପଡ଼ା, ୧୫ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସଦର ସ୍ଥିତ ନ୍ୟାସନାଲ କଲେଜ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ହୋଇଛି। ସଭାପତି ଭାବରେ ଜଗୃତି ସାହୁ ୪୯୦ଖଣ୍ଡ ଭୋଟ ପାଇ ରାହୁଲ ସେଠୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ରୁଚିତା ଚନ୍ଦ୍ରକାର ୪୬୩ ଭୋଟ ପାଇଥିବାବେଳେ ନିକଟତମ ଗୀତାଞ୍ଜଳି ସାହୁଙ୍କୁ ୪୯ ଭୋଟରେ ପରାସ୍ତ କରିଛନ୍ତି। ଉପସଭାପତି ଭାବରେ ଚିରଞ୍ଜିବୀ ଦୁର୍ଗା ବିଜୟ ଲାଭ କରିଛନ୍ତି। ସହାୟକ ସମ୍ପାଦକ ଭାବେ ଦେଓ କୁମାରୀ ସତନମି, କ୍ରୀଡ଼ା ସମ୍ପାଦକ ସୁଶାନ୍ତ ନାୟକ, ଡ୍ରାମା କ୍ଲବ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଡ୍ରାମା କ୍ଲବ ସହାୟକ ସମ୍ପାଦକ ଯମୁନା ମାଝି, ସାମାଜିକ ସୁରକ୍ଷା ସମ୍ପାଦକ ଦୁର୍ଗାସିନି ପଟେଲ, ଛାତ୍ର କମନ୍ ରୁମ ସଂମ୍ପାଦକ ମନେଶ୍ୱରି ପାଣ୍ଡେ, ଛାତ୍ର କମନ୍ ରୁମ ସହାୟକ ସମ୍ପାଦକ ଭାବେ ଗୋଦାବରୀ ପାଣ୍ଡେ ବିଜୟ ଲାଭ କରିଛନ୍ତି। ମମତା ପଟ୍ଟନାୟକ ପରିଚାଳନା କରିଥିଲେ। ଆଜି ନିର୍ବାଚନ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କଲେଜରେ ୧୨୩୧ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବା ସହ ନିଜର ପସନ୍ଦ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ।

ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀରେ ଚିତ୍ରାଙ୍କନ ପ୍ରତିଯୋଗିତା

ଭବାନୀପାଟଣା, ୧୫ ।୧୦ (ସମିସ): ଡ.ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଲାୟନ୍ସ କ୍ଲବ, ଭବାନୀପାଟଣା ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଲାୟନ୍ସ ରମେଶ କୁମାର ଅଗ୍ରୱାଲ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ଡ. କଲାମଙ୍କ ଦେଶଭକ୍ତି, ନୀତି ଓ ଆଦର୍ଶ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି କହିବା ସହ ଛାତ୍ରଛାତ୍ରୀଙ୍କ ଜୀବନରେ ଚିତ୍ରକଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସରିତା ବାଗେଲ ଧନ୍ୟବାଦ ଅର୍ପଣ କରିଥିଲେ।

କୋମନା ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

କୋମନା, ୧୫ ।୧୦ (ସମିସ): ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅନ୍ୟା ଦାସ କୋମନା ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଅନୁଧ୍ୟାନ କରିଥିଲେ। ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ କୋମନାସ୍ଥିତ ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ପାଠ୍ୟକ୍ରମ ଅନୁଯାୟୀ ନିୟମିତ ଓ ଗୁଣାତ୍ମକ

ଗସ୍ତ ଅବସରରେ ଜିଲ୍ଲାପାଳ ଭିବି-ଜି ରାମ୍-ଜି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଏବଂ ବିକଶିତ ଗାଁ, ବିକଶିତ ଓଡ଼ିଶା ସମେତ ବିଭିନ୍ନ ଯୋଜନାରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ତିଖାଳି ଡ୍ୟାମର ଜଳକ୍ରୀଡ଼ା ସ୍ଥଳ ପରିଦର୍ଶନ କରି ପ୍ରସ୍ତାବିତ ମଡେଲ ଟାଙ୍କି ଓ ପାର୍କ ନିର୍ମାଣ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିବା ସହ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଶିକ୍ଷାଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୋମନା ବଜାରଠାରେ ନିର୍ମିତ ସେଲ୍‌ଫି ପଏଣ୍ଟର ଉଦ୍‌ଘାଟନ କରିବା ସହ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରିଥିଲେ। କୋମନା ବଜାରସ୍ଥିତ କସ୍ତୁରବା ଗାନ୍ଧୀ ପ୍ରାଥମିକ ବିଦ୍ୟାଳୟ ଓ ଛାତ୍ରାବାସ ପରିଦର୍ଶନ କରି ଜିଲ୍ଲାପାଳ ଛାତ୍ରୀ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଓ ବିଦ୍ୟାଳୟ ପରିସରର ଉନ୍ନତିକରଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେହିପରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଜିଲ୍ଲାପାଳ ଡାକ୍ତର ଓ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ବହିର୍ବିଭାଗରେ ରୋଗୀଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବାର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ପରେ କୋମନା ପଞ୍ଚାୟତ ସମିତି ଯୁକ୍ତଦୁଇ ମହାବିଦ୍ୟାଳୟ ପରିଦର୍ଶନ କରି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହ ଆଲୋଚନା କରିବା ସହ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାରେ ଚାଲିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ତଦାରଖ କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଏବଂ ଜନସାଧାରଣଙ୍କୁ ମିଳୁଥିବା ସୁବିଧାର ସ୍ଥିତି ଆକଳନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଗସ୍ତ ସମୟରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ବ୍ଲକ ଉନ୍ନୟନ ଅଧିକାରୀ ପବିତ୍ର କୁମାର ସାମଲ, ତହସିଲଦାର ସୌରଭ କୁମାର ବିଶିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ଖଡ଼ିଆଲ, ୧୫ ।୧୦(ସମିସ): ଖଡ଼ିଆଲ ପିଏମ୍ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀଙ୍କ ଅଧ୍ୟକ୍ଷତାରେ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଲବରଣା ଓ ସମ୍ମାନିତ ଅତିଥି ଭାବରେ ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସମଗ୍ର ଶିକ୍ଷା, ପିଏମ୍ ଶ୍ରୀ ଅଧୀନ ତଥା ସରକାରଙ୍କ ଦ୍ୱାରା ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ, ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତ ଆଦି ବିଷୟରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଯୋଷୀ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଭିଭାବକ ମାନଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରି ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ରାଣୀ ସାଗର, ହେମସାଗର ଶବର, ପ୍ରତୀକ୍ଷା ରାଣୀ ମେହେର, ପୁନମ ମାଝୀ, ଧନଞ୍ଜୟ ମଲ୍ଲିକ, ଗଜେନ୍ଦ୍ର ହରିଜନ, ନିରଞ୍ଜନ ବିଶ୍ୱାଳ, ସାଗର ବାଗ, ପ୍ରମୁଖ ଉପସ୍ଥିତ ଥିଲେ।

ଛାତ୍ର ସଂସଦ ଚୟନକୁ ନେଇ ଥୁଆମୂଳ ରାମପୁର କଲେଜରେ ଉତ୍ତେଜନା

ଥୁଆମୂଳ ରାମପୁର, ୧୫ ।୧୦(ସମିସ)

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁରସ୍ଥିତ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ଛାତ୍ର ସଂସଦର ବିଭିନ୍ନ ପଦ ନିମନ୍ତେ ଚୟନ ଫଳ ପ୍ରକାଶ ପାଇବାପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ପ୍ରତିପକ୍ଷ ତଥା ଆଶାୟୀ ପ୍ରାର୍ଥୀମାନେ ତୀବ୍ର ବିରୋଧ ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ କଲେଜ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଚୟନ ପ୍ରକ୍ରିୟା ସମ୍ପର୍କରେ ଅଧ୍ୟକ୍ଷଙ୍କଠାରୁ ସ୍ପଷ୍ଟୀକରଣ ଦାବି କରିଛନ୍ତି ଛାତ୍ରଛାତ୍ରୀ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଛାତ୍ର ସଂସଦ ଚୟନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ଯୁକ୍ତ ୩ ତୃତୀୟ ବର୍ଷ କଳା ବିଭାଗର ଛାତ୍ର ଲୋକେଶ୍ୱର ନାଏକ ଛାତ୍ର ସଂସଦର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଦ୍ୱିତୀୟ ବର୍ଷ କଳା ବିଭାଗର ଛାତ୍ରୀ ରିଙ୍କି ନାଏକ ଉପସଭାପତି ଭାବେ ଚୟନ ହୋଇଛନ୍ତି। ସେହିପରି ମାଧବୀ ମାଝୀ ସାଧାରଣ ସମ୍ପାଦିକା ଏବଂ ଡିମ୍ପଲ ନାଏକ କ୍ରୀଡ଼ା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ସହକାରୀ ସାଧାରଣ ସମ୍ପାଦକ, ବିତର୍କ ଓ ସାହିତ୍ୟ ସମ୍ପାଦକ ଏବଂ କମନ୍ ରୁମ୍ ସମ୍ପାଦକ ପଦବୀ ଖାଲି ରହିଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏଥିସହ ନାଟ୍ୟ ଓ ସାଂସ୍କୃତିକ ସମ୍ପାଦକ ପଦବୀ ସମ୍ପର୍କରେ ସ୍ପଷ୍ଟ ଚୟନ ତଥ୍ୟ ନଥିବା ଜଣାପଡ଼ିଛି। ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ କଳା ବିଭାଗର ଶ୍ରେଣୀ ପ୍ରତିନିଧି ପଦବୀଗୁଡ଼ିକ ମଧ୍ୟ ଖାଲି ରହିଛି। ଚୟନ ତାଲିକା ପ୍ରକାଶ ପରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅନ୍ୟ ଆଶାୟୀ ପ୍ରାର୍ଥୀମାନେ। ଚୟନ ପ୍ରକ୍ରିୟାରେ କେଉଁ ନିୟମାବଳୀ ଅନୁସରଣ କରାଯାଇଥିଲା, କେଉଁ ମାନଦଣ୍ଡ ଆଧାରରେ ପ୍ରାର୍ଥୀଙ୍କୁ ମନୋନୀତ କରାଗଲା ଏବଂ ଏହାର ସୂଚନା ପୂର୍ବରୁ କାହିଁକି ଦିଆଯାଇନଥିଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। କେତେକ ଆଶାୟୀ ପ୍ରାର୍ଥୀଙ୍କ ଅଭିଯୋଗ ଅନୁଯାୟୀ, ଚୟନ ପ୍ରକ୍ରିୟା ପୂର୍ବରୁ ଏହାର ନିୟମାବଳୀ ଓ ମାନଦଣ୍ଡ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲା। ଏପରିକି ଚୟନ ହେବାକୁ ଥିବା ପ୍ରାର୍ଥୀଙ୍କ ନାମ ପୂର୍ବରୁ ସ୍ଥିର ହୋଇଥିବା ଭଳି ସେମାନେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ମଧ୍ୟରେ କଲେଜ ଅଧ୍ୟକ୍ଷ ସର୍ବେଶ୍ୱର ଉଥାନସିଂ ଚୟନ ପରେ ତୁରନ୍ତ କଲେଜ ପରିସରରୁ ଚାଲିଯାଇଥିବା ଅଭିଯୋଗ ଉଠିଛି। ଏହି ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ଅତିରିକ୍ତ ତହସିଲଦାର ତପନ କୁମାର ପତି କଲେଜ କ୍ୟାମ୍ପସରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ତେବେ ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି।

କଇଁଟପଦର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ସିନାପାଲି, ୧୫ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ କଇଁଟପଦର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସିଆରସିସି ପ୍ରଦୀପ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଭାବରେ ସିନାପାଲି ସହ ଶିକ୍ଷା ଗୋଷ୍ଠୀ ଅଧିକାରୀ ଖଗେଶ୍ୱର ନାଏକ, ମୁଖ୍ୟବକ୍ତା ଭାବରେ ହଳଦୀମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିବ୍ୟ ରଞ୍ଜନ ପାଢ଼ୀ, ବିଶିଷ୍ଟ ଅତିଥି ଭାବେ କଇଁଟପଦର ପଞ୍ଚାୟତ ସମିତି ସଭ୍ୟ ନରହରି ହଂସ, ସମ୍ମାନିତ ଅତିଥି ଭାବରେ କଇଁଟପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସେବକରାମ ପାତ୍ର, ମାଝୀପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଡିଙ୍ଗର ନାଏକ, ସରଧାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ଯୋଷୀ, ଛୋଟଦର୍ଲି ପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଥାଙ୍ଗ ମେହେର, ପ୍ରଦୀପ ବାରିକ ମଞ୍ଚାସିନ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉମେଶ ଚନ୍ଦ୍ର ମାଝି ଓ କ୍ଷିତି କୁମାର ମେହେର ସଭା ପରିଚାଳନା କରିଥିବାବେଳେ କ୍ଷିତିପତି ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସହକାରୀ ଶିକ୍ଷକ ବିଜୟ କୁମାର ଜାଗତ, ଏକନ ସିଂ ମାଝୀ, ମନୋଜ କୁମାର ସା, ଡାଇମଣ୍ଡ ମେହେର, ଟିକେମଣି ଜଗତ, ସୋମନାଥ ନାଏକ, ରଜନୀକାନ୍ତ ମାଝୀ, ଦୁଲାର ସିଂ ମାଝୀ, ଥବିର ମେହେର, ଚକ୍ରଧର ନାଗ, ପ୍ରେମଲାଲ ମାଝୀ, ପ୍ରଣବ କିଶୋର ଥନାପତି, ରାଜେନ୍ଦ୍ର ପଣ୍ଡା, ଚୁଡ଼ାମଣୀ ମେହେର ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ସ୍କନ୍ଦମାତା ବେଶରେ ବଲାଙ୍ଗିରର ମା' ସମଲେଶ୍ୱରୀ ଏବଂ କୁଶଙ୍ଗର ମା' କୁଶୁଙ୍ଗାଇ

କଲେଜକୁ ମିଳିଲେ ନୂଆ ଛାତ୍ରନେତା

ବଲାଙ୍ଗିର ସରକାରୀ କଲେଜରେ ସୌମ୍ୟରଞ୍ଜନ ସଭାପତି, ଜ୍ଞାନରଞ୍ଜନ ସାଂସ୍କୃତିକ ସମ୍ପାଦକ

ବଲାଙ୍ଗିର,୧୫ ।୧୦(ସମିସ): ବଲାଙ୍ଗିର ସରକାରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନର ଭୋଟ ଗଣତି ଶେଷ ହେବା ପରେ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ସଭାପତି ପଦରେ ସୌମ୍ୟରଞ୍ଜନ ପଟେଲ ବିଜୟୀ ହୋଇଥିବା ବେଳେ ସାଂସ୍କୃତିକ ସମ୍ପାଦକ ପଦରେ ଜ୍ଞାନରଞ୍ଜନ ଗଡତ୍ୟା ବିଜୟୀ ହୋଇଛନ୍ତି । ନିର୍ବାଚନରେ ସଭାପତି ପଦ ପାଇଁ ସୌମ୍ୟରଞ୍ଜନ ପଟେଲ ଓ ପ୍ରତୀକ ରଞ୍ଜନ ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ତିନୋଟି ଭୋଟ ଗଣତି କେନ୍ଦ୍ରର ମିଳିତ ଫଳାଫଳ ଅନୁଯାୟୀ, ସୌମ୍ୟରଞ୍ଜନ ପଟେଲ ୩୩୫ଟି ଭୋଟ ପାଇଥିବା ବେଳେ ପ୍ରତୀକ ରଞ୍ଜନ ବେହେରା ୩୦୫ଟି ଭୋଟ ପାଇଥିଲେ । ଫଳରେ ସୌମ୍ୟରଞ୍ଜନ ୩୦ଟି ଭୋଟରେ ବିଜୟୀ ହୋଇଛନ୍ତି । ଏହି ପଦ ପାଇଁ ମୋଟ ୬୭୭ଟି ଭୋଟ ଗଣତି ହୋଇଥିବା ବେଳେ ୩୭ଟି ଭୋଟ ନାକଚ ହୋଇଥିଲା । ସେହିପରି ସାଂସ୍କୃତିକ ସମ୍ପାଦକ ପଦରେ ଜ୍ଞାନରଞ୍ଜନ ଗଡତ୍ୟା ୩୨୫ଟି ଭୋଟ ପାଇ ବିଜୟୀ ହୋଇଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନୀରନ କର୍ଣ୍ଣ ୩୦୬ଟି ଭୋଟ ପାଇଥିଲେ । ଏହି ପଦ ପାଇଁ ଜ୍ଞାନରଞ୍ଜନ ୧୯ଟି ଭୋଟରେ ବିଜୟୀ ହୋଇଛନ୍ତି । ଏଠାରେ ମୋଟ ୬୭୯ଟି ଭୋଟ ଗଣତି ହୋଇଥିବା ବେଳେ ୪୬ଟି ଭୋଟ ନାକଚ ହୋଇଥିଲା । ସେହିପରି କଲେଜ ପକ୍ଷରୁ ପ୍ରକାଶିତ ନିର୍ବାଚନ ଫଳାଫଳ ଅନୁଯାୟୀ, ଉପସଭାପତି ଭାବେ ଆଦ୍ୟାଶା ପ୍ରିୟଦର୍ଶିନୀ, ସାଧାରଣ ସମ୍ପାଦକ ଭାବେ ଗୋବିନ୍ଦ ବାରିକ ଏବଂ ଡିଏସ୍ଏ ସମ୍ପାଦକ ଭାବେ ବନୀତା ବେହେରା ନିର୍ବାଚିତ ହୋଇଛନ୍ତି । ଏହି ପାଞ୍ଚଟି ପଦ ପାଇଁ ନିର୍ବାଚିତ ପ୍ରାର୍ଥୀଙ୍କ ନାମ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି । ଛାତ୍ର ସଂସଦ ନିର୍ବାଚନ ଶେଷ ହେବା ସହ କଲେଜର ନୂତନ ଛାତ୍ର ପ୍ରତିନିଧିମାନେ ଶୁକ୍ରବାର ଶପଥ ଗ୍ରହଣ କରିବେ । ସୂଚନାଯୋଗ୍ୟ, ନିର୍ବାଚିତ ସମସ୍ତ ଛାତ୍ରମାନେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସମର୍ଥିତ ପ୍ରାର୍ଥୀ ।

ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟରେ ସୃଷ୍ଟିଶ୍ରୀ ସଭାପତି, ଲଭଲି ଉପ-ସଭାପତି

ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସଂସଦ ନିର୍ବାଚନ ଫଳାଫଳ ଘୋଷଣା କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଭୋଟ୍ ଗଣତି ଶେଷ ହେବା ପରେ ସଭାପତି ଭାବେ ସୃଷ୍ଟିଶ୍ରୀ ପ୍ରଧାନ ୩୫୩ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆକାଂକ୍ଷା ପ୍ରିୟଦର୍ଶିନୀ ବଘାରଙ୍କୁ ପରାସ୍ତ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଉପ-ସଭାପତି ଭାବେ ଲଭଲି ପଟେଲ ସର୍ବାଧିକ ୫୬୭ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶାଶ୍ୱତୀ ରାୟ ୩୯୩ ଭୋଟ୍ ପାଇଥିଲେ । ସାଧାରଣ ସମ୍ପାଦିକା ଭାବେ ରୋଜାଲି ମହାକୁଡ଼ ୩୪୭ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି । ଅନ୍ୟ ପ୍ରାର୍ଥୀ ଝରଣା ମଲ୍ଲିକ ୩୨୪ ଭୋଟ୍ ଓ ତରଙ୍ଗା ବାରିକ ୨୭୬ ଭୋଟ୍ ପାଇଛନ୍ତି । ସେହିପରି ଡିଏସଏ ସମ୍ପାଦିକା ଭାବେ ଶ୍ରୁତିରେଖା ସାଇ ୫୫୦ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଶ୍ଲେଷା ମହାନ୍ତି ୩୯୩ ଭୋଟ୍ ପାଇଛନ୍ତି । ସମସ୍ତ ନିର୍ବାଚିତ ପ୍ରାର୍ଥୀଙ୍କ ଶପଥ ଗ୍ରହଣ ଉତ୍ସବ ଆସନ୍ତାକାଲି ମହାବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ହେବ । ସମସ୍ତ ନିର୍ବାଚିତ ବିଜୟୀ ପ୍ରାର୍ଥୀଙ୍କୁ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ପାଇଁ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି ।

ତୁଷୁରା ଡିଗ୍ରୀ କଲେଜରେ ଶିବଶଙ୍କର ବିଶ୍ୱାଳ ସଭାପତି, ପ୍ରତିଚୀ ପଟ୍ଟନାୟକ ସାଧାରଣ ସମ୍ପାଦିକା

ତୁଷୁରା,୧୫ ।୧୦(ସମିସ): ରାଜ୍ୟର ସମସ୍ତ ସରକାରୀ କଲେଜରେ ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀ ତୁଷୁରା ଡିଗ୍ରୀ କଲେଜର ବିଭିନ୍ନ ପଦ ପଦବୀ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମନୋନୟନ ହୋଇଯାଇଛି । ସଭାପତି ପଦ ପାଇଁ ସର୍ବସମ୍ମତି କ୍ରମେ ଶିବଶଙ୍କର ବିଶ୍ୱାଳ, ଉପସଭାପତି ଭାବେ ରଜନୀକାନ୍ତ ସାହୁ, ସାଧାରଣ ସଂପାଦିକା ଭାବେ ପ୍ରତିଚୀ ପଟ୍ଟନାୟକ, ସହ-ସଂପାଦକ ଭାବେ ସ୍ୱାଗତ ସାହୁ, କ୍ରୀଡା ସଂପାଦକ ଭାବେ ଜଗନ ସାହୁ, କ୍ରୀଡା ସହ-ସଂପାଦକ ଭାବେ ଝୁଲଣା ସାହୁ, ସାଂସ୍କୃତିକ ସଂପାଦକ ଭାବେ ରିନୁ ରାଉତ ଓ ସହ ସାଂସ୍କୃତିକ ସଂପାଦକ ଭାବେ ବିବେକ ରଣା ମନୋନୀତ ହୋଇଥିବା କଲେଜ ଅଧ୍ୟକ୍ଷ ସରୋଜ ପ୍ରଧାନ ସୂଚନା ଦେଇଛନ୍ତି ।

ପାଟଣାଗଡ଼ କଲେଜରେ ଆଲିଶା, ଘସିଏନରେ ଓଁକାର, ପାଟଣେଶ୍ୱରୀରେ ସଞ୍ଜନା ସଭାପତି

ପାଟଣାଗଡ଼,୧୫ ।୧୦(ସମିସ): ପାଟଣାଗଡ଼ ଜବାହରଲାଲ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ମୋଟ ୧୨୧୮ ଛାତ୍ରଛାତ୍ରୀ ଭୋଟ ଦେଇଥିବା ବେଳେ ୧୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ୬ଟି ବୁଥରେ ଛାତ୍ରଛାତ୍ରୀ ମତାଦାନ ସାବ୍ୟସ୍ତ କରିଥିଲେ । ପ୍ରତ୍ୟେକ ପୋଲିଂ ବୁଥ ଗୁଡ଼ିକରେ ପ୍ରିଜାଇଡିଙ୍ଗ ଅଫିସର ନିଯୁକ୍ତ ରହି ମତଦାନ ପ୍ରକ୍ରିୟା ପରିଚାଳନା କରିଥିଲେ । ସ୍ୱାଧୀନ ପ୍ରାର୍ଥୀ ଆଲିଶା ମେହେର ସଭାପତି, ଉପ ସଭାପତି ଭାବେ କାହ୍ନା ସା, ସାଧାରଣ ସମ୍ପାଦକ ଭାବେ ମହାଦେବ ମହାକୁର, ସହ ସଂପାଦକ ଭାବେ ନିତେଶ ମହାକୁର, ନାଟ୍ୟ ସଂସଦ ସଂପାଦକ ଭାବେ ଅନୁଷ୍କା ମିଶ୍ର, ଡିଏସଏ ସଂପାଦକ ଭାବେ ଦୀପାଳି ମେହେର, ସହ ସଂପାଦକ ଭାବେ ଅଭିନାଶ ସାହୁ ନିର୍ବାଚିତ ହୋଇଛନ୍ତି । ସେହିପରି ପାଟଣାଗଡ଼ ପାଟଣେଶ୍ୱରୀ ମହିଳା ମହାବିଦ୍ୟାଳୟରେ ସଭାପତି ଭାବେ ବିସିଜେଡି ସମର୍ଥିତ ପ୍ରାର୍ଥୀ ସଞ୍ଜନା ସାହୁ, ଉପ ସଭାପତି ଭାବେ ପ୍ରିୟଙ୍କା ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ସ୍ମୃତି ସାହୁ, ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରୀ ଭାବେ ରୋଶନୀ ନାଏକ, କଲଚରାଲ ସେକ୍ରେଟାରୀ ଭାବେ ସୁପ୍ରିୟା ପଟେଲ, ଆସିଷ୍ଟାଣ୍ଟ କଲଚରାଲ ସେକ୍ରେଟାରୀ ଭାବେ ସୁଷମା ଭୁଏ, ସ୍ପୋର୍ଟ ସେକ୍ରେଟାରୀ ଭାବେ ପୁଷ୍ପାଞ୍ଜଳି ବାରଲେଣ୍ଡିଆ, ଆସିଷ୍ଟାଣ୍ଟ ସ୍ପୋର୍ଟ ସେକ୍ରେଟାରୀ ଭାବେ ସୁନେଲି ଧରୁଆ, ଗାର୍ଲସ କମନ ରୁମ୍ ସେକ୍ରେଟାରୀ ଭାବେ ଶିଖା ପଧାନ ନିର୍ବାଚିତ ହୋଇଛନ୍ତି । ଘସିଏନ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ଓଁକାର ବରର୍ଗୀ ସଭାପତି ଭାବେ, ଉପ ସଭାପତି ଭାବେ ରାକେଶ ସାହୁ, ସମ୍ପାଦକ ଭାବେ ସୁନିତା ସାହୁ, ସହ ସମ୍ପାଦକ ଭାବେ ହେମନ୍ତ ପୋଡ଼, କଲଚରାଲ ସେକ୍ରେଟାରୀ ଭାବେ ଜିତେନ୍ଦ୍ର ପଟେଲ, ଆଥଲେଟିକ ସେକ୍ରେଟାରୀ ଭାବେ ଆଶିଷ ସାହୁ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ହେଇଥିବା ଛାତ୍ର ପ୍ରତିନିଧିମାନେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଶପଥ ଗ୍ରହଣ କରିବେ । ପରିଚାଳନା ସମିତିର ଚେୟାରମ୍ୟାନ ତଥା ଉପଜିଲ୍ଲାପାଳ ସୁନୀଲ ମେହେର, ଏସଡିପିଓ ସଦାନନ୍ଦ ପୂଝାରୀ ପ୍ରତ୍ୟେକ କଲେଜ ତଦାରଖ କରିଥିଲେ ।

ନରସିଂହଙ୍କ ସହଯୋଗ ମାଗିଲେ ଅଏଁଲାଚୁଆଁବାସୀ

ବଲାଙ୍ଗିର,୧୫ ।୧୦(ସମିସ): ବଲାଙ୍ଗିର ବ୍ଲକ୍ ବରକାନି ପଞ୍ଚାୟତର ଅଏଁଲାଚୁଆଁ ଗାଁରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ପାଖକୁ ଯାଇ ସେଠାରେ ଲୋକେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ସମସ୍ୟା ଉପରେ ଅଭିଯୋଗ ଶୁଣିଥିଲେ । ଆଲୋଚନା ସମୟରେ ସ୍ଥାନୀୟ ଲୋକେ ବିଶେଷ କରି ବିଜୁଳି, ପିଇବା ପାଣି, ବାର୍ଦ୍ଧକ୍ୟ ଭତ୍ତା ତଥା ସାମାଜିକ ସୁରକ୍ଷା ଯୋଜନାରେ ବିଭିନ୍ନ ହିତାଧିକାରୀ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା । ଅନେକ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ତଥା ସାମାଜିକ ସୁରକ୍ଷା ଯୋଜନାରେ ଆବେଦନ କରିଥିଲେ ହେଁ ସେ ସବୁର ସୁବିଧା ପାଉ ନ ଥିବାରୁ ଲୋକେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ । ପିଇବା ପାଣି ସମସ୍ୟାକୁ ନେଇ ମଧ୍ୟ ସ୍ଥାନୀୟ ଲୋକେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଜୁଳି ସମସ୍ୟା ପ୍ରାୟତଃ ଜାରି ରହିଛି । ତେଣୁ ଏସବୁ ସମସ୍ୟା ସମାଧାନ ଦିଗରେ ଶ୍ରୀ ମିଶ୍ର ସହଯୋଗ କରନ୍ତୁ ବୋଲି ଗ୍ରାମବାସୀ ଅନୁରୋଧ କରିଥିଲେ । ତା ସହ ଶ୍ରୀ ମିଶ୍ରଙ୍କ ସମୟରେ ଅନୁଦାନ ଆସି କାମ ହୋଇସାରିଥିବା ଉନ୍ନୟନ ପ୍ରକଳ୍ପ ଯଥା ରାସ୍ତାଘାଟ, କମ୍ୟୁନିଟି ସେଣ୍ଟର ସ୍ଥାପନକୁ ନେଇ ଗାଁ ଲୋକେ ଶ୍ରୀ ମିଶ୍ରଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ । ଶ୍ରୀ ମିଶ୍ର ବର୍ତ୍ତମାନ ଲୋକେ ଭୋଗୁଥିବା ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ସେ ସବୁ ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜଲକ୍ଷ୍ମୀ କ୍ଲବ୍ ଗୃହରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ କଂଗ୍ରେସ ନେତା କିଶୋର ସିଂ ନିନା, ଧୃବ ପ୍ରସାଦ ସାହୁ, ସୁରେଶ ଚନ୍ଦ୍ର ଭୋଇ, ଶରତ ଚନ୍ଦ୍ର ଭୋଇ, ଅନିରୁଦ୍ଧ ବିଶ୍ୱାଳ, ଅକ୍ଷୟ ପ୍ରଧାନ, ଗଣ୍ଡାରାମ ପ୍ରଧାନଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

ତୁଷୁରାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଟିମ୍

ତୁଷୁରା,୧୫ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ତୁଷୁରାସ୍ଥିତ ଉଡ଼ାଜାହାଜ ପଡ଼ିଆର ଉନ୍ନତୀକରଣ ନେଇ ଆଜି କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଏକ ଟିମ୍ ପରିଦର୍ଶନ କରଛି । ଏହି ଅବସରରେ ବଲାଙ୍ଗୀର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ଜେନା, ଏସ୍‌ଡିଓ ଏବଂ ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାଟିଙ୍କ ସମେତ ତୁଷୁରା ପୁଲିସର ଅଧିକାରୀମାନେ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ତୁଷୁରା ଉଡାଜାହାଜ ପଡ଼ିଆରେ ଆଗାମୀ ଦିନରେ ହେବାକୁ ଥିବା ଉନ୍ନତୀକରଣ କାର୍ଯ୍ୟର ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରାଯାଇଥିଲା । ଏଥିସହ ବିମାନ ପଡ଼ିଆ ନିକଟସ୍ଥ ଗାଁକୁ ଯୋଡୁଥିବା ରାସ୍ତାର ସ୍ଥିତି ମଧ୍ୟ ଅନୁଧ୍ୟାନ କରାଯାଇଥିଲା । ଭବିଷ୍ୟତରେ ବିମାନ ପଡ଼ିଆର ଉନ୍ନତୀକରଣ ସହ ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା ଦିଗରେ ଏହି ପରିଦର୍ଶନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି । ତୁଷୁରା ବିମାନ ପଡ଼ିଆର ବିକାଶ ହେଲେ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବା ସହ ଭବିଷ୍ୟତରେ ବିମାନ ଚଳାଚଳର ସମ୍ଭାବନା ସୃଷ୍ଟି ହେବ । ଏହାଦ୍ୱାରା ତୁଷୁରା ଓ ଏହାର ଆଖପାଖ ଅଞ୍ଚଳର ବିକାଶକୁ ନୂଆ ଦିଗ ମିଳିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।

'ସୁରଭି'ରେ ମଜ୍ଜିଲେ ଛାତ୍ରଛାତ୍ରୀ

କଣ୍ଟାବାଞ୍ଜି,୧୫।୧୦(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ହିଆଁଲ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚଟୁଆନକା ପରିସରରେ ଅନୁଷ୍ଠିତ ହୋଇଥିଲା । ହିଆଁଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ ସଭାରେ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର କୁଅଁର ସଭାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ରଣା ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷୟିତ୍ରୀ ଅନୀତା ତ୍ରିପାଠୀ, ହିଆଁଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ଭରାସଗ୍ରିଆ, ସିଆରଜି କୃଷ୍ଣଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପ,ଧୂପଦୀପ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । କ୍ଲଷ୍ଟରର ୧୬ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଅମରକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ । ସଭାପତି ପ୍ରତାପ ଚନ୍ଦ୍ର କୁଅଁରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ଡ.ନାରାୟଣ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ସୂର୍ଯ୍ୟକାନ୍ତ ରଣା, ବୈଜୟନ୍ତି ପାଢ଼ୀ, ଅନୀତା ତ୍ରିପାଠୀ, ବିଜୟ ତାଣ୍ଡୀ ଯୋଗ ଦେଇଥିଲେ । ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗଣପତି ବେହେରା, ତୁଷାରକାନ୍ତ ବଡଜେନା, କିଶୋର ବରିହା ବିଚାରପତି ଭାବରେ ଫଳାଫଳ ଘୋଷଣା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ସ୍ମୃତିଫଳକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା ।

ଦେଓଗାଁ: ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ଆବାସିକ ବାଳିକା ହାଇସ୍କୁଲରେ ବୁଧବାର କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସିଆରସିସି ସୁଶାନ୍ତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ ଯୋଗ ଦେଇଥିଲେ । ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଅନେକ ଶିଶୁ ପ୍ରତିଭା ଲୋକଲୋଚନକୁ ଆସିପାରୁଛି ବୋଲି ସେ ମତ ପୋଷଣ କରିଥିଲେ । ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ସମ୍ମାନୀତ ଅତିଥି ଭାବେ ଏବିଇଓ କବିରାଜ ମାଝୀ, ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଗୋପବନ୍ଧୁ ମେହେର, ମୁଖ୍ୟବକ୍ତା ଭାବେ ଏବିଇଓ ଚୈତନ୍ୟ ଧରୁଆ ପ୍ରମୁଖ ଯୋଗ ଦେଇଥିଲେ । ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଦାମ ଚରଣ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଶାନ୍ତ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ଦୁର୍ଗା ପ୍ରସାଦ ପ୍ରଧାନଙ୍କ ପରିଚାଳନାରେ ଦେଓଗାଁ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗନେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିଲେ ।

ଜେଲ୍ ଗଲେ ପୂର୍ବତନ କାଉନସିଲର

ବଲାଙ୍ଗିର,୧୫ ।୧୦(ସମିସ): ପୌର ପରିଷଦ କାର୍ଯ୍ୟାଳୟରେ ଦାଦାଗିରି, ଗାଳିଗୁଲଜ ଓ ଧମକ ଦେବା ଘଟଣାରେ ପୂର୍ବତନ କାଉନସିଲର ଉପେନ ଦୀପଙ୍କୁ ଜେଲ୍ ଯିବାକୁ ପଡ଼ିଛି । ଗତ ୧୩ ତାରିଖ ସନ୍ଧ୍ୟା ସମୟରେ ସେ ବଲାଙ୍ଗିର ପୌର ପରିଷଦ କାର୍ଯ୍ୟାଳୟର ୱର୍କସ ସେକ୍ସନକୁ ଯାଇ ହଙ୍ଗାମା କରିଥିଲେ । ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ଥାନୀୟ ଟାଉନ୍ ଥାନାରେ ଏତଲା ଦେଇଥିଲେ । ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା । ଶେଷରେ ତାଙ୍କୁ ଜେଲ୍ ଯିବାକୁ ପଡ଼ିଛି ।

କଣ୍ଟାବାଞ୍ଜି କେଭି କଲେଜରେ ବିଜେଡିର ଏକତରଫା ବିଜୟ

କଣ୍ଟାବାଞ୍ଜି,୧୫ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ଏକତରଫା ଭାବେ ବିଜୟ ଲାଭ କରିଛି । ଏହି ବିଜୟ ସହ କଣ୍ଟାବାଞ୍ଜି ବିଜେଡି ଶିବିରରେ ଖୁସିର ଲହରୀ ଖେଳିଯାଇଛି । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଯୁବ ନେତା ଗିରିରାଜ ସିଂ ମାଝୀ ଏବଂ ବିଜେଡି ନେତ୍ରୀ ନିରୁପମା ମାଝୀଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳ ଏହି ନିର୍ବାଚନ ଲଢିଥିଲା । ଏହି ନିର୍ବାଚନରେ ସଭାପତି ଭାବେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ବିଶାଳ ବିଭାର ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । କେବଳ ସଭାପତି ପଦ ନୁହେଁ; ଅନ୍ୟ ପ୍ରମୁଖ ପଦବୀରେ ମଧ୍ୟ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀମାନେ ବାଜିମାତ କରିଛନ୍ତି । ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଉପ-ସଭାପତି ଭାବେ ସୌମ୍ୟରଞ୍ଜନ ମାହାକୁଡ, ସାଧାରଣ ସମ୍ପାଦକ ଭାବେ ମୋହିତ ସଗରିଆ, ସାଂସ୍କୃତିକ ସମ୍ପାଦକ ଭାବେ ସୋବିତ ମିଶ୍ର, କ୍ରୀଡା ସମ୍ପାଦକ ଭାବେ ରୁଦ୍ର ପ୍ରତାପ ବାଗ ଏବଂ ସହ-ସମ୍ପାଦକ ଭାବେ ଏବିଭିପି ସମର୍ଥିତ ସଦାନନ୍ଦ କେତକ ବିଜୟ ହୋଇଛି । ସେହିପରି ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ମୁରିବାହାଲ ପଞ୍ଚାୟତ ଡିଗ୍ରୀ କଲେଜରେ ମଧ୍ୟ ବିଜୁ ଛାତ୍ର ଜନତା ଦଳର ଦବଦବା ଦେଖିବାକୁ ମିଳିଛି । ସେଠାରେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ପିତବାସ ରଣା ସଭାପତି ଭାବେ ବିଜୟୀ ହୋଇଛନ୍ତି । ଗୋଟିଏ ସମୟରେ ଦୁଇଟି ପ୍ରମୁଖ କଲେଜ କଣ୍ଟାବାଞ୍ଜି କେଭି କଲେଜ ଓ ମୁରିବାହାଲ ଡିଗ୍ରୀ କଲେଜରେ ସଭାପତି ପଦ ହାତେଇବା ପରେ ସ୍ଥାନୀୟ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଛି । ଏହା ବିଜୁ ଜନତାଦଳର ଛାତ୍ର ସଂଗଠନ ସୁଦୃଢ ହେଉଥିବାର ପ୍ରମାଣ ବୋଲି ଦଳୀୟ ନେତୃତ୍ୱ କହିଛନ୍ତି ।

ଟିଟିଲାଗଡ଼ ମହିଳା ଡିଗ୍ରୀ କଲେଜରେ ଶ୍ରୀୟା ସିମରଣ ସାହୁ ସଭାପତି

ଟିଟିଲାଗଡ,୧୫ ।୧୦(ସମିସ): ଟିଟିଲାଗଡ଼ ସରକାରୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ଶ୍ରୀୟା ସିମରଣ ସାହୁ ବିପୁଳ ଭୋଟରେ ବିଜୟ ମୁକୁଟ ପିନ୍ଧିଛନ୍ତି । ଉପସଭାପତି ଭାବେ ଅବନ୍ତିକା ମାଝୀ, ସମ୍ପାଦକ ଭାବେ ଡଲି ବାଗ, ସହ ସମ୍ପାଦକ ଭାବେ ପୂଜା କାରତା, ଆଥଲେଟିକ ଆସୋସିଏସନ ସମ୍ପାଦକ ଭାବେ ମାନନୀୟକ୍ଷ ଛତର, କଲଚରାଲ ସମ୍ପାଦକ ଭାବେ କବିତା ଗହୀର ଏବଂ ଡ୍ରାମାଟିକ ସମ୍ପାଦକ ଭାବେ ସବିତା ତାଣ୍ଡି ବିଜୟ ଘୋଷିତ ହୋଇଛନ୍ତି । ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଛାତ୍ରୀମାନେ ବେଶ୍ ଉତ୍ସାହର ସହିତ ମତଦାନ କରିବାକୁ ଲମ୍ବାଧାଡ଼ିରେ ରହିଥିଲେ । ସ୍ଥାନୀୟ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଅଣଛାତ୍ରଙ୍କୁ କଲେଜ କ୍ୟାମ୍ପସରୁ ଦୂରେଇ ରଖାଯାଇଥିଲା । ସରକାରୀ ମହିଳା ମହାବିଦ୍ୟାଳୟରେ ୯୫୨ ଜଣ ଛାତ୍ରୀ ରହିଥିବା ବେଳେ ୬୬୭ ଜଣ ଛାତ୍ରୀ ନିଜ ମତଦାନ ସାବ୍ୟସ୍ତ କରିଥିଲେ । ମତଦାନ ପରେ ଭୋଟ ଗଣତି ଚାଲିଥିଲା; ହେଲେ ବିଦ୍ୟୁତ୍ କାଟ୍ ହେବା ଯୋଗୁଁ ପ୍ରାୟ ଅଧଘଣ୍ଟା ଧରି ଭୋଟ ଗଣତି ପ୍ରଭାବିତ ହୋଇଥିଲା । ତେବେ ମୋବାଇଲ ଟର୍ଚ୍ଚ ଲାଇଟରେ ଭୋଟ ଗଣତି ଚାଲିଥିବା ଯୋଗୁଁ ପ୍ରାର୍ଥୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଲାଇଟ ଆସିବା ପରେ ପୁନଃ ଭୋଟ ଗଣତି କରାଯାଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଚୂଡାନ୍ତ ଫଳାଫଳ ଘୋଷଣା କରିଥିଲେ ।

ଟିଟିଲାଗଡ଼ ଡିଏଭି କଲେଜରେ ନିର୍ବାଚନ ହେଲାନି

ଟିଟିଲାଗଡ଼,୧୫ ।୧୦(ସମିସ): ଦୀର୍ଘ ବର୍ଷ ପରେ ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହୋଇଛି । ତେବେ ଅନେକ ମହାବିଦ୍ୟାଳୟ କ୍ୟାମ୍ପସରେ ଉତ୍ତେଜନା ଚରମସୀମା ଲଙ୍ଘିବଛି । ଏହି କ୍ରମରେ ୧୯୬୮ରେ ପ୍ରତିଷ୍ଠିତ ହୋଇଥିବା ଅଞ୍ଚଳର ସର୍ବ ପ୍ରାଚୀନ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି । ଦୀର୍ଘ ୧୭ ବର୍ଷ ପରେ ପ୍ରତ୍ୟକ୍ଷ ନିର୍ବାଚନ ସମ୍ଭବ ହୋଇପାରି ନ ଥିବା ଚର୍ଚ୍ଚାର ବିଷୟ ହୋଇଛି । ଗତ ୯ ତାରିଖରେ ମହାବିଦ୍ୟାଳୟରେ ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନ ଧାର୍ଯ୍ୟ ଥିଲା; ହେଲେ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ । କେହି ପ୍ରାର୍ଥୀ ପତ୍ର ଦାଖଲ କରି ନ ଥିଲେ । ଟିଟିଲାଗଡ଼ ଜିଲ୍ଲା ଦାବି ପୂରଣ ହେଲେ ନିର୍ବାଚନ ହେବ ବୋଲି ଛାତ୍ରଛାତ୍ରୀ ଏକଜୁଟ ହୋଇଥିଲେ । ଆଜି ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ଥିଲା; ହେଲେ କେହି ପ୍ରାର୍ଥୀ ନ ଥିବାରୁ କଲେଜ କର୍ତ୍ତୃପକ୍ଷ ବିଭିନ୍ନ ଶ୍ରେଣୀ ପାଇଁ ଛାତ୍ର ପ୍ରତିନିଧି ମନୋନୟନ ପାଇଁ ଉଦ୍ୟମ କରିଥିଲେ । ଛାତ୍ରମାନେ କିନ୍ତୁ ଏହାକୁ ପ୍ରବଳ ବିରୋଧ କରିଥିଲେ । ତେବେ ଉତ୍ତେଜନା ଆଶଙ୍କାରେ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ତଥା ଟିଟିଲାଗଡ଼ ତହସିଲଦାର ଶଙ୍କର ବାଗ, ଥାନା ଆଇଆଇସି ମନୋଜ ମୁଣ୍ଡା ବ୍ୟାପକ ପୁଲିସ ବଳ ସହ କଲେଜ ପରିସରରେ ଉପସ୍ଥିତ ଥିଲେ । ନିର୍ବାଚନ ତଥା ମନୋନୟନ ପ୍ରକ୍ରିୟା ପରିଚାଳନା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ପାତ୍ର, ଛାତ୍ର ଉନ୍ନୟନ କମିଟି ଅଧ୍ୟକ୍ଷ ତଥା ଅଧ୍ୟାପକ ଡ. ରମାକାନ୍ତ ବେହେରା, ସଦସ୍ୟ ଅଧ୍ୟାପକ ଡ. ନନ୍ଦଲାଲ ହୋତା, ଯୁକ୍ତ ଦୁଇ ଅଧ୍ୟକ୍ଷ ବିନୟ ରାଉତ, ପ୍ରତ୍ୟୁଷ ପାଣିଗ୍ରାହୀ, ଦିଲୀପ କୁମାର, କୃପାସିନ୍ଧୁ ମିଶ୍ର, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ବସି ବସି ନିରାଶ ହୋଇ ଫେରି ଯାଇଥିଲେ ।

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ କ୍ରିକେଟ୍ ଚାମ୍ପିୟନସିପ୍ ଉଦ୍‌ଯାପିତ

ବ୍ୟାଡମିଣ୍ଟନ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗିର ବିଜେତା

ବଲାଙ୍ଗିର,୧୫ ।୧୦(ସମିସ):

ବଲାଙ୍ଗିର ସହରରେ ଅନୁଷ୍ଠିତ ୭୦ତମ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ୍ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି ।୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଚାମ୍ପିୟନସିପ୍‌ରେ ବିଭିନ୍ନ ଜିଲ୍ଲାର ଖେଳାଳିମାନେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ । ବଲାଙ୍ଗିରସ୍ଥିତ ପିଏମଶ୍ରୀ ପି.ଆର୍. ହାଇସ୍କୁଲ ଇନଡୋର ଷ୍ଟାଡିୟମ୍ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥି ଏବଂ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଖେଳାଳି ମାନେ ନିଷ୍ଠା ଓ ନିୟମିତ ଅଭ୍ୟାସ ଜାରି ରଖି ରାଜ୍ୟ ତଥା ଜାତୀୟସ୍ତରରେ ନିଜ ଅଞ୍ଚଳର ଗୌରବ ବୃଦ୍ଧି କରିବା ସହ କ୍ରୀଡ଼ା ମନୋଭାବ ବଜାୟ ରଖିବାକୁ ମୁଖ୍ୟ ଅତିଥି ଶ୍ରୀ ଜୈନ ନିଜ ବକ୍ତବ୍ୟରେ କହିଥିଲେ । ନିଜ ବକ୍ତବ୍ୟରେ ନରସିଂହ ମିଶ୍ର କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ଅଭ୍ୟାସ ନୁହେଁ; ଏହା ଜୀବନ ଗଢ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ । କ୍ରୀଡ଼ା ମଣିଷକୁ ଶୃଙ୍ଖଳା, ଧୈର୍ଯ୍ୟ, ସମୟାନୁବର୍ତ୍ତିତା, ନେତୃତ୍ୱ, ସହଯୋଗ ଓ ପରିଶ୍ରମର ମୂଲ୍ୟ ଶିଖାଇଥାଏ । ଜୀବନରେ ସଫଳତା ହାସଲ କରିବା ପାଇଁ ଆବଶ୍ୟକ ଗୁଣଗୁଡ଼ିକର ବିକାଶରେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖେଳାଳିମାନେ ବିଜୟ ଓ ପରାଜୟକୁ ସମାନ ଭାବରେ ଗ୍ରହଣ କରିବା ସହ କ୍ରୀଡ଼ା ମନୋଭାବ ବଜାୟ ରଖିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା, ଏଡିଇଓ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା, ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସାଧାରଣ ସମ୍ପାଦକ ସୁରୁଲାଲ ମଟାରୀ ଏବଂ ପି.ଆର୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଏଡିଇଓ ସେବାଶ୍ରୀ ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ହେମନ୍ତ ପ୍ରଧାନ ଓ ବିନୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସକାଳ ୮ଟାରେ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିବା ୧୭ବର୍ଷରୁ କମ୍ ବାଳିକା କ୍ରିକେଟ୍ ମ୍ୟାଚରେ ଭୁବନେଶ୍ୱର ଦଳକୁ ପରାସ୍ତ କରି କଟକ ଦଳ ଚାମ୍ପିୟନ ହୋଇଥିଲା । ପିଆର ହାଇସ୍କୁଲ ଇନଡ଼ୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା । ବ୍ୟାଡମିଣ୍ଟନର ୧୪ ବର୍ଷରୁ କମ୍ ବାଳିକା ବିଭାଗରେ କେନ୍ଦୁଝର ଜିଲ୍ଲା ବିଜେତା ଓ ପୁରୀ ଜିଲ୍ଲା ଉପବିଜେତା ହୋଇଥିଲା । ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଗଜପତି ଜିଲ୍ଲା ବିଜେତା ଓ ଢେଙ୍କାନାଳ ଜିଲ୍ଲା ଉପବିଜେତା ହୋଇଥିଲା । ସେହିପରି ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ବାଲେଶ୍ୱର ଜିଲ୍ଲା ଚାମ୍ପିୟନ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ଉପବିଜେତା ହୋଇଥିଲା । ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗୀର ଜିଲ୍ଲା ଚମତ୍କାର ପ୍ରଦର୍ଶନ କରି ବିଜେତା ହୋଇଥିବା ବେଳେ ବରଗଡ଼ ଜିଲ୍ଲା ଉପବିଜେତା ହୋଇଥିଲା । ଏହି ପ୍ରତିଯୋଗିତାରେ ମନୋନୀତ ଖେଳାଳିମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ବୋଲି ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ସୂଚନା ଦେଇଛନ୍ତି ।

କ୍ରିକେଟ୍‌ରେ ଭୁବନେଶ୍ୱରକୁ ହରାଇ କଟକ ଚାମ୍ପିୟନ

ବିଶେଷ ଟିପ୍ପଣୀ

ସିଜେପି ଓ ଅନ୍ୟ ଆନ୍ଦୋଳନକାରୀଙ୍କୁ ଅଟକ ରଖିବା ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରୁଛି ଓ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ନିର୍ବାଚନ ଅନିୟମିତତା ସମ୍ପର୍କରେ ନିର୍ବାଚନ କମିସନ ଉପଯୁକ୍ତ ଜବାବ ଦେବା ଉଚିତ। ଏହି କ୍ରମରେ ଜ୍ଞାନେଶ କୁମାର ଇସ୍ତଫା ଦେବା ଉଚିତ।

ଅରବିନ୍ଦ କେଜ୍ରିୱାଲ - ଆମ ଆଦମୀ ପାର୍ଟି ସୁପ୍ରିମୋ

ସିଜେପି ନେତାଙ୍କୁ ନ୍ୟାୟିକ ହାଜତକୁ ପଠାଯିବା ଘଟଣା 'ଜରୁରୀକାଳୀନ ପରିସ୍ଥିତିର ନୂଆ ରୂପ'। ଜନତାଙ୍କ ଅଧିକାର ଓ ଗଣତାନ୍ତ୍ରିକ ପରିବର୍ତ୍ତନ ପାଇଁ ଲଢୁଥିବା ଯୁବକଙ୍କୁ ଜେଲ୍‌ରେ ରଖିବା ଅନୁଚିତ। ଏହା ଭବିଷ୍ୟତରେ ଏକ ନିର୍ଣ୍ଣାୟକ ରୂପ ନେବ।

କେଟି ରାମା ରାଓ (କେଟିଆର୍) -ବିଆର୍‌ଏସ୍ ବିଧାୟକ

ଜେନ୍ Z

ରାହୁଲ ଗାନ୍ଧୀ ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ନ୍ୟାୟ ଦାବି କରି ରାଷ୍ଟ୍ରପତିଙ୍କୁ ଚିଠି ଲେଖିଛନ୍ତି। ଏଥିସହ ଦୁଷ୍ୟନ୍ତ ଗୌତମଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି ଦେବା ପ୍ରସଙ୍ଗରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଏଭଳି ନିଯୁକ୍ତି ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ।

-ସିରାଜ ନୁରାନୀ @sirajnoorani

ଜର୍ମାନୀରେ ଅଗ୍ନିକାଣ୍ଡ: ୩ ଭାରତୀୟ ମୃତ; ହତ୍ୟା ସନ୍ଦେହରେ ଜଣେ ଗିରଫ

ବର୍ଲିନ୍,୧୫ ।୧୦(ଏଜେନ୍ସି): ଜର୍ମାନୀର ବୋଖୁମ୍ ସହରର ଏକ ବହୁତଳ ଆବାସିକ କୋଠାରେ ଅଗ୍ନିକାଣ୍ଡ ଘଟି ୩ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ମୃତକମାନେ କେରଳର ବୋଲି ଜଣାପଡ଼ିଛି। ଘଟଣାରେ ହତ୍ୟା ସନ୍ଦେହରେ ସେହି କୋଠାରେ ରହୁଥିବା ଜଣେ ୪୧ ବର୍ଷୀୟ ରୋମାନୀୟ ନାଗରିକଙ୍କୁ ଜର୍ମାନୀ ପୁଲିସ ଗିରଫ କରିଛି। ମୃତକମାନେ ହେଲେ ଇଡୁକ୍କି ଜିଲ୍ଲାର ୨୫ ବର୍ଷୀୟା ନୋଭା ସାବୁ, କୋଲ୍ଲମ୍ ଜିଲ୍ଲାର ୨୫ ବର୍ଷୀୟା ଅଞ୍ଜଳି ଶୀଲା ଜୟ ଏବଂ ଏର୍ଣ୍ଣାକୁଲମ୍ ଜିଲ୍ଲାର ୨୬ ବର୍ଷୀୟ ସିଭିନ୍ ଜନି। ଅକ୍ଟୋବର ୧୫ ତାରିଖ ଭୋର୍ ପ୍ରାୟ ୪ଟା ୧୫ରେ ହୋଫଷ୍ଟେଡ୍ ଅଞ୍ଚଳର ପୋଷ୍ଟଷ୍ଟ୍ରାସେ ରାସ୍ତାରେ ଥିବା କୋଠାରେ ନିଆଁ ଲାଗିଥିଲା। ଦ୍ୱିତୀୟ ମହଲାର ଏକ ଫ୍ଲାଟ୍‌ରୁ ତିନିଜଣଙ୍କ ମୃତଦେହ ମିଳିଥିଲା। ଅନ୍ୟ ପାଞ୍ଚଜଣ ଆହତ ହୋଇଥିବାବେଳେ ଜଣେ ଭାରତୀୟ ଛାତ୍ରଙ୍କ ଅବସ୍ଥା ଗୁରୁତର ରହିଛି। ପୁଲିସ ତଦନ୍ତରେ ବୈଷୟିକ ତ୍ରୁଟି ଯୋଗୁଁ ନିଆଁ ଲାଗିଥିବା ସମ୍ଭାବନାକୁ ବାଦ୍ ଦିଆଯାଇଛି। ଏହା ଉଦ୍ଦେଶ୍ୟମୂଳକ ଅଗ୍ନିକାଣ୍ଡ ହୋଇଥାଇପାରେ ବୋଲି ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି। କୋଠାର ତଳ ମହଲାରେ ନିଆଁ ଲଗାଯାଇଥିବା ଏବଂ କାଠ ପାହାଚ ଦେଇ ନିଆଁ ଉପରକୁ ବ୍ୟାପିଥିବା ଆଶଙ୍କା କରାଯାଉଛି। ଘଟଣାର ପୂର୍ବଦିନ କୋଠାରେ ରହୁଥିବା ଲୋକଙ୍କ ମଧ୍ୟରେ ବଚସା ହୋଇଥିବା ପଡ଼ଶୀମାନେ ପୁଲିସକୁ କହିଛନ୍ତି। ନୋଭା ଜିମ୍ ପ୍ରଶିକ୍ଷକ ଭାବେ କାମ କରୁଥିବାବେଳେ ସିଭିନ୍ ଉଚ୍ଚଶିକ୍ଷା ପାଇଁ ମାତ୍ର ଦୁଇ ସପ୍ତାହ ପୂର୍ବ ଜର୍ମାନୀ ଯାଇଥିଲେ।

ବାୟୁ ପ୍ରଦୂଷଣ ରୋକିବାକୁ ୧୩ ହଜାର କୋଟି

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ଦେଶରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ୨୦୧୯ରୁ ୧୩ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଦିଆଯାଇଛି। ତେବେ ଖର୍ଚ୍ଚ ହୋଇଥିବା ଅର୍ଥର ୬୮ ପ୍ରତିଶତ କେବଳ ରାସ୍ତାର ଧୂଳି ହଟାଇବାରେ ବ୍ୟୟ ହୋଇଛି। ଆର୍ଥ ଫାଇଭ୍‌ଆର୍‌ର 'ଇଣ୍ଡିଆ ଏୟାର ପଲ୍ୟୁସନ୍ ୨୦୨୬' ରିପୋର୍ଟ ଅନୁସାରେ, ୨୦୨୩ରେ ବାୟୁ ପ୍ରଦୂଷଣ ସହ ଜଡ଼ିତ କାରଣରୁ ଦେଶରେ ପ୍ରାୟ ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଛି। ୨୦୦୦ ତୁଳନାରେ ଏହା ୪୩ ପ୍ରତିଶତ ଅଧିକ। ରିପୋର୍ଟ ଅନୁଯାୟୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁସାରେ ବାୟୁର ଗୁଣବତ୍ତା ଉନ୍ନତ ହେଲେ ଭାରତୀୟଙ୍କ ହାରାହାରି ଆୟୁଷ ୩.୫ ବର୍ଷ ବୃଦ୍ଧି ପାଇପାରିବ। ୨୦୨୫ରେ ଭାରତର ହାରାହାରି ପିଏମ୍୨.୫ ସ୍ତର ୪୮.୯ ରହିଥିଲା, ଯାହା ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଧାରିତ ସୀମାଠାରୁ ୧୦ ଗୁଣରୁ ଅଧିକ। ଏହି ବର୍ଷ ୧୪୩ଟି ଦେଶ ମଧ୍ୟରେ ଭାରତ ଷଷ୍ଠ ସର୍ବାଧିକ ପ୍ରଦୂଷିତ ଦେଶ ଥିଲା। ରିପୋର୍ଟରେ ବାୟୁ ପ୍ରଦୂଷଣ ମାପିବା ବ୍ୟବସ୍ଥାରେ ମଧ୍ୟ ଅଭାବ ଥିବା ଦର୍ଶାଯାଇଛି। ୨୦୨୫ରେ ଦେଶରେ ୧୬୦୦ଟି ବାୟୁ ଗୁଣବତ୍ତା ନିରୀକ୍ଷଣ କେନ୍ଦ୍ର ଥିବାବେଳେ ସେଥିରୁ ୫୬୫ଟି ନିରନ୍ତର ଭାବେ ପ୍ରଦୂଷଣ ମାପୁଥିଲା। ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୩୦ଟି ସହର ମଧ୍ୟରୁ ୨୮ଟି ସହରରେ ନିରନ୍ତର ନିରୀକ୍ଷଣ କେନ୍ଦ୍ର ନଥିଲା। ଆହୁରି ୪୦ଟି ସହରରେ ପ୍ରଦୂଷଣର କାରଣ ଓ ମାତ୍ରା ନିର୍ଦ୍ଧାରଣ ପାଇଁ ଆକଳନ ଶେଷ ହୋଇ ନ ଥିଲା। ୨୦୨୫ରେ ଦେଶର ୨୨୯ଟି ସହର ମଧ୍ୟରୁ ୧୯୦ଟିରେ ପିଏମ୍୧୦ ସ୍ତର ନିର୍ଦ୍ଧାରିତ ମାନଠାରୁ ଅଧିକ ଥିଲା। ଗଙ୍ଗା ଉପତ୍ୟକାର ୬୧ଟି ସହର ମଧ୍ୟରୁ ୬୦ଟିରେ ପ୍ରଦୂଷଣ ଅଧିକ ରହିଥିବାବେଳେ ଦିଲ୍ଲୀ-ଏନ୍‌ସିଆର୍‌ର ସମସ୍ତ ୧୪ଟି ସହରରେ ପିଏମ୍୧୦ ସ୍ତର ନିର୍ଦ୍ଧାରିତ ସୀମା ଅତିକ୍ରମ କରିଥିଲା।

୬୮% ଖର୍ଚ୍ଚ ରାସ୍ତା ଧୂଳି ହଟାଇବାରେ

ଇଣ୍ଟରନେଟ୍ ବନ୍ଦ ମାମଲା

ସୁପ୍ରିମକୋର୍ଟରେ ସରକାରଙ୍କ 'ନିଃସର୍ତ୍ତ କ୍ଷମା ପ୍ରାର୍ଥନା'

ନୂଆଦିଲ୍ଲୀ,୧୫ ।୧୦(ଏଜେନ୍ସି): ଦିଲ୍ଲୀରେ ଇଣ୍ଟରନେଟ୍ ସେବା ବନ୍ଦ ଘଟଣାକୁ ନେଇ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା 'ବିନା ସର୍ତ୍ତରେ କ୍ଷମା ପ୍ରାର୍ଥନା' ସମ୍ପର୍କରେ କେନ୍ଦ୍ର ସରକାର ଗୁରୁବାର ସ୍ପଷ୍ଟୀକରଣ ଦେଇଛନ୍ତି। ଏହା ଅଦାଲତ ଅବମାନନା ମାମଲାରେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟାର ଏକ ଅଂଶ ବୋଲି ସରକାର କହିଛନ୍ତି। ଗଣମାଧ୍ୟମରେ କେନ୍ଦ୍ରୀୟ ଗୃହ ସଚିବ ଗୋବିନ୍ଦ ମୋହନ ସୁପ୍ରିମକୋର୍ଟଙ୍କ ଅବମାନନା ନୋଟିସ୍‌ର ଜବାବରେ ବିନା ସର୍ତ୍ତରେ କ୍ଷମା ମାଗିଥିବା ଖବର ପ୍ରକାଶ ପାଇବା ପରେ ସରକାର ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ସରକାରଙ୍କ ଅନୁସାରେ, ଅଦାଲତ ଅବମାନନା ନୋଟିସ୍‌ର ଜବାବରେ ଦାଖଲ ହେଉଥିବା ସତ୍ୟପାଠର ଆରମ୍ଭରେ ବିନା ସର୍ତ୍ତରେ କ୍ଷମା ପ୍ରାର୍ଥନା ଉଲ୍ଲେଖ କରିବା ଏକ ନିୟମିତ ପ୍ରକ୍ରିୟା। ଏହା ପରେ ଘଟଣାର ତଥ୍ୟ ଓ ଯୁକ୍ତି ଉପସ୍ଥାପନ କରାଯାଏ। ସରକାର ଆହୁରି କହିଛନ୍ତି ଯେ, ପରବର୍ତ୍ତୀ ସତ୍ୟପାଠରେ ଇଣ୍ଟରନେଟ୍

ସେବା ବନ୍ଦ କରିବା ପଦକ୍ଷେପ ଆଇନ ଅନୁଯାୟୀ ନିଆଯାଇଥିବା ଦର୍ଶାଯାଇଛି। ତେଣୁ ଅଦାଲତ ଅବମାନନା ହୋଇଥିବା ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଛି। ଗୃହ ସଚିବ ମୋହନ ବୁଧବାର ବିଳମ୍ବିତ ରାତିରେ ଦାଖଲ କରିଥିବା ସତ୍ୟପାଠରେ କହିଛନ୍ତି ଯେ, ଅକ୍ଟୋବର ୯ ରାତି ୧୦ଟାରୁ ଅକ୍ଟୋବର ୧୦ ରାତି ୧୦ଟା ପର୍ଯ୍ୟନ୍ତ ରାଇସିନା ହିଲ୍ସର ଚାରି କିଲୋମିଟର ପରିଧି ମଧ୍ୟରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ କରିବା ଆଇନଶୃଙ୍ଖଳା ପରିସ୍ଥିତି ରୋକିବା ଓ ଶାନ୍ତି ବଜାୟ ରଖିବା ପାଇଁ ଆବଶ୍ୟକ ଥିଲା। ଦିଲ୍ଲୀ ପୁଲିସର ଅନୁରୋଧକୁ ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଯଥାଯଥ ଓ ଆନୁପାତିକ ପଦକ୍ଷେପ ଭାବେ ବିଚାର କରାଯାଇଥିଲା ବୋଲି ସେ ଦର୍ଶାଇଛନ୍ତି। ଅକ୍ଟୋବର ୧୧ରେ ସୁପ୍ରିମକୋର୍ଟ ଗୃହ ସଚିବ, ଦିଲ୍ଲୀ ପୁଲିସ କମିଶନର ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମର ଅଧ୍ୟକ୍ଷଙ୍କୁ ଅଦାଲତ ଅବମାନନା ନୋଟିସ୍ ଜାରି କରିଥିଲେ। ଏହା ପୂର୍ବରୁ ଅଦାଲତ ଇଣ୍ଟରନେଟ୍ ସେବା ଅବାଧରେ ଚାଲୁ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ମୋହନଙ୍କ ଅନୁସାରେ, କେବଳ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ୱାଇ-ଫାଇ, ବ୍ରଡ୍‌ବ୍ୟାଣ୍ଡ ଓ ଅନ୍ୟାନ୍ୟ ଅଣ-ମୋବାଇଲ୍ ଇଣ୍ଟରନେଟ୍ ସେବା ଉପରେ କଟକଣା ଲାଗୁ ହୋଇନଥିଲା। ଆବଶ୍ୟକ ପରିସ୍ଥିତିରେ ଆଇନଗତ ସୁରକ୍ଷା ବ୍ୟବସ୍ଥା ଅନୁସରଣ କରି ସୀମିତ ଅଞ୍ଚଳ ଓ ସମୟ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇପାରିବ ବୋଲି ସେ ଯୁକ୍ତି ଦେଇଛନ୍ତି। ଏଥିସହ ଆବଶ୍ୟକ ପରିସ୍ଥିତିରେ ଆଇନ ଅନୁଯାୟୀ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ ଅନୁମତି ମିଳିବା ପାଇଁ ଅକ୍ଟୋବର ୧୧ର ନିର୍ଦ୍ଦେଶରେ ଆବଶ୍ୟକ ସଂଶୋଧନ କରିବାକୁ ଗୃହ ସଚିବ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି।

ଜ୍ଞାନେଶ କୁମାରଙ୍କ ପାଇଁ ମୋଦୀ-ଶାହା ନିଜ ଦେଶବାସୀଙ୍କ ବିରୋଧରେ ଯୁଦ୍ଧ କରୁଛନ୍ତି: ଦୀପ୍‌କେ

ନୂଆଦିଲ୍ଲୀ,୧୫ ।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ନିଜ ଦେଶର ନାଗରିକଙ୍କ ବିରୋଧରେ ଯୁଦ୍ଧ ଚଳାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତା ଅଭିଜିତ ଦୀପ୍‌କେ। ଗୁରୁବାର ନୂଆଦିଲ୍ଲୀରେ ନେହା ବୋରା ଓ ଅଭିନେତା ପ୍ରକାଶ ରାଜଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ୍ କରିଥିଲେ। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ କରୁଥିବା ଛାତ୍ର, ଯୁବକ ଓ ବିରୋଧୀ ନେତାଙ୍କୁ ଅଟକ ରଖାଯାଉଥିବା ସେ ଅଭିଯୋଗ କରିଥିଲେ। ମମତା ବାନାର୍ଜୀ, ଅରବିନ୍ଦ କେଜ୍ରିୱାଲ ଓ ପିନରାୟୀ ବିଜୟନଙ୍କ ସମେତ ବିରୋଧୀ ନେତାଙ୍କୁ ଅଟକ ରଖାଯିବା ପ୍ରସଙ୍ଗ ମଧ୍ୟ ସେ ଉଠାଇଥିଲେ। ୨୦୨୪ ଲୋକସଭା ନିର୍ବାଚନରେ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟ ମଧ୍ୟରେ ଭୋଟ୍ ବ୍ୟବଧାନ ପ୍ରାୟ ୨ ପ୍ରତିଶତ ଥିବା ଦର୍ଶାଇ ଦୀପ୍‌କେ ନିର୍ବାଚନ କମିସନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ଏସ୍‌ଆଇଆର୍ ପ୍ରକ୍ରିୟାରେ ୧୩ କୋଟି ଭୋଟରଙ୍କ ନାମ କଟିଥିବା ମଧ୍ୟ ସେ ଦାବି କରିଥିଲେ।

ଆଇଏଏସ୍ ଚାକିରି ଛାଡ଼ି ରାଜନୈତିକ ଦଳ ଗଢ଼ିଲେ ଦିବ୍ୟା ମିତ୍ତଲ

ନୂଆଦିଲ୍ଲୀ,୧୫ ।୧୦(ଏଜେନ୍ସି): ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ୧୩ ବର୍ଷ କାର୍ଯ୍ୟ କରିବା ପରେ ଚାକିରି ଛାଡ଼ିଥିବା

ପୂର୍ବତନ ଅଧିକାରୀ ଦିବ୍ୟା ମିତ୍ତଲ ଗୁରୁବାର ନିଜର ନୂଆ ରାଜନୈତିକ ଦଳ 'ଜନ-ନୀତି ଭାରତ ପାର୍ଟି' ଗଠନ ଘୋଷଣା କରିଛନ୍ତି। ଏହି ଦଳ ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଲଢ଼ିବ ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଏକ ଭିଡିଓ ବାର୍ତ୍ତାରେ ମିତ୍ତଲ ତାଙ୍କ ଦଳର ତିନୋଟି ପ୍ରମୁଖ ନୀତି ସମ୍ପର୍କରେ ଜଣାଇଛନ୍ତି। ତାଙ୍କ କହିବା ଅନୁଯାୟୀ, ସରକାରୀ ନୀତି ପ୍ରସ୍ତୁତିରେ ସାଧାରଣ ଲୋକଙ୍କ ମତାମତକୁ ପ୍ରାଥମିକତା ମିଳିବ। ସେହିପରି ଜାତି, ଧର୍ମ କିମ୍ବା ଅନ୍ୟ ପରିଚୟ ଆଧାରରେ ନୁହେଁ, ବରଂ ଲୋକଙ୍କ ଆବଶ୍ୟକତାକୁ ଆଧାର କରି ନିଷ୍ପତ୍ତି ନିଆଯିବ। ଏଥିସହ ସରକାରୀ କାର୍ଯ୍ୟର ହିସାବ ଜନସାଧାରଣ ମାଗିପାରିବେ ଏବଂ ଉତ୍ତରଦାୟିତ୍ୱ ମାଧ୍ୟମରେ ସଂସ୍କାର ଅଣାଯିବ ବୋଲି ସେ କହିଛନ୍ତି। ହରିୟାଣାର ରେୱାଡ଼ିରେ ଜନ୍ମିତ ମିତ୍ତଲ ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ୍ ବେଙ୍ଗାଲୁରୁରେ ଶିକ୍ଷା ଗ୍ରହଣ କରିଛନ୍ତି। ୨୦୧୩ରେ ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ୬୮ତମ ସ୍ଥାନ ହାସଲ କରି ଆଇଏଏସ୍‌ରେ ଯୋଗ ଦେଇଥିଲେ। ଉତ୍ତରପ୍ରଦେଶର ସନ୍ଥ କବୀର ନଗର, ମିର୍ଜାପୁର ଓ ଦେଓରିଆ ଜିଲ୍ଲାର ଜିଲ୍ଲାପାଳ ଭାବେ ସେ କାର୍ଯ୍ୟ କରିଥିଲେ।

୮ ବର୍ଷରେ ପ୍ରଶ୍ନପତ୍ର ଲିକ୍ ହୋଇନି: କେନ୍ଦ୍ର

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ଗଠନ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ କୌଣସି ପ୍ରଶ୍ନପତ୍ର ଲିକ୍ ହୋଇନାହିଁ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦାବି କରିଛି। ତେବେ ପରୀକ୍ଷାରେ ଅନିୟମିତତା ଓ ବାଧା ସୃଷ୍ଟି ହୋଇଥିବା ସ୍ୱୀକାର କରାଯାଇଛି। ଏନ୍‌ଟିଏ ସମ୍ପର୍କିତ ୪୭୪ଟି ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ଥିବା ସଂସଦୀୟ କମିଟି ରିପୋର୍ଟରେ ଉଲ୍ଲେଖ ରହିଛି। ରାଜ୍ୟସଭା ସାଂସଦ ମୁକୁଲ ୱାସନିକଙ୍କ ଅଧ୍ୟକ୍ଷତାରେ ଗଠିତ ଶିକ୍ଷା ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ଏହି ଦାବି ଉପରେ ଆପତ୍ତି ଉଠାଇଛି। ୨୦୨୪ରେ କେବଳ ନିଟ୍ ପରୀକ୍ଷା ସମ୍ପର୍କିତ ୩୫୬ଟି ମାମଲା ରୁଜୁ ହୋଇଥିବାବେଳେ ସୁପ୍ରିମକୋର୍ଟରେ ଏନ୍‌ଟିଏ ସମ୍ପର୍କିତ ୬୯ଟି ମାମଲା ବିଚାରାଧୀନ ରହିଛି। ଏପଟେ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ଜଣେ ଅଭିଯୁକ୍ତଙ୍କ ବିରୋଧରେ ଦିଲ୍ଲୀ ଅଦାଲତରେ ପୂରକ ଅଭିଯୋଗପତ୍ର ଦାଖଲ କରିଛି। ଏହି ମାମଲାରେ ଏଯାବତ୍ ୧୩ ଜଣ ଗିରଫ ହୋଇଛନ୍ତି। ପ୍ରଶ୍ନପତ୍ର ଲିକ୍, ଏତଲା ଓ ତଦନ୍ତର ସ୍ଥିତି ସମ୍ପର୍କିତ ତଥ୍ୟ ସାର୍ବଜନୀନ ନ ହେବା ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଏନ୍‌ଟିଏ ସମ୍ପର୍କିତ ସମସ୍ତ ମାମଲା ଓ ତଦନ୍ତର ସ୍ଥିତିକୁ ନେଇ ରିପୋର୍ଟ ପ୍ରସ୍ତୁତ କରି ତାହା ସାର୍ବଜନୀନ କରିବାକୁ କମିଟି ସୁପାରିସ କରିଛି। ଉଲ୍ଲେଖଯୋଗ୍ୟ, ୨୦୨୪ରେ ପରୀକ୍ଷାରେ ଅନିୟମିତତାକୁ ନେଇ ବିବାଦ ପରେ କେନ୍ଦ୍ର ସରକାର ସାର୍ବଜନୀନ ପରୀକ୍ଷାରେ ଅନୁଚିତ ଉପାୟ ରୋକିବା ପାଇଁ ଆଇନ ପ୍ରଣୟନ କରିଥିଲେ।

ଅଦାଲତରେ ୪୭୪ ମାମଲା

ରୁଷଠାରୁ ୩୦ ଲକ୍ଷ କୋଟିର ଇନ୍ଧନ କିଣିଛି ୟୁରୋପ

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ରୁଷଠାରୁ ତେଲ କିଣୁଥିବା ନେଇ ଭାରତ ଉପରେ ଚାପ ପକାଉଥିବା ୟୁରୋପୀୟ ଦେଶଗୁଡ଼ିକ ନିଜେ ମଧ୍ୟ ରୁଷଠାରୁ ବିପୁଳ ପରିମାଣରେ ତେଲ ଓ ଗ୍ୟାସ୍ କିଣୁଛନ୍ତି। ୨୦୨୨ ପରଠାରୁ ୟୁରୋପୀୟ ଦେଶଗୁଡ଼ିକ ରୁଷଠାରୁ ପ୍ରାୟ ୩୦ ଲକ୍ଷ କୋଟି ଟଙ୍କାର ଇନ୍ଧନ କିଣିଥିବା ରିପୋର୍ଟରେ ଦାବି କରାଯାଇଛି। ୨୦୨୬ର ପ୍ରଥମ ୯ ମାସରେ ଏହି କ୍ରୟର ପରିମାଣ ପ୍ରାୟ ୨.୦୩ ଲକ୍ଷ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ, ରୁଷର ତୈଳ କମ୍ପାନି ରୋଜନେଫ୍ଟର ଅଂଶଧନ ଥିବା ଗୁଜରାଟର ନାୟାରା ଏନର୍ଜି ବିଶୋଧନାଗାର ଉପରେ ୟୁରୋପୀୟ ସଂଘ ୨୦୨୫ ଜୁଲାଇରେ କଟକଣା ଲଗାଇଥିଲା। ଏହା ଭାରତ ଓ ୟୁରୋପର ରୁଷ ଇନ୍ଧନ ଆମଦାନି ନୀତିକୁ ନେଇ ପ୍ରଶ୍ନ ଉଠାଇଛି। ରୁଷର କହିବା ଅନୁଯାୟୀ, କଟକଣାରୁ ଛାଡ଼ ପାଇଥିବା କିଛି ପଥ ଦେଇ ୟୁରୋପକୁ ତେଲ ଓ ଗ୍ୟାସ୍ ଯୋଗାଣ ଜାରି ରହିଛି। ହଙ୍ଗେରୀ ଓ ସ୍ଲୋଭାକିଆକୁ ପାଇପ୍‌ଲାଇନ୍ ମାଧ୍ୟମରେ ରୁଷରୁ ତେଲ କିଣିବା ପାଇଁ ସ୍ୱତନ୍ତ୍ର ଛାଡ଼ ମିଳିଛି। କେତେକ ୟୁରୋପୀୟ କମ୍ପାନିର ରୁଷ ସହ ଦୀର୍ଘମିଆଦୀ ଇନ୍ଧନ ଯୋଗାଣ ଚୁକ୍ତି ମଧ୍ୟ ରହିଛି। ଆମେରିକା ମଧ୍ୟ କିଛି ପରିସ୍ଥିତିରେ ରୁଷ ଇନ୍ଧନ କିଣିବାକୁ ଅସ୍ଥାୟୀ ଛାଡ଼ ଦେଇଛି।

ରୁଷଠାରୁ ଇନ୍ଧନ ଆମଦାନି ସମ୍ପୂର୍ଣ୍ଣ ବନ୍ଦ କଲେ ୟୁରୋପରେ ଗ୍ୟାସ୍ ଓ ବିଦ୍ୟୁତ୍ ମୂଲ୍ୟ ବଢ଼ିବାର ଆଶଙ୍କା ରହିଛି। ଏହାଦ୍ୱାରା ସାଧାରଣ ପରିବାରଙ୍କ ଖର୍ଚ୍ଚ ବଢ଼ିବା ସହ ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟ ଅଧିକ ବ୍ୟୟର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟ ଦେଶରୁ ଗ୍ୟାସ୍ ଆମଦାନି ପାଇଁ ନୂଆ ବ୍ୟବସ୍ଥା ଓ ଅତିରିକ୍ତ ଖର୍ଚ୍ଚ ଆବଶ୍ୟକ ହେଉଥିବାରୁ ୟୁରୋପ ପାଇଁ ରୁଷ ଉପରେ ନିର୍ଭରଶୀଳତା ତୁରନ୍ତ କମାଇବା ସହଜ ନୁହେଁ। ୟୁରୋପୀୟ ସଂଘର ଶକ୍ତି ନିୟାମକ ସଂସ୍ଥାର ତଥ୍ୟ ଅନୁଯାୟୀ, ୨୦୨୬ ଜାନୁଆରିରୁ ମେ' ମଧ୍ୟରେ ପାଇପ୍‌ଲାଇନ୍ ଯୋଗେ ଆସୁଥିବା ରୁଷ ଗ୍ୟାସ୍ କ୍ରୟ ପୂର୍ବବର୍ଷର ସମାନ ଅବଧି ତୁଳନାରେ ୭ ପ୍ରତିଶତ ବଢ଼ିଥିଲା। ସେହିପରି ତରଳୀକୃତ ପ୍ରାକୃତିକ ଗ୍ୟାସ୍ କ୍ରୟ ୧୧ ପ୍ରତିଶତ ବୃଦ୍ଧି ପାଇଥିଲା। ଶକ୍ତି ଓ ସ୍ୱଚ୍ଛବାୟୁ ଗବେଷଣା କେନ୍ଦ୍ରର ତଥ୍ୟ ଅନୁଯାୟୀ, ୨୦୨୨ ଡିସେମ୍ବରରୁ ୨୦୨୬ ଅଗଷ୍ଟ ମଧ୍ୟରେ ରୁଷର ତରଳୀକୃତ ପ୍ରାକୃତିକ ଗ୍ୟାସ୍ ରପ୍ତାନିର ୪୯ ପ୍ରତିଶତ ୟୁରୋପୀୟ ସଂଘ କିଣିଥିଲା। ଚୀନ୍‌ର ଅଂଶ ଥିଲା ୨୪ ପ୍ରତିଶତ। ପାଇପ୍‌ଲାଇନ୍ ଯୋଗେ ରୁଷରୁ ଯୋଗାଣ ହେଉଥିବା ଗ୍ୟାସ୍‌ର ୩୨ ପ୍ରତିଶତ ୟୁରୋପୀୟ ସଂଘ କିଣିଥିବା ବେଳେ ଚୀନ୍‌ର ଅଂଶ ୩୧ ଏବଂ ତୁର୍କୀର ୨୯ ପ୍ରତିଶତ ଥିଲା। ଫ୍ରାନ୍ସ, ବେଲଜିୟମ୍, ସ୍ପେନ୍ ଓ ନେଦରଲାଣ୍ଡସ ରୁଷରୁ ଏଲ୍‌ଏନ୍‌ଜି କିଣୁଥିବା ପ୍ରମୁଖ ୟୁରୋପୀୟ ଦେଶ।

ଭାରତ ଉପରେ କିନ୍ତୁ ଚାପ
ନିଜେ ରୁଷ ଇନ୍ଧନର ବଡ଼ ଗ୍ରାହକ

୨୮ ସୁଦ୍ଧା ଭାରତ ଛାଡ଼ିବାକୁ ଅଭିନେତା ଇମ୍ରାନ୍ ଖାନ୍‌ଙ୍କୁ ନୋଟିସ୍

ମୁମ୍ବଇ, ୧୫।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ

ବିରୋଧରେ ପ୍ରତିବାଦରେ ସାମିଲ ହୋଇଥିବା ଅଭିନେତା ଇମ୍ରାନ୍ ଖାନ୍‌ଙ୍କୁ ମୁମ୍ବାଇ ପୁଲିସ ଭାରତ ଛାଡ଼ିବାକୁ ନୋଟିସ୍ ଜାରି କରିଛି। ଅକ୍ଟୋବର ୨୮ ସୁଦ୍ଧା ଦେଶ ଛାଡ଼ିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମେରିକାର ନାଗରିକ ଇମ୍ରାନ୍ ଏହି ନୋଟିସ୍‌କୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଅକ୍ଟୋବର ୧୦ରେ ମୁମ୍ବଇର ଅଗଷ୍ଟ କ୍ରାନ୍ତି ମୈଦାନରେ ହୋଇଥିବା ପ୍ରତିବାଦରେ ଇମ୍ରାନ୍ ସାମିଲ ହୋଇଥିଲେ। ଅନୁମତି ବିନା ସମାବେଶ କରାଯାଇଥିବା ପୁଲିସ କହିଥିଲା। ପୁଲିସର ସୂଚନା ଅନୁସାରେ, ଇମ୍ରାନ୍ ଭାରତୀୟ ନାଗରିକ ନୁହନ୍ତି। ତେଣୁ ତାଙ୍କ ବିରୋଧରେ ପ୍ରବାସନ ଓ ବିଦେଶୀ ନାଗରିକ ଆଇନ, ୨୦୨୫ର ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ନିଆଯାଇଛି। ଏହା ସହିତ ପ୍ରତିବାଦ ଘଟଣାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୨୩ ଓ ୧୮୯ ଅନୁଯାୟୀ ମାମଲା ରୁଜୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

ପ୍ରେମିକଙ୍କ ମୃତ୍ୟୁ ମାମଲା

ଆତ୍ମହତ୍ୟା ଧମକ ଦେଲେ ଅଭିଯୁକ୍ତ ଶ୍ରଦ୍ଧା

ଲକ୍ଷ୍ନୌ,୧୫ ।୧୦(ଏଜେନ୍ସି): ବ୍ୟବସାୟୀ ପ୍ରେମିକ ଶିବ ଶର୍ମାଙ୍କ ମୃତ୍ୟୁ ମାମଲାରେ ଅଭିଯୁକ୍ତ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ମେକ୍‌ଅପ୍ କଳାକାର ଶ୍ରଦ୍ଧା ଦୁବେ ଏକ ନୂଆ ଭିଡିଓ ଜାରି କରିଛନ୍ତି। ଗଣମାଧ୍ୟମ ତାଙ୍କୁ

ଦୋଷୀ ଭାବେ ଚିତ୍ରଣ କରିବା ଜାରି ରଖିଲେ ସେ ଆତ୍ମହତ୍ୟା କରିବେ ବୋଲି ଭିଡିଓରେ ଧମକ ଦେଇଛନ୍ତି। ତେବେ ଶିବଙ୍କ ମୃତ୍ୟୁକୁ ନେଇ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଚାଲିଛି। ଶ୍ରଦ୍ଧାଙ୍କ ଦାବି ଅନୁଯାୟୀ, ଘଟଣା ପୂର୍ବରୁ ଉଭୟଙ୍କ ମଧ୍ୟରେ ୬ରୁ ୭ ଦିନ ଧରି କଥାବାର୍ତ୍ତା ହୋଇନଥିଲା। ଅକ୍ଟୋବର ୯ ତାରିଖରେ ଶିବ ତାଙ୍କ ଫ୍ଲାଟ୍‌ର ବାଲକୋନିରୁ ଡେଇଁ ପଡ଼ିଥିବା ସେ ଭିଡିଓରେ କହିଛନ୍ତି। ଶିବ ଋଣଭାରକୁ ନେଇ ଚିନ୍ତିତ ଥିଲେ ଏବଂ ତାଙ୍କ ଉପରେ ୧୫ରୁ ୨୦ ଲକ୍ଷ ଟଙ୍କାର ଋଣ ଥିଲା ବୋଲି ଶ୍ରଦ୍ଧା ଦାବି କରିଛନ୍ତି। ଅନ୍ୟପକ୍ଷରେ, ଶିବଙ୍କ ମା' ରଞ୍ଜନା ଶର୍ମା ଶ୍ରଦ୍ଧାଙ୍କ ବିରୋଧରେ ଅଶ୍ଳୀଳ ଭିଡିଓ ପ୍ରସାରଣ କରିବାର ଧମକ ଓ ଶାରୀରିକ ନିର୍ଯାତନା ସମ୍ପର୍କିତ ଅଭିଯୋଗ ଆଣିଛନ୍ତି। ବିବାହକୁ ନେଇ ମତଭେଦ ଥିବା ମଧ୍ୟ ସେ ଦାବି କରିଛନ୍ତି। ଏହି ମାମଲାରେ ଶ୍ରଦ୍ଧା, ତାଙ୍କ ଭଉଣୀ ରଶ୍ମି, ଡ୍ରାଇଭର ଦାନିଶ, ଆଦିଲ ଓ ଅନ୍ୟ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ନାମରେ ଏତଲା ହୋଇଛି। ଉଭୟ ପକ୍ଷର ଦାବି ଓ ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ।

ବୁଲା କୁକୁରକୁ ଯୌନ ନିର୍ଯାତନା ଅଭିଯୋଗ

ଆରା,୧୫।୧୦(ଏଜେନ୍ସି): ବିହାରର ଭୋଜପୁର ଜିଲ୍ଲାରେ ଏକ ମାଈ ବୁଲା କୁକୁରକୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ୪୫ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ଦୀପଚନ୍ଦ ରାମଙ୍କର ୬ଟି ସନ୍ତାନ ଥିବା ଜଣାପଡ଼ିଛି। ଅକ୍ଟୋବର ୭ରେ ଏତଲା ରୁଜୁ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସନ୍ଦେଶ ଥାନା ଅନ୍ତର୍ଗତ ବିଛିଆଁ ଗାଁର ବାସିନ୍ଦା ଦୀପଚନ୍ଦଙ୍କ ବିରୋଧରେ ସ୍ଥାନୀୟ ପଶୁସେବୀ ମୁକେଶ କୁମାର ଅଭିଯୋଗ କରିଛନ୍ତି। ଅକ୍ଟୋବର ୫ ରାତିରେ ଅଭିଯୁକ୍ତ ଏକ ମାଈ କୁକୁରକୁ ନିଜ ଘରର ଏକ କୋଠରିକୁ ନେଇ ଯୌନ ନିର୍ଯାତନା ଦେଇଥିବା ସେ ଦାବି କରିଛନ୍ତି। ଘଟଣାର ଭିଡିଓ ମଧ୍ୟ ରେକର୍ଡ କରିଥିବା ଅଭିଯୋଗକାରୀ କହିଛନ୍ତି। ଏହି ମାମଲାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୭୨ ଓ ୩୨୫ ସହ ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ, ୧୯୬୦ର ଧାରା ୧୧(୧)(କ) ଓ ୧୧(୧)(ସ) ଅନୁଯାୟୀ ମାମଲା ରୁଜୁ ହୋଇଛି।

୬ ସନ୍ତାନର ପିତା ନାଁରେ ମାମଲା

ଧର୍ମ ପରିବର୍ତ୍ତନ କଲେ ମିଳିବନି ପୂର୍ବ ଜାତିଭିତ୍ତିକ ସଂରକ୍ଷଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ଇସଲାମ ଧର୍ମ ଗ୍ରହଣ କରିବା ପରେ ପୂର୍ବ ଜାତିଭିତ୍ତିକ ସଂରକ୍ଷଣ ସୁବିଧା ଦାବି କରାଯାଇପାରିବ ନାହିଁ ବୋଲି ମାଡ୍ରାସ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ବିଚାରପତି ପିକେ ମିଶ୍ର ଓ ଶ୍ରୀ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ କହିଛନ୍ତି ଯେ ହିନ୍ଦୁ ସାମାଜିକ ବ୍ୟବସ୍ଥାରୁ ଅଣହିନ୍ଦୁ ଧର୍ମକୁ ପରିବର୍ତ୍ତିତ ହୋଇଥିବା ବ୍ୟକ୍ତି ପୂର୍ବ ଜାତି ପରିଚୟ ଆଧାରରେ ଏଭଳି ସୁବିଧା ଦାବି କରିପାରିବେ ନାହିଁ। ତାମିଲନାଡୁ ସରକାରଙ୍କ ଏକ ନିଷ୍ପତ୍ତିକୁ ନେଇ ଏହି ମାମଲା ହୋଇଥିଲା। ରାଜ୍ୟ ସରକାର ଇସଲାମ ଧର୍ମ ଗ୍ରହଣ କରିଥିବା କେତେକ ପଛୁଆ ବର୍ଗର ବ୍ୟକ୍ତିଙ୍କୁ ପଛୁଆ ବର୍ଗର ମୁସଲମାନ ଭାବେ ସ୍ୱୀକୃତି ଦେଇଥିଲେ। ମାଡ୍ରାସ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରିଥିଲେ। ଏହା ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଇଥିଲେ। ମାମଲାଟି 'ସରକାରଙ୍କ ସଚିବ ବନାମ ସମୀର ଅହମ୍ମଦ ଏନ୍' ସହ ଜଡ଼ିତ। ତାମିଲନାଡୁର ତୁତିକୋରିନ୍ ଜିଲ୍ଲାରେ ହିନ୍ଦୁ ପରିବାରରେ ଜନ୍ମିତ ସମୀର ଅହମ୍ମଦ ପୂର୍ବରୁ ପରମଶିବମ୍ ନାମରେ ପରିଚିତ ଥିଲେ। ସେ ୨୦୧୫ରେ ଇସଲାମ ଧର୍ମ ଗ୍ରହଣ କରିବା ପରେ ମୁସଲିମ୍ ଲେବ୍ବାଇ ସମ୍ପ୍ରଦାୟର ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ତହସିଲଦାର ତାଙ୍କ ଆବେଦନ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ଶାନ୍ତନୁ କୁମାର ଦାଶ
ଚୁକୁଣା ଶାସନ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ - ୧୭/୦୨/୧୯୫୬
ତିରୋଧାନ - ୦୬/୧୦/୨୦୨୬
ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଅମର ଆତ୍ମାକୁ ଶାନ୍ତି ଓ ସଦଗତି ପ୍ରାପ୍ତ ହେଉ।
ଶୋକସନ୍ତପ୍ତ: ହତଭାଗିନୀ ସ୍ତ୍ରୀ, ଭାଇ, ଝିଅ-ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ, କୁଟୁମ୍ବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଆମେରିକାରେ ହିନ୍ଦୁ ମନ୍ଦିରରେ ଗଣହତ୍ୟା ଷଡ଼ଯନ୍ତ୍ର ପଣ୍ଡ

ଇଲିନୟ,୧୫।୧୦(ଏଜେନ୍ସି): ଆମେରିକାର ଇଲିନୟ ରାଜ୍ୟରେ ଏକ ହିନ୍ଦୁ ମନ୍ଦିର ଉପରେ ଗଣହତ୍ୟା ଉଦ୍ଦେଶ୍ୟରେ ଗୁଳିକାଣ୍ଡ ଯୋଜନା କରିଥିବା ଅଭିଯୋଗରେ ପୁଲିସ ୧୯ ବର୍ଷୀୟ ଆଲେକ୍ସାଣ୍ଡ୍ରୋସ୍ ପାପୋରାକିସ୍‌ଙ୍କୁ ଗିରଫ କରିଛି। ନବରାତ୍ରିର ପ୍ରଥମ ଦିନରେ ଆକ୍ରମଣ ଯୋଜନା ଥିବା ନେଇ ରିପୋର୍ଟରେ ଦାବି କରାଯାଇଛି। ତେବେ ଅଭିଯୁକ୍ତଙ୍କ ବନ୍ଧୁକ ଅଚଳ ହୋଇଯିବାରୁ ଆକ୍ରମଣ ଯୋଜନା ବିଫଳ ହୋଇଥିବା ଶୀର୍ଷକରେ ଉଲ୍ଲେଖ ରହିଛି। ପାଲାଟାଇନ୍ ପୁଲିସ ବିଭାଗ ସମ୍ପର୍କିତ ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୧୧ରେ ମାଉଣ୍ଟ ପ୍ରସ୍ପେକ୍ଟ ପୁଲିସକୁ ଜଣେ ବ୍ୟକ୍ତି ଏହି ଧମକ ସମ୍ପର୍କରେ ସୂଚନା ଦେଇଥିଲେ। ଅଭିଯୁକ୍ତଙ୍କଠାରୁ ମିଳିଥିବା ବାର୍ତ୍ତାରେ ଏକ ହିନ୍ଦୁ ମନ୍ଦିରରେ ଗୁଳିକାଣ୍ଡ ଘଟାଇବାର ଯୋଜନା ଥିବା ଏକ ଦସ୍ତାବିଜ୍ ସାମିଲ ଥିଲା। ପୁଲିସ ତଦନ୍ତ ପରେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ବାହାରୁଥିବା ସମୟରେ ଗିରଫ କରିଥିଲା। ଘରେ ତଲାସି ବେଳେ ପୁଲିସ ଏକ ବନ୍ଧୁକ, ଗୁଳି ରଖିବା ମାଗାଜିନ୍, ଶରୀର ସୁରକ୍ଷା ପୋଷାକ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ସମ୍ପର୍କିତ ଫଟୋ ଓ ସାମଗ୍ରୀ ମିଳିଥିବା ରିପୋର୍ଟରେ କୁହାଯାଇଛି। ଏକ ଚରମପନ୍ଥୀ

୧୯ ବର୍ଷୀୟ ଯୁବକ ଗିରଫ
ନବରାତ୍ରିର ପ୍ରଥମ ଦିନରେ ଅଭିଯୁକ୍ତର ଆକ୍ରମଣ ଯୋଜନା
ବନ୍ଧୁକ ଅଚଳ ହେବାରୁ ବଡ଼ ଅଘଟଣ ଟଳିଥିବା ରିପୋର୍ଟ



ଗୋଷ୍ଠୀ ସହ ସମ୍ପର୍କିତ ପ୍ରତୀକ ଥିବା ଜ୍ୟାକେଟ୍ ମଧ୍ୟ ଜବତ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ଆତଙ୍କବାଦୀ ଧମକ ଦେବା ଏବଂ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗ ଲାଗିଛି। ବୁଧବାର ଅଦାଲତରେ ଶୁଣାଣି ପରେ ବିଚାରପତି ତାଙ୍କୁ ହାଜତରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିକାଗୋରେ ଥିବା ଏଫ୍‌ବିଆଇର ଅଧିକାରୀ ରାୟାନ୍ ହ୍‌ୱେଲେନ୍ କହିଛନ୍ତି, ଚରମପନ୍ଥୀ ବିଚାରଧାରା ସହ ଜଡ଼ିତ ହିଂସା ଧମକର ଚିହ୍ନଟ ଓ ତଦନ୍ତ ପାଇଁ ଏଫ୍‌ବିଆଇ ସ୍ଥାନୀୟ ପୁଲିସ ସହ ମିଶି କାମ କରୁଛି। ତେବେ ଅଭିଯୁକ୍ତ କେଉଁ ମନ୍ଦିରକୁ ଟାର୍ଗେଟ୍ କରିଥିଲେ, ତାହା ପୁଲିସ ସ୍ପଷ୍ଟ କରିନାହିଁ। ପୂର୍ବରୁ ମଧ୍ୟ ଆମେରିକାରେ ହିନ୍ଦୁ ମନ୍ଦିର ଉପରେ ଏକାଧିକ ବାର ଆକ୍ରମଣ ହୋଇଛି।

କଟକ ଚଣ୍ଡୀ
ମାଟି ତଳୁ ଆବିର୍ଭୂତା ମା’

■ ଭକ୍ତି ଭୂଷଣ ମହାନ୍ତି

ଭାଇଚାରାର ସହର କଟକର ହୃଦ୍‌ସ୍ପନ୍ଦନ ହେଉଛନ୍ତି ମା’ କଟକ ଚଣ୍ଡୀ । ନଗରୀର ସୁରକ୍ଷା କବଚ ସାଜିଥିବା ମା’ଙ୍କ ଏହି ପୀଠ କେବଳ ଏକ ଧାର୍ମିକ ସ୍ଥାନ ନୁହେଁ, ବରଂ ଓଡ଼ିଶାର ଶାକ୍ତ ସଂସ୍କୃତି ଏବଂ ମା’ଙ୍କ ଅପାର ମହିମାର ଏକ ଜୀବନ୍ତ ପ୍ରତୀକ ।

ଅଲୌକିକ କିମ୍ବଦନ୍ତୀ

ମା’ କଟକ ଚଣ୍ଡୀଙ୍କ ଆବିର୍ଭାବ ସମ୍ପର୍କରେ ଏକ ବେଶ୍ ରୋଚକ ଓ ଅଲୌକିକ କିମ୍ବଦନ୍ତୀ ଜଡ଼ିତ । ରାଜାଙ୍କ ଅମଳରେ ଚଣ୍ଡୀସେକରୀ (ବର୍ତ୍ତମାନର ଚଣ୍ଡୀଛକ ଅଞ୍ଚଳ) ନିକଟସ୍ଥ ଜମିରେ ଗାଇ ଚରୁଥିବା ସମୟରେ ହଂସପଣ୍ଡା ନାମକ ଜଣେ ବ୍ୟକ୍ତି ମାଟି ତଳେ ଏକ ଦିବ୍ୟଶକ୍ତିର ସନ୍ଧାନ ପାଇଥିଲେ । ରାତିରେ ମା’ ଜଗତଜନନୀ ସ୍ୱପ୍ନାଦେଶ ଦେଇ ସେହି ସ୍ଥାନରେ ନିଜର ଆବିର୍ଭାବ ସମ୍ପର୍କରେ ଜଣାଇଥିଲେ । ପରବର୍ତ୍ତୀ ସମୟରେ ଖୋଳାଯିବା ପରେ ମା’ଙ୍କର ଚତୁର୍ଭୁଜା ପ୍ରତିମା ପ୍ରକଟ ହୋଇଥିଲା । ସେହିଦିନଠାରୁ ହଂସପଣ୍ଡାଙ୍କ ବଂଶଧରମାନେ ମା’ଙ୍କର ପାରମ୍ପରିକ ମୂଳ ସେବାୟତ ଭାବେ ନୀତିକାନ୍ତି ପରିଚାଳନା କରିଆସୁଛନ୍ତି । ୧୯୩୨ ମସିହାରେ ବର୍ତ୍ତମାନର ଗର୍ଭଗୃହ ଓ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା ।

ଦେବୀଙ୍କ ଦିବ୍ୟ ସ୍ୱରୂପ

ମା’ କଟକ ଚଣ୍ଡୀ ହେଉଛନ୍ତି ଜଗତଜନନୀ ଦୁର୍ଗାଙ୍କର ସାତ୍ତ୍ୱିକ, କରୁଣାମୟୀ ଏବଂ ଅଭୟଦାୟିନୀ ସ୍ୱରୂପ । ଦେବୀ ଚତୁର୍ଭୁଜା-ସୁବର୍ଣ୍ଣ ଓ ରଜତ ଅଳଙ୍କାରରେ ସଦାସର୍ବଦା ଭୂଷିତ । ଦେବୀଙ୍କ ଚାରି ହାତରେ ପାଶ, ଅଙ୍କୁଶ, ବରଦା ଓ ଅଭୟ ମୁଦ୍ରା ଶୋଭାପାଏ । ମନ୍ଦିର ବେଢ଼ା ମଧ୍ୟରେ ଶ୍ରୀଗଣେଶ, ମା’ ଭୁବନେଶ୍ୱରୀ, ହନୁମାନ, ଶିବ ଏବଂ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ ବିରାଜମାନ । ମନ୍ଦିରର ଶାନ୍ତ ଓ ଆଧ୍ୟାତ୍ମିକ ପରିବେଶ ପ୍ରତିଦିନ ହଜାର ହଜାର ଭକ୍ତଙ୍କୁ ଆକୃଷ୍ଟ କରିଥାଏ ।

ମା’ଙ୍କ ପୀଠରେ ଅନ୍ନଭୋଗ, ଖେଚୁଡ଼ି, ଏଣ୍ଡୁରି ପିଠା, ପଣା ଭୋଗ ଏବଂ ଅର୍ଦ୍ଧରାତ୍ରିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ । ମା’ କଟକ ଚଣ୍ଡୀଙ୍କ ପୀଠରେ ଶାରଦୀୟ ଦୁର୍ଗୋତ୍ସବର ପୂଜାର୍ଚ୍ଚନା ଏବଂ ଷୋଳଦିନାତ୍ମକ ନୀତିକାନ୍ତି ଅତ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଇଥାଏ ।

ଶୟନ ଉତ୍ସବଠାରୁ ମୂଳାଷ୍ଟମୀ ପର୍ଯ୍ୟନ୍ତ ବିଶ୍ରାମ

ରାଧାଷ୍ଟମୀ ଦିନ ରାତିରେ ପାରମ୍ପରିକ ‘ଶୟନ ଉତ୍ସବ’ ଅନୁଷ୍ଠିତ ହେବା ପରେ ମା’ ୧୫ ଦିନ ପାଇଁ ବିଶ୍ରାମ ନିଅନ୍ତି । ଏହାପରେ ମୂଳାଷ୍ଟମୀ ଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ସହସ୍ର କୁମ୍ଭାଭିଷେକ କରାଯାଏ ଏବଂ ଅପରାହ୍ନରେ ଗଡ଼ଗଡ଼ିଆ ଘାଟରୁ ପବିତ୍ର ଘଟ ଆସି ସ୍ଥାପନ କରାଯିବା ପରେ ଦୀର୍ଘ ୧୬ ଦିନିଆ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୁଏ ।

ଦିବ୍ୟ ବେଶ

୧୬ ଦିନ ଧରି ମା’ଙ୍କୁ ଭୁବନେଶ୍ୱରୀ, ମାତାଙ୍ଗୀ, ରାଜରାଜେଶ୍ୱରୀ, ଷୋଡ଼ଶୀ ଏବଂ ହରଚଣ୍ଡୀ ଭଳି ଦିବ୍ୟ ରୂପରେ ସଜ୍ଜିତ କରାଯାଏ । ଷଷ୍ଠୀଠାରୁ ଗାୟତ୍ରୀ, ବଗଳାମୁଖୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଏବଂ ବିଜୟାଦଶମୀ ଦିନ ମହାଶକ୍ତିଶାଳୀ ‘ମହିଷାମର୍ଦ୍ଦିନୀ’ ବେଶରେ ଦର୍ଶନ ଦେବା ପରେ ଘଟ ବିସର୍ଜନ କରାଯାଇଥାଏ ।

ସଙ୍କଟହାରିଣୀ ମା’ କଟକ ଚଣ୍ଡୀ

“ମା’ କଟକ ଚଣ୍ଡୀ ହେଉଛନ୍ତି କରୁଣାର ସାଗର । ମା’ କେବେବି ଭକ୍ତଙ୍କୁ ଜାତି, ଧର୍ମ କିମ୍ବା ବର୍ଣ୍ଣ ଦୃଷ୍ଟିରୁ ବିଚାର କରନ୍ତି ନାହିଁ; ସେ କେବଳ ଭକ୍ତି ଓ ସମର୍ପଣକୁ ଦେଖନ୍ତି ।” ମନର ସମସ୍ତ ଅହଂକାର ଓ କୁଟିଳତାକୁ ପଛରେ ପକାଇ ସମ୍ପୂର୍ଣ୍ଣ ବିନମ୍ରତା ଏବଂ ଅଟଳ ବିଶ୍ୱାସ ସହ ମା’ଙ୍କ ଚରଣରେ ନିଜକୁ ସମର୍ପଣ କରିଦେବା ଉଚିତ୍ । ଯେଉଁ ଭକ୍ତ ସଚ୍ଚୋଟ ମନରେ ମା’ଙ୍କୁ ଡାକିଥାଏ, ମା’ ତା’ର ସମସ୍ତ ଦୁଃଖ ଓ ସଙ୍କଟ ଦୂର କରିଥା’ନ୍ତି ।”

- ମନୋଜ ପଣ୍ଡା, ସେବକ ପ୍ରତିନିଧି

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ
ମା’ ସମଲେଇ

■ ସୁକାନ୍ତ କୁମାର କର

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପୀଠରେ ମୂଳାଷ୍ଟମୀଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇ ମହାଷ୍ଟମୀରେ ସମ୍ପୂର୍ଣ୍ଣ ହୋଇଥାଏ । ବର୍ଷତମାମ ମା’ ସିନ୍ଦୂରମୁଖୀ ବେଶରେ ଦର୍ଶନ ଦେଉଥିବାବେଳେ ମହାଳୟାରେ ଅଢ଼େଇଦିନ ପାଇଁ ଶୁଭ୍ର ବେଶ ଧାରଣ କରନ୍ତି । ବିଶ୍ୱାସ ରହିଛି, ସମଲେଶ୍ୱରୀଙ୍କୁ ଧବଳମୁଖୀ ବେଶରେ ଦର୍ଶନ କଲେ ଗଙ୍ଗା ଦର୍ଶନର କୋଟି ପୂଣ୍ୟ ପ୍ରାପ୍ତି ହୁଏ ।

ଷୋଡ଼ଶ ଉପଚାର ପୂଜା

ଷୋଡ଼ଶ ଉପଚାର ସମୟରେ ମା’ ସମଲେଶ୍ୱରୀଙ୍କୁ ଦୈନିକ ଭିନ୍ନ ବେଶ ଏବଂ ଶୃଙ୍ଗାର କରାଯାଏ । ସମଲେଶ୍ୱରୀଙ୍କ ଷୋହଳ ଜ୍ୟୋତି ରୂପ ଯଥା - ଦୁର୍ଗା, ନାରାୟଣୀ, ଈଶାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ଶର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ । ମୂଳାଷ୍ଟମୀରୁ ମହାଷ୍ଟମୀ ଯାଏ ପ୍ରତିଦିନ ମା’ଙ୍କୁ ଭିନ୍ନ ଭୋଗ ଅର୍ପଣ କରିବା ସହ ଭୁବନେଶ୍ୱରୀ ମନ୍ତ୍ରରେ ପୂଜାର୍ଚ୍ଚନା କରିବା ପରମ୍ପରା ରହିଛି । ପ୍ରତିଦିନ ସନ୍ଧ୍ୟାରେ ମା’ଙ୍କୁ ଶୃଙ୍ଗାର କରାଯାଇ ମହାଆଳତୀ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ । ଏଠାରେ ଷୋଡ଼ଶ ଉପଚାର ପୂଜାରେ ମା’ ଜଗଦମ୍ବାଙ୍କ ଷୋହଳ ଜ୍ୟୋତି ରୂପ ହେଉଥିବାରୁ ଦଶ ମହାବିଦ୍ୟା ବା ନବଦୁର୍ଗା ବେଶ ହୋଇ ନ ଥାଏ । ସେହିଭଳି ପବିତ୍ର ମହାଳୟା ତିଥିରେ ମା’ ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦିଅନ୍ତି । ବର୍ଷ ତମାମ ମାଆ ସମଲେଇ ରକ୍ତମୁଖୀ ବେଶରେ ପୂଜା ପାଉଥିବା ବେଳେ କେବଳ ମହାଳୟା ଦିନ ହିଁ ମାଆଙ୍କୁ ଧବଳମୁଖୀ ବେଶରେ ସଜ୍ଜିତ କରାଯାଏ । ମହାଳୟା ମଧ୍ୟରାତ୍ରିରୁ ମାଆଙ୍କ ଗୁପ୍ତ ନୀତିକାନ୍ତି ଓ ମାର୍ଜନା ଆରମ୍ଭ ହୋଇ ଭୋର ସମୟରେ ଏହି ଦିବ୍ୟ ବେଶ ସମ୍ପନ୍ନ ହୁଏ ଏବଂ ଭକ୍ତମାନେ ଦିନସାରା ମାଆଙ୍କର ଏହି ଦୁର୍ଲଭ ରୂପ ଦର୍ଶନ କରିବାର ସୁଯୋଗ ପାଆନ୍ତି ।

“ସମ୍ବଲପୁରର ଚୌହାନ ରାଜା ବଳରାମ ଦେବଙ୍କ ଅମଳରୁ ମା’ ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଚାଲିଆସିଛି । ସେତେବେଳେ ରାଜାମାନେ ଭିନ୍ନ ଭିନ୍ନ ଗୋତ୍ରର ବ୍ରାହ୍ମଣଙ୍କୁ ଆଣି ଭୋଗ ଅର୍ପଣ କରିବା ବିଧି ଥିଲା । ଦେବୀଙ୍କଠାରେ ଚଣ୍ଡ ଅର୍ପଣ ପରେ ନିଷ୍ଠାବାନ ବ୍ରାହ୍ମଣଙ୍କୁ ଭୋଗ ପ୍ରଦାନ କରିବା ପରେ ରାଜା ଭୋଗ ଗ୍ରହଣ କରି ଉପବାସ ଭଙ୍ଗ କରୁଥିଲେ । ସେହିଭଳି ବିଧି ଏବେ ବି ଚାଲିଆସିଛି । ଷୋଡ଼ଶ ଉପଚାର ପୂଜା ସମୟରେ ଷୋହଳ ଦିନ ପର୍ଯ୍ୟନ୍ତ ଉପବାସ ରଖି ଦେବୀ ଓ ନୈଷ୍ଠିକ ବ୍ରାହ୍ମଣଙ୍କୁ ଅର୍ପଣ ପରେ ରାତିରେ ନିଜେ ଗ୍ରହଣ କରିଥାନ୍ତି ବୋଲି ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି ।”

-ମନ୍ଦିରର ମୁଖ୍ୟ, ଅମ୍ବିକା ପ୍ରସାଦ ରାୟ

ଅଖଣ୍ଡ ଦୀପ ପ୍ରଜ୍ୱଳନ

ନବରାତ୍ରରେ ଦୀପ ପ୍ରଜ୍ୱଳନ ସହ ଭକ୍ତଙ୍କ ଭାବାବେଗ ଜଡ଼ିତ । ଶାରଦୀୟ ଓ ବାସନ୍ତୀକ ନବରାତ୍ର ସମୟରେ ଶ୍ରଦ୍ଧାଳୁ ମାନସିକ ଓ ପାରିବାରିକ ଶାନ୍ତି, ଶତ୍ରୁଭୟ ନିବାରଣ, ରୋଗଶୋକରୁ ମୁକ୍ତି, ବିବାହ, ସନ୍ତାନପ୍ରାପ୍ତି ଆଦି ପାଇଁ ଦୀପ ପ୍ରଜ୍ୱଳନ କରନ୍ତି । ପୂର୍ବରୁ ଦଶହରା ଓ ଚୈତ୍ର ମାସରେ ସମଲେଶ୍ୱରୀ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଉଥିବାବେଳେ ମାନସିକ ଦୀପ ସଂଖ୍ୟା ବୃଦ୍ଧି ହେବାରୁ ସଂଲଗ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା । ସେଠାରେ ହଜାର ହଜାର ସଂଖ୍ୟାରେ ଦୀପ ପ୍ରଜ୍ୱଳିତ ହେଉଥିଲା ।

ପୁଅ ଜିଉଁତିଆ

ପୁଅ ଜିଉଁତିଆ ପଶ୍ଚିମ ଓଡ଼ିଶାର ଏକ ସମୃଦ୍ଧ ସାଂସ୍କୃତିକ ପରମ୍ପରା । ଆଶ୍ୱିନ ମୂଳାଷ୍ଟମୀ ତିଥିରେ ମା’ମାନେ ଦୂତିବାହନ ପୂଜା କରି ପୁଅ ଜିଉଁତିଆରେ ସମଲେଶ୍ୱରୀ ମନ୍ଦିରରେ ମାଙ୍କୁ ଦୁବଫୁଲ ଚଢ଼ାଇଥାନ୍ତି ଏବଂ ପରଦିନ ସେହି ଦୁବଫୁଲରେ ପୁଅଙ୍କୁ ବନ୍ଦାପନା କରିବା ବିଧି ରହିଛି । ପୁଅ ଜିଉଁତିଆଠାରୁ ମା’ଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୁଏ ।

ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ଶକ୍ତିପୀଠ ଏବଂ ଦେବପୀଠଗୁଡ଼ିକର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ-ଉତ୍କଳ ଭୂଖଣ୍ଡର କୋଣ-ଅନୁକୋଣରେ ମହାମାୟାଙ୍କ ଭିନ୍ନ ଭିନ୍ନ ସ୍ୱରୂପ ବିରାଜମାନ କରି ଜନଜୀବନକୁ ଆଧ୍ୟାତ୍ମିକ ସୂତ୍ରରେ ବାନ୍ଧି ରଖିଛନ୍ତି । ଏହି ଶକ୍ତିପୀଠଗୁଡ଼ିକ ଓଡ଼ିଶାର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଚେତନାକୁ ଯୁଗ ଯୁଗ ଧରି ସୁରକ୍ଷିତ କରି ରଖିଛନ୍ତି । ରୌପ୍ୟ ସହର କଟକର ଅଧିଷ୍ଠାତ୍ରୀ ଦେବୀ ମା’ କଟକଚଣ୍ଡୀ, ଗଦାକ୍ଷେତ୍ରର ଅଧିଷ୍ଠାତ୍ରୀ ମା’ ବିରଜା ଏବଂ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ -ଏହି ତିନି ମହାଶକ୍ତିଙ୍କ କୃପାରୁ ଓଡ଼ିଶାର କୋଣ-ଅନୁକୋଣ ଭକ୍ତିରସରେ ପ୍ଲାବିତ । ଏହି ତିନି ମହାଶକ୍ତି ଓଡ଼ିଶାର ଭୌଗୋଳିକ ସୀମାରେଖାକୁ ଭକ୍ତି ଓ ସଂସ୍କୃତିର ଏକ ଅଦୃଶ୍ୟ ସୂତାରେ ଯୋଡ଼ି ରଖିଛନ୍ତି । ଶାରଦୀୟ ଦୁର୍ଗାପୂଜା ହେଉ କିମ୍ବା ବର୍ଷସାରାର ବିଭିନ୍ନ ପର୍ବପର୍ବାଣି, ଏହି ତିନି ପୀଠରେ ଓଡ଼ିଆ ସଂସ୍କୃତିର ଭିନ୍ନ ଭିନ୍ନ ଝଲକ ଦେଖିବାକୁ ମିଳେ । ଓଡ଼ିଶାର ଏହି ତିନି ଗୌରବମୟ ଶକ୍ତିପୀଠର କିଛି ଅନନ୍ୟ ଓ ନିଆରା ପରମ୍ପରାକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା ।

ଯାଜପୁରର ଅଧିଷ୍ଠାତ୍ରୀ
ମା’ ବିରଜା

ଯଜ୍ଞକୁଣ୍ଡରୁ ମା’ଙ୍କ ଆବିର୍ଭାବ

ପୌରାଣିକ କଥାବସ୍ତୁ ଅନୁଯାୟୀ, ସୃଷ୍ଟି ରଚନା ସମୟରେ ପବିତ୍ର ବୈତରଣୀ ନଦୀ କୂଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଏକ ମହାଯଜ୍ଞର ଆୟୋଜନ କରିଥିଲେ । ସେହି ଯଜ୍ଞକୁଣ୍ଡରୁ ସ୍ୱୟଂ ଆଦିଶକ୍ତି ମା’ ବିରଜା ପ୍ରକଟ ହୋଇଥିଲେ । ମା’ ପ୍ରକଟ ହେବାପରେ ବ୍ରହ୍ମାଙ୍କୁ ସୃଷ୍ଟି କାର୍ଯ୍ୟ ଆଗକୁ ବଢ଼ାଇବା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ । ଆଉ କେହି କେହି ମା ବିରଜା ମନ୍ଦୀର ନିକଟରେ ରହିଥିବା ବ୍ରହ୍ମାକୁଣ୍ଡରୁ ମାଙ୍କ ଆର୍ବିଭାବ ହୋଇଥିବା ମତ ଦିଅନ୍ତି । ସେଥିପାଇଁ ଆଜି ବି ସେହି ବ୍ରହ୍ମାକୁଣ୍ଡକୁ ପୂଣ୍ୟସ୍ଥଳୀ ଭାବେ ଶ୍ରଦ୍ଧାଳୁ ବିବେଚନା କରିଥାନ୍ତି । ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ମା’ ବିରଜା ଧରାପୃଷ୍ଠରେ ଆବିର୍ଭାବ ହୋଇଥିବାରୁ ଏହି ଦିନକୁ ମା’ଙ୍କର ସ୍ୱନକ୍ଷତ୍ର ବା ଜନ୍ମୋତ୍ସବ ଭାବେ ପାଳନ କରାଯାଏ । ସେହିଦିନ ମା’ ଭକ୍ତମାନଙ୍କୁ ସାବିତ୍ରୀ ବେଶରେ ଦର୍ଶନ ଦିଅନ୍ତି ।

■ ସନ୍ଦୀପ୍ତ ରାୟ

ସମଗ୍ର ଭାରତ ବର୍ଷରେ ରହିଥିବା ୫୧ଟି ଶକ୍ତିପୀଠ ମଧ୍ୟରୁ ଯାଜପୁରର ବିରଜା ଶକ୍ତି ପୀଠ ହେଉଛି ଅନ୍ୟତମ । ସାରା ଦେଶରେ ଦୁର୍ଗାପୂଜା ଅବସରରେ ମା’ ଦଶଭୂଜା ଭାବେ ପୂଜା ପାଉଥିବାବେଳେ ମା’ ବିରଜା ଦ୍ୱିଭୂଜା ଦେବୀ ଭାବେ ପୂଜା ପାଇଥାନ୍ତି । ଏଥିସହ ଏଠାରେ ନବଦିନାତ୍ମକ ରଥଯାତ୍ରାର ରହିଛି ସ୍ୱତନ୍ତ୍ର ପରମ୍ପରା । ନବରାତ୍ରରେ ରଥାରୂଢ଼ ମା’ଙ୍କ ଚଳନ୍ତି ପ୍ରତିମାଙ୍କୁ ଦର୍ଶନ ସହିତ ସକାଳୁ ଗର୍ଭ ଗୃହକୁ ଯାଇ ମାଙ୍କ ମୁଖ ଦର୍ଶନ ସହ ଚରଣ ସ୍ୱର୍ଶ ଭଳି ସୁଯୋଗ ମିଳିଥାଏ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ।

ଶକ୍ତିପୀଠ ଓ ନାଭିକ୍ଷେତ୍ରର ମାନ୍ୟତା

ପୌରାଣିକ କଥା ଅନୁଯାୟୀ, ବିରଜା କ୍ଷେତ୍ରରେ ମା’ ସତୀଙ୍କ ନାଭି ପଡ଼ିଥିଲା । ସେଥିପାଇଁ ଏହାକୁ ନାଭି କ୍ଷେତ୍ର ବୋଲି କୁହାଯାଏ । ଅନ୍ୟ ଏକ ପ୍ରସିଦ୍ଧ ପୌରାଣିକ କଥା ଅନୁଯାୟୀ, ଗୟାସୁର ନାମକ ଜଣେ ପରମ ବିଷ୍ଣୁଭକ୍ତ ଅସୁର ସହ ଜଡ଼ିତ । ଗୟାସୁରର କଠୋର ତପସ୍ୟା ବଳରେ ସେ ବର ପାଇଥିଲା ଯେ ଯିଏ ବି ତାକୁ ଦର୍ଶନ କରିବ, ସେ ମୋକ୍ଷ ଲାଭ କରିବ । ସୃଷ୍ଟିର ନିୟମ ରକ୍ଷା ପାଇଁ ଶେଷରେ ତ୍ରିଦେବ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ତା’ ଶରୀର ଉପରେ ଯଜ୍ଞ କରିବାକୁ ସ୍ଥିର କଲେ । ଗୟାସୁର ସେଥିରେ ରାଜି ହୋଇ ଶୟନ କଲା । ତା’ର ବିଶାଳ ଶରୀରର ତିନୋଟି ମୁଖ୍ୟ ଅଙ୍ଗ ତିନୋଟି ପବିତ୍ର ସ୍ଥାନରେ ରହିଲା । ମୁଣ୍ଡ (ଶିର): ବିହାରର ଗୟା କ୍ଷେତ୍ର (ଶିର ଗୟା) ନାଭି (ମଧ୍ୟଭାଗ): ଓଡ଼ିଶାର ଯାଜପୁର (ନାଭି ଗୟା ବା ନାଭି କ୍ଷେତ୍ର) ପାଦ (ପାଦପଦ୍ମ): ଆନ୍ଧ୍ରପ୍ରଦେଶର ପୀଠାପୁରମ୍ (ପାଦ ଗୟା) । ବିରଜା ମନ୍ଦିର ବେଢ଼ା ଭିତରେ ଥିବା ଏକ ପବିତ୍ର କୂପକୁ ନାଭିଗୟା କୂପକୁହାଯାଏ, ଯାହା ଗୟାସୁରର ନାଭି ସ୍ଥଳ ବୋଲି ବିଶ୍ୱାସ କରାଯାଏ ।

ସୁନିଆରୁ ଆରମ୍ଭ ଶାରଦୀୟ ପୂଜା

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ପୀଠରେ ପବିତ୍ର ସୁନିଆରୁ ଆରମ୍ଭ ହୁଏ ମା’ ବିରଜାଙ୍କ ଶାରଦୀୟ ପୂଜା । ଏହି ଦିନ ମା’ଙ୍କ ରଥ ନିର୍ମାଣ ପାଇଁ କାଷ୍ଠ ସଂଗ୍ରହ ତଥା ବିଲ୍ୱ ବରୁଣ ପୂଜା ଲାଗି ବନଜାଗ ଯାତ୍ରା ଅନୁଷ୍ଠିତ ହୋଇଥାଏ । ପୂଜା ପରେ ଦେବୀଙ୍କ ସିଂହଧ୍ୱଜ ରଥ ନିର୍ମାଣ ଲାଗି ଚିହ୍ନଟ ବେଲ ଗଛ କଟା ଯିବାର ପରମ୍ପରା ରହିଛି । ସୁନିଆ ପର ଦିନ ଠାରୁ ମା’ଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ପ୍ରତିବର୍ଷ ଦ୍ୱିତୀବାହାନ ଓଷା ଠାରୁ ମା’ଙ୍କ ଷୋଡଶ ଦିବସୀୟ ପୂଜା ହେବାର ପରମ୍ପରା ରହିଛି । ସଂଧ୍ୟାରେ ବ୍ରହ୍ମାକୁଣ୍ଡରୁ ଜଳ ଅଣାଯାଇ ନବରତ୍ନ ବେଦୀରେ ଘଟ ସ୍ଥାପନ କରାଯାଇଥାଏ । ଏହାପରେ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରୁ ଜଳ ଅଣାଯାଇ ମା’ଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଏ । ଅନ୍ୟ ଦେବୀ ପୀଠଗୁଡ଼ିକରେ ସପ୍ତମାତୃକା ପୂଜା ପାଇଁ ୭ଟି କଳସ ବସୁଥିବାବେଳେ ବିରଜାଙ୍କ ପୀଠରେ ଅଷ୍ଟଶକ୍ତିଙ୍କ ପାଇଁ ୮ଟି କଳସ, ଗୋଟିଏ ଗଣପତି କଳସ ଏବଂ ଦେବୀଙ୍କ ପାଇଁ ଗୋଟିଏ କଳସ ସହ ମୋଟ ଦଶ ଗୋଟି କଳସ ସ୍ଥାପନର ଅନନ୍ୟ ପରମ୍ପରା ରହିଛି । ସେହିପରି ସୁନିଆ ଠାରୁ ଆରମ୍ଭ ହୁଏ ମା’ଙ୍କ ରଥ କାମ । ମା’ଙ୍କ ପୀଠରେ ଶାରଦୀୟ ଦୂର୍ଗୋତ୍ସବରେ ରଥଯାତ୍ରା ପରମ୍ପରା ଅନ୍ୟ କୌଣସି ଶକ୍ତି ପୀଠରେ ଦେଖିବାକୁ ମିଳି ନ ଥାଏ । ମା’ଙ୍କ ଷୋଡଶ ଦିବସୀୟ ପୂଜା ମଧ୍ୟରେ ପବିତ୍ର ମହାଳୟାର ବେଶ୍ ଗୁରୁତ୍ୱ ରହିଛି । ଏହି ଅବସରରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି । ଏଥିପାଇଁ ମା’ଙ୍କ ପୀଠରେ ଥିବା ନାଭିଗୟାରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳେ । ଦୁରଦୁରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ପିତୃପୁରୁଷଙ୍କୁ ନାଭିଗୟାରେ ପିଣ୍ଡଦାନ ଦେଇଥାନ୍ତି । ଏହାର ପରଦିନ ଅର୍ଥାତ୍ ପ୍ରତିପଦ ଦିନ ମା’ଙ୍କ ରଥ ପ୍ରସ୍ତୁତ ହୁଏ । ମା’ ବିରଜାଙ୍କର ନବଦିବସୀୟ ରଥଯାତ୍ରା ପାଇଁ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥ ପୂଜା ଆରମ୍ଭ ହେବା ପରେ ରଥପ୍ରତିଷ୍ଠା ହୁଏ । ଏହାପରେ ମାଙ୍କ ଚଳନ୍ତି ପ୍ରତିମାଙ୍କୁ ରଥାରୁଢ଼ କରାଯାଇ ଅଳ୍ପ କେଇ ହାତ ରଥା ଟଣା ହୁଏ । ଏହା ପର ଦିନ ଠାରୁ ୮ ଦିନ ଯାଏ ପ୍ରତ୍ୟେହ ସଂଧ୍ୟାରେ ରଥ ମନ୍ଦିରର ବେଢ଼ା ପରିକ୍ରମା କରେ । ବିଶ୍ୱାସ ରହିଛି, ଏହି ନଅଦିନ ଧରି ଚାଲିଥିବା ପୂଜା ସମୟରେ ମା’ଙ୍କ ମୁଖ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ । ରଥରେ ମା’ଙ୍କୁ ଦର୍ଶନ କରିବା ଏବଂ ରଥ ଟାଣିବା ପାଇଁ ବହୁ ଦୂରଦୁରାନ୍ତ ରୁ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି । ମା’ ବିରଜାଙ୍କ ନବ ଦିନାତ୍ମକ ଯାତ୍ରା ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିରର ଗର୍ଭ ଗୃହକୁ ଯାଇ ମା’ଙ୍କ ପାଦ ସ୍ୱର୍ଶ ଓ ମୁଖ ଦର୍ଶନ କରିବାର ସୁଯୋଗ ମିଳେ । ସେହିପରି ଦଶହରା ନିଶାର୍ଦ୍ଧରେ ଲାଖବିନ୍ଧା ପର୍ବ ଅନୁଷ୍ଠିତ ହୁଏ । ରଥଯାତ୍ରା ସମାପ୍ତ ପରେ ରାତ୍ରିରେ ରଥ ଉପରେ ଯଥା ରୀତିନୀତି ପୂଜାର୍ଚ୍ଚନା ହେବା ପରେ ଲାଖବିନ୍ଧା ପର୍ବ ଆରମ୍ଭ ହୁଏ । ଘଣ୍ଟଘଣ୍ଟା ସଂକୀର୍ତ୍ତନ ସହ ଏକ ବିରାଟ ପଟୁଆରେ ମା’ଙ୍କ ବିଜେପ୍ରତିମାକୁ ଲାଖବିନ୍ଧା ପଡ଼ିଆକୁ ନିଆଯାଏ । ପରମ୍ପରା ଅନୁସାରେ, ସମାଜରୁ ପାପ ନାଶ କରିବା ଉଦ୍ଦେଶ୍ୟରେ ଚତୁର୍ଦିଗକୁ ସର ନିକ୍ଷେପଣ କରିବାର ପରମ୍ପରା ରହିଛି । ପରେ ମା’ଙ୍କ ବିଜେପ୍ରତିମାକୁ ଶୋଭାଯାତ୍ରାରେ ଅଣାଯାଇ ମନ୍ଦିର ପ୍ରବେଶ କରାଯାଏ ।

ସମ୍ମାନ ରଖିଲେ ସୁଜଲ ସିଂ

ବିହାର ବିପକ୍ଷରେ ଓଡ଼ିଶାର ଦମ୍‌ଦାର ବିଜୟ

ବଲାଙ୍ଗିର,୧୫।୧୦(ସମିସ)


ସୁଜଲ ସିଂ

ପାନକଲ ଶଶାଙ୍କ

ଶ୍ରେୟାଂଶ ଭରଦ୍ୱାଜ

ସାଇଦୀପ ମହାପାତ୍ର

ଅଧିନାୟକ ସୁଜଲ ସିଂଙ୍କ ଅପରାଜିତ ୧୭୯ ରନ୍ ସାଙ୍ଗକୁ ଅନ୍ୟମାନଙ୍କ ଉପଯୋଗୀ ସହାୟତା ବଳରେ ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଦମ୍‌ଦାର ବିଜୟ ହାସଲ କରିଛି। ଏହା ଫଳରେ ଦଳ ପ୍ରଥମ ଇନିଂସରେ ପଛରେ ରହି ପଏଣ୍ଟ ହରାଇବା ଆଶଙ୍କାରେ ଥିବା ଓଡ଼ିଶା ଦଳ ଘରୋଇ ମାଟିରେ ଏକ ସ୍ମରଣୀୟ ବିଜୟ ହାସଲ କରିବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ୧୮୪ ବଲ୍‌ରୁ ୧୫ ଚୌକା, ୪ ଛକା ସହ ଅପରାଜିତ ୧୭୯ ରନ୍ କରିଥିବା ସୁଜଲଙ୍କ ଲାଗି ଓଡ଼ିଶାର ଏହି ବିଜୟ ସମ୍ଭବ ହୋଇଛି। ଓଡ଼ିଶା ତାହାର ଦ୍ୱିତୀୟ ମ୍ୟାଚ୍ ବରୋଦା ସହ ଖେଳିବ। କଟକର ବାରବାଟୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍‌ଟି ଅକ୍ଟୋବର ୧୯ରୁ ୨୨ ଯାଏ ଖେଳାଯିବ।

ଗାନ୍ଧି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଓଡ଼ିଶା ପ୍ରଥମ ଇନିଂସ ବ୍ୟାଟିଂ ଫେଲ୍ ମାରିବା ଫଳରେ ଦଳ ୫୧ ରନ୍‌ରେ ପଛୁଆ ରହିଥିଲା। ଦ୍ୱିତୀୟ ଇନିଂସରେ ଶିବମ ରାଜ୍‌ଙ୍କ ୧୫୪ ଓ ପ୍ରଶାନ୍ତ ଧୀରଜ କୁମାରଙ୍କ ୬୨ ରନ୍ ସହାୟତାରେ ବିହାର ୩୮୧ ରନ୍ କରିଥିଲା। ଏହା ଫଳରେ ପ୍ରଥମ ଇନିଂସର ୫୧ରନ୍‌କୁ ମିଶାଇ ବିହାର ମୋଟରେ ୪୩୨ ରନ୍‌ର ଅଗ୍ରଣୀ ନେଇଥିଲା। ଏହା ଫଳରେ ବାକିଥିବା ଦେଢ଼ଦିନ ଖେଳରେ ଓଡ଼ିଶା ଆଗରେ ୪୩୩ ରନ୍‌ର କଷ୍ଟସାଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଚତୁର୍ଥ ତଥା ଶେଷ ଦିନରେ ଘରୋଇ ଦଳ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଜୟର ନେତୃତ୍ୱ ନେଇଥିଲେ ଅଧିନାୟକ ସୁଜଲ ସିଂ। ୧୫୫ ରନ୍‌ରେ ଓଡ଼ିଶା ଶୀର୍ଷ ୩ଜଣ ବ୍ୟାଟରଙ୍କୁ ହରାଇବା ପରେ ବ୍ୟାଟିଂ କରିବାକୁ ଆସି ଖେଳକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ପ୍ରଥମେ ସେ ୪ର୍ଥ ୱିକେଟ ଯୋଡିରେ ଓପନର ପାନକଲ ଶଶାଙ୍କଙ୍କ ସହ ୧୪୨ ରନ୍ ଉଠାଇ ଦଳକୁ ବିଜୟର ପ୍ଲାଟଫର୍ମ ଦେଇଥିଲେ। ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିବା ଶଶାଙ୍କ ୪ର୍ଥ ଖେଳାଳିଭାବେ ଆଉଟ ହେବା ପୂର୍ବରୁ ୨୪୨ ବଲ୍ ଖେଳି ମାତ୍ର ୬ଟି ଚୌକା ସହ ୯୨ ରନ୍ କରି ଏକ ଉଲ୍ଲେଖନୀୟ ଶତକରୁ ବଞ୍ଚିତ ହୋଇଥିଲେ। ସେ ମଧ୍ୟ ତୃତୀୟ ୱିକେଟରେ ଶ୍ରେୟାଂଶ ଭରଦ୍ୱାଜଙ୍କ ସହ ୯୮ ରନ୍ ଉଠାଇ ବିଜୟର ମୂଳଦୁଆ ପକାଇଥିଲେ। ଶଶାଙ୍କଙ୍କ ଆଉଟ ପରେ ସାଇଦୀପ ମହାପାତ୍ରଙ୍କ ରୂପରେ ସୁଜଲଙ୍କୁ ଜଣେ ଭଲ ପାର୍ଟନର ମିଳିଥିଲା। ଉଭୟ ଖେଳାଳି ୫ମ ୱିକେଟ ପାର୍ଟନରସିପ୍‌ରେ ୧୧୯ ରନ୍‌ର ସଂଗ୍ରହ କରି ଅଲଗା ହୋଇଥିଲେ। ୭୫ବଲ୍‌ର ସାମ୍ନା କରିଥିବା ସାଇଦୀପଙ୍କ ସ୍କୋର ୫୦ ହୋଇଥିଲାବେଳେ ଦୁର୍ଭାଗ୍ୟଜନକ ସ୍ଥିତିରେ ରନ୍ ଆଉଟ ହୋଇଥିଲା। ସେ ଆଉଟ ହେଲା ବେଳକୁ ମ୍ୟାଚ୍ ଜିତିବା ଲାଗି ଓଡ଼ିଶାକୁ ଆଉ ୧୭ ରନ୍ ଆବଶ୍ୟକ ହେଉଥିଲା। ସୁଜଲ ଓ ସୁପ୍ ଭୂୟାଁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଏହି ମ୍ୟାଚ୍‌କୁ ୫ ୱିକେଟରେ ଜିତିନେଇଥିଲେ। ସୁଜଲ ଶେଷ ଯାଏ ଆଉଟ ନ ହୋଇ ନିଜ ଜୀବନର ଏକ ଉଲ୍ଲେଖନୀୟ ଇନିଂସ ଖେଳିବା ସହ ୧୭୯ ରନ୍‌ରେ ଅପରାଜିତ ରହିଥିଲେ। ପ୍ରଥମ ଦେଢ଼ଦିନ ପରେ ପିଚ୍ ବ୍ୟାଟରଙ୍କୁ ସହାୟତା ଦେଇଥିଲା ଓ ଘରୋଇ ଦଳ ଏଥିରୁ ଫାଇଦା ଉଠାଇ ସ୍ମରଣୀୟ ବିଜୟ ହାସଲ କରିଥିଲା। ବିହାର ପକ୍ଷରୁ ସୁମନ କୁମାର ୨ଟି ୱିକେଟ ପାଇଥିଲେ।

● ପାରା ଏସିଆନ ଗେମ୍ସ

ଭାରତରୁ ୧୬୮, ଓଡ଼ିଶାରୁ ୪

ନୂଆଦିଲ୍ଲୀ,୧୫।୧୦ (ଏଜେନ୍ସି): ପାରା ଏସିଆନ ଗେମ୍ସ ଜାପାନର ଆଇଚି-ନାଗୋୟାଠାରେ ଆସନ୍ତା ରବିବାର ବା ଅକ୍ଟୋବର ୧୮ରୁ ଆରମ୍ଭ ହେବାକୁ ଯାଉଛି। ଅକ୍ଟୋବର ୨୪ ଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୯ଟି ଶୃଙ୍ଖଳାରେ ୪୫ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରୁ ଭାରତ ୧୧ଟି ଶୃଙ୍ଖଳାରେ ୧୬୮ଜଣ ପ୍ରତିଯୋଗୀଙ୍କୁ ପଠାଇଛି। ଗତଥର ଭାରତ ୨୭ଟି ସ୍ୱର୍ଣ୍ଣସହ ୧୦୮ଟି ମେଡାଲ ଜିତିଥିଲା। ଏଥର ସେହି ସଫଳତା ଦୋହରାଇବା ଆଶାରେ ରହିଛି। ପାରା ଆଥଲେଟିକ୍ସରେ ସର୍ବାଧିକ ୬୨ ଓ ପାରା ସାଇକ୍ଲିଂରେ ମାତ୍ର ଜଣେ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ୪ଜଣ ଯଥା ପାରା ଆର୍ଚରୀରେ ପାୟଲ ନାଗ୍, ଆଥଲେଟିକ୍ସରେ ଜୟନ୍ତୀ ବେହେରା ଓ ସୁଚିତ୍ରା ପରିଡ଼ା, ବ୍ୟାଡ୍‌ମିଣ୍ଟନରେ ପ୍ରମୋଦ ଭଗତ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବ ପରେଡରେ ପ୍ରମୋଦ ଜାତୀୟ ପତାକା ଧରିବେ ବୋଲି ଘୋଷଣା କରାଯାଇଛି।

ହକି ଇଣ୍ଡିଆ ବିବାଦର ସମାଧାନ କରିବେ ଜଷ୍ଟିସ୍ ସିକ୍ରି

ନୂଆଦିଲ୍ଲୀ,୧୫।୧୦ (ଏଜେନ୍ସି): ହକି ଇଣ୍ଡିଆର ନିର୍ବାଚନକୁ ନେଇ ଯେଉଁ ବିବାଦ ସୃଷ୍ଟି ହୋଇଥିଲା ତାହାର ସମାଧାନ କରିବାକୁ ଦିଲ୍ଲୀ ହାଇକୋର୍ଟ ପକ୍ଷରୁ ଜଣେ ଅବସରପ୍ରାପ୍ତ ଜଷ୍ଟିସ ଏକେ ସିକ୍ରିଙ୍କୁ ନିଯୁକ୍ତ କରାଯାଇଛି। ନିକଟରେ ହକି ଇଣ୍ଡିଆ ସଭାପତିଙ୍କ ସମ୍ମତି ବିନା ନିର୍ବାଚନ କରିବାକୁ କାର୍ଯ୍ୟନିର୍ବାହୀ କମିଟି ଘୋଷଣା କରିଥିଲା। ହକି ଇଣ୍ଡିଆ ବାଇ ଲ' ଅନୁଯାୟୀ ଏହା ବେଆଇନ ବା ଆଇନ ବିରୁଦ୍ଧ। କାର୍ଯ୍ୟନିର୍ବାହୀ କମିଟିର ଘୋଷଣା ପରିପ୍ରେକ୍ଷୀରେ ହକି ଇଣ୍ଡିଆ ନିର୍ବାଚନ ସୁପ୍ରିମକୋର୍ଟ ଜଷ୍ଟିସ୍‌ଙ୍କ ତତ୍ତ୍ୱାବଧାନରେ କରାଇବାକୁ ସଭାପତି ଦିଲ୍‌ପ ତିର୍କୀ ଦିଲ୍ଲୀ ହାଇକୋର୍ଟରେ ପିଟିସନ ଦାଖଲ କରିଥିଲେ। ଏହି ପିଟିସନର ବିଚାର କରି ଦିଲ୍ଲୀ ହାଇକୋର୍ଟ ହକି ଇଣ୍ଡିଆର ବିବାଦ ସମାଧାନ କରିବାକୁ ଅବସରପ୍ରାପ୍ତ ଜଷ୍ଟିସ୍ ଏକେ ସିକ୍ରିଙ୍କୁ ନିଯୁକ୍ତ କରିଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶର ସବିଶେଷ ବିବରଣୀ ମିଳିପାରି ନାହିଁ।

ନ୍ୟୁଜିଲାଣ୍ଡରେ କେବଳ ଟେଷ୍ଟ ଖେଳିବେ ଯଶପ୍ରୀତ୍ ବୁମ୍‌ରା

ମୁମ୍ବଇ,୧୫।୧୦(ଏଜେନ୍ସି): ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଭାରତ ଆସନ୍ତା ନ୍ୟୁଜିଲାଣ୍ଡ ଟୁରରେ କେବଳ ଟେଷ୍ଟ ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଯଦିଓ କିଛି ନିଷ୍ପତ୍ତି ନିଆଯାଇନାହିଁ, ତଥାପି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଉପରେ ଗୁରୁତ୍ୱ ଦେଉଛି। ଏଣୁ ନ୍ୟୁଜିଲାଣ୍ଡରେ ଭାରତ-ଏ' ଖେଳିବାକୁ ଥିବା ତୃତୀୟ ମ୍ୟାଚ୍ ଓ ଏହା ପରେ ଟେଷ୍ଟ ସିରିଜ୍ ଖେଳିବେ ବୋଲି ବିସିସିଆଇର ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତ ୫ଟି ଲେଖାଏଁ ଟି-୨୦ ଓ ଦିନିକିଆ, ଏହା ପରେ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବେ। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଟେଷ୍ଟ ସିରିଜ୍ ଲାଗି ଅଳ୍ପଦିନ ମଧ୍ୟରେ ଭାରତୀୟ ଦଳ ଘୋଷଣା କରାଯିବ।

ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ କ୍ୱାର୍ଟରରେ ତ୍ରିସା-ଗାୟତ୍ରୀ

କୋପେନହେଗେନ, ୧୫।୧୦ (ଏଜେନ୍ସି): ଏଠାରେ ଚାଲିଥିବା ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ସଟଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ତୃତୀୟ ଦିବସରେ ଗୁରୁବାର ପୁରୁଷ ବିଭାଗରେ କିଦାମ୍ବୀ ଶ୍ରୀକାନ୍ତ ପ୍ରି-କ୍ୱାର୍ଟରରୁ ହାରି ଅଭିଯାନ ଶେଷ କରିଛନ୍ତି। ବିଶ୍ୱ ବିଜେତା ଫ୍ରାନ୍ସର ଆଲେକ୍ସ ଲେନର୍ ୧୧-୨୧, ୨୧-୧୫, ୨୧-୧୫ ଗେମରେ ଶ୍ରୀକାନ୍ତଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସେହିଭଳି ମହିଳା ବିଭାଗରେ ଅସ୍ମିତା ଚଲିହାଙ୍କୁ ମଧ୍ୟ ରାଉଣ୍ଡ-୧୬ରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଅସ୍ମିତା ୧୮-୨୧, ୧୦-୨୧ ସିଧାସଳଖ ଗେମରେ ଜାପାନର ଅକାନେ ୟାମାଗୁଚିଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି। ତେବେ ମହିଳା ଡବଲ୍ସରେ ତ୍ରିସା ଜୋଲୀ ଓ ଗାୟତ୍ରୀ ଗୋପିଚାନ୍ଦ ଯୋଡ଼ି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟରରେ ତ୍ରିସା-ଗାୟତ୍ରୀ ଯୋଡ଼ି ୨୧-୧୬, ୨୧-୧୭ ଗେମରେ ଇଣ୍ଡୋନେସିଆର ଯୋଡ଼ିଙ୍କୁ ହରାଇଥିଲେ।

● ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିଅନସିପ୍

ବିଶ୍ୱଜିତ୍‌ଙ୍କୁ ଐତିହାସିକ ରୌପ୍ୟ

ନ୍ୟୁୟର୍କ, ୧୫।୧୦ (ଏଜେନ୍ସି): ଆମେରିକାର ଲାସ୍‌ଭେଗାସରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଗ୍ରୀକ-ରୋମାନ କୁସ୍ତି ଚାମ୍ପିଅନସିପ୍‌ରେ ଭାରତର ବିଶ୍ୱଜିତ୍ ମୋରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ୫୫ କିଗ୍ରା ଫାଇନାଲରେ ବାଶବଜିତ୍ ୧୨-୧୩ରେ ଜର୍ଜିଆର ରେସଲର କୋବା କାରୁମିଡଜେଙ୍କ ନିକଟରୁ ହାରିଯାଇଥିଲେ। ପରାଜୟବରଣ କରିଥିଲେ ମଧ୍ୟ ବିଶ୍ୱଜିତ୍ ପ୍ରଥମ ଭାରତୀୟ ରେସଲର୍ ଭାବରେ ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିବା ସହ ରୌପ୍ୟ ପଦକ ସଫଳତା ପାଇଛନ୍ତି। ମହିଳା ବିଭାଗରେ କୋମଲ ଓ ଦୀକ୍ଷା ମଲିକ ସେମିଫାଇନାଲରେ ହାରିବା ପରେ ଏବେ କାଂସ୍ୟ ପଦକ ଲାଗି ଲଢ଼େଇ କରିବେ।

■ ଜାତୀୟ ସିନିଅର ପୁରୁଷ ହକି; ଅନମୋଲ୍‌ଙ୍କ ୫ ଗୋଲ୍

୪ର୍ଥ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୧୫।୧୦ (ସମିସ): ଉତ୍ତର ପ୍ରଦେଶର ଝାନସୀରେ ଚାଲିଥିବା ୧୬ତମ ଜାତୀୟ ସିନିଅର ପୁରୁଷ ହକିରେ କ୍ରମାଗତ ଚତୁର୍ଥ ବିଜୟ ସହ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପୁଲ୍ ପର୍ଯ୍ୟାୟର ଶେଷ ମ୍ୟାଚରେ ଓଡ଼ିଶା ୮-୧ ଗୋଲ୍‌ରେ ଛତିଶଗଡ଼କୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅନମୋଲ୍ ଏକ୍କା ଦମ୍‌ଦାର ପ୍ରଦର୍ଶନ କରି ହ୍ୟାଟ୍ରିକ ସହ ସର୍ବାଧିକ ୫ଟି ଗୋଲ୍ ଦେଇଥିଲେ। ସେ ମ୍ୟାଚର ୧୧ତମ, ୧୪ତମ, ୧୯ତମ, ୨୦ତମ ଓ ୩୪ତମ ମିନିଟରେ ଏହି ପାଞ୍ଚଟି ଗୋଲ୍‌ସ୍କୋର କରିଥିଲେ। ସୁଦୀପ୍ ଚିରମାକୋ ୨ଟି ଓ ଆର୍ଯ୍ୟନ ଖେସଙ୍କ ଷ୍ଟିକ୍ସରୁ ଗୋଟିଏ ଗୋଲ୍ ବାହାରିଥିଲା। ଦୀପସାନ ତିର୍କୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥିପୂର୍ବରୁ ୧୮-୧ ଗୋଲରେ ଉତ୍ତରାଖଣ୍ଡକୁ, ୯-୦ ଗୋଲରେ କେରଳକୁ ଓ ୧୦-୧ ଗୋଲରେ ଆସାମକୁ ହରାଇ ହ୍ୟାଟ୍ରିକ ବିଜୟ ଲାଭ କରିଥିଲା। ଫଳରେ ପୁଲ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୪ ମ୍ୟାଚରୁ ୪ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର କ୍ୱାର୍ଟର ଫାଇନାଲରେ ଓଡ଼ିଶାର ମୁକାବିଲା ଅରୁଣାଚଳ ପ୍ରଦେଶ ସହ ହେବ।

ଜିମ୍ବାୱେ ବିପକ୍ଷ ଐତିହାସିକ ସିରିଜ

ଆଜିଠୁ ଭାରତୀୟ କ୍ରିକେଟରେ ମନ୍ଧାନା ଯୁଗ ଆରମ୍ଭ

ରାୟପୁର, ୧୫।୧୦ (ଏଜେନ୍ସି): ଘରୋଇ ଭାରତ ଓ ଜିମ୍ବାୱେ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଐତିହାସିକ ଦ୍ୱି-ପାକ୍ଷିକ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ତିନି ମ୍ୟାଚବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଶୁକ୍ରବାର ଛତିଶଗଡ଼ର ରାୟପୁରସ୍ଥିତ ସହିଦ ବୀର ନାରାୟଣ ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ। ମହିଳା କ୍ରିକେଟ୍ ଇତିହାସରେ ଭାରତ ଓ ଜିମ୍ବାୱେ ମଧ୍ୟରେ କୌଣସି ଫର୍ମାଟରେ ଏହା ପ୍ରଥମ ଦ୍ୱି-ପାକ୍ଷିକ ସିରିଜ ହେବ। ଅପରପକ୍ଷରେ ଏହି ସିରିଜ ମଧ୍ୟ ଆଉ ଏକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱବହନ କରୁଛି। ଏହି ସିରିଜରୁ ଭାରତୀୟ ଦଳର ନେତୃତ୍ୱର ନୂଆ ଯୁଗ ଆରମ୍ଭ ହେବାକୁଯାଉଛି। ପାଖାପାଖି ଗତ ଦଶନ୍ଧି ଧରି ଭାରତୀୟ ମହିଳା କ୍ରିକେଟ୍ ଦଳର ନେତୃତ୍ୱ ନେଇ ଆସୁଥିବା ହରମନପ୍ରୀତ୍ କୌରଙ୍କ ସ୍ଥାନରେ ସ୍ମୃତି ମନ୍ଧାନାଙ୍କୁ ନୂଆ ଅଧିନାୟିକା ନିଯୁକ୍ତ କରାଯାଇଛି। ଫୁଲ୍-ଟାଇମ ଅଧିନାୟିକା ହେବା ପରେ ମନ୍ଧାନାଙ୍କ ପାଇଁ ଏହା ପ୍ରଥମ ସିରିଜ ହେବ। ଫଳରେ ଭାରତୀୟ କ୍ରିକେଟରେ 'ମନ୍ଧାନା ଯୁଗ'ର ଆରମ୍ଭ ଏଠାରୁ ହେଲା ବୋଲି କୁହାଯାଉଛି।

ଏହି ନୂତନ ଦାୟିତ୍ୱକୁ ନେଇ ୩୦ ବର୍ଷୀୟା ମନ୍ଧାନା ବେଶ୍ ଉତ୍ସାହିତ ରହିଛନ୍ତି। ଏହାକୁ ନେଇ ମନ୍ଧାନା କହିଛନ୍ତି, "ମୁଁ ଏହାକୁ ସମ୍ପୂର୍ଣ୍ଣ ନୂଆ କଥା ବୋଲି କହିବି ନାହିଁ, କିନ୍ତୁ ଏହା ଏପରି ଏକ ବିଷୟ ଯାହାକୁ ଆଗକୁ ନେବାକୁ ମୁଁ ଉତ୍ସାହିତ ଅଛି।' ଅବଶ୍ୟ ନେତୃତ୍ୱ ନେବା ମନ୍ଧାନାଙ୍କ ପାଇଁ ନୂଆ କଥା ନୁହେଁ। ସେ ଏଥିପୂର୍ବରୁ ଘରୋଇସ୍ତରରେ ମହାରାଷ୍ଟ୍ର ଦଳର ନେତୃତ୍ୱ ନେଇସାରିଛନ୍ତି। ସେହିଭଳି ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ)ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଦୁଇଥର ମଧ୍ୟ ଚାମ୍ପିଅନ କରାଇସାରିଛନ୍ତି। ସେହିଭଳି ଭିନ୍ନ ଭିନ୍ନ ସମୟରେ ଭାରତୀୟ ଦଳ ପାଇଁ ସେ ପୂର୍ବରୁ ୧୮ଟି ଟି-୨୦ ମ୍ୟାଚରେ ଅଧିନାୟିକା ଦାୟିତ୍ୱ ତୁଲାଇଛନ୍ତି। ଯେଉଁଥିରେ ଦଳ ୧୧ଟି ମ୍ୟାଚ୍ ଜିତିଥିବାବେଳେ ୬ଟି ପରାସ୍ତ ହୋଇଥିଲା। ସାତ ବର୍ଷ ପୂର୍ବେ ଗୌହାଟୀରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ହରମନପ୍ରୀତ ଆହତ ହୋଇ ବାଦ୍ ପଡ଼ିବା ପରେ ମନ୍ଧାନା ପ୍ରଥମଥର ପାଇଁ ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ। ଦୀର୍ଘ ୧୩ ବର୍ଷର ଅନ୍ତର୍ଜାତୀୟ ଅଭିଜ୍ଞତା ସହିତ ମନ୍ଧାନା ଏବେ କିପରି ନେତୃତ୍ୱ ଦାୟିତ୍ୱ ସମ୍ଭାଳୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଭାରତ-ଜିମ୍ବାୱେ ପ୍ରଥମ ମହିଳା ଟି-୨୦
ଭେନ୍ୟୁ: ରାୟପୁର, ଆରମ୍ଭ: ରାତି ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ଜିଓ ହଟଷ୍ଟାର

ଏସିଆନ୍ ଗେମ୍ସ ପଦକ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଆଇଚି-ନାଗୋୟା ଏସିଆନ ଗେମ୍ସରେ ପଦକ ଜିତିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କୁ ଭେଟିଛନ୍ତି। ଏଥିଲାଗି ଗୁରୁବାର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ଏସୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଏବଂ ମହିଳା ହକି ଓ କ୍ରିକେଟ ଦଳର ଖେଳାଳିଙ୍କ ସମେତ ସମସ୍ତ ପଦକ ବିଜେତା ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ୱର୍ଣ୍ଣ ବିଜୟୀ ଉଭୟ ପୁରୁଷ ଓ ମହିଳା ହକି-କ୍ରିକେଟ୍ ଦଳର ଖେଳାଳିମାନେ ଏକ ଦସ୍ତଖତ ସମ୍ବଳିତ ଜର୍ସି ମୋଦିଙ୍କୁ ଉପହାର ଆକାରରେ ପ୍ରଦାନ କରିଥିଲେ। 'ଏତେ ପଦକ ବିଜେତାଙ୍କୁ ଏକାଠି ଭେଟିବା କୌଣସି ସାଧାରଣ କଥା ନୁହେଁ। ଆପଣମାନେ ୧୪୦ କୋଟି ଭାରତଙ୍କୁ ଗର୍ବିତ କରିଛନ୍ତି। ତ୍ରିରଙ୍ଗାକୁ ଶୀର୍ଷରେ ଉଡ଼ାଇବା ହିଁ ସବୁଠାରୁ ବଡ଼ ସଫଳତା। ତେଣୁ ଏହି ସଫଳତା କେବଳ ଆପଣଙ୍କର ନୁହେଁ, ବରଂ ଏହା ଆମ ଦେଶର କୋଟି କୋଟି ନାଗରିକଙ୍କର' ବୋଲି ମୋଦି କହିଥିଲେ। ଉଲ୍ଲେଖଯୋଗ୍ୟ ଗତ ଏସିଆନ ଗେମ୍ସରେ ଭାରତ ୨୧ ସ୍ୱର୍ଣ୍ଣ ସହ ମୋଟ୍ ୮୫ ପଦକ ଜିତି ଚତୁର୍ଥ ସ୍ଥାନରେ ରହିଥିଲା।

ଦିନିକିଆ ଭେଟେରାନ ଫୁଟବଲ ଟୁର୍ଣ୍ଣାମେଣ୍ଟ

ରେଭେନ୍‌ଶା ମର୍ଣ୍ଣିଂ ଚାମ୍ପିଅନ

ଭୁବନେଶ୍ୱର,୧୫।୧୦(ସମିସ): ଆୟୋଜକ ଭୁବନେଶ୍ୱର ଭେଟେରାନ ଆସୋସିଏସନକୁ ହରାଇ ରେଭେନ୍‌ଶା ମର୍ଣ୍ଣିଂ କ୍ଲବ୍ ଚୌଧୁରୀ କେଦାରନାଥ ମିଶ୍ର ଦିନିକିଆ ଭେଟେରାନ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୪ଟି ଦଳକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଏହା ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ରେଭେନ୍‌ଶା ମର୍ଣ୍ଣିଂ ୩-୨ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଦାସ, ଚୌଧୁରୀ ବାବୁ ମିଶ୍ର, ସଭାପତି ନବରଞ୍ଜନ ପଟ୍ଟନାୟକ, ଦୁଇ ଚିତ୍ରାଭିନେତା ଜିନା ସାମଲ ଓ ରୁଦ୍ର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

୫୬ତମ ରାଜ୍ୟ ସିନିଅର ଖୋ ଖୋ

ମହିଳାରେ ବାଲେଶ୍ୱର-କିସ୍ ଯୁଗ୍ମ ବିଜେତା

ଭୁବନେଶ୍ୱର, ୧୫।୧୦ (ସମିସ): ପୁରୀ ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୫୬ତମ ରାଜ୍ୟ ସିନିଅର ଖୋ ଖୋ ଚାମ୍ପିଅନସିପର ମହିଳା ବିଭାଗରେ ବାଲେଶ୍ୱର ଓ କିସ୍ ବିଶ୍ୱବିଦ୍ୟାଳୟ ଯୁଗ୍ମ ଚାମ୍ପିଅନ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ୩୩ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ଫଳରେ ଉଭୟଦଳକୁ ଯୁଗ୍ମ ଚାମ୍ପିଅନ ଘୋଷିତ କରାଯାଇଥିଲା। ସେହିଭଳି ପୁରୀ ଓ ଜଗତସିଂହପୁର ଯୁଗ୍ମ ଭାବରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ଭାରତୀୟ ଖୋ ଖୋ ମହାସଂଘର ଉପସଭାପତି ତଥା ରାଜ୍ୟ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ।

ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ବରଗଡ଼କୁ ହରାଇ ବଲାଙ୍ଗିର ଚାମ୍ପିଅନ

ବଲାଙ୍ଗିର,୧୫।୧୦(ସମିସ): ୭୦ତମ ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ାର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଏଠାରେ ଅନୁଷ୍ଠିତ ହୋଇଯାଇଛି। ପିଆର୍ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୧୪ ଓ ୧୭ ବର୍ଷରୁ କମ୍ ବିଭାଗରେ ଆୟୋଜିତ ହୋଇଥିଲା। ଏଥିରେ ୧୪ ବର୍ଷରୁ କମ୍ ବାଳିକାରେ ପୁରୀକୁ ହରାଇ କେନ୍ଦୁଝର ଓ ବାଳକରେ ଢ଼େଙ୍କାନାଳକୁ ହରାଇ ଗଜପତି ଚାମ୍ପିଅନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳିକାରେ ଢ଼େଙ୍କାନାଳକୁ ହରାଇ ବାଲେଶ୍ୱର ଓ ବାଳକରେ ବରଗଡକୁ ହରାଇ ବଲାଙ୍ଗିର ଟାଇଟ ଜିତିବାରେ ସମର୍ଥ ହୋଇଛି। ଏଠାରେ ମଧ୍ୟ ୧୭ ବର୍ଷରୁ କମ୍ ବାଳିକା କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଭୁବେନଶ୍ୱର ଜୋନ୍‌କୁ ହରାଇ କଟକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା।

ପ୍ରି-କ୍ୱାର୍ଟରରେ ଅଟକିଲେ ତନ୍ୱୀ

ଭୁବନେଶ୍ୱର, ୧୫।୧୦ (ସମିସ): ଇଜିପ୍ଟରେ ଚାଲିଥିବା ବିଡବ୍ଲ୍ୟୁଏଫ ବିଶ୍ୱ ଜୁନିଅର ଚାମ୍ପିଅନସିପ୍‌ରେ ଭାରତ ତଥା ଓଡ଼ିଶାର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରିଙ୍କ ଅଭିଯାନ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ମୁକାବିଲାରେ ତନ୍ୱୀ ୧୩-୧୫, ୯-୧୫ ସିଧାସଳଖ ଗେମରେ ଜାପାନର ନିଜିକା କାମାତଙ୍କଠାରୁ ହାରିଯାଇଥିଲେ। ତନ୍ୱୀ ୩୧ ମିନିଟ ଧରି ଲଢ଼େଇ କରିଥିଲେ ମଧ୍ୟରେ ଶେଷରେ ନିରାଶ ହୋଇଥିଲେ।

ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ

ମୟୂରଭଞ୍ଜ-କୋରାପୁଟ ଫାଇନାଲ

ଭୁବନେଶ୍ୱର,୧୫।୧୦(ସମିସ)

ମୟୂରଭଞ୍ଜ ଓ କୋରାପୁଟ ଜିଲ୍ଲା ମଧ୍ୟରେ ଏକାଦଶ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ସ୍ଥାନୀୟ ହାଇଟେକ୍ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ମୟୂରଭଞ୍ଜ ୧୧୨ ରନ୍‌ରେ ବରଗଡ଼କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ଲାଲପ୍ରସାଦ ସୋରେନ ୫୫ ବଲରୁ ଅପରାଜିତ ୧୦୫ ଓ ଅଧିନାୟକ ସୁକଦେବ ସୋରେନ୍ ୫୫ ବଲରୁ ୭୭ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ ୫ ୱିକେଟରେ ୨୧୬ ରନ୍ କରିଥିଲା। ଜବାବରେ ମୟୂରଭଞ୍ଜର ଶୃଙ୍ଖଳିତ ବୋଲିଂର ମୁକାବିଲା କରି ନ ପାରି ବରଗଡ ୧୪ ଓଭରରେ ୧୦୪ ରନ୍ କରି ଅଲଆଉଟ ହୋଇଯାଇଥିଲା।

ଦ୍ୱିତୀୟ ସେମିଫାଇନାଲ ବେଳକୁ ବର୍ଷା ହେବାକୁ ଖେଳକୁ ୧୬ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୪୬ ରନ୍ କରିଥିଲା। ଜବାବରେ ଅଧିନାୟକ ଧନପତି ଗୌଡ଼ଙ୍କ ଅର୍ଦ୍ଧଶତକ ବଳରେ କୋରାପୁଟ ସହଜରେ ଏହି ଲକ୍ଷ୍ୟକୁ ହାସଲ କରିନେଇଥିଲା। ବାଲେଶ୍ୱର ଇନିଂସରେ ୨୮ ରନ୍ ଦେଇ ୩ଟି ୱିକେଟ ନେଇଥିବା କୋରାପୁଟର ଅର୍ଜୁନ ଉଦ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY